ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜାନୁଆରୀ ୨୦୨୪



ଫଟୋ : ପ୍ରଶାନ୍ତ ଭୂୟାଁ

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

Vol-2 • Issue-11 • January 2024 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବ ଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୨ • ସଂଖ୍ୟା-୧୧ • ଜାନୁଆରୀ ୨୦୨୪ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସଂପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥୀ**
**ପ୍ରଶାନ୍ତ ଭୂୟାଁ**

ସହ-ସଂପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶଚିନ୍ଦ୍ର କୁମାର ରାଉତରାୟ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଫଟୋ
**ପ୍ରଶାନ୍ତ ଭୂୟାଁ**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
E-mail: info@sahityacharcha.com
Website: www.sahityacharcha.com

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ଲିଟେରାରୀ ଇଂଜିନିୟରିଂ (ସଂପାଦକୀୟ) | ୦୩ |
| ଓଡ଼ିଆ ବର୍ଣ୍ଣସଂଖ୍ୟା ଓ ଓଡ଼ିଆ ବର୍ଣ୍ଣକ୍ରମ (ପ୍ରବନ୍ଧ): ଦେବୀପ୍ରସନ୍ନ ପଟ୍ଟନାୟକ | ୦୫ |
| ଦହନ ନୁହେଁ ତୁ ଦୁହିତା (କବିତା) : ଚପଳା ପଣ୍ଡା | ୦୮ |
| ମଣିଷ (ଗଳ୍ପ) : ରବି ପଣ୍ଡା | ୦୯ |
| ସୁସ୍ୱ ଆଗତମ୍ (ରମ୍ୟରଚନା) : ବୈଷ୍ଣବ ଚରଣ ମହାନ୍ତି | ୧୩ |
| ଅନ୍ୟ ଏକ ନାରୀ (ଗଳ୍ପ) : ପ୍ରଫୁଲ୍ଲ ବାରିକ | ୧୬ |
| ମାୟା ବାସ୍ତବତା : କଥାସାହିତ୍ୟର ଅନୁଷଙ୍ଗ (ପ୍ରବନ୍ଧ) : ବସନ୍ତ କୁମାର ପଣ୍ଡା | ୧୮ |
| ବରିଷ୍ଠ କଥାକାର ସତ୍ୟ ମିଶ୍ରଙ୍କ ସହିତ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) | ୨୧ |
| ଅନ୍ତର୍ଦାହ (ଗଳ୍ପ) : ଜୟନ୍ତୀ ସାହୁ | ୨୫ |
| ଅଣ-ଉପନ୍ୟାସ : ଏକ ପରିଦୃଶ୍ୟ (ପ୍ରବନ୍ଧ) : ପ୍ରତୀଚୀ ନନ୍ଦ | ୨୮ |
| ଗୋବେଷଣା ତତ୍ତ୍ୱ (ବ୍ୟଙ୍ଗ) : ଅଜୟ କୁମାର ମିଶ୍ର | ୩୩ |
| ନୂତନ ଓଡ଼ିଆ ଶବ୍ଦ ନିର୍ମାଣରେ ଆମର ଦାୟିତ୍ୱ (ପ୍ରବନ୍ଧ) :ଦୁର୍ଗାପ୍ରସାଦ ଆଚାର୍ଯ୍ୟ | ୩୭ |
| ସାଧୁବାବାଙ୍କ ଭୋଗ (ଅନୁବାଦ ଗଳ୍ପ) : ଆଶିଷ କୁମାର ରାୟ | ୪୧ |
| ପାଦେ ପାଦେ ପଦ୍ମନାଭ (ଅନୁଭୂତି) : ପୀତବାସ ରାଉତରାୟ | ୪୩ |
| ଚେର (ଗଳ୍ପ) : ହରେକୃଷ୍ଣ ସାହୁ | ୪୭ |
| ସାରୋଳଦାସ ମହାଭାରଥର ପ୍ରାସଙ୍ଗିକତା (ପ୍ରବନ୍ଧ) : ସନ୍ତୋଷ କୁମାର ରଥ | ୫୦ |
| ତୁମଘର ତୁମ ଗାଁ : ବାଇଚଢ଼େଇ (କବିତା) : ପୀୟୂଷ ପଟ୍ଟନାୟକ | ୫୬ |
| ଦୁଇଟି ମିନିଗପ (ଗଳ୍ପ) : ଆରତୀ ସାହୁ | ୫୭ |
| ସାରସ୍ୱତ ଐତିହ୍ୟର ସ୍ମାରକୀ 'କଳାହାଣ୍ଡି ପତ୍ରିକା' (ପ୍ରବନ୍ଧ):ଦୋଳଗୋବିନ୍ଦ ବିଶୀ | ୫୮ |
| ସବୁ ସତ ମାନିଗଲା(ଶିଶୁ ଗଳ୍ପ) : ପ୍ରେମାନନ୍ଦ ନାୟକ | ୬୪ |
| ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ (ପୁସ୍ତକ ସମୀକ୍ଷା) : ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଅଭିନବାଭିନବ (ଶେଷ ପୃଷ୍ଠା) : ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ

'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଡିସେମ୍ବର ସଂଖ୍ୟାର ପ୍ରାପ୍ତି ସ୍ୱୀକାର ଜଣାଉଛି । 'ସାହିତ୍ୟରେ ଗବେଷଣାର ମାନ' ଏକ ଭାବାବେଗର ବାର୍ତ୍ତା । ଶୁଣିଛି ଆର୍ଥିକ ସହାୟତା ଓ ଉପଢୌକନ ବଦଳରେ ଗାଇଡ୍‌ମାନେ ରିସର୍ଚ୍ଚପେପର ଲେଖିଦିଅନ୍ତି । ଏ ଦୃଷ୍ଟିକୋଣରୁ ସମ୍ପାଦକୀୟ ଏକ ଚେତାବନୀ ।

ରମାକାନ୍ତ ନାୟକ ନିଜ ପ୍ରବନ୍ଧରେ ଅନେକ ଉଦାହରଣୀୟ କଥା କହିଛନ୍ତି ଯାହାକି ମୋତେ ବିଶେଷ ଛୁଇଁପାରିଛି । 'ବ୍ଲାଇଣ୍ଡନେସ' ଗପରେ ଜାକିର ଖାନ ଉପସଂହାରରେ ଅନ୍ଧବ୍ୟକ୍ତିର ରଙ୍ଗ ଉପରେ ଥିବା ଅନୁଭୂତିକୁ ଚିହ୍ନେଇଛନ୍ତି । ଡଃ ପ୍ରଫୁଲ୍ଲ କୁମାର ସାହୁଙ୍କ ପ୍ରବନ୍ଧ ଗବେଷଣାତ୍ମକଏବଂ ଉଚ୍ଚକୋଟିର ଲେଖା । ସାକ୍ଷାତକାରଟି ସତରେ ମନୋଜ୍ଞ, କବିପୁରୁଷ ସୌଭାଗ୍ୟ କୁମାର ମିଶ୍ରଙ୍କ ଆଧୁନିକ କବିତା ଲିଖନ ଶୈଳୀ ବିଷୟରେ ଅବଗତ ହେଲି । ଗଳ୍ପ 'ସ୍ରଷ୍ଟା ଓ ସୃଷ୍ଟି' ନିଆରା ଢଙ୍ଗର, ଯୋଉଥିରେ ସ୍ରଷ୍ଟା ନିଜ ସୃଷ୍ଟିକୁ ଭଲପାଇ ବସିଛି । ପୂଜାପତ୍ରିକା ଉପରେ ଲିଖିତ ପ୍ରବନ୍ଧଟି ଏନସାଇକ୍ଲୋପଡିଆ ପରି ଲାଗିଲା । ଶିଶୁପତ୍ରିକା ଓ ସ୍ଥାନିତ ଲେଖା ଉପରେ ଲେଖିକା ସୂଚନା ଦେଇଥିଲେ ଭଲ ହେଇଥାନ୍ତା । ସେହିଭଳି ଛାଞ୍ଚରେ ପବିତ୍ର ଦାସଙ୍କ ପ୍ରବନ୍ଧ ଲିଖିତ ହୋଇଛି ଏବଂ ଏହା ସୂଚନାଧର୍ମୀ ମନେହୁଏ । ଶଗଡ଼ ଉପରେ ଅନୁଭୂତିମୂଳକ ଲେଖାଟି ବନଜଦେବୀଙ୍କର ମୋ ପିଲାଦିନକୁ ଫେରେଇନେଲା । ଏଭଳି ଲେଖାର ଆବଶ୍ୟକତା ରହିଛି । ସାମାଜିକ ପରିବେଶର ବାର୍ତ୍ତା ବହନ କରିଛି 'ଦେବୀ' ଗପଟି । ଡଃ ସଦାନନ୍ଦ ପରିଡ଼ାଙ୍କ ପ୍ରବନ୍ଧ ଉଚ୍ଚକୋଟୀର ଓ ମୂଲ୍ୟବାନ । ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ କବିତା ଭିନ୍ନ ସ୍ୱାଦର । ବହି ଓ ଟି.ଭି. ଭିତରେ କେତେ ଫରକ ଅଛି ଶିଶୁ ଗଳ୍ପରେ ବାରି ହୋଇପଡୁଛି ।

**କୁଞ୍ଜବିହାରୀ ସାହୁ**
kunjasahu63@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
**info@sahityacharcha.com**

ବର୍ତ୍ତମାନ ସାହିତ୍ୟ ରଚନା ତ ଗଦା ଗଦା । ସେଥିମଧ୍ୟରୁ ରୂପ, ରସ, ରଙ୍ଗ, ଆଙ୍ଗିକ ଓ ଆତ୍ମିକ ଆଦିର ବିଚାର ଦୃଷ୍ଟିରୁ କେଉଁଟି ଉତ୍କୃଷ୍ଟ ଓ କେଉଁଟି ନିକୃଷ୍ଟ ଜାଣିବା କିପରି ? କେଉଁଟି ଭଲ ବହି, କେଉଁଟି ପଢ଼ିବା ଉଚିତ, କେଉଁଟି କିଣିବା ଉଚିତ୍, ତାହା ଜାଣିବା କିପରି ଓ ଚିହ୍ନିବା କିପରି ? ତେଣୁ ଆବଶ୍ୟକ ସ୍ୱତନ୍ତ୍ର ସାହିତ୍ୟ ଚର୍ଚ୍ଚା । ସେଥିପାଇଁ ଓଡ଼ିଆ ସାହିତ୍ୟରେ ରୁଚି ରଖୁଥିବା ପ୍ରତ୍ୟେକଙ୍କ ପାଇଁ 'ସାହିତ୍ୟ ଚର୍ଚ୍ଚା' ଭଳି ଏକ ପତ୍ରିକା ବହୁତ ଗୁରୁତ୍ୱ ରଖେ । ଏହାର ସଂପାଦନା ମାର୍ଜିତ, ମଞ୍ଜୁଳ ଓ ମାନକ । କଳେବର ଠାରୁ ଆରମ୍ଭ କରି ସବୁ ଯେପରି ମପାଚୁପା ବା ନିର୍ଦ୍ଧାରିତ । ଡିସେମ୍ବର ମାସର ସଂପାଦକୀୟରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଗବେଷଣାକୁ ନେଇ ଯେଉଁ ଗମ୍ଭୀର ଓ ସାଂଘାତିକ ସତ୍ୟର ପ୍ରକାଶ ପାଇଛି ତାହା ବାସ୍ତବିକ୍ ଉଦ୍‌ବେଗଜନକ ଏବଂ ଚକ୍ଷୁ ଉନ୍ମୀଳକ । ସତ୍ୟ ଉପସ୍ଥାପନ ପାଇଁ ସଂପାଦକଙ୍କୁ ଅଶେଷ ଧନ୍ୟବାଦ ।

**ସଞ୍ଜୟ କୁମାର ବରାଳ**
sanjaybaral.konark@gmail.com

'ସାହିତ୍ୟ ଚର୍ଚ୍ଚା' ଡିସେମ୍ବର ସଂଖ୍ୟାଟି ହସ୍ତଗତ ହେବା ପରେ ପଢ଼ିବା ଆରମ୍ଭ କଲି । ଏହି ସଂଖ୍ୟାରେ ପ୍ରକାଶିତ ପ୍ରତ୍ୟେକ ପ୍ରବନ୍ଧ ଅତ୍ୟନ୍ତ ଶିକ୍ଷଣୀୟ । ବିଶେଷକରି ରମାକାନ୍ତ ନାୟକ 'ସାହିତ୍ୟରେ ରିକ୍ତତାବୋଧ' ପ୍ରବନ୍ଧରେ ସାହିତ୍ୟ କଣ, କାହିଁକି ପଢ଼ିବା, ଏହା ସହ ସାହିତ୍ୟିକ ମାନଙ୍କର ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିଛନ୍ତି । ଉତ୍କୃଷ୍ଟ ସାହିତ୍ୟର ଅଭାବ, ସାହିତ୍ୟ କୃତି ଉନ୍ନତିର ମାଧ୍ୟମ, ସାହିତ୍ୟର ମୂଲ୍ୟାୟନ, ବିଶେଷକରି ହରପ୍ରସାଦ ଦାସଙ୍କ ଦୃଷ୍ଟିରେ ଆଧୁନିକତା କଣ ଜାଣିବାକୁ ପାଇଲି ।

**ମାଧବୀ ମଧୁସ୍ମିତା ପ୍ରଧାନ**
madhabi.pradhan2001@gmail.com

ସମ୍ପାଦକୀୟ

# ଲିଟେରାରୀ ଇଂଜିନିୟରିଂ

ଲିଟେରାରୀ ଇଂଜିନିୟରିଂ ବା ସାହିତ୍ୟିକ ଅଭିଯାନ୍ତ୍ରିକୀ ଶବ୍ଦଟି ସେତିକି ସୁବିଦିତ ନୁହେଁ, ଯେତିକି 'ସୋସିଆଲ୍ ଇଂଜିନିୟରିଂ' ବା 'କଲଚରାଲ୍ ଇଂଜିନିୟରିଂ'। ଏହା ପ୍ରଚ୍ଛନ୍ନ ଭାବରେ କୌଣସି ବିଚକ୍ଷଣ କୌଶଳ ଓ ପନ୍ଥା ପ୍ରୟୋଗ କରି ସମାଜ କିମ୍ବା ସଂସ୍କୃତିକୁ ନିଜର ଇଚ୍ଛିତ ମୋଡ଼ ଦେବାର ପ୍ରଚେଷ୍ଟାକୁ ବୁଝାଏ। ତେବେ ସାହିତ୍ୟ କ୍ଷେତ୍ରରେ ଏଭଳି କୌଣସି ପରିବର୍ତ୍ତନ ଆଣିବା ଉଦ୍ଦେଶ୍ୟରେ ଏହି ତଥାକଥିତ ଇଂଜିନିୟରିଂ କୌଶଳର ପ୍ରୟୋଗ ସେତେ ସୁଲଭ ନ ହେଲେ ହେଁ, ଦୁର୍ଲଭ ମଧ୍ୟ ନୁହେଁ।

ଏବେ କିଛିଦିନ ହେଲା ଆମ ରାଜ୍ୟର ଗୋଟିଏ ଘରୋଇ ବିଶ୍ୱବିଦ୍ୟାଳୟର ସାହିତ୍ୟ ଓ ସଂସ୍କୃତି ଗବେଷଣା ବିଭାଗ ସାରଳା ଦାସଙ୍କ ମହାଭାରତକୁ 'ସାରୋଳଦାସ ମହାଭାରଥ' ଭାବରେ ଚିତ୍ରିତ କରି ଏହାକୁ ସ୍ୱୀକୃତ କରାଇନେବା ପାଇଁ ଚଳାଇଥିବା ଉଦ୍ୟମକୁ ଲକ୍ଷ୍ୟ କଲେ ଏହି 'ଲିଟେରାରୀ ଇଂଜିନିୟରିଂ' କଥାଟି ମନକୁ ଆସେ। ଏହି ମାନସରେ ଗୋଟିକ ପରେ ଗୋଟିଏ ଗ୍ରନ୍ଥମାନଙ୍କର ପ୍ରକାଶନ ସାଙ୍ଗକୁ ବିଭିନ୍ନ ସଭାମଞ୍ଚରେ 'ସାରୋଳଦାସ' ଓ 'ମହାଭାରଥ' ଶବ୍ଦ ଦ୍ୱୟର ବହୁଳ ବ୍ୟବହାରର ପ୍ରୟାସ ଆମର ଏହି ଧାରଣାକୁ ଦୃଢ଼ୀଭୂତ କରେ। ବୋଧହୁଏ ବହୁ କାଳ ଧରି ଓଡ଼ିଶାର ଜନମାନସରେ ଆସ୍ଥାନ ଜମାଇଥିବା ଆଦିକବି ସାରଳା ଦାସଙ୍କ ମହାଭାରତ ପ୍ରତି ଚିରାଚରିତ ଧାରଣାକୁ ବଦଳାଇବାକୁ ଏହା ଅଭିପ୍ରେତ।




ତେବେ ଆମେ ସାରଳା ଦାସଙ୍କ ପ୍ରକୃତ ନାମ ଓ ତାଙ୍କ ଦ୍ୱାରା ରଚିତ ମହାଭାରତର ଅସଲ ସ୍ୱରୂପ ବିଷୟରେ ଯେ ଆହୁରି ଗବେଷଣା ଓ ବିଚାର ଆଲୋଚନାର ଆବଶ୍ୟକତା ନାହିଁ ସେ କଥା କହୁନାହୁଁ। ଏହି ଦିଗରେ ସମସ୍ତ ପ୍ରକାର ନିଷ୍ପକ୍ଷ ଓ ତର୍କସମ୍ମତ ଗବେଷଣା ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ। କିନ୍ତୁ ଲକ୍ଷ୍ୟ କରିବାର କଥା ଯେ 'ସାରୋଳଦାସ ମହାଭାରଥ' ନାମକ ଗ୍ରନ୍ଥର ମୁଖବନ୍ଧରେ ସଂପୃକ୍ତ ଗବେଷକମଣ୍ଡଳୀ ସ୍ୱୟଂ ସ୍ୱୀକାର କରିଛନ୍ତି, 'ଆମେ ତିଆରି କରିଥିବା ପାଠ, ସାରୋଳଦାସମାନଙ୍କର ବିକୃତୀକରଣର ବିକୃତି।' ଏହା ସୂଚାଇଦିଏ ଯେ ଏ ବିଷୟରେ ସେମାନଙ୍କ ଗବେଷଣା ଆହୁରି ବହୁ ପଥ ଅତିକ୍ରମ କରିବାକୁ ଅଛି। ଏଣୁ ଏ ସମ୍ପର୍କରେ କୌଣସି ସର୍ବସମ୍ମତ ଓ ନିର୍ବିବାଦୀୟ ନିଷ୍କର୍ଷରେ ପହଞ୍ଚିବା ପୂର୍ବରୁ ଏହାକୁ ସର୍ବସାଧାରଣରେ ଗ୍ରହଣୀୟ କରାଇବାର ପ୍ରଚେଷ୍ଟା ଅନ୍ତତଃ ନ ହେଉ।

ଗତବର୍ଷ ସାରଳା ଦାସଙ୍କ ସାହିତ୍ୟ ସମ୍ପର୍କିତ ଏହି ଗବେଷଣା ପ୍ରକଳ୍ପର ଅନ୍ୟତମ ପରାମର୍ଶଦାତା ସ୍ୱର୍ଗତ ସୁଦର୍ଶନ ଆଚାର୍ଯ୍ୟଙ୍କ ସହିତ ଆମକୁ ଏ ବିଷୟରେ ଆଲୋଚନା କରିବାର ସୁଯୋଗ ମିଳିଥିଲା। 'ସାରୋଳାଦାସ' ଓ 'ମହାଭାରଥ' ଭଳି ଶବ୍ଦମାନଙ୍କର ଅଚାନକ ପ୍ରୟୋଗ ଓଡ଼ିଶାର ଅଗଣିତ ସାରଳା ମହାଭାରତ ପ୍ରେମୀଙ୍କୁ ବିଭ୍ରାନ୍ତ କରିବ ନାହିଁ କି ବୋଲି ପଚାରିବାରୁ ସେ କହିଥିଲେ ଯେ ଏ ସମ୍ପର୍କରେ ଚାଲିଥିବା ଗବେଷଣାର ପରିଣାମକୁ ଏବେ ସର୍ବସାଧାରଣଙ୍କ ସମକ୍ଷରେ ପହଞ୍ଚାଇବାର କୌଣସି ଅଭିପ୍ରାୟ ନାହିଁ; ବରଂ ଏହି ବିଷୟକ ପ୍ରକାଶିତ ଗ୍ରନ୍ଥସମୂହ କେବଳ ଗବେଷକମାନଙ୍କର ଅଧିକ ବିବେଚନା ଓ ବିତର୍କ ପାଇଁ ହିଁ ଉଦ୍ଦିଷ୍ଟ। କିନ୍ତୁ କାର୍ଯ୍ୟତଃ ଏହା ହେଉଛି କି?

କିଛିଦିନ ତଳେ ଆମ ପତ୍ରିକାର ଅନଲାଇନ୍ ସଂସ୍କରଣରେ ପ୍ରକାଶିତ ଏକ ଲେଖାରେ ବର୍ଷୀୟାନ ଭାଷାବିତ୍ ଡ. ଦେବୀପ୍ରସନ୍ନ ପଟ୍ଟନାୟକ ଏ ବିଷୟରେ ନିଜର ଚିନ୍ତା ପ୍ରକଟ କରିଛନ୍ତି। ବିଶିଷ୍ଟ ଗବେଷକ ଡ. ସନ୍ତୋଷ କୁମାର ରଥଙ୍କର ଭିନ୍ନ ମତ ଥାଇ ଅନ୍ୟ ଏକ ପ୍ରବନ୍ଧ ମଧ୍ୟ ପ୍ରକାଶ ପାଇଛି ଆମର ଚଳିତ ସଂଖ୍ୟାରେ। ଏହା ଦର୍ଶାଏ ଯେ, ଏ ସମ୍ପର୍କରେ ଯେକୌଣସି ମୁକ୍ତ ବିତର୍କର ଆମେ ସ୍ୱାଗତ କରୁ।

*ନିହାର ଶତପଥୀ*

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ବ୍ୟଙ୍ଗଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---


## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍‌ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
**www.sahityacharcha.com/subscription**

ପାର୍ଶ୍ୱରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି G Pay, PhonePe କିମ୍ବା Paytm ଆଦି ଦ୍ୱାରା ମଧ୍ୟ ଏହି ଦେୟ ପଠାଯାଇପାରେ। ଚେକ୍ କିମ୍ବା ବ୍ୟାଙ୍କ ଡ୍ରାଫ୍ଟ ଯୋଗେ ବାର୍ଷିକ ଗ୍ରାହକଦେୟ ପଠାଇବାକୁ ଥିଲେ ତାହାକୁ Sahitya Charcha ନାମରେ ଲେଖି ଆମର ନିମ୍ନଲିଖିତ ଠିକଣାକୁ ପଠାନ୍ତୁ।

**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା, ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭, ମୋବାଇଲ : ୯୩୬୮୭୭୨୫୦୬

ପ୍ରବନ୍ଧ

# ଓଡ଼ିଆ ବର୍ଣ୍ଣସଂଖ୍ୟା ଓ ଓଡ଼ିଆ ବର୍ଣ୍ଣକ୍ରମ



ପ୍ରଫେସର ଡ. ଦେବୀପ୍ରସନ୍ନ ପଟ୍ଟନାୟକ

ଓଡ଼ିଆ ଅକ୍ଷର ଶିକ୍ଷାର ପଦ୍ଧତି ଓ ପ୍ରୟୋଗ ବିଷୟରେ କହିବାକୁ ଯାଇ ବୈଷ୍ଣବ ଚରଣ ମହାନ୍ତି କହନ୍ତି, 'ଆମ ଚାଟଶାଳୀ ପାଠ, ବର୍ଣ୍ଣବୋଧ ଆଦି ଯେତେ ଓଡ଼ିଆ ପ୍ରାଥମିକ ଅକ୍ଷର ଶିକ୍ଷା ବହି ୧୯୩୬ ପୂର୍ବରୁ ଲେଖାଯାଇଛି ସବୁ ଅକ୍ଷରକ୍ରମିକତା ରକ୍ଷାପୂର୍ବକ ଅକ୍ଷର ଶିକ୍ଷାର ସଂଶ୍ଲେଷଣ ପଦ୍ଧତି (*ସିନ୍ଥେଟିକ୍ ମେଥଡ୍ ଅଫ୍ ଟିଚିଙ୍ଗ୍*) ରେ ଲେଖାଯାଇଛି। ସ୍ୱର ବିନା ଶୁଦ୍ଧବ୍ୟଞ୍ଜନ ବର୍ଣ୍ଣ ଉଚ୍ଚାରିତ ହୋଇପାରିବ ନାହିଁ, ତେଣୁ ସାଧାରଣତଃ ଆମେ ବ୍ୟଞ୍ଜନ ବର୍ଣ୍ଣକୁ 'ଅ' ସ୍ୱର ସହିତ ଯୁକ୍ତ କରି ଉଚ୍ଚାରଣ କରୁ ଏବଂ ଏଇଥିପାଇଁ ବୋଧହୁଏ ଆମ ଅବଧାନ ମାନେ 'ଅ' କୁ ସ୍ୱରେ ଅ ବୋଲି କହୁଥିଲେ। ମୂଳରୁ ସ୍କୁଲ ମାଡ଼ି ନ ଥିବା ଓଡ଼ିଆ ପିଲାଟାକୁ କୋଉଯାଏ ପଢ଼ିଚୁ ବୋଲି ପଚାରିଲେ ସେ କହେ – ମୋର ଅ ଆ ଇ ଈ ଉ ଊ କ ଖ ଗ ଘ ଯାଏ ହେଲାଣି। ଏ ଦୃଷ୍ଟିରୁ ବିଚାର କଲେ ପ୍ରାଥମିକ ଅକ୍ଷର ଶିକ୍ଷା ପୁସ୍ତକରେ ବିଶ୍ଲେଷଣ ପଦ୍ଧତି (*ଆନାଲିଟିକ୍ ମେଥଡ୍*)ର ବ୍ୟବହାର ହେଉଛି ଆମ ପାଇଁ ପରମ୍ପରା ପ୍ରତିକୂଳ ପ୍ରୟୋଗ। ଏହା ଦ୍ୱାରା ବର୍ଣ୍ଣମାଳାର କ୍ରମିକତା ବ୍ୟାହତ ହୁଏ, କେବଳ ତାଲିମପ୍ରାପ୍ତ ଶିକ୍ଷକଙ୍କ ବ୍ୟତୀତ ଅନ୍ୟ କେହି ଅଭିଭାବକ ବା ପିଲାର ବାପା ମା' ଏଇ ପଦ୍ଧତିରେ ପିଲାକୁ ଘରେ ପଢ଼େଇ ପାରନ୍ତି ନାହିଁ। ଏହା ଇଂରାଜୀ ବର୍ଣ୍ଣମାଳା ପାଇଁ ଠିକ, କିନ୍ତୁ ଓଡ଼ିଆ ବର୍ଣ୍ଣମାଳା ପାଇଁ ଆଦୌ ଉପଯୁକ୍ତ ପଦ୍ଧତି ନୁହେଁ।



### ଅକ୍ଷର ଶିକ୍ଷା ପଦ୍ଧତି

ଯେହେତୁ ସାହେବ କହିଛି ଆମ ଶିକ୍ଷାବିତ୍‌ମାନେ ଏବେ ବି ସାହେବ ପ୍ରଦର୍ଶିତ *ଆନାଲିଟିକ୍ ମେଥଡ୍ ଟିଚିଙ୍ଗ୍*‌ରେ ବହି ଲେଖି ଚାଲିଛନ୍ତି। ସବୁଠୁ ବିଡ଼ମ୍ବନାର ବିଷୟ ଯେ *ସିନ୍ଥେଟିକ୍ ମେଥଡ୍ ଅଫ୍ ଟିଚିଙ୍ଗ୍* କ'ଣ, *ଆନାଲିଟିକ୍ ମେଥଡ ଅଫ୍ ଟିଚିଙ୍ଗ୍* କ'ଣ, ଏହାର ଗୁଣ କ'ଣ, ଖୁଣ କ'ଣ, କିଛି ବିଚାର ବିବେଚନା ନ କରି ଆମେ ତେଲି, ଯା ପେଲି ନ୍ୟାୟରେ ଆମ ପ୍ରାଥମିକ ଶିକ୍ଷାକୁ ପେଲି ପେଲି ଚଳେଇଛୁ। ଅକ୍ଷର ଶିକ୍ଷା ପଦ୍ଧତି ସମ୍ବନ୍ଧରେ ସାମାନ୍ୟତମ ଧାରଣା ନ ଥିବା ଆମ ଲେଖକମାନେ ଅକ୍ଷର ଶିକ୍ଷା ବହି ଲେଖୁଛନ୍ତି, ତାଲିମଦାତାମାନେ ଶିକ୍ଷକମାନଙ୍କୁ ତାଲିମ ଦେଉଛନ୍ତି ଏବଂ ଶିକ୍ଷକମାନେ ପିଲାକୁ ଅକ୍ଷର ଶିକ୍ଷା ଦେଉଛନ୍ତି।

ମୁଁ ଆମେରିକାର ଗବେଷକମାନଙ୍କ ପାଇଁ *କନ୍‌ଭରସେସନାଲ୍ ଓରିଆ* ବୋଲି ଗୋଟିଏ ବହି ଲେଖିଥିଲି। ସେଥିରେ *ଫୋନେଟିକ୍ ରିଡର* ଅଂଶରେ ସ୍ୱର ଓ ବ୍ୟଞ୍ଜନ ବର୍ଣ୍ଣର ପରିଚୟ ଦିଆଯାଇଥିଲା, ସେମାନଙ୍କ ଅକ୍ଷର ଶିଖିବା ପାଇଁ ଆଉ ଗୋଟିଏ ବହି ଲେଖିଥିଲି। ସେଥିରେ ଅକ୍ଷର ସାମ୍ୟକୁ ଧରି ଚଳଣି ଥିବା ଶବ୍ଦ ବ୍ୟବହାର କରି ଶବ୍ଦ ଶିଖିବା ବ୍ୟବସ୍ଥା ଥିଲା। ଉଦାହରଣ ସ୍ୱରୂପ ଦ, ବ, କ, ଜ / ଅ, ଆ, ଥ, ଧ ପରି ଅକ୍ଷରର ସମାନତା ହେତୁ ପିଲା ଶିଖିଥିବା ଅକ୍ଷର କ୍ରମ ବଦଳେଇ ଶୀଘ୍ର ଲେଖାପଢ଼ା ଶିଖିବା ପାଇଁ ଏପରି ବ୍ୟବସ୍ଥା କରାଯାଇଥିଲା। ସବାଶେଷରେ ପ୍ରଚଳିତ ଅକ୍ଷର କ୍ରମ ଦିଆଯାଇଥିଲା। ଏ ବହି ବୟସ୍କଙ୍କ ପାଇଁ ଲେଖା ହୋଇଥିଲା, ତା' ପୁଣି ବିଦେଶୀ ଗବେଷକଙ୍କ ପାଇଁ।

ଆମ ବର୍ଣ୍ଣସଂଖ୍ୟା, ବର୍ଣ୍ଣକ୍ରମ ବିଷୟରେ ବିବାଦ ଏ ଯାଏ ଥମୁନାହିଁ। ଆମେ ଷୋଡ଼ଶା ପଢ଼ି ଏକ ସମୟରେ ୧୬ଟି ସ୍ୱରବର୍ଣ୍ଣ ଥିବା ଜାଣିଲୁ। ଚଉତିଶା ପଢ଼ି ୩୪ ବ୍ୟଞ୍ଜନ ବର୍ଣ୍ଣ ଥିବା ଜାଣିଲୁ। ମଧୁ ବର୍ଣ୍ଣବୋଧ ପଢ଼ି ଅକ୍ଷର ସଂଖ୍ୟା ଓ ଅକ୍ଷର କ୍ରମ ବିଷୟରେ ଜାଣିଲୁ। ଆମ ବ୍ୟାକରଣମାନଙ୍କରେ ସ୍ୱରବର୍ଣ୍ଣ ସଂଖ୍ୟା ବିଭିନ୍ନ ସମୟରେ ୬,୮,୧୧,୧୩ ହୋଇଥିବା

ଜଣାଯାଏ। ମଧୁବାବୁ ନିଜେ ବର୍ଣ୍ଣ, ବର୍ଣ ଲେଖିଥିଲା ବେଳେ ପରବର୍ତ୍ତୀ ସମୟରେ ଦୁଇଟି ବ ସ୍ଥାନରେ ବ ୱ ଗ୍ରହଣ କରାଯାଇଛି। ପ୍ରଥମେ ବ ଭିତରେ ବିନ୍ଦୁ ଦେଇ ୱ ଲେଖାଯାଉଥିଲା। ଛପା ବହିରେ ବ ଭିତରେ ବିନ୍ଦୁ ଭାଙ୍ଗିଯାଇଥିବାରୁ ୱ ଲେଖାହେଲା। ଏହାକୁ କେହି କେହି ଓ ରେ ବ ଫଳା କହିଲାବେଳେ କେହି କେହି ସ୍ୱତନ୍ତ୍ର ଅକ୍ଷର କହିଲେ। ଉଚ୍ଚାରଣ ଓ ବନାନ ମଧ୍ୟରେ ପାର୍ଥକ୍ୟ ହେତୁ ଦନ୍ତ୍ୟସ, ତାଲବ୍ୟଶ, ମୂର୍ଦ୍ଧଣ୍ୟଷ ଉଚ୍ଚାରଣରେ ସ ହେବାରୁ ବନାନ ଅଶୁଦ୍ଧି ଦେଖାଗଲା। ଏ ସମସ୍ତ ବିଷୟରେ ସବିଶେଷ ଆଲୋଚନା ପାଇଁ ନିର୍ମଳକାନ୍ତ ମହାନ୍ତିଙ୍କର ବିଭିନ୍ନ ରଚନା ଦ୍ରଷ୍ଟବ୍ୟ।

ବୈଷ୍ଣବ ଚରଣ ମହାନ୍ତିଙ୍କର 'ଲେଖି ନ ଜାଣି ଅକ୍ଷର ଦୋଷ' ବହିରେ ବନାନ ବିଭ୍ରାଟ ଓ ରଚନା ଦୋଷ ସମ୍ବନ୍ଧରେ ଆଲୋଚନା କରାଯାଇଛି। ପରିବର୍ତ୍ତନ ଭାଷାର ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାରୁ ପରିବର୍ତ୍ତିତ ରୂପକୁ ଶୁଦ୍ଧ ଅଶୁଦ୍ଧ ମାପକାଠିରେ ମାପିବା ଉଚିତ ନୁହେଁ। ଓଡ଼ିଆ ବର୍ଗ୍ୟବର୍ଣ୍ଣର ନାସିକ୍ୟ ରୂପକୁ ଭିନ୍ନ ଭିନ୍ନ ଅକ୍ଷରରେ ଲେଖାଯାଇଥାଏ। କ ଖ ଗ ଘ ଙ୍କ, ଙ୍ଖ, ଙ୍ଗ, ଙ୍ଘ। ଏହାକୁ ଅନୁସ୍ୱାର ଯୋଗରେ ଲେଖିବା ବ୍ୟାକରଣ ସମ୍ମତ - ଂକ (ସଂକଟ), ଂଖ (ପଂଖା), ଂଗ (ସାଂଗ), ଂଘ (ସଂଘ)। ଏହି ବିକଳ୍ପ ରୂପ ମଧ୍ୟ ପ୍ରୟୋଗରେ ଚଳେ (ସଂବାଦ, ସମ୍ବାଦ)। ସମ୍ବାଦ ଖବରକାଗଜ ସଂବାଦକୁ ଗ୍ରହଣ କରିନାହାନ୍ତି। ଆମ ଶିକ୍ଷକମାନେ ଏସବୁ ବିଷୟରେ ଅବହିତ ନ ଥିବାରୁ ଛାତ୍ରମାନଙ୍କୁ ଦଣ୍ଡିତ କରିଥାନ୍ତି।

**ପରିବର୍ତ୍ତନ ଭାଷାର ସ୍ୱାଭାବିକ ପ୍ରକ୍ରିୟା ହୋଇଥିବାରୁ ପରିବର୍ତ୍ତିତ ରୂପକୁ ଶୁଦ୍ଧ ଅଶୁଦ୍ଧ ମାପକାଠିରେ ମାପିବା ଉଚିତ ନୁହେଁ।**

### ଭାଷା ଆଧାରିତ ବ୍ୟାକରଣ

ଓଡ଼ିଆରେ ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷା ଆଧାରିତ ବ୍ୟାକରଣଟିଏ ଲେଖା ହୋଇପାରିଲା ନାହିଁ। ପ୍ରାଚୀନତମ ଓଡ଼ିଆ ବ୍ୟାକରଣ ସଟନଙ୍କ ଦ୍ୱାରା ଲେଖା ଓ ଏହା ଇଂରାଜୀ ଆଧାରିତ। ସାମ୍ପ୍ରତିକ କାଳର ପ୍ରାୟ ସବୁ ବ୍ୟାକରଣ ସଂସ୍କୃତ ଆଧାରିତ। 'ପ୍ରୟୋଗ ସରଣାଃ ବୟାକରଣାଃ' ବକ୍ତୃତାରେ କହୁଥିଲେ ମଧ୍ୟ ଓଡ଼ିଆ ପ୍ରୟୋଗକୁ ଧରି ଓଡ଼ିଆ ବ୍ୟାକରଣ ଲେଖା ହେଲା ନାହିଁ।

ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରକାଶନ ଦ୍ୱାରା ପ୍ରକାଶିତ ବ୍ୟାକରଣ ଦର୍ପଣ ନାଁ ଓଡ଼ିଆ ବ୍ୟାକରଣ ନା ସଂସ୍କୃତ ବ୍ୟାକରଣ। ଏହା ଉଭୟକୁ ମିଶେଇ ଏକ ଖେଚୁଡ଼ି।

ମୁଖ ନିଃସୃତ ଧ୍ୱନିରୁ ଭାଷାର ସୃଷ୍ଟି। ଅନ୍ୟ ଭାବରେ କହିଲେ ଉଚ୍ଚାରିତ ଧ୍ୱନିରୁ ଭାଷାର ସୃଷ୍ଟି। ଉଚ୍ଚାରଣ ଦୃଷ୍ଟିରୁ ଆମେ ଧ୍ୱନିଗୁଡ଼ିକୁ ଦୁଇ ଭାଗରେ ବିଭକ୍ତ କରୁ। ଯେଉଁ ଧ୍ୱନି ନିଜେ ନିଜେ ଅନ୍ୟ ଧ୍ୱନିର ବିନା ସାହାଯ୍ୟରେ ଉଚ୍ଚାରିତ ହୁଏ ସେହି ସ୍ୱରଧ୍ୱନି ସ୍ୱରବର୍ଣ୍ଣ ଏବଂ ଯାହା ସ୍ୱର ଛଡ଼ା ଉଚ୍ଚାରିତ ହୋଇପାରେ ନାହିଁ ତାହା ବ୍ୟଞ୍ଜନ ଧ୍ୱନି ବା ବ୍ୟଞ୍ଜନ ବର୍ଣ୍ଣ।

ସ୍ୱରଯୁକ୍ତ ବ୍ୟଞ୍ଜନ ହେଉଛି ଅକ୍ଷର (*ସିଲା/ବଲ୍*)। ପ୍ରତ୍ୟେକ ସ୍ୱର ଗୋଟିଏ ଗୋଟିଏ ଅକ୍ଷର (*ସିଲା/ବଲ୍*)। ଅକ୍ଷରର ଅନ୍ୟ ଏକ ଅର୍ଥ ହେଉଛି ଲେଖନର ସର୍ବନିମ୍ନ ଏକକ। କ ଚ ଟ ତ ପ ଗୋଟିଏ ଗୋଟିଏ ଅକ୍ଷର। ଚକ ଦୁଇଟି ଅକ୍ଷର। କିନ୍ତୁ ଚକ୍ ଶବ୍ଦରେ ଗୋଟିଏ ସ୍ୱର ଥିବାରୁ ଗୋଟିଏ ଅକ୍ଷର, ସ୍ତ୍ରୀ ଶବ୍ଦରେ ସ୍+ତ୍+ର୍+ଈ ରେ ଗୋଟିଏ ସ୍ୱର ଥିବାରୁ ଗୋଟିଏ ଅକ୍ଷର, ଯେଉଁଥିରେ ଅନ୍ୟ ଦୃଷ୍ଟିରୁ ଚାରୋଟି ଅକ୍ଷର ଅଛି। ଏଥିରେ ଯେଉଁ ହଳନ୍ତ ଚିହ୍ନ ଅଛି ତାହା ସ୍ୱରର ଅନୁପସ୍ଥିତିର ଚିହ୍ନ। ଂ ଃ ଁ ୍ ର ସ୍ୱତନ୍ତ୍ର ସ୍ଥିତି ନ ଥିବାରୁ ବ୍ୟାକରଣକାରମାନେ ଏଗୁଡ଼ିକୁ ଅଯୋଗବାହ ବର୍ଣ୍ଣ ନାମରେ ନାମିତ କରିଛନ୍ତି।

ଶବ୍ଦ ହେଉଛି ଅର୍ଥଯୁକ୍ତ ବର୍ଣ୍ଣ ଏବଂ ଅକ୍ଷରର ସମାହାର। ଆ ହେଉଛି ଗୋଟିଏ ଧ୍ୱନି, ଗୋଟିଏ ବର୍ଣ୍ଣ, ଗୋଟିଏ ଅକ୍ଷର ଏବଂ ଗୋଟିଏ ଶବ୍ଦ। ସେହିପରି କା ହେଉଛି ଗୋଟିଏ ଧ୍ୱନି, ଦୁଇଟି ବର୍ଣ୍ଣ (ଗୋଟିଏ ବ୍ୟଞ୍ଜନ ଓ ଗୋଟିଏ ସ୍ୱର) ଗୋଟିଏ ଅକ୍ଷର ଓ ଗୋଟିଏ ଶବ୍ଦ। ଦୁଇ ହାତ ବାଡ଼େଇଲେ ଯେଉଁ ଧ୍ୱନି ଉତ୍ପନ୍ନ ହୁଏ ତାହା ଶବ୍ଦ, ତାଳି ଲେଖିଦେଲେ, ତ୍ ଆଲ୍ ଇ ଚାରୋଟି ଅକ୍ଷର ଏବଂ ଦୁଇଟି ସ୍ୱରବର୍ଣ୍ଣ ଥିବାରୁ ଦୁଇଟି ଅକ୍ଷର ବିଶିଷ୍ଟ ଶବ୍ଦ।

### ଶବ୍ଦର ପ୍ରକୃତି

ଶବ୍ଦ ବାକ୍ୟରେ ବ୍ୟବହାର ହେଲେ ପଦ। ଚୁନି ଆସିବ। ଚୁନି ନାମବାଚକ ବିଶେଷ୍ୟପଦ। ଆସିବ କ୍ରିୟାପଦ। ଚୁନି ଗୋଟିଏ ବୁଦ୍ଧିଆ ପିଲା। ଏଥିରେ ଗୋଟିଏ, ବୁଦ୍ଧିଆ ବିଶେଷଣ। ଏହା ବିଶେଷ୍ୟ ପଦ ଚୁନିର ସଂଖ୍ୟା ଓ ଗୁଣ ବୁଝାଉଥିବା ବିଶେଷଣ। ଯା, ଯାଏ, ଯିବ, ଯିବି, ଯାଉଚି,

ଯାଇଚି, ଗଲି, ଗଲା, ଗଲେ ଇତ୍ୟାଦି କ୍ରିୟାର ବିଭିନ୍ନ ରୂପ।

ବ୍ୟାକରଣ ଶବ୍ଦର ବ୍ୟୁତ୍ପତ୍ତି ବି+ଆ+କୃ+ଲ୍ୟୁଟ ରୁ ବୁଝାଯାଏ ଯେ ପ୍ରକୃତି, ପ୍ରତ୍ୟୟ ପ୍ରଭୃତି ମାଧ୍ୟମରେ ଶବ୍ଦର ବିଶ୍ଳେଷଣ କରେ। ସମୟକ୍ରମେ ଭାଷାର ପ୍ରୟୋଗ ସାଙ୍ଗେ ସାଙ୍ଗେ ବ୍ୟାକରଣ ମଧ୍ୟ ବଦଳିଯାଏ। ମାହେଶ୍ୱରୀ ବ୍ୟାକରଣ, ଐନ୍ଦ୍ର ବ୍ୟାକରଣ ଓ ପାଣିନି ବ୍ୟାକରଣ ସଂସ୍କୃତ ବ୍ୟାକରଣର ତିନି ଐତିହାସିକ ମାଇଲ ଖୁଣ୍ଟ ଭାବେ ଗଣାଯାଏ। ସେହିପରି ପାଣିନିଙ୍କର ଅଷ୍ଟାଧ୍ୟାୟୀ, ଭର୍ତ୍ତୃହରିଙ୍କ ବାର୍ତ୍ତିକ ଓ ପତଞ୍ଜଳିଙ୍କ ମହାଭାଷ୍ୟ ଦ୍ୱାରା ସଂସ୍କାରିତ ହୋଇ ତ୍ରିମୁନି ବ୍ୟାକରଣ ନାମରେ ପରିଚିତ ହୋଇଛି। ଏଥିରେ କେତେକ ସୂତ୍ର ବାଦ ଦିଆଯାଇଛି, କେତେକ ଯୋଡ଼ାଯାଇଛି ଓ କେତେକର ସମ୍ପ୍ରସାରିତ ବ୍ୟାଖ୍ୟା କରାଯାଇଛି। ଏହା ସଂସ୍କୃତରେ ପରିବର୍ତ୍ତନର ନମୁନା।

ବୈଦିକ ସଂସ୍କୃତ ଓ ପାଣିନୀୟ ସଂସ୍କୃତ ମଧ୍ୟରେ ପରିବର୍ତ୍ତନର ଆଉ ଗୋଟିଏ ଉଦାହରଣ ହେଉଛି ଯେ ବୈଦିକ ସଂସ୍କୃତରେ ହ୍ରସ୍ୱ, ଦୀର୍ଘ, ପ୍ଲୁତ ସ୍ୱରବର୍ଣ୍ଣ ଥିଲା। ପାଣିନିଙ୍କ ବେଳକୁ ପ୍ଲୁତ ଲୋପ ପାଇଯାଇଥିଲା। ଆଧୁନିକ ଭାରତୀୟ ଆର୍ଯ୍ୟଭାଷାମାନଙ୍କରେ ହ୍ରସ୍ୱ ଦୀର୍ଘ ପ୍ରୟୋଗ ଉଚ୍ଚାରଣରେ ଲୋପ ପାଇଯାଇଥିଲେ ସୁଦ୍ଧା ବନାନରେ ଅଛି। ତେଣୁ ବର୍ତ୍ତମାନ କାଳରେ ବର୍ଣ୍ଣାଶୁଦ୍ଧି ବଢିଚାଲିଛି।




## ବିବିଧ ବର୍ଣ୍ଣକ୍ରମ

ବର୍ଣ୍ଣକ୍ରମ ବିଷୟରେ କେତେକ କଥା କହି ଏ ଲେଖା ଶେଷ କରିବି। ପ୍ରଥମେ ଡ ଢ ଓ ଡ଼ ଢ଼। ଡ ଡ଼ ଓ ଢ ଢ଼ ଉଭୟେ ପରସ୍ପରର ପରିପୂରକ। ଡ ଢ ଶବ୍ଦର ଆରମ୍ଭରେ ଓ ଡ଼ ଢ଼ ଶବ୍ଦର ମଝିରେ ଓ ଶେଷରେ। ଉଦାହରଣ - ଡର, ରଡ଼, ପଡ଼, ଢଗ, ଗଢ଼, ପଢ଼। କେହିକେହି ଡ ଢ ପରେ ଡ଼ ଢ଼ ରଖିଲାବେଳେ କେହି କେହି ଶେଷରେ ଡ଼ ଢ଼, ର, ଳ, ୟ, ୱ ଲେଖିଥାନ୍ତି। ସେହିପରି କ୍ଷ, କ + ଷ =କ୍ଷ ହୋଇଥିବାରୁ କେହିକେହି ଅଭିଧାନକାର କ ପରେ କ୍ଷ ଲେଖିଲାବେଳେ କେହିକେହି ହ ପରେ କ୍ଷ ଲେଖିଥାନ୍ତି। ଜ୍ଞ ର ଉଚ୍ଚାରଣ ଏବଂ କ୍ରମ ବିଷୟରେ ବିବାଦ ଅଛି। ମରାଠୀରେ ଜ୍ଞ ର ଉଚ୍ଚାରଣ ଦ୍ ନ୍ ୟ। ଦ୍ନ୍ୟାନ, ଦ୍ନ୍ୟାନେଶ୍ୱର (ଜ୍ଞାନ, ଜ୍ଞାନେଶ୍ୱର) ବୋଲି ସେମାନେ ଲେଖନ୍ତି। ରୋମାନ ଲିପି ବ୍ୟବହାର କରୁଥିବା ଲୋକ jn (jnana) ଲେଖନ୍ତି। ଓଡ଼ିଆରେ କେହି କେହି ଜ୍ଞାନ ଲେଖୁଥିବା ବେଳେ କେହି କେହି ଗ୍ୟାଁନ ଲେଖନ୍ତି। ତେଣୁ କେହି କେହି ଜ ପରେ ଜ୍ଞ ଲେଖିଥିବା ବେଳେ ଆଉ କେହି କ୍ଷ ପରେ ଜ୍ଞ ଲେଖନ୍ତି।

ଏହିସବୁ ବିଷୟରେ ଯେତେଶୀଘ୍ର ସହମତି ପ୍ରକାଶ ପାଏ ସେତେ ଭଲ।

୧୯୨୩ ରୁ ୧୯୩୦ ପର୍ଯ୍ୟନ୍ତ ଅନୁଗୁଳର ଶିକ୍ଷା ପରିଦର୍ଶକ (*ଇନ୍ସପେକ୍ଟର ଅଫ୍ ସ୍କୁଲସ୍*) ଏଚ୍.ହିପ୍‌ସି ଅକ୍ଷର ଶିକ୍ଷାରେ ନୂଆ ପଦ୍ଧତି ସୃଷ୍ଟି କରିଥିଲେ। 'ପିଲାଙ୍କ ଅକ୍ଷର ଅ ଆ ଇ ଈ....ରୁ ଆରମ୍ଭ ନ କରି ସେ ବର୍ଣ୍ଣମାଳା ମଝିରୁ ଅକ୍ଷର ଶିକ୍ଷା ଆରମ୍ଭ କରିଥିଲେ। ଅନୁଗୁଳରେ ଥିଲାବେଳେ ସ୍କୁଲମାନଙ୍କୁ ଦେଇଥିବା ସର୍କୁଲାରଗୁଡିକର ଏକ ସମ୍ପାଦିତ ସଂକଳନରେ ବିହାର ଓଡ଼ିଶାର ସ୍କୁଲ ଇନ୍ସପେକ୍ଟର ଥିଲାବେଳେ ୧୯୩୧ରେ '*ସଜେସନ ଫର୍ ପ୍ରାଇମେରୀ ସ୍କୁଲ ଟିଚର*' ନାମରେ ଅକ୍ସଫୋର୍ଡ ୟୁନିଭର୍ସିଟି ପ୍ରେସ୍ ମାଧ୍ୟମରେ ପ୍ରକାଶ କଲେ। ସେ 'ମା', 'ଘର'ରୁ ଅକ୍ଷର ଶିକ୍ଷା କରିବାକୁ ପରାମର୍ଶ ଦେଇ କହିଥିଲେ: "ପିଲାମାନଙ୍କୁ ସେମାନେ ଲେଖୁଥିବା ବା ପଢୁଥିବା ନୂଆ ଶବ୍ଦଗୁଡିକୁ ବୁଝିବା ପାଇଁ ସେମାନଙ୍କ ସହିତ କଥୋପକଥନରେ ତାହାର ବ୍ୟବହାରର ଗୁରୁତ୍ୱ ଆମେ ବହୁବାର ସୂଚାଇଛୁ। ଆମକୁ ପ୍ରଥମେ ସେମାନେ ଦିନ ପ୍ରତିଦିନ ଦେଖୁଥିବା ବା ଅନୁଭବ କରୁଥିବା ଶବ୍ଦମାନଙ୍କ ସହିତ ସେମାନଙ୍କୁ ପରିଚିତ କରାଇବାକୁ ପଡିବ, ଯାହାର ଅର୍ଥ ସେମାନଙ୍କୁ ବୁଝାଇବାର ଆବଶ୍ୟକତା ପଡୁନଥିବ।"

ଯେ କୌଣସି ଭାଷା ଶିଖିବା ଶୁଣିବା, କହିବା, ପଢ଼ିବା, ଲେଖିବା ହେଉଛି ସ୍ୱାଭାବିକ ପ୍ରକ୍ରିୟା। ଏ ପ୍ରତ୍ୟେକ ସହିତ ବୁଝିବା ଲୋଡ଼ା। ଏଥିପାଇଁ ବର୍ଣ୍ଣସଂଖ୍ୟା ଓ ବର୍ଣ୍ଣକ୍ରମ ବିଷୟରେ ସ୍ପଷ୍ଟତା ନ ଥିଲେ ଭାଷା ଶିକ୍ଷା ଯେ ବ୍ୟାହତ ହେବ ଏ କଥା ଅଧିକ ବୁଝେଇ କହିବା ନିଷ୍ପ୍ରୟୋଜନ।

□□

ଲେଖକଙ୍କ ଇ-ମେଲ ଠିକଣା:
pattanayakdp@gmail.com

କବିତା



# ଦହନ ନୁହେଁ ତୁ ଦୁହିତା

ଡ. ଚପଳା ପଣ୍ଡା



କେତେ ତୁ ସହିବୁ ସହୁଥା
ଯାବତୀୟ ଦୁଃଖ ପାଉଥା
ଦିନ ରାତି ଖଟି ମରୁଥା
ଢୋକେ ପିଇ ଦଣ୍ଡେ ଜିଇଁଥା
ଲୁଣ ଆମ୍ବୁଲର ନିରୋଳା ପାଣିରେ
ଭୋକିଲା ପେଟକୁ ଭରୁଥା ।

ଦୁଇ କୁଳ ଗୁଣ ଗାଉଥା
ଚୁଡ଼ା ପରି ଖାଲି ଫୁଲୁଥା
ଆଶାକୁ ଭରସା କରିଥା
ସଫଳତା ଭାବ ବାନ୍ଧୁଥା
କାହା ପାଇଁ କଣ କରିଛୁ କରିବୁ
ଜୀବନେ ହିସାବ ରଖିଥା ।

ଅହଲ୍ୟା ପଣକୁ ମଣିଥା
ଛାତିକୁ ପଥର କରିଥା
ପ୍ରାରବ୍ଧ କର୍ମକୁ ଭୁଞ୍ଜୁଥା
ମରଣ ପଞ୍ଜିକା ଖୋଜୁଥା
ଚୋର ମାଆ ପରି କବାଟ କଣରେ
ଲୁଚି ଲୁଚି ଲୁହ ଢାଳୁଥା ।

ସର୍ବସଂହା ମନ୍ତ୍ର ଭଜୁଥା
ନାରୀ ଜନ୍ମ ଧିକ କହୁଥା
ଆଗକୁ ପଛକୁ ଧାଉଁଥା
ଅଧ ରାତି ଯାଏଁ ଚେଉଁଥା
ଏତେ ଗର୍ବ ଭାବ କାହିଁକି ଧରିଛୁ
ଝିଅ ମାଆ ବୋଲି ଜାଣିଥା ।

ଶୁଖିଲା ଓଠକୁ ଚାଟୁଥା
ପାନ ଖିଲ ରଙ୍ଗ ମାଖୁଥା
ସିନ୍ଦୂର କଜଳ ନାଉଥା
ଶଙ୍ଖା ଝୁଣ୍ଟିଆକୁ ପିନ୍ଧିଥା
ଧାଇଁ ଧାଇଁ ଦିନେ କସ୍ତୁରୀ ବେଷ୍ଟରେ
ଯାବତୀୟ ଅଠା ଜାଣିଥା ।

ଝାଳୁଆ ମୁହଁକୁ ପୋଛୁଥା
ଫଟା ଗୋଇଠିକୁ ଘଷୁଥା
ପାଉଡର ସ୍ନୋ' ବୋଳୁଥା
ଦର୍ପଣରେ ମୁହଁ ଦେଖୁଥା
ଅହ୍ୟ ସୁଲକ୍ଷଣୀ ବୋଲାଇବା ପାଇଁ
ଜଗା ଶୂନ୍ୟ ପାଦ ଭଜୁଥା ।

ଏତିକି କଥା ତୁ ଶୁଣିଥା
ଦହନ ନୁହେଁ ତୁ ଦୁହିତା
ଭଗ୍ନାଂଶ ନୁହେଁ ତୁ ପୂର୍ଣ୍ଣତା
ମନ ପାଇଁ ମନୁ ସଂହିତା
ତୋ ପାଇଁ ପରା ଲୋ ସଂସାର ଅଚଳ
ବୁଝିବା ପଣରେ ହେଜୁଥା ।

□□

କବୟିତ୍ରୀଙ୍କ ଇ-ମେଲ ଠିକଣା:
chapalapanda77@gmail.com

ଗଳ୍ପ

# ମଣିଷ



ରବି ପଣ୍ଡା

ଧାଁ ଧାଁ ଧପାଲୁଥିଲା ଧନିଆ। ରାତି ଖେପି ଆସୁଚି। କିଟିମିଟିଆ ଅନ୍ଧାର ରାତି। ଆହୁରି ଦି'କୋଶ ରହିଲାଣି ଗାଁ। ଛାତି ତା'ର ଦାଉ ଦାଉ ହଉଥିଲା। ମନ ହେଉଥିଲା ହାଉ ହାଉ। କେତେ ଦିନ ପରେ ଫେରୁଚି ଗାଁକୁ। ବଞ୍ଚିବାର ଆଶା ତ ନ ଥିଲା। ଜୀବନ ପାଇ ସେ ଫେରିବ ଗାଁକୁ, ଏ ବିଶ୍ୱାସ କ'ଣ ତା'ର ଥିଲା? ଭାଗ୍ୟ, ଭାଗ୍ୟ... ସବୁ ଭାଗ୍ୟ।

ତା'ର ମନେ ପଡ଼ିଯାଉଥିଲା ସେଇ ପ୍ରଳୟଙ୍କରୀ ରାତି କଥା। ଚାରିଆଡ଼େ ହୋ ହଲ୍ଲା। ମାଡ଼ି ଆସୁଚି ଘୂର୍ଣ୍ଣିବାତ୍ୟା। ଘଣ୍ଟାକୁ ବହିବ ଦୁଇଶ କିଲୋମିଟର। ସମୁଦ୍ର ହେବ ଜୁଆରିଆ। ମାଡ଼ି ଆସିବ ଲୁଣା। ସମସ୍ତେ ଯେଝା ଯେଝା ସତର୍କତାରେ ଲାଗିଗଲେ। ଧନିଆ କରିଥିଲା ନୂଆ ଘର ଖଣ୍ଡେ। ମୋଟାମୋଟା ଖୁଣ୍ଟ ବି ବସେଇଥିଲା। ଡିଅ ମଧ୍ୟ ଉଚ୍ଚା। ହଅ... ହେଇ ଚାଳଛପର ଉଡ଼େଇନବ। ଘରକୁ ତ ଉଡ଼େଇ ନବନି! ଖୁବ୍ ଭରସା ଥିଲା ଧନିଆର। କିନ୍ତୁ ତା'ର ସମସ୍ତ ଆଶା ବିଶ୍ୱାସକୁ ଧୂଳିସାତ୍ କରିଦେଲା ପବନ। ସୁ ସୁ ମାଡ଼ି ଆସିଲା। ଘୁ ଘୁ ବର୍ଷିଗଲା ପାଣି। ଧନିଆ ସୁମିକୁ ଡାକିଲା। ଆଉ ହବନି... ଚାଲ ଛାଡ଼ିଦବା ଘର। ଚାଳ ଉଡ଼ିଗଲାଣି। କାନ୍ଥ ଖସିଲାଣି ଦୁଆଦୁଆ। ଦୋହଲିଲାଣି ଖୁଣ୍ଟ। କଟକଟ ହେଲାଣି ରୁଅ ବାଉଁଶ। ତୁ ଗୋବିନ୍ଦାକୁ ଧ'। ମୁଁ କାନ୍ଧୋଉଚି ନଖିକି।

ସୁମି ପଚାରିଲା- ଯିବା କୁଆଡ଼େ?

- ପଧାନଘର କୋଠାକୁ ପଳେଇବା। ଆଉ ସମ୍ଭାଳି ହବନି। ଯାହା ଜଣାଗଲାଣି ଓଜାଡ଼ି ହେଇ ପଡ଼ିବ ଘର। ଆଗେ ଜୀବନ, ତା'ପରେ ଯାହା।



ସୁମି ଠକ୍ ଠକ୍ କମ୍ପୁଥିଲା ଭୟରେ। ଝିଅଟା କୁଣ୍ଢେଇ ଧରିଥିଲା ମାଆକୁ। ସାନପୁଅକୁ ଜାକିଥିଲା ଛାତିରେ। ବଡ଼ ପୁଅ ଭିଡ଼ି ଧରିଥିଲା ଧନିଆକୁ। ଘରର କୋଣ ମୁଣ୍ଡିଆରେ ଠିଆ ହୋଇଥିଲେ ସମସ୍ତେ।

ପବନର ଗୋଟେ ଧକ୍କା ଚାଳଟାକୁ ସମ୍ପୂର୍ଣ୍ଣ ଲେପେଟେଇ ଦେଲା। ଗଳଗଳ ଗଳି ପଡ଼ିଲା ପାଣି। ବର୍ଷା ବିଜୁଳି ଘଡ଼ଘଡ଼ି ସାଙ୍ଗକୁ ତୋଫାନ ତାଣ୍ଡବ ନୃତ୍ୟ କଲା ଘର ଭିତରେ। ସମସ୍ତେ ପରସ୍ପର କୁଣ୍ଢାକୁଣ୍ଢି ହେଇ ହାଉଳି ମାଉଳି ଖାଇଲେ। ଛାତି ଉପରେ ଜଡ଼ିଗଲା ଟିକି ପୁଅଟା। ଅନ୍ୟ ଛୁଆ ଦି'ଟା ବୋବାଳି ଛାଡ଼ିଲେ।

ଧନିଆ କହିଲା- ସେଇମିତି କୁଣ୍ଢାକୁଣ୍ଢି ହେଇ ଆସ ବାହାରି ଯିବା। କାନିରେ ଭିଡ଼ିଦେ ପୁଅକୁ ଛାତି ଉପରେ।

ସାରା ପରିବାର ଗୋଟିଏ ହେଇ ଘର ଛାଡ଼ିଦେଲେ। ବାହାରେ ପ୍ରକୃତି ଆହୁରି ଭୟଙ୍କର। ଟିପ ଥୟ ହେଉ ନ ଥାଏ। ପବନର ଫୁତ୍କାର ଠେଲି ପକଉଥାଏ, ଭଉଁରି ଖେଳାଉଥାଏ। ରଡ଼୍ ରଡ଼୍ ମଡ଼୍ ମଡ଼୍ କରି ଭାଙ୍ଗି ପଡୁଥାଏ ଗଛ। ଆକାଶ ବତାସ ପାଣି ପବନ ସବୁ ଯେମିତି ଏକାକାର!

ବାଟସାରା ବିଛେଇ ହେଇ ପଡ଼ିଥାଏ ଗଛବୃଚ୍ଛ, କଣ୍ଟାଝଣ୍ଟା। କିଛି ଦେଖାଯାଉ ନ ଥିଲା ଅନ୍ଧାରରେ। ଶୁଭୁଥିଲା ହରିବୋଲ ଶବ୍ଦ। ଯେମିତି ହଜାର ହଜାର ଆକୁଳ କଣ୍ଠସ୍ୱର ଉଛୁଳି ପଡୁଥିଲା କୋଉଠି। ପବନ ଭସେଇ ନେଉଥାଏ ସେ ସ୍ୱର ଦୂରକୁ, ବହୁ ଦୂରକୁ। ଧନିଆ ଓ ସୁମି ପିଲାଙ୍କୁ ଧରି ବେଙ୍ଗଭଳି ଚାଲୁଥିଲେ ସେଇ ସ୍ୱରକୁ ଲକ୍ଷ୍ୟକରି।

ସେମାନେ କେଉଁଠି ପହଞ୍ଚିଲେ, କେମିତି ପହଞ୍ଚିଲେ ଜାଣି ପାରୁ ନ ଥିଲେ। କିନ୍ତୁ ପହଞ୍ଚି ଯାଇଥିଲେ ନିରାପଦ ଜାଗାରେ। ଗୋଟେ ଉଚ୍ଚ ପିଣ୍ଡାରେ ଚଢ଼ିସାରିଥିଲେ। ଅଣ୍ଟାଳି ଅଣ୍ଟାଳି କବାଟ ବାଡ଼େଇଥିଲେ। କବାଟ ଖୋଲିଥିଲା ଆସ୍ତେ ଆସ୍ତେ। ହାଉଜାଉ ଲୋକ ସେ ଘର ଭିତରେ। ପଶିଯା ପଶିଯା ବୋଲି ବିକଳରେ କହୁଥିଲା ଧନିଆ। ପବନର ଗୋଟେ ଧକ୍କା ପୂରେଇ ଦେଇଥିଲା ସେମାନଙ୍କୁ ଘର ଭିତରେ ଭିତରେ ଖୁନ୍ଦାଖୁନ୍ଦି ଲୋକ। କେହି କାହାକୁ ଚିହ୍ନୁ ନ ଥାଆନ୍ତି। ପାଟିରୁ ଯାହା ଠଉରାଇ ଥାଆନ୍ତି। ହରିବୋଲ ପକାଉଥାଆନ୍ତି।

ସୁମି ହଠାତ୍ କହିଲା- ପୁଅ କାଇଁ? ଗୋବିନ୍ଦାରେ...

- ଗୋବିନ୍ଦା ନାଇଁ? ରହିଗଲା କି ବାହାରେ? ଧରିଥିଲା ତ ମୋ ଅଣ୍ଟାକୁ! ଖୁବ୍ ଅସହାୟ ସ୍ୱରରେ କହିଲା ଧନିଆ। ଡାକ ଛାଡ଼ିଲା- ଗୋବିନ୍ଦାରେ... ଗୋବିନ୍ଦା...

ସେଇ ହାଉଜାଉ ଭିଡ଼ ଭିତରେ ଗୋବିନ୍ଦାର ସ୍ୱର ହଜିଯାଇଥିଲା। ଧନିଆ ପ୍ରାଣ ହାହାକାର କରି ଉଠୁଥିଲା- ମୋ ପୁଅ କାଇଁ... ମୋ ପୁଅ... ଗୋବିନ୍ଦାରେ...। ଭୋ ଭୋ କାନ୍ଦି ବାଡ଼େଇ ଛାତି ହଉଥିଲା ସେ। ବୋବାଳି ଛାଡୁଥିଲା। ବାହାରେ ରହିଗଲା କି ଆଉ!! ସେ ଏକ ଝଟକାରେ କବାଟ ଖୋଲି ବାହାରକୁ ପଳେଇ ଆସିଲା। ପବନର ଗୋଟେ ଦମ୍କା ପିଟିଦେଲା ତାକୁ କାନ୍ଥରେ। ସେ ପଡ଼ିଉଠି ପିଣ୍ଡା ଏମୁଣ୍ଡ ସେମୁଣ୍ଡ ଦରାଣ୍ଡି ପକଉଥିଲା ଅନ୍ଧାରରେ। ହଠାତ୍ ତା'ଗୋଡ଼ ଖସିଗଲା ତଳକୁ। ସେ ଯେମିତି ଗଳିପଡୁଥିଲା ପାତାଳ ଭିତରକୁ। ପଡ଼ିଯାଇଥିଲା ପବଳ ଆବର୍ତ୍ତ ଭିତରେ। ଭଉଁରି ଖାଉଥିଲା। ମୁଣ୍ଡ ଚକ୍କର କାଟୁଥିଲା। ସେ ବୁଡୁଥିଲା ଉଠୁଥିଲା। ପାଣି ତାକୁ ଭିଡ଼ିମୋଡ଼ି ଗଡ଼େଇ ପଡ଼େଇ ଘୋଷାରି ଆଣୁଥିଲା ତଳକୁ। ପୁଣି ଫୋପାଡ଼ି ଦେଉଥିଲା। ତାକୁ ଲାଗୁଥିଲା ସେ ଯେମିତି ପେଣ୍ଡୁଟିଏ ପାଲଟି ଯାଉଥିଲା। ସମୁଦ୍ର ଫୋପାଡ଼ି ଦେଉଥିଲା ଆକାଶକୁ, ଆକାଶ ଫୋପାଡ଼ି ଦେଉଥିଲା ସମୁଦ୍ରକୁ। ତା' ହଂସା ଉଡ଼ିଯାଉଥିଲା, ଆଖିରେ ନେସି ହେଇ ଯାଉଥିଲା ମେଞ୍ଚା ମେଞ୍ଚା ଅନ୍ଧାର।

ମୋ ପୁଅ... ଗୋବିନ୍ଦାରେ...। ଭୋ ଭୋ କାନ୍ଦି ବାଡ଼େଇ ଛାତି ହଉଥିଲା ସେ। ବୋବାଳି ଛାଡୁଥିଲା।

ଆଖି ଖୋଲିଲା ବେଳକୁ ସେ ଶୋଇଥିଲା ଗୋଟେ ଖଟରେ। ତମ୍ବୁ ଭିତରେ। ଘେରି ରହିଥିଲେ ପୁଳେ ଲୋକ। ଡାକ୍ତର ତାକୁ କ'ଣ ପଚାରୁଥିଲେ। କିଛି ମନେ ପଡୁ ନ ଥିଲା ତା'ର। ବୁଡ଼ିଯାଉଥିଲା ଚେତା। ତା'ପରେ ତାକୁ ସ୍ଥାନାନ୍ତର କରିଦେଲେ ବଡ଼ ମେଡ଼ିକାଲକୁ। ଏମିତି ସେ ସେଠି ରହିଲା ଛଅମାସ। ଚେତା ଆସେ ଚେତାଯାଏ। କିଛି ମନେପଡ଼େନା, ଭୁଲି ହେଇଯାଏ। କ୍ରମଶଃ ସେ ଫେରି ପାଇଲା ତା' ସ୍ମୃତିଶକ୍ତି। ମନେପଡ଼ିଲା ଗାଁ... ମନେପଡ଼ିଲା ସ୍ତ୍ରୀ ସୁମି... ମନେପଡ଼ିଲା ପୁଅ ଗୋବିନ୍ଦା। ପୁଣି ଆର୍ତ୍ତ ଚିତ୍କାରଟିଏ କଲା ଧନିଆ ଓ ଚେତା ହରେଇଲା...

ଡାକ୍ତରମାନେ ପୁଣି ଲାଗିଲେ। ସୁସ୍ଥ ହେବା ପରେ ସେ ଦିନେ କହିଲା- ଯାଉଚି ଗାଁକୁ।

- ଯାଇପାରିବୁ ତ?

- ହଁ ବାବୁ... ମୋର ଏବେ ସବୁ ମନେପଡୁଚି, ସବୁ। କେତେଦିନ ହେଲା ଆଜିକୁ ବାତ୍ୟା?

- ବର୍ଷେ...

- ବର୍ଷେ!! ଧନିଆ ହାହାକାର କରି ଉଠିଲା। ସେ କାଳରାତିର କରାଳ ଚିତ୍ର ଭାସି ଉଠିଲା ଆଖି ଆଗରେ। ମୋ ପରିବାର ଆଉ ଥିବ? ଥିବ ମୋ ସ୍ତ୍ରୀ, ମୋ ପିଲାଛୁଆ... ହେ ଭଗବାନ।

ଧନିଆ ଧପାଲୁଥିଲା। ପେଟ ଭୋକରେ କଅଁ କଅଁ ହଉଥିଲା। ଗୋଡ଼ ଅଣ୍ଟା ବଥା ଯେ କାହିଁରେ କ'ଣ!

ମନକୁ ବୁଝଉଥିଲା- କିଛି ହେଇ ନ ଥିବ। ସେଦିନ ତ ସେମାନେ ନିରାପଦରେ ଥିଲେ। ଘର ଭାଙ୍ଗି ଯାଇଥିବ। ସେ ପୁଣି ସଜାଡ଼ି ଦବନି? ଶୁଣୁଚି, କେତେ ରିଲିଫ ମିଳିଚି। ଘର ତିଆରି କରି ଦେଇଚି ସରକାର। ସୁମି, ମୋ ପୁଅ ଝିଅ ଭଲରେ ଥିବେ। ପୁଣି ଆଶଙ୍କାଟେ ପଶିଯାଉଚି ମନରେ। ଈଶ୍ୱରଙ୍କୁ ଡାକୁଚି ଆଉ ଧପାଳିଚି କେମିତି ପହଞ୍ଚିବି ଘର ପାଖରେ। ପହଞ୍ଚିଗଲେ ସୁମି କେତେ ଖୁସି ନ ହବ? ଛୁଆମାନେ କି କୋଳାହଳ ନ କରିବେ!

ଗାଁରେ ପହଞ୍ଚିଗଲା ଧନିଆ। ରାତି ଢେର ହେଲାଣି। ବିଜୁଳି ଲାଇନ୍ ଏଯାଏ ବୋଧେ ଠିକ୍ ହେଇପାରିନି। ଚାରିଆଡ଼େ ଅନ୍ଧାର। ନିଶୂନ। ସୋର ଶବ୍ଦ ନାଇଁ। କିଟିମିଟିଆ ଅନ୍ଧାରରେ

ଡୁବିଯାଇଚି ଗାଁ। କୋଉଠି କୋଉଠି ଶୁଭୁଚି କୁକୁର ଭୁକିବା ଶବ୍ଦ। ଧନିଆ ଭାବିଲା, ଭଲ ହେଇଚି। ଗାଁରେ ପହଞ୍ଚୁ ପହଞ୍ଚୁ ରାତି ହେଇଯାଇଚି। ସକାଳେ ସମସ୍ତଙ୍କୁ ତାଜୁବ୍ କରିଦେବ ସେ।

ଡିଅ ଚିହ୍ନିବାକୁ ଅସୁବିଧା ହେଲା ନାଇଁ। ସାତପୁରୁଷର ଭିଟାମାଟି। ସେ ମାଟି ସହ ତା'ର ଜନ୍ମଜନ୍ମାନ୍ତରର ସମ୍ପର୍କ। ଆପଣାଛାଏଁ ପରା ଟାଣିନବ। ରକ୍ତ ରକ୍ତକୁ ଟାଣିଲା ପରି। ହେଲେ ଡିଅ ଉପରେ ଗୋଟେ ଏକତାଲା କୋଠା! ନୂଆ। ସୁମି କ'ଣ ଘର କରି ଦେଇଚି? ନା କେହି ନ ଥିବାରୁ ଆଉ କିଏ ଘର କରି ପକେଇଚି? ସେ ସନ୍ଦେହମୁକ୍ତ ହବାକୁ ପୂର୍ବ ପଶ୍ଚିମ ଉତ୍ତର ଦକ୍ଷିଣ ହେଇ ଠିଆ ହେଲା ଓ ନିଶ୍ଚିତ ହେଇଗଲା ଯେ ସେ ଡିଅ ତା'ର। ହେଲେ ଘରଟି କା'ର। ଧନିଆ ପିଣ୍ଡାକୁ ଉଠିଲା। ଧିମା ଆଲୁଅ ଜଳୁଚି ଘର ଭିତରେ। ଭାବିଲା, ନାଃ... ବାଡ଼ିପଟକୁ ଯିବ। ଚୁପ୍‌ଚୁପ୍ ଦେଖିବ। ଯଦି ସୁମି ହେଇଥିବ ଚମକେଇ ଦବ...।



ବାଡ଼ିପଟକୁ ବୁଲିଯାଇ ଦେଖିଲା, ଫାଳେ ଝର୍କା ଖୋଲା ଅଛି। ଲଣ୍ଠନ ଜଳୁଚି ଜୁଲୁଜୁଲୁ। ଖଟ ଉପରେ କିଏ ଶୋଇଚି ଧଳା ଚାଦର ଘୋଡ଼ିହେଇ?

ଧନିଆ ଠକ୍ କରି ଆବାଜଟେ କଲା। ଟିକେ ଘୁଞ୍ଚିକି ଠିଆ ହେଲା- ଅନ୍ଧାରରେ। ଖଟ ଉପରୁ ଲୋକଟି ଓହ୍ଲେଇଲା। ଲଣ୍ଠନ ତେଜିଲା।

ଧନିଆ ଛାତି ଫାଟିଯିବ କି! ଆଖି ଫୁଟିଯିବ କି! ଭୋ ଭୋ କାନ୍ଦି ପକେଇବ କି; ଚିତ୍କାରଟିଏ କରି ପକେଇବ କି ଅତର୍ଚ୍ଛା? ଏ କି ବେଶ ସୁମିର / ଦେହରେ ଧଳା ଶାଢ଼ି, ହାତନଙ୍ଗଳା, କପାଳରେ ସିନ୍ଦୂର ନାଇଁ। ଦେଖାଯାଉଚି ସନ୍ନ୍ୟାସିନୀ ପରି। ତାକୁ ବିଧବା କଲା କିଏ? ହେ ଭଗବାନ! ଧନିଆ ଆଖିରୁ ଲୁହ ଗଡ଼ିପଡ଼ିଲା। ସେ ପୁଣି ଭାବିଲା ଓ ପ୍ରକୃତିସ୍ଥ ହେଲା।

ବାତ୍ୟା ପରେ ତା'ର ସନ୍ଧାନ ନ ପାଇ ସୁମି ବାଧ୍ୟ ହେଇଚି ବିଧବା ହେବା ପାଇଁ ବୋଧହୁଏ ସେ ଟିକିଏ ଚାପିଗଲା ସମାଜ ଭୟରେ।

ସୁମି ଚାରିଆଡ଼କୁ ଅନିଶା କଲା। ପୁଅକୁ ସିଧା ଶୁଆଇଲା। ଲଣ୍ଠନ କମେଇ ଦେଇ ଖଟକୁ ଉଠୁଚି ତ ଧନିଆ ଝର୍କା ପାଖକୁ ମୁହଁ ଲମ୍ବେଇ ଦେଇ ଡାକିଲା... ସୁମି... ସୁମି ଖଟରୁ କାଉଳି ବାଉଳି ହେଇ ଡେଇଁ ପଡ଼ିଲା। ଭୟରେ ଥରୁଥିଲା। ଲୁଗାରେ ମୁହଁ ଢାଙ୍କି ଚିତ୍କାରଟେ କରି ଉଠୁଥିଲା ତ ଧନିଆ ଧୀରେ ଧୀରେ କହିଲା- ସୁମି, ଡରନା ଲୋ। ମୁଁ... ମୁଁ ଧନିଆ। ତୋ ଗେରସ୍ତ। ହଁ, ଦେଖଲୋ., ମୁଁ ବଞ୍ଚିଚି... ମୁଁ ମରିନି... ଦେଖ ଦେଖ- ଡରନା... ଦେଖିଲୁ... ଚାହିଁଲୁ... ଆଖି ଫିଟା ବା...

ସୁମି ଆସ୍ତେ ଲୁଗା କାଢ଼ିଲା ଗୋଟେ ଆଖିରୁ। ତା'ପରେ ଦି' ଆଖିରୁ। ତା'ପରେ ତା' ଆଖିରୁ ଝରିଗଲା ଆଶା ଆଶଙ୍କା ବିଶ୍ୱାସ ଅବିଶ୍ୱାସର ଅବିରତ ଲୁହ। ସେ ଝପଟି ଆସିଲା ଝର୍କା ପାଖକୁ। ଚାହିଁଲା ଡବଡବକି। ଛୁଇଁଲା ଧନିଆର ହାତ, ହାତରୁ ବାହୁ, ବାହୁରୁ ମୁହଁ ପର୍ଯ୍ୟନ୍ତ ହାତ ଲମ୍ବେଇ ଆଉଁଶିଲା... ପରଖିଲା ଆଉ ସେଇ ରେଲିଂ ଦେହରେ ମୁଣ୍ଡଟାକୁ ଢୋ କରି ପିଟିଦେଇ କାନ୍ଦି ଉଠିଲା। ଧନିଆ ତା' ଆଖିରୁ ଲୁହ ପୋଛିଲା, ତା ମୁଣ୍ଡ ଆଉଁଶିଲା। ତା' ଜୀବନରେ ଘଟିଥିବା ଘଟଣା ସବୁ କହିଗଲା ଠିକେ ଠିକେ। ପଚାରିଲା- ଗୋବିନ୍ଦା ଅଛି ତ... ନଖି କାଇଁ? ସାନ ବୋଧେ ଶୋଇଚି ଖଟରେ।

ସୁମି ଲୁହ ପୋଛି ପୋଛି କହିଲା- ସମସ୍ତେ ଅଛନ୍ତି। ଗୋବିନ୍ଦା ସେଦିନ ସେଇ ଘରେ ଥିଲା। ବର୍ଷା ମାଡ଼ଖାଇ କାତିରି ଯାଇଥିଲା। ଭୟରେ ଜଡ଼ସଡ଼ ହେଇ ମୁଉକୁ ହେଇଯାଇଥିଲା। ତମେ ଜାଣିପାରିଲ ନାହିଁ କି ମୁଁ ଜାଣିପାରିଲି ନାହିଁ। ଆଲୁଅ ତ ନ ଥିଲା। ତମେ ବାହାରକୁ ଗଲା ପରେ ଜଣାଗଲା ଗୋବିନ୍ଦା ଘର ଭିତରେ ଅଛି। କିନ୍ତୁ ତୁମକୁ ଖୋଜିବାକୁ କେତେ ନେହୁରା ହେଇଚି, କେତେ କାନ୍ଦିଚି, କେହି ଶୁଣିଲେନି। ତମେ କୁଆଡ଼େ ହଜିଗଲ?

ଧନିଆ ଆଶ୍ୱାସନା ଦେଲା- ଛାଡ଼, ଯାହା ଭାଗ୍ୟରେ ଥିଲା ହେଇଗଲା। ଏବେ ଆମକୁ କେହି ଆଉ ଅଲଗା କରିପାରିବେନି। ବୁଝିଲୁ? କହିଲୁ, ଗୋବିନ୍ଦା କାଇଁ... ନଖି...

କାଇଁ ?

ସୁମି କହିଲା– ଗୋବିନ୍ଦା ରହି ପଢୁଚି ସହରରେ। ଗୋଟେ ସଂସ୍ଥା ବାପା ମାଆ ଛେଉଣ୍ଡ ପିଲାମାନଙ୍କ ରହିବା, ପିଇବା, ପଢ଼ିବା ବ୍ୟବସ୍ଥା କରିଚନ୍ତି ମାଗଣାରେ। ସେ ସେଇଠି ରହି ପଢୁଚି। ପୂଜା ଛୁଟିରେ ଆସିଥିଲା। ଦଶରା ପରେ ପଳେଇଚି। ଆଉ ନଖି ସେ ଘରେ ଶୋଇଚି। ରାତିରେ ପଢୁଚି। ଦିନରେ ସିଲେଇ ଶିଖୁଚି। ମିଳିଚି ଗୋଟିଏ ସିଲେଇ ମେସିନ ଅନାଥ ଛୁଆ ବୋଲି।

ଧନିଆ ଛାତି ଫାଟିଯାଉଥିଲା। ବାପ ଥାଉ ଥାଉ ଆଜି ଗୋବିନ୍ଦା ବାପଛେଉଣ୍ଡ! ରହୁଚି ଅନାଥାଶ୍ରମରେ! ହାୟରେ ଭଗବାନ!

ସେ ଟିକେ ଶାନ୍ତ ହେଇ କହିଲା, ହଉ, କବାଟ ଖୋଲ...

ସୁମି ଆନନ୍ଦ ବିହ୍ୱଳତା ଭିତରେ କବାଟ ଖୋଲିବା ପାଇଁ ଭୁଲି ଯାଇଥିଲା। ସେ ଝପଟି ଯାଉଥିଲା କବାଟ ଖୋଲିବା ପାଇଁ ପଡ଼ିଗଲା ଗୋଟେ ଦ୍ୱନ୍ଦ୍ୱରେ। ଫେରି ଆସିଲା ପୁଣି ଝର୍କା ପାଖକୁ। ଯାଇ ଲଣ୍ଠନ ପୂରା ଦାବି ଦେଇ ଆସିଲା। କହିଲା– ମୁଁ ଏବେ କ'ଣ କରିବି କିଛି ଠିକ୍ କରିପାରୁ ନାହିଁ। ତମେ ବଞ୍ଚିଗଲେ ବି ସମସ୍ତଙ୍କ ଦୃଷ୍ଟିରେ ତମେ... ମୁଁ ବିଧବା। ସରକାରଙ୍କ ମୃତ ତାଲିକାରେ ତମ ନାଆଁ ଲେଖା ହେଇଚି। ମୋତେ ମିଳିଚି ଟଙ୍କା। ଅସହାୟା ବିଧବା ଭତ୍ତା ମିଳୁଚି। ବି.ପି.ଏଲ୍. ଲିଷ୍ଟରେ ମାସକୁ ମିଳୁଚି ଚାଉଳ। ବିଧବା ବୋଲି ଛୋଟ ଛୋଟ ଛୁଆ ବୋଲି, ସରପଞ୍ଚ ଆଉ ବି.ଡି.ଓ ଦୟାକରି କରିଦେଇଚନ୍ତି ଏ ଘର।

ଗୋବିନ୍ଦା ମାଗଣାରେ ପଢୁଚି। ଏବେ ତମେ ଫେରି ଆସିଲ। ତମକୁ ପାଇ ମୁଁ ସିନା ସଧବା ହେବି, ହେଲେ କ'ଣ ହବ ଛୁଆଙ୍କ ଅବସ୍ଥା? ଗୋବିନ୍ଦା ଆଉ ପାଠ ପଢ଼ିପାରିବ? ଘରଭଙ୍ଗା ମିଳିଥିଲା ସାଢ଼େ ତିନି ହଜାର। ତାକୁ ରଖିଦେଇଚି ବ୍ୟାଙ୍କରେ। ଆହୁରି କେତେ କୁଆଡୁ ଟଙ୍କା ଦଉଚନ୍ତି। ସବୁ ସାଇତି ଦେଇଚି ବ୍ୟାଙ୍କରେ। ନଖିକି ପୁଣି ହାତକୁ ଦି' ହାତ କରିବାକୁ ହବ। ଏବେ ତମେ ଫେରି ଆସିବା ଜାଣି ଯଦି ସେମାନେ ଫେରେଇ ନେବେ ସବୁ? ପୁଅକୁ ଯଦି ଫେରେଇଦେବେ ଇସ୍କୁଲରୁ? ତମେ କ'ଣ ମୂଲ ମଜୁରି ଲାଗି ତୁଲେଇପାରିବ ଏତେ ସବୁ? କ'ଣ କରିବା? ବିଧବାରୁ ସଧବା ହେଇ ମୁଁ ସିନା ତମକୁ ଫେରି ପାଇବି, ଫେରି ପାଇବି ମୋ କାଚ ସିନ୍ଦୂର। ହେଲେ ପିଲାଙ୍କ ଭବିଷ୍ୟତ ଅନ୍ଧାର ହେଇଯିବ। ତମେ ଏ ଗାଁ କଥା ତ ଜାଣ। ଶାଗଖିଆକୁ ପେଯଖିଆ ଦେଖିପାରେନି। ପୁଣି ବାତ୍ୟା ପରେ ହେଇଯାଇଚନ୍ତି ଆହୁରି ରଣପୁଆ। ସବୁ ମାରିପିଟି ଖାଇଯିବାକୁ ହଉଚନ୍ତି ଖାଁ ଖାଁ। ତମକୁ ଦେଖିଲାପରେ ଯଦି ଫେରେଇ ନବାକୁ ଷଡ଼ଯନ୍ତ୍ର କରନ୍ତି ସବୁ, କ'ଣ ହବ ଆମ ଅବସ୍ଥା?

ଧନିଆ କାଠ ହେଇଯାଇଥିଲା। ସୁମି ତାକୁ ହଲେଇ ଦେଇ କହିଲା– କ'ଣ କିଛି କହୁନା କାହିଁକି? ମୁଁ କ'ଣ ଭୁଲ କହୁଚି?

ଧନିଆର କଣ୍ଠ ରୁଦ୍ଧ ହେଇଯାଇଥିଲା। ଲୁହ କୋହ ତାକୁ ତଳିତଳାନ୍ତ କରି ପକାଉଥିଲେ। କହିଲା– ତୁ କ'ଣ କେବେ ଭୁଲ କହିପାରୁ ସୁମି? ତୁ ଠିକ୍ କହୁଚୁ। ଏକବାରେ ଠିକ୍।

**ସୁମି ତାକୁ ହଲେଇ ଦେଇ କହିଲା– କ'ଣ କିଛି କହୁନା କାହିଁକି? ମୁଁ କ'ଣ ଭୁଲ କହୁଚି?**

ହଉ ହେଲା, ମତେ ଟିକେ ଛୁଆଙ୍କୁ ଦେଖେଇବୁନି?

ନାଇଁ ନାଇଁ... ଯଦି ତାଙ୍କ ନିଦ ଭାଙ୍ଗିଗଲା କ'ଣ କହିବି? ନଖି ତ ଚିହ୍ନି ପକେଇବ। 'ବାପା' କହିଲେ ସର୍ବନାଶ। 'ଭୂତ' କହିଲେ ସବୁବେଳେ ଛାନିଆ ହବ। ଆଉ କିଛି ନ କହିଲେ ସନ୍ଦେହ କରି ବସିବ। ଛୁଆମାନେ ଯାହା ଜାଣିଚନ୍ତି ସେୟା ଜାଣିଥାଆନ୍ତୁ... ତମେ ବରଂ...

ଧନିଆର କହିବାକୁ ନ ଥିଲା କିଛି। ଶୂନ୍ୟ ଦୃଷ୍ଟିରେ ଖୁବ୍ ଭାରାକ୍ରାନ୍ତ ଆଖିନେଇ ସେ ଆକାଶକୁ ଚାହିଁଲା। ପକ୍ଷାନ୍ତର ଜହ୍ନଟା କଳାବାଦଲ ଭିତରକୁ ପଶିପଶି ଯାଉଚି। ଦୂରରୁ କୁମ୍ଭାଟୁଆ ରାବ ଶୁଭିଲା। କିଆବୁଦାରୁ ଶିଆଳ ଡାକ ଛାଡ଼ିଲା।

ସୁମି ଚୁପ୍ କରି କହିଲା– ରାତି ପାହି ଆସୁଚି...

ଧନିଆ ଛଟକରି ଚମକି ପଡ଼ି କହିଲା– ହଁ ହଁ...

ତା'ପରେ ଧାଁ ଧାଁ ଧପାଲୁଥିଲା ଧନିଆ। ରାତି ପାହିବା ପୂର୍ବରୁ ଏ ଗାଁ ଠୁ ତା'ର ବହୁ ଦୂରକୁ ଚାଲିଯିବା ଦରକାର... ଖୁବ୍ ଦୂରକୁ।

□□

ଲେଖକଙ୍କ ଇ-ମେଲ ଠିକଣା:
rabipanda97@gmail.com

**ରମ୍ୟ ରଚନା**

# ସୁସୁ ଆଗତମ୍



ବୈଷ୍ଣବ ଚରଣ ମହାନ୍ତି

ଆମ ଓଡ଼ିଆରେ ଗୋଟାଏ ଢଗ ଅଛି- "କଥା କୋଉ ମାରଗରେ ଯାଉଛି, ଦାରୁ ଗଛକୁ ଚଡ଼କ ମାରିଲେ, ଦୁବ ଗଛ ଜଳି ଯାଉଛି।" ବାତ୍ୟା ସତର୍କତା ଭଳି ଏଠି ପାଠକମାନଙ୍କୁ ସତର୍କ କରି ଦିଆଯାଉଛି ଯେ ବାତ୍ୟା ତା' ଗତିପଥ ବଦଳାଇ ଓଡ଼ିଶା ଉପକୂଳରୁ ଚେନ୍ନାଇ ଉପକୂଳକୁ ଯାଇପାରେ ବା ବଙ୍ଗଳା ଦେଶ ଆଡ଼କୁ ମୁହାଁଇ ପାରେ, ସେ କଥାର ଆମେ ସହଜରେ ପୂର୍ବାନୁମାନ କରି ନ ପାରିବା ଭଳି, ପାଠକେ ବି ଏଠି ସହଜରେ ଠଉର କରି ପାରିବେନି ଲେଖାର ଗତି କୁଆଡ଼କୁ ଯାଉଛି, କଲମର କଣ୍ଟା କୋଉଠି କେଞ୍ଚୁଛି।

ଆନ୍ଦୋଳନପ୍ରବଣ ବିଭିନ୍ନ ସଙ୍ଘ ଓ ସଂଗଠନସବୁ ବର୍ଷକୁ ବାରଥର 'ଭୁବନେଶ୍ୱର ଚାଲ' କରୁଥିବା ଭଳି ଏ ବାତ୍ୟା ବି ହୁଏତ ସେମାନଙ୍କଠୁ ଶିଖି ବର୍ଷକୁ ବହୁବାର 'ଓଡ଼ିଶା ଚାଲ' କରୁଛି। ଅଗନା ଅଗାଧ ସମୁଦ୍ର ମଝିରୁ ଆସି ଜଳଭାଗ ଅତିକ୍ରମି ଝଡ଼ବାତ୍ୟା ଯେତେବେଳେ ସ୍ଥଳଭାଗରେ ପ୍ରବେଶ କରେ, ତାକୁ ଆଜିକାଲି ଆମ ଓଡ଼ିଆଶବ୍ଦଗରିବ ମାଗିକୁହା ଗଣମାଧ୍ୟମିଆମାନେ କହୁଛନ୍ତି ବାତ୍ୟା 'ଲ୍ୟାଣ୍ଡଫଲ୍' କରିବ। 'ରାମସ୍ୟ ଈଶ୍ୱରଃ ରାମେଶ୍ୱରଃ' ନା 'ରାମ ଯଶ୍ୟ ଈଶ୍ୱରଃ ରାମେଶ୍ୱରଃ'- ଉଭୟ ଶ୍ରୀରାମ ଓ ମହାଦେବ ଶିବଶଙ୍କର ଆପଣା ଆପଣା ଢଙ୍ଗରେ 'ରାମେଶ୍ୱର'ର ଅର୍ଥ କାଢ଼ିବା ଭଳି ଇଙ୍ଗ୍ରାଜୀଅଜ୍ଞାନ ଓଡ଼ିଆମାନେ ଏ 'ଲ୍ୟାଣ୍ଡଫଲ୍'ର ଅର୍ଥ ସହଜରେ ସମଝି ପାରନ୍ତି ନାହିଁ- ଲ୍ୟାଣ୍ଡ୍‌ରେ ଫଲ୍ କରେ ନା ଲ୍ୟାଣ୍ଡ୍‌ଟା ଫଲ୍ କରେ?



**ସୁ ସୁ ବାତ୍ୟା**

ସେ ଯାହା ହେଉନା କାହିଁକି ନବବଧୂ ଗୃହ ପ୍ରବେଶ ବେଳେ ନିରବରେ ପଦପାତ କରି ଧୀରମନ୍ଥର ଗତିରେ ଆସେ ସିନା, ବାତ୍ୟା କିନ୍ତୁ ଆସେ ଝଡ଼ ବେଗରେ ଆତଙ୍କ ଆଣି। ପ୍ରବଳ ବେଗରେ ପବନ ସହ ବର୍ଷା ହେଲେ ଆମେ କହୁ ଝଡ଼ବର୍ଷା ବା ଝଡ଼ବାତ୍ୟା; କହୁ ଘୂର୍ଣ୍ଣିଝଡ଼, କେବଳ ଝଡ଼ ବି କହୁ। ସୁ ସୁ ଶବ୍ଦ କରି ଆଗତପ୍ରାୟ ବାତ୍ୟା ବେଗବାନ୍ ଝଡ଼ର ପୂର୍ବ ସୂଚନା ଦିଏ। ତା' ପରେପରେ ବେଗ ଧାରଣ କରି ନ ପାରି ବର୍ଷା ବର୍ଷିଯାଏ ବିଭସ୍ତ ବିପ୍ଳାତ ଘଟାଇ। ସାଧାରଣତଃ ଆମେ ଅତର୍ଛ ଝାଡ଼ା ବା ପରିସ୍ରା ଲାଗିଲେ ତାକୁ ଚାପି ରଖିବା ଅର୍ଥରେ 'ବେଗଧାରଣ' ପ୍ରୟୋଗ କରୁ। ବହୁମୂତ୍ର ରୋଗୀ ବା ଯେଉଁମାନଙ୍କର ପ୍ରୋଷ୍ଟେଟ୍ ଗ୍ଲାଣ୍ଡ ବଢ଼ିଥାଏ ସେମାନେ ବେଗଧାରଣ କରି ନ ପାରି ବାରମ୍ବାର 'ସୁସୁ' କରିଥା'ନ୍ତି। ତା' ଛଡ଼ା ଅସମର୍ଥ କଅଁଳା କୁନିପିଲାଟି ବିଛଣା ଓଦା କରିଦେଲେ ଆଜିକାଲି ସମସ୍ତେ କହୁଛନ୍ତି- "ଆରେ, ଆରେ, କୁନିଟା ସୁସୁ କରିଦେଲା"। ଏ 'ସୁସୁ' ଶବ୍ଦଟି କୋଉଠୁ ଆସିଲା? 'ସୁସୁ' କୋଉଠୁ ଆମଦାନୀ ହେଇ ଆମ ଓଡ଼ିଆ ଭାଷାଭୂମି ସ୍ପର୍ଶକଲା ତା'ର ତିଥି ବାର ଠିକଣା କେହି ରଖିନି। ଆମେ ତ ଆଗରୁ କହୁଥିଲୁ ଛୁଆଟା 'ମୂତିଦେଲା' ବା 'ଏକ କରିଦେଲା' ବୋଲି; ଏବେ ସହର କାହିଁକି, ଗାଆଁରେ ବି କହିଲେଣି 'ସୁସୁ କରିଦେଲା' ବୋଲି। ବାହାରୁ ଆମଦାନୀ ହେଉଥିବା ତଟକା ତଟକା ଶବ୍ଦ ସବୁ ସହରୀବାବୁମାନଙ୍କ ପାଟିର ପରିଧିରୁ ଗାଆଁ ଆଡ଼କୁ ପହଁରି ଯାଉଥିବାରୁ ଗାଆଁରେ ବି ଛୁଆ ମୂତିଲେ, ଏମିତିକି ବଡ଼ମାନେ ମୂତିଲେ ବି 'ସୁସୁ କରୁଛି' ବୋଲି କହୁଛନ୍ତି।

'ମୂତିବା ବା ହଗିବା' ଭଳି ଶବ୍ଦ ଦୁଇଟାକୁ ଏବେ ଆମେ ଅଶ୍ଳୀଳ କହି ଅଳିଆଗଦାକୁ ଫିଙ୍ଗି ସାରିଲୁଣି; ଏମିତି କି ମୂତିବା ବା ହଗିବା ତ ଦୂରର କଥା ଏ ଶବ୍ଦ ଦୁଇଟା ଉଚ୍ଚାରଣ କଲେ

ବି ଆଜିକାଲିର ନବ୍ୟସଭ୍ୟ ସହରୀମାନଙ୍କର ସୁନ୍ଦର ନାକଟିମାନ ଅବିଳମ୍ବେ ଟେକି ହୋଇ ଯାଉଛି। ଅଥଚ ଆଜି ପ୍ରେମିକ ପ୍ରେମିକାମାନେ 'ହଗ୍ ଡ଼େ' ପାଳନ କରୁଛନ୍ତି ଏବଂ ବିଭିନ୍ନ ପାର୍କରେ ଖୋଲାଖୋଲି ପରସ୍ପରକୁ 'ହଗ୍ କରୁଛନ୍ତି' । ବିଦେଶାଗତ ଏକ ଯୁବଦମ୍ପତି ସର୍ବ ସମକ୍ଷରେ ପରସ୍ପରକୁ ଆଲିଙ୍ଗନ କରିବା କଥାଟାକୁ ଗାଆଁଟା ସାରା ନାପସନ୍ଦ କଲେ ଏବଂ କଥାଟା ଯାଇ ତାଙ୍କ ବୁଢ଼ୀମା' ଶ୍ରୀମତୀ ଚମ୍ପାବତୀ ଓରଫ ଚମ୍ପୀବୁଢ଼ୀ ପାଖରେ ପହଞ୍ଚିଲା। ବୁଢ଼ୀ ନାତିକି କହିଲା- "ଇରେ ଯୋଗୀ! ତୋ ଗୋରୀ ଭାରିଯା କୁଆଡ଼େ ତୋ ଉପରେ ହଗୁଛି ?" କଅଁଳା ପିଲା ବିଛଣାରେ ହଗିବ ବୋଲି ଆଜିକାଲି ବଜାରରେ ହଗିସ୍ ମିଳୁଛି, ତାକୁ କିଣିଆଣି ପିଲାକୁ ପିନ୍ଧାଇ ଦିଆଯାଉଛି। ଆଧୁନିକାମାନେ ପୁରୁଷମାନଙ୍କ ଭଳି ଠିଆ ହୋଇ ସୁସୁ କରିବାକୁ ଏକ ଉପକରଣ ବି ବାହାରିଲାଣି, 'ଯାହାକୁ ୟୁରିନେସନ୍ ଡିଭାଇସ୍' କୁହାଯାଉଛି । ଆମାଜନ୍‌ରେ ମଗେଇଲେ ଏହା ମଧ୍ୟ ମିଳୁଛି । ଏହାକୁ ଇଂରାଜିରେ ସଂକ୍ଷେପରେ ୟୁ.ଡ଼ି. କୁହାଯାଉଛି । ଏହାର ଓଡ଼ିଆ ପ୍ରତିଶବ୍ଦ ଏପର୍ଯ୍ୟନ୍ତ ହୋଇନାହିଁ, ଏହାର ଓଡ଼ିଆ ହୁଏତ ନିଶ୍ଚୟ ହଗିସ୍ ଭଳି 'ମୂତିସ୍' ଦିଆଯିବାଟା ଠିକ୍ ହେବ । ମୂତିସ୍ ଶବ୍ଦଟା ଠିକ୍ ହେବ ବା ନ ହେବ ପଛ କଥା, ବର୍ତ୍ତମାନ ବଡ଼ କଥା ହେଲାଣି ରାଜଧାନୀରେ ମୂତିବାକୁ ଜାଗା ନ ମିଳିବାରୁ ଲୋକେ ରାସ୍ତାଘାଟ ମୂତି ବୁଡ଼େଇଲେଣି। ଏ କଥା ମଧ୍ୟ ଖବର କାଗଜରେ ବାହାରି ରାଜ୍ୟସାରା ଡିବିଡିବି ବାଜିଲାଣି।

**ରାଜଧାନୀର ଲଜ୍ଜା**

୨୦୨୩ ମସିହା ଡିସେମ୍ବର ୦୯ ତାରିଖ 'ସମ୍ବାଦ'ର 'ମହାନଗର' ପ୍ରକରଣରେ ପୂର୍ଣ୍ଣପୃଷ୍ଠାରେ ପ୍ରକାଶିତ ପ୍ରିୟଙ୍କା ରାୟଙ୍କ ଲେଖାର ଶୀର୍ଷକ ଓ ଉପଶୀର୍ଷକ ହେଉଛି- "ରାଜଧାନୀର... ଏକ ଲଜ୍ଜା... କେବେ ସ୍ମାର୍ଟ ହେବ ଭୁବନେଶ୍ୱର... ହାଟରେ ଅଚଳ ପରିସ୍ରାଗାର... ମଣ୍ଡପ ଓ ମଇଦାନରେ ଅଗ୍ନିନିର୍ବାପକ ଭଳି ଟଏଲେଟ୍ ବାଧ୍ୟତାମୂଳକ କେବେ ?" - ଏଥିସହିତ 'ମାଷ୍ଟର କ୍ୟାଣ୍ଟିନ୍‌ରେ ସକାଳ' ନିମ୍ନକରେ ଏକ ସମବେତ ସୁସୁକରଣ ବା ସମୂହ ମୂତ୍ରଦାନର ସୁନ୍ଦର ଚିତ୍ର।

ଆମ ଲୋକଙ୍କ ଗୋଟାଏ ପ୍ରକୃତି ହେଉଛି ଯୋଉ କଥାକୁ ତମେ ବାରଣ କରିବ, ସେମାନେ ସେଇ କଥା ବା କାମକୁ ଯତ୍ନନିଏ କରିବେ। ଲେଖା ହୋଇଥିବ "ଏଠାରେ ପାନଛେପ ପକାଇବା ମନା"; ସେଇଠି ପାନୁଆମାନେ ଛେପ ପକେଇ ଅରାଟାଯାକ ଜାଗା ଭିଜେଇଥିବେ। ଗୋଟାଏ ବିଲୁଆ ଭୁକିଲେ ପଲଟାଯାକ ବିଲୁଆ ଭୁକିଲା ଭଳି, ଜଣେ ସୁସୁ କରିବାକୁ ବାହାରିଲେ ଆହୁରି ପାଞ୍ଚଜଣ ବାହାରି ପଡ଼ନ୍ତି; ଏହା ଏକ ସଂକ୍ରାମକ ପ୍ରବୃତ୍ତି ଆଉ ପ୍ରକୃତି।

ରାସ୍ତାକଡ଼ରେ ଘରକରି ରହୁଥିବା ଜଣେ ବଙ୍ଗାଳୀ ଭଦ୍ରଲୋକ ତାଙ୍କ ଦିଆଲ କାନ୍ଥରେ କାଳେ କିଏ ମୂତା ଆରମ୍ଭ କରିଦେବ ଭାବି "ଏଖାନେ ପିସାବ କର୍‌ବୋ ନା, କର୍‌ଲେ ଦଣ୍ଡିତ ହବେ" ବୋଲି ବଡ଼ବଡ଼ ଅକ୍ଷରରେ ଲେଖି ଏକ ବୋର୍ଡ଼ ଟାଙ୍ଗିଦେଲେ। ବସ୍‌ରେ 'ନିଜ ଜିନିଷ ନିଜ ଦାୟିତ୍ୱରେ ରଖନ୍ତୁ, ହଜିଲେ କମ୍ପାନି ଦାୟୀ ନୁହେଁ' ବୋଲି ଲେଖାଥିବାର ଦେଖାଯାଏ। ଏକଥା ବି ଦେଖାଯାଏ ଯେ କେତେକ ଅତିବୁଦ୍ଧିଆ ବାଲୁଙ୍ଗା ଯାତ୍ରୀ କେତେବେଳେ ସୁବିଧା ଦେଖି 'ଜିନିଷ'ରୁ 'ଜି'ଟାକୁ ଆଙ୍ଗୁଠି ନିଭେଇ ଦେଇଥାନ୍ତି। ଏଣୁ ଲେଖାଥାଏ "ନିଜ ନିଷ ନିଜ ଦାୟିତ୍ୱରେ ରଖନ୍ତୁ, ହଜିଲେ କମ୍ପାନି ଦାୟୀ ନୁହେଁ'। ଏଇ 'ନିଷ'ଟାକୁ ଯାତ୍ରୀମାନେ 'ନିଶ' ଅର୍ଥରେ ବୁଝନ୍ତି ଏବଂ ବେଳେବେଳେ ଏହାକୁ ନେଇ ହସର ଏକ ମୃଦୁ ଗୁଞ୍ଜରଣ ଯାତ୍ରୀମାନଙ୍କ ଭିତରେ ଖେଳିଯାଏ। ନିଶୁଆ ନିଶବନ୍ତ ଯାତ୍ରୀଜଣେ ସେଇ ଲେଖା ଆଡ଼କୁ ଚାହିଁ ନିଜ ନିଶରେ ହାତ ମାରି ଅଛି କି ନାହିଁ ପରଖି ବସିଲେ ହସଟା ବିସ୍ଫୋରକ ରୂପନିଏ। ଏଠି କିନ୍ତୁ ସେଇ ବଙ୍ଗାଳୀ ଭଦ୍ରଲୋକଙ୍କ କେହି ଜଣେ ସବୁଦିନିଆ ଶତ୍ରୁ ତାଙ୍କ ଲିଖିତ ବିଜ୍ଞାପନ ବୋର୍ଡରେ ଥିବା ଗୋଟାଏ କମା(,)କୁ 'ନା,'ଡାହାଣରୁ ଉଠେଇ ଆଣି ପୂର୍ବ ଶବ୍ଦ 'କର୍‌ବୋ' ଡାହାଣ ପଟେ ବସେଇ ଦେଲେ; ଫଳରେ ସେଇ ବିଜ୍ଞାପନ ବୋର୍ଡ଼ର ଲେଖାଟାର ଅର୍ଥ ସମ୍ପୂର୍ଣ୍ଣ ବଦଳିଗଲା- "ଏଖାନେ ପିସାବ କର୍‌ବୋ, ନା କର୍‌ଲେ ଦଣ୍ଡିତ ହବେ" ହୋଇଗଲା। ସେ ବାଟ ଦେଇ ଯାଉଥିବା ସମସ୍ତ ପଥଚାରୀ ଦଣ୍ଡିତ ହେବା ଭୟରେ ମୂତ ନ ମାଡୁଥିଲେ ବି

**ଆମ ଲୋକଙ୍କ ଗୋଟାଏ ପ୍ରକୃତି ହେଉଛି ଯୋଉ କଥାକୁ ତମେ ବାରଣ କରିବ, ସେମାନେ ସେଇ କଥା ବା କାମକୁ ଯତ୍ନନିଏ କରିବେ।**

କୁନ୍ଥେଇ ମୁନ୍ଥେଇ ଟୋପାଏ ଟୋପାଏ ମୂତ୍ରଦାନ କରିଯିବାରୁ ସେଠି ଗୋଟାଏ ମୂତର ମହାନଦୀ ସୃଷ୍ଟି ହେଇଗଲା।

**ଛାନ୍‌ଭିନ୍**

ଏଠି ତେବେ ମାଷ୍ଟର କ୍ୟାଣ୍ଟିନ୍ ଛକରେ ସେମିତି କିଛି ଗୋଟାଏ ବିଜ୍ଞାପନ ବୋର୍ଡ଼ ‘ଏଠାରେ ପରିସ୍ରା କରିବ ନାହିଁ, କଲେ ଦଣ୍ଡିତ ହେବ’ ବୋଲି ଥିଲା କି ନାହିଁ ତାହା ଆମ ଆଧୁନିକ ଗଣମାଧ୍ୟମିଆ ଭାଷାରେ ‘ଛାନ୍‌ଭିନ୍’ କରି ‘ପର୍ଦ୍ଦାଫାସ୍’ କରିବା ଦରକାର ଯେ କାହିଁକି ସକାଳ ପହରଟାରେ ଏତେଗୁଡ଼ାଏ ଲୋକ ସମୂହ ମୂତ୍ରଦାନରେ ଯୋଗଦେଲେ ? ହୁଏତ ସେମିତି ଏକ ଲେଖାକୁ କେହି ଖଣ୍ଡନମଣ୍ଡନ କରି ରଖିଦେଇଛି କି ‘ଏଠାରେ ପରିସ୍ରା କରିବ, ନ କଲେ ଦଣ୍ଡିତ ହେବ’ ? ଦଣ୍ଡ ଭୟରେ ଲୋକ ବାଧ୍ୟ ହେଇ ମୂତ୍ରଦାନ କରିଛନ୍ତି। ଏଠି ଏ ‘ମୂତ୍ରଦାନ’ ଶବ୍ଦଟା ବି ସେମିତି ଏକ ଭାଷାର ଭେଳିକି, ସେମିତି ଏକ ଭୁଲ୍‌ରୁ ଜନ୍ମ ନେଇ  ଅର୍ଥକୁ ଅନର୍ଥ ତ ନୁହଁ କଦର୍ଥ କରୁଛି ବୋଲି କୁହାଯାଇ ପାରେ। ବାଘ ଜାଗାରେ ବିଲେଇ ଦେଖାଇବା ନ୍ୟାୟରେ ଆମର ପିଣ୍ଡଶ୍ରାଦ୍ଧରେ, ପୂଜାଉଜାରେ ପୁରୋହିତ ଗୋସେଇଁ ‘ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍’ ପଢ଼ି ଲୁଗା ଜାଗାରେ ସୂତା ଖଣ୍ଡେ ଦେଇ ପୂଜା ବଢ଼େଇ ଦିଅନ୍ତି। କେହି ଜଣେ ପୁରୋହିତ ଗୋସେଇଁ ଯୋଉ ହାତଲେଖା ପୋଥିରୁ ପୂଜାମନ୍ତ୍ର ପଢ଼ି ଘୋଷି ଶିଖିଥିଲେ ସେଥିରେ ଲେଖନକାର ଲେଖିଲା ବେଳେ ‘ସ’ ତଳେ ଗାରଟା ଭୁଲ୍‌ରେ ଛାଡ଼ି ଯାଇଥିବାରୁ ‘ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍’ଟା ‘ବସ୍ତ୍ରାଭାବେ ମୂତ୍ରଂ ଦଦ୍ୟାତ୍’ ହେଇଯାଇଥିଲା। ଏହା ‘ମୂତ୍ରଂ ଦଦ୍ୟାତ୍’ ନୁହେଁ ‘ସୂତ୍ରଂ ଦଦ୍ୟାତ୍’ ବୋଲି ଜଜମାନ ଯେତେ କହିଲେ ବି ଅଧାପାଠୁଆ ପୁରୋହିତେ ଅଡ଼ିବସିଲେ, ମୁଁ ପଢ଼ିଛି ‘ମୂତ୍ରଦାନ’, ତମେ ବାବୁ ବେଶି ପଣ୍ଡିତପଣିଆ ନ ଦେଖେଇ ଗଲ। ଯାଅ। ପୂଜାସ୍ଥାନରୁ ଉଠିଯାଇ ବାଡ଼ିଆଡ଼େ ଟିକେ ମୂତ୍ରଦାନ କରି ଆସ।”



ଓଡ଼ିଆରେ ଗୋଟାଏ କଥା ଅଛି- ‘ଅତି ସଂସ୍କୃତରେ ପୁଅ ନାଆଁ ବାଣ୍ଟୁଦେବ’ । ଅତି ଇଂରାଜିପଢ଼ୁଆ ବୋଲି ଦେଖେଇ ହେବାକୁ ଯାଇ ଆମ ଗଣମାଧ୍ୟମିଆ ବାବୁ ଓ ବାବୁଆଣୀମାନେ ଆମ ଓଡ଼ିଆ ଶବ୍ଦସବୁ ବ୍ୟୟ କରିସାରି ଇଂରାଜିରୁ ଉଧାର ଆଣି କଥା ଭିତରେ ଗଣ୍ଡା ଗଣ୍ଡା ‘ଆଣ୍ଡ୍’, ‘ବିକଜ୍’, ‘ଦେନ୍’, ‘ସୋ’ମାନ ଗୁଞ୍ଜିଦେଲେଣି। ସେଗୁଡ଼ା ସବୁ ସହଜରେ ସଂକ୍ରମି ଆସିଲାଣି ଅନୁକରଣପ୍ରିୟ ଆମ ଯୁବବର୍ଗଙ୍କ ଭିତରକୁ। ବେଶି ହିନ୍ଦି ଚୋବେଇବାକୁ ଯାଇ କଥା କଥାରେ ‘ଫିର୍‌ଭି’, ‘ଭଲ୍ ସେ’, ‘ଠିକ୍ ସେ’, ‘ଢେର୍ ସାରା’ ବ୍ୟବହାର କରିବସିଲେଣି। ଆମ ଓଡ଼ିଆ ଶବ୍ଦଗୁଡ଼ାକ ତାଙ୍କୁ ଏମିତି ଅବାଗିଆ, ଅସନା, ଅଭଦ୍ର ଆଉ ଅଶ୍ଳୀଳ ମନେ ହେଲାଣି ଯେ ଅତିକଥନ ହେଲେ ବି ସେମାନେ ହୁଏତ ଅତି ଭଦ୍ର ଦେଖେଇ ହେବାକୁ ତୃତୀୟ ପାଣ୍ଡବ ଅର୍ଜୁନଙ୍କ ଧନୁକୁ ‘ଗାଣ୍ଡିବ ଧନୁ’ ନ କହି ‘ପିଚାବ ଧନୁ’ କହିବେ, ଆମର ବହୁ ପ୍ରଚଳିତ ପ୍ରବଚନକୁ ଭଦ୍ରଭାଷାରେ କହିବେ ‘ବାପପୁଅ ଦୁହେଁ ରାତି ଅନିଦ୍ରା, ମୁଗୁରା ମଳଦ୍ୱାର ମେଲା’, ‘ବାଳକୃଷ୍ଣ’କୁ ‘ଚୁଟିକୃଷ୍ଣ’ କହିବେ, ‘ବାଳ ସାହିତ୍ୟ ପୁରସ୍କାରକୁ ‘ଚୁଟି ସାହିତ୍ୟ ପୁରସ୍କାର’ କହିବେ।

ଅତି ଆନୁଗତ୍ୟ ଦେଖେଇ ହେବା ପାଇଁ ଯେମିତି ଆଗେ ‘ଶ୍ରୀ ଅମୁକ’ ଜାଗାରେ ‘ଶ୍ରୀଶ୍ରୀ ଅମୁକ’ ବା ‘ଶ୍ରୀଳ, ଶ୍ରୀଯୁକ୍ତ, ଶ୍ରୀ ଅମୁକ’, ‘ଶ୍ରୀ ଶ୍ରୀ ଶ୍ରୀ ଅଷ୍ଟ ଉତ୍ତର ଶ୍ରୀ’ ଆଦି ବ୍ୟବହାର କରାଯାଉଥିଲା, ଆଜିକାଲି ସେମିତି ଅତି ବିନୟ ଭାବ ପ୍ରକଟେଇ ହେବାକୁ କେତେକ ‘ସ୍ୱାଗତମ୍’ ଜାଗାରେ ‘ସୁସ୍ୱାଗତମ୍’ ବ୍ୟବହାର କରୁଛନ୍ତି। -ଏ ‘ସୁସ୍ୱାଗତମ୍’ଟିର ଅର୍ଥ କ’ଣ ?

ସ୍ୱାଗତମ୍ ଅର୍ଥ ହେଉଛି ‘ଭଲରେ ଆସ’, ସୁଖରେ ଆସି ପହଞ୍ଚିବା, ଶୁଭାଗମନ, ବିଶିଷ୍ଟ ବ୍ୟକ୍ତିଙ୍କୁ କରାଯିବା ଅଭିନନ୍ଦନ, ଅଭ୍ୟର୍ଥନା। ‘ସୁ’ ଶବ୍ଦର ଅର୍ଥ ହେଉଛି- “ଉତ୍ତମ, ସୁନ୍ଦର, ସାତିଶୟ, ଅତ୍ୟନ୍ତ, ସହଜ, ଅନାୟାସରେ, ମନୋରମ, ପୁଣ୍ୟ ଇତ୍ୟାଦି। ସ୍ୱାଗତମ୍ ଅର୍ଥ ହେଉଛି-‘ସୁ + ଆଗତମ୍’, ଆଉ ଏ ସୁସ୍ୱାଗତମ୍ ତେବେ ସୁସୁ+ଆଗତମ୍ ?

ଜଣେ ଥଟ୍ଟା କରି କହିଲେ- “ଏ ସୁସୁ ଆଗତମ୍ ଅର୍ଥ ହେଲା ‘ମୂତ ଆସିଗଲା’,ଅର୍ଥାତ୍ ମୂତ ମାଡ଼ିଲା, ଏକ ଲାଗିଲା। ଆଉ ଜଣେ କହିଲେ- “ନା,ନା, ‘ସୁସୁ ଆଗତମ୍’ ଅର୍ଥ ହେଉଛି ‘ମୂତୁରା ଆସିଗଲା’।

□□

ଲେଖକଙ୍କ ଇ-ମେଲ ଠିକଣା:
baishnabamohanty@gmail.com



ଗଳ୍ପ

# ଅନ୍ୟ ଏକ ନାରୀ

ପ୍ରଫୁଲ୍ଲ ବାରିକ

ଶବ ବାହକ ଗାଡ଼ି 'ପୁଷ୍ପକ' ଆସି ପହଞ୍ଚିଲା ଜାଗା ଉପରେ। ସମୟ ସେତେବେଳକୁ ରାତି ଗୋଟାଏ। ଶବ ସହ ଆମେ ଆସିଥାଉ ଆଠଜଣ। ଶ୍ମଶାନ ଆସିବା ମୋର ପ୍ରଥମ। ସାଙ୍ଗ ସୁରେଶ ଡାକିବାରୁ ଆସିଥାଏ। ସୁରେଶର ବାପା ଯେହେତୁ, ବିପଦ ବେଳେ ନ ଆସିବି କିମିତି ? ସାଙ୍ଗ ମୋର ପୂରାପୂରି ଭାଙ୍ଗି ପଡ଼ିଥାଏ ବାପାଙ୍କ ଆକସ୍ମିକ ମୃତ୍ୟୁରେ। ପ୍ରଥମ ଷ୍ଟ୍ରୋକରେ ଡାକ୍ତର ଦେଖେଇବା ଆଗରୁ ଘଟିଗଲା ଅଘଟଣ। ସୁରେଶ ମନରେ ଗଭୀର ଅବସୋସ। ମୋର ଅତି ଘନିଷ୍ଠ ବନ୍ଧୁ, ପୁଣି ଏକା ଗାଁ'ର।

ଗାଡ଼ି ଠିଆ ହେବାରୁ ସୁରେଶକୁ ଶବ ପାଖରେ ଛାଡ଼ି ବାକି ସମସ୍ତେ ଓହ୍ଲେଇ ପଡ଼ିଲେ। ମୁଁ ସାମ୍ନାରେ ଯୋଉ ଦୃଶ୍ୟ ଦେଖିଲି, ବିଶ୍ୱାସି ନ ପାରି ବୁଡି ରହିଲି ସନ୍ଦେହରେ କିଛି ସମୟ। ଇଏ ଶ୍ମଶାନ ? ଶ୍ମଶାନ ବୋଇଲେ ଯୋଉ ଚିତ୍ର ମଥାରେ, ତା'ର ରୂପରେଖ କାଇଁ ? ଦେଖୁଚି, ବିରାଟ ପ୍ରାଚୀରରେ ଲୁହାର ଚଉଡ଼ା ଗେଟ। ଗେଟ ଉପରେ ଇଟା ସିମେଣ୍ଟରେ ବିରାଟ ତୋରଣ। ଭିତରେ, ଆଲୋକିତ ପରିବେଶରେ ଫୁଲ ଏବଂ ଅନ୍ୟାନ୍ୟ ଗଛଗୁଳ୍ମମାନଙ୍କର ସଜ୍ଜିତ ସବୁଜିମା। ମୋଟାମୋଟି ପାର୍କଟିଏର ଦୃଶ୍ୟ। ମନର ପ୍ରଶ୍ନ ମନରେ ଥାଏ। ପଚାରିବାକୁ ଇଚ୍ଛା ହଉ ନ ଥାଏ କାହାରିକୁ। ଆଖି ପଡ଼ିଲା ସିମେଣ୍ଟ ତୋରଣର ଶୀର୍ଷରେ ଥିବା ଲେଖା ଉପରେ। ପଢ଼ିଲି - ସ୍ୱର୍ଗଦ୍ୱାର। ସନ୍ଦେହ ମୋଚନ ହେଲା। ସ୍କୁଲରେ ପଢିବାବେଳେ ଶୁଣିଥିଲି ଶ୍ମଶାନଟିଏ ଥିବାର ଏଠି, ଯଦିଚ ଏବାଟେ ଆସିବାକୁ କେବେ ମନ ବଳିନି। ଶ୍ମଶାନର ବୀଭତ୍ସତା ସେତେବେଳେ ଭୟଙ୍କର ମନରେ। ଏବେ ଦେଖୁଚି ପ୍ରାୟ ସେଇ ସ୍ଥାନରେ ହେଇଚି ସ୍ୱର୍ଗଦ୍ୱାର। ଶ୍ମଶାନର ଆଧୁନିକୀକରଣରେ ପରିବର୍ତ୍ତିତ ରୂପ।




ଆମ ଭିତରୁ ଜଣେ ଉଭାନ ହେଇଗଲେ ଅନ୍ଧାରରେ। ବାକି ସମସ୍ତେ ନିରବ ଅପେକ୍ଷାରେ। ମୁଁ ଚୁପଚାପ ଅପେକ୍ଷାରେ ଥାଏ ପରବର୍ତ୍ତୀ କାର୍ଯ୍ୟକ୍ରମର। ପାଞ୍ଚମିନିଟ ଭିତରେ ଫେରି ଆସିଲା ଲୋକଟି। ପଛେପଛେ ମହିଳା ଜଣେ। ଝପଟେଇ ଚାଲିଥାଆନ୍ତି ଲୋକସହ। ମହିଳା ଜଣକ ଆସି ଗେଟ ଖୋଲିଲେ। ଗାଡ଼ି ଭିତରକୁ ନେଇ ନିର୍ଦ୍ଦିଷ୍ଟ ଜାଗାରେ ରଖିବାକୁ କହିଲେ। ଆମେ ଗାଡ଼ିରଖି ତାଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ଅପେକ୍ଷାରେ ଥାଉ। ସେ ପାଖ ଗୋଲାରୁ ବଡ଼ବଡ଼ ଫଡା ଯାଇଥିବା କାଠ ସବୁ ନିଜେ ବୋହିଆଣି ସିମେଣ୍ଟ ପିଣ୍ଡିରେ କିଛି ସଜେଇ କିଛି ପାଖରେ ରଖି ଆମକୁ ନିର୍ଦ୍ଦେଶ ଦେଲେ ଗାଡିରୁ ଶବ ଓହ୍ଲେଇବାକୁ। ମୋତେ ତାଜୁବ ଲାଗୁଥାଏ। ଇଏ ଜଣେ ସାଧାରଣ ମହିଳା, ନା ଯମଦୂତୀ ? ଡର ବି ଲାଗୁଥାଏ ତାଙ୍କ ଏତାଦୃଶ କର୍ମରେ। କେବେ ଏହା ସମ୍ଭବ ଜଣେ ମହିଳା ପକ୍ଷେ ? ବୟସ ଅନୁମାନ ପଇଁତ୍ରିଶ ଚାଳିଶ ଭିତରେ। ଶ୍ୟାମଳ ରଙ୍ଗରେ ସ୍ୱାସ୍ଥ୍ୟବତୀ। ହସହସ ମୁହଁ। ନା ଡର, ନା ସଂକୋଚ। ବରଂ କର୍ମରେ ଆଗ୍ରହ ଓ ଆନନ୍ଦ ବାରିପଡୁଥାଏ ତାଙ୍କଠି ବେଶ୍।

ଆମେ ସାଙ୍ଗରେ ଧରି ଯାଇଥିବା ଛ'ଖଣ୍ଡି କାଠର କୋକେଇ ସଜେଇ, କାନ୍ଧଦେଇ ଶବକୁ ଆଣିଲୁ ରାମନାମ ସତ୍ୟ ଉଚ୍ଚାରି। ତାଙ୍କ ସହାୟତାରେ କୋକେଇରୁ ଶବ ଉଠେଇ ଶୁଆଇ ଦିଆଗଲା କାଷ୍ଠଶେଜ ଜୁଇରେ। ବାକିଥିବା କାଠଗୁଡ଼ିକୁ ସଜେଇ ଦେଲେ ମହିଳା ଶବଉପରେ ତାଳୁରୁ ତଳିପା। ଗୋଟେ ବରିଆରେ ନିଆଁ ଧରେଇ ଡାକିଲେ ମୁଖାଗ୍ନି ଦେବାକୁ। ସୁରେଶ ଶବକୁ ପ୍ରଦକ୍ଷିଣ କରି ମୁହଁରେ ନିଆଁଦେଲା ବାପାଙ୍କର।

- 'ତମେ ଏବେ ଦେଖ। ମୋତେ କର୍ମ କରିବାକୁ ଦିଅ।' କହି, ମହିଳାଜଣକ ସୁରେଶ ହାତରୁ ନିଆଁ ବରିଆ ନେଇ ଲାଗି

ପଡ଼ିଲେ ଜୁଇ ଜଳାରେ। ହୁତୁ ହୁତୁ ହେଇ ଜଳିଲା ଜୁଇ। ଆମେ ଦେଖୁଥାଉ ଜଳନ୍ତା ଜୁଇ ସହ ମହିଳାଙ୍କ କର୍ମ ତତ୍ପରତାକୁ।

– 'ଆପଣମାନେ ରହିବେ ତ ରହନ୍ତୁ। ନାଇଁ ତ, ଅସ୍ଥି ନେବାର ପାତ୍ରଦେଇ ମୋତେ ଚାଲିଯାଆନ୍ତୁ। ସକାଳେ ଆସି ନେଇଯିବେ ଅସ୍ଥି ମୋ'ଠୁ। ଶବ ଜଳୁ ଜଳୁ ପାହିଯିବ ରାତି।' ମହିଳା ଜଣକ କହିଲେ, ବାଡ଼ିରେ କେଞ୍ଚୁକେଞ୍ଚୁ ନିଆଁକୁ। ନିର୍ଦ୍ଧାରିତ ଖର୍ଚ୍ଚ ପୈଠକରି ଆମେ ଫେରିଲୁ ତାଙ୍କ ଦାୟିତ୍ୱରେ ଶବ ଛାଡି।

ଗାଡିରେ ପଚାରିଲି ସୁରେଶକୁ, ଭାଇ, ସନ୍ଦେହ ଓ ଆଶ୍ଚର୍ଯ୍ୟର ଗଭୀର ଜଳରେ ମୁଁ। ମୋତେ ଟିକେ ଉଦ୍ଧାର କରିବ ? କିଏ ସେ ମହିଳା ? କିପରି କରୁଛି ଏ କାମ ? ପୁଣି ଶ୍ମଶାନରେ ଏକାକିନୀ। ରାତ୍ରୀର ବିଳମ୍ବିତ ପହରରେ। ନା ଡର, ନା ଭୟ। ସିଏ ମାନବୀ, ନା ଦେବୀ? ସୁରେଶ ନିରବ ଥାଏ। ଦୁଃଖ ଦରିଆରେ ଅବଗାହନରୁ ଫେରି ଏତିକି କହିଲା – 'ତୁ ତାକୁ ପ୍ରଥମେ ଦେଖୁଚୁ ଯେହେତୁ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଏବେ ମୁଁ କିଛି କହିପାରିବିନି ତା' ସମ୍ପର୍କରେ। ପରେ ସମୟ ଦେଖି କହିବି ସବିଶେଷ। ଖାଲି ଏତିକି ଜାଣିଥା, ଯାହା ତୁ ଦେଖିଲୁ, ସେ ସେଇଆ। ଜଣେ ସାଧାରଣ ମାନବୀ। ନାଁ ତାର ଲକ୍ଷ୍ମୀ। ଏଇଠି, ଶ୍ମଶାନ ପାଖାପାଖି ସେ ସପରିବାରେ ରହେ।'

**ମଲା ପରେ ମଣିଷଠି ଆଉ ଥାଏ କଣ ? ନିର୍ଜୀବ କାଠ ଗଣ୍ଡିଟାଏ। ଜାଳିଦେବା କାମ ମୋର।**

ସେଦିନ ରାତି ପାହିଛି ମୋର ଅନିଦ୍ରାରେ। ଆଖିରେ ଲକ୍ଷ୍ମୀ। ଚିନ୍ତାରେ ତା'ର କର୍ମ। ଭାସୁଥାଏ ଚଳଚ୍ଚିତ୍ରର ଛବି ପରି। କିପରି ଏକଲା ରହୁଛି ଶବ ସହ ସାରାରାତି ଶ୍ମଶାନରେ? ଆମେ ବିଛଣାରେ ବିଶ୍ରାମ ନେଉଥିବା ବେଳେ ଲକ୍ଷ୍ମୀ ବ୍ୟସ୍ତ ଶବାଭିସାରରେ ସାରାରାତି, ଶ୍ମଶାନରେ।

ସକାଳେ ସୁରେଶ ଡାକିଲା ଅସ୍ଥି ଆଣିଯିବାକୁ। ଗଲି ତା' ସାଥିରେ। ଏଥର ସିଧା ସେ ପହଞ୍ଚିଲା ଲକ୍ଷ୍ମୀଘରେ। ଆମକୁ ଦେଖୁଦେଖୁ ଚାବିଧରି ସେ ଆସିଲା। ଗେଟ୍ ଖୋଲି ପ୍ରବେଶିଲା ଶ୍ମଶାନକୁ। ଆମେ ତା' ପଛେପଛେ। ଯାଇ ପହଞ୍ଚିଲା ଜୁଇ ନିକଟରେ। ଜୁଇ ଲିଭି ସାରିଥାଏ। ଗୋଟିଏ କୋଣକୁ ଥୁଆ ଯାଇଥିବା ନାଲି କପଡାରେ ମୁହଁବନ୍ଧା କଳସଟିଏ ଆଣି ଧରେଇଲା ସୁରେଶକୁ। ସୁରେଶ ତା' ହାତରୁ କଳସ ନେଇ ଶହେଟଙ୍କିଆ ନୋଟଖଣ୍ଡେ ଧରେଇଲା ତାକୁ। ସହାସ୍ୟ ସେ ଗ୍ରହଣ କଲା। ଆମେ ଫେରିବାକୁ ଯାଉଚୁ, ମୁଁ ଅଟକି ଅନେଇଲି ତାକୁ। ମୋତେ ଦେଖି ସେ ପଚାରିଲା, କିଛି କହିବେ କି ମୋତେ ? କହିଲି, କହିବାକୁ ତ ବହୁତ ଅଛି। ସମୟ କାଇଁ ? ସଂକ୍ଷେପରେ କହିବ ଯାହା ମୁଁ ପଚାରିବି ?

– 'ପଚାରନ୍ତୁ ଯାହା ପଚାରିବାର।'

ଆଗ୍ରହ ପୂର୍ବକ କହିଲା ଲକ୍ଷ୍ମୀ।

– 'ତମ ପରିବାରରେ ଆଉ କିଏ ଅଛନ୍ତି ?'

– 'ମୋ ସ୍ୱାମୀ, ଆଉ ପାଞ୍ଚଟି ସନ୍ତାନ ଆମର।'

– 'ସ୍ୱାମୀଙ୍କ କାମ ଇଏ। ତାଙ୍କ ଜାଗାରେ ତମେ.. ?'

– 'ଦେଖ ବାବୁ, ଲଭ୍ ମ୍ୟାରେଜ ପରେ ଆମେ ଘର ଛାଡିଦେଇଚୁ। ଆଉ ଫେରିନୁ। ମୁନିସିପାଲିଟିରେ ଚାକିରି ଥିଲା ଆଙ୍କର। ଏଇ କାମରେ। ଅସୁସ୍ଥତା ହେତୁ ନ ପାରିବାରୁ ଚାକିରି ଯିବାର ଜାଣି ଓହ୍ଲେଇଲି ମୁଁ। ଏକା କାମକୁ। ପିଲା ଭାସିଯିବେ। ଜୀବନର ଆହ୍ୱାନରେ ଆପଣେଇ ନେଲି କର୍ମ ଅକର୍ମ ନିର୍ବିଚାରରେ। ମୁନିସିପାଲିଟି ବି ଦୟା କଲେ। ତାଙ୍କର କାମ ଦର୍କାର। ଯିଏ ବି ହୁଅନ୍ତୁ। ସେବେଠୁ ଦଶବର୍ଷ ଧରି କରିଆସୁଛି। ଖୁସିରେ ଅଛୁ।'

– 'କେତେ ସକ୍କାର କଲଣି ଆଜିଯାକେ ?'

– 'ପ୍ରାୟ ଦଶ ହଜାର। ତେଲି ପାଞ୍ଚ ଛଅ। ରାତି ଦିନ, ବର୍ଷା, ଶୀତ କାକର ଫରକ ନାଇଁ। ଯେବେ ଯିଏ ପହଞ୍ଚିଛି, କର୍ମ କରିଛି ବିନା ଦ୍ୱିଧାରେ। ସମସ୍ତେ ବାହାବା ଦିଅନ୍ତି। ଲକ୍ଷ୍ମୀ ପରିଚିତ ସମସ୍ତଙ୍କ ସହ। ଧନୀ ନିର୍ଧନ ନିର୍ବିଚାରରେ।'

– ଡର ଲାଗେନା ?

– ମଲା ପରେ ମଣିଷଠି ଆଉ ଥାଏ କଣ ? ନିର୍ଜୀବ କାଠ ଗଣ୍ଡିଟାଏ। ଜାଳିଦେବା କାମ ମୋର। ତା' ଛଡା, ଏ ପବିତ୍ର କର୍ମରେ ଈଶ୍ୱରଙ୍କ ଆଶୀର୍ବାଦ ଥାଏ। ସେଇ ମୋର ଏକା ସାହା। ଈଶ୍ୱର ଯାହାକୁ ସାହା, ତା'ର ଆଉ ଡର କାହାକୁ ?

ସୁରେଶ ବ୍ୟସ୍ତ ହେଲା। ଅପଚରା ପ୍ରଶ୍ନ କିଛି ମନରେ ଧରି ମୁଁ ଫେରିଲି। ଆସିବା ବେଳେ କାଇଁକି କେଜାଣି ହାତ ମୋର ଛାଁ'କୁ ଯୋଡି ହେଇଗଲା ଲକ୍ଷ୍ମୀ ଉଦ୍ଦେଶ୍ୟରେ। ସ୍ମିତହସି ସିଏ ବି ହାତ ଯୋଡ଼ିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
prafullabarik988@gmail.com



ପ୍ରବନ୍ଧ

# ମାୟା ବାସ୍ତବତା : କଥାସାହିତ୍ୟର ଏକ ଆଧୁନିକ ଅନୁଷଙ୍ଗ

ପ୍ରଫେସର ଡ. ବସନ୍ତ କୁମାର ପଣ୍ଡା

ବର୍ଣ୍ଣନାତ୍ମକ କଥାସାହିତ୍ୟର ଏକ ଆଧୁନିକତମ ଅନୁଷଙ୍ଗ ମାୟା ବାସ୍ତବତା (*ମ୍ୟାଜିକ୍ ରିଆଲିଜମ୍*) ସାହିତ୍ୟ ବ୍ୟତୀତ ଚିତ୍ରକଳା ଓ ନାଟକରେ ମଧ୍ୟ ଏହାର ଉପଯୋଗ ହୋଇଆସୁଛି। ସୂକ୍ଷ୍ମ ଅବବୋଧ ଓ ପ୍ରତ୍ୟୟର ଅବତାରଣା ବେଳେ ଭାଷାର ବାସ୍ତବ ପ୍ରକାଶକୁ ଅସମର୍ଥ ମନେକରି ମାୟା ବା ଇନ୍ଦ୍ରଜାଲର ଆଶ୍ରୟ ନେଇ ରୂପକାର ଯେଉଁ ରହସ୍ୟଲୋକ ସୃଷ୍ଟି କରିଥା'ନ୍ତି, ତାହା ମାୟା ବାସ୍ତବତା ଭାବରେ ପରିଚିତ। ପ୍ରାଚୀନ ଯୁଗରୁ ପୁରାଣ ଓ କାହାଣୀ ସାହିତ୍ୟରେ ଯେଉଁ ଅତିଭୌତିକ ଚରିତ୍ର ଓ ଅତିକଳ୍ପନାର ଚିତ୍ର ଦେଖିବାକୁ ମିଳୁଥିଲା, ସେସବୁରେ ଆଧୁନିକ ମାୟା ବାସ୍ତବତାର ସନ୍ଧାନ କରାଯାଇପାରେ। ବାସ୍ତବ ଜଗତର ପରିଚିତ ପରିବେଶ ଭିତରେ ଅତିଭୌତିକ ଚରିତ୍ର ଓ ଘଟଣାକୁ ସମନ୍ୱିତ କରି ଆଲୋକ ଛାୟାର ଯେଉଁ ରହସ୍ୟମୟ ପରିବେଶ ସୃଷ୍ଟି କରାଯାଏ, ତାହା ମାୟା ବାସ୍ତବତା।



FRANZ ROH

NACH-EXPRESSIONISMUS

*MAGISCHER REALISMUS*

PROBLEME DER NEUESTEN

EUROPÄISCHEN MALEREI

ସାହିତ୍ୟ ସମାଲୋଚନାରେ ପ୍ରଥମେ ୧୯୫୫ରେ ମାୟା ବାସ୍ତବତା (*ମ୍ୟାଜିକ୍ ରିଆଲିଜମ୍*) ବ୍ୟବହୃତ ହୁଏ। ଏହାର କିଛିବର୍ଷ ପୂର୍ବରୁ କଳାରେ ଚିତ୍ରାତ୍ମକ ପ୍ରକାଶକୁ ବୁଝାଇବାକୁ ଯାଇ ଜର୍ମାନ୍ କଳା ସମୀକ୍ଷକ ଫ୍ରାନଜ ରଫ୍ (୧୯୨୫) ଏହାର ବ୍ୟବହାର କରି '*ମ୍ୟାଗିଷ୍ଟର୍ ରିଆଲିସ୍ମସ୍*' ଯାହାର ପରବର୍ତ୍ତୀ ଅନୁବାଦ ହେଲା *ମ୍ୟାଜିକ୍ ରିଆଲିଜମ୍* ବା ମାୟା ବାସ୍ତବତା। ଫ୍ରାଞ୍ଜ ରୋହ ଏହି ତତ୍ତ୍ୱର ପ୍ରାଞ୍ଜଳ ବ୍ୟାଖ୍ୟା କରି ବୁଝାଇଥିଲେ "ବାସ୍ତବ ଜଗତର ଅତିବାସ୍ତବତା ସତ୍ତାକୁ ସାବଲୀଳ ଭାଷା ପରି ଦୃଶ୍ୟମାନ ଚିତ୍ରାତ୍ମକ ରୂପ ଦେବାପାଇଁ ବ୍ୟବହୃତ ଯାଦୁକରୀ ଶକ୍ତି ହିଁ ମାୟା ବାସ୍ତବତା। ସାମ୍ପ୍ରତିକ ସମୟରେ ପ୍ରଯୁକ୍ତିର ଅନିବାର୍ଯ୍ୟ ପ୍ରଭାବରେ ନିଜର ମନୁଷ୍ୟ ଜୀବନର ଅସହାୟତା ଏଥିରେ ସୂଚିତ ହୁଏ। ଏଥିରେ ଆଉ ଗୋଟିଏ କଥା ସ୍ପଷ୍ଟ କରିଦେବା ପ୍ରୟୋଜନ ଯେ, ମାୟା ବାସ୍ତବତା ସହିତ ଅତିବାସ୍ତବବାଦର (*ସରିଆଲିଜମ୍*)କିଛି ସାମ୍ୟ ସଂପର୍କ ଥିଲେ ମଧ୍ୟ ଏହା ସ୍ୱତନ୍ତ୍ର ଓ ସୁନିର୍ଦ୍ଦିଷ୍ଟ ତତ୍ତ୍ୱ। କାରଣ ଅତିବାସ୍ତବବାଦରେ ବିଶେଷଭାବେ ବ୍ୟକ୍ତିର ମାନସ ଜଗତ, ବୋଧଶକ୍ତି ଓ ଅବଚେତନକୁ ଗୁରୁତ୍ୱ ଦିଆଯାଉଥିଲାବେଳେ ମାୟା ବାସ୍ତବତା କେବଳ ବାସ୍ତବଜଗତର ଭୌତିକ ପଦାର୍ଥ ଓ ମାନବ ଜୀବନ ସହିତ ତା'ର ଅପରାପର ସମ୍ପର୍କର କଥା କୁହାଯାଇଥାଏ। ପରବର୍ତ୍ତୀ ସମୟରେ ଇଭାନ୍ ଅଲ୍‌ବ୍ରାଇଟ୍, ପଲ୍ କାଡ୍‌ମାସ୍, ଜର୍ଜଟୁକେଇ ଆଦି ଆମେରିକୀୟ ଚିତ୍ରଶିଳ୍ପୀ ଆଧୁନିକ ବାସ୍ତବତାକୁ ବୁଝାଇବା ପାଇଁ ମାୟା ବାସ୍ତବତାର ଆଶ୍ରୟ ନେଲେ। ଏସବୁ ବିଂଶ ଶତକର ଚତୁର୍ଥ ଓ ପଞ୍ଚମ ଦଶକର କଥା କିନ୍ତୁ ସାହିତ୍ୟରେ ଏହାର ପ୍ରୟୋଗଠାରୁ ଏସବୁ ଭିନ୍ନ ଥିଲା। ଅତିକଳ୍ପନା ଓ ଅବାସ୍ତବତାଠାରୁ ଦୂରରେ ରହି ଏମାନେ ବାସ୍ତବଜଗତକୁ ରହସ୍ୟମୟ ଓ ପରାବାସ୍ତବ ଦୃଷ୍ଟିରେ ଦେଖୁଥିଲେ। ଜର୍ମାନର ମାୟା ବାସ୍ତବତା ଆଧାରିତ ଚିତ୍ରଶିଳ୍ପ ଇଟାଲୀୟ ଲେଖକ ସାମିନୋ ବୋନ୍‌ଜେମ୍ପେଲିଙ୍କୁ ପ୍ରଭାବିତ କରିଥିଲା। ସେ ହିଁ ଅଦ୍ଭୁତ ଓ ରହସ୍ୟମୟ ପ୍ରକୃତିକୁ ରୂପ ଦେବା ପାଇଁ ସାହିତ୍ୟ ରଚନାରେ ପ୍ରଥମେ ମାୟା ବାସ୍ତବତାର ପ୍ରୟୋଗ କଲେ। ୧୯୨୬ରେ ସେ 'ମାୟା ବାସ୍ତବତା' ଆଧାରିତ ଗୋଟିଏ ପତ୍ରିକା ପ୍ରକାଶ ଆରମ୍ଭ କଲେ। ତା'ର ନାମ ଥିଲା '*ନୋଭେସେଣ୍ଟୋ*' ଏଥିରୁ ବେଲ୍‌ଜିଆନ୍ ଲେଖକମାନେ ପ୍ରଭାବିତ ହୋଇଥିଲେ। ୧୯୩୦ ବେଳକୁ ଭେନିଜୁଏଲାର ଲେଖକ ଆରତୁରୋ ଉସ୍‌ଲାର୍ ପେଟ୍ରି ମାୟା ବାସ୍ତବତାର

ପ୍ରୟୋଗ କରି ଚମକ୍ରାର କ୍ଷୁଦ୍ରଗଳ୍ପ ରଚନା କରିଥିଲେ। ଏଥିରେ ମାନବ ଜୀବନର ବାସ୍ତବତା ଓ ରହସ୍ୟବାଦୀତାର ଦ୍ୱୈତ ରୂପ ସ୍ଥାନ ପାଇଥିଲା। ୧୯୪୮ରେ ପେଟ୍ରି ହିଁ *'ରିଆଲିଜମୋ ମ୍ୟାଜିକୋ'* ଶବ୍ଦ ପ୍ରକାଶ କରି ଆମେରିକାରେ ପ୍ରଥମେ ଏହାକୁ ପ୍ରତିଷ୍ଠା ଦେଇଥିଲେ। ମେକ୍ସିକାନ୍ ଲେଖିକା ଇଲେନା ଗାରୋ ହଫ୍‌ନୋନ୍‌ଙ୍କ ରଚନାକୁ ଆଲୋଚନା କରିବାକୁ ଯାଇ ଏହାର ପ୍ରୟୋଗ କରିଥିଲେ। ୧୯୪୯ରେ କ୍ୟୁବାର ଲେଖକ ଆଲେଜୋ କାର୍‌ପେନ୍‌ଟିଏର କିନ୍ତୁ ରଫ୍ କଥିତ ମାୟା ବାସ୍ତବତାକୁ ଅବସନ୍ନ ପ୍ରତାରଣା କହି ପ୍ରତ୍ୟାଖ୍ୟାନ କରିଥିଲେ ଓ ନିଜର ତତ୍ତ୍ୱ *'ମାର୍ଭଲସ୍ ରିଆଲିଜମ୍'* ର ସୃଷ୍ଟି କରିଥିଲେ। ମାଗିଆନ୍ ବୋୟେରସ୍ ଏହାକୁ ବୁଝାଇବାକୁ ଯାଇ କହିଛନ୍ତି, "ଏହା ବାସ୍ତବତାର ଯଥାଯଥ ବ୍ୟାବହାରିକ ଇନ୍ଦ୍ରିୟଗୋଚର ବ୍ୟାଖ୍ୟାକୁ ବିରୋଧ କରି ସାଂପ୍ରତିକ କାଳରେ ଅବକ୍ଷୟିତ ସାଂସ୍କୃତିକ ପରିବେଶରେ ମାୟା ଓ ଅନ୍ଧବିଶ୍ୱାସକୁ ସ୍ୱୀକାର କରିଥାଏ। ୧୯୫୫ରେ "ସ୍ପେନିସ୍ ଆମେରିକାନ୍ କଥାସାହିତ୍ୟରେ ମାୟା ବାସ୍ତବତାର ପ୍ରୟୋଗ" ଆଲୋଚନାରୁ ଏହି ତତ୍ତ୍ୱ ପ୍ରତିଷ୍ଠା କଲେ ସମାଲୋଚକ ଆଞ୍ଜେଲ୍ ଫ୍ଲୋରେସ୍। ସେଥିରେ ଜର୍ଜ ଲୁଇ ବର୍ଗେସ୍‌ଙ୍କୁ ପ୍ରଥମ ମାୟା ବାସ୍ତବବାଦୀ ଲେଖକ ଭାବରେ ଅଭିହିତ କରିଥିଲେ। ଏଇ ଆଲୋଚନା ସମଗ୍ର ଦକ୍ଷିଣ ଆମେରିକୀୟ ସାହିତ୍ୟକୁ ପ୍ରଭାବିତ କରିଥିଲା। ୧୯୫୯ରେ କ୍ୟୁବା ବିପ୍ଲବ ପରେ ମାୟା ବାସ୍ତବତା ସେହି ଦେଶର ସାହିତ୍ୟ ରାଜ୍ୟରେ ବହୁଳ ପ୍ରୟୋଗ ହେଲା। ଏପରି ଭାବରେ ଲାଟିନ୍ ଆମେରିକାନ୍ ସାହିତ୍ୟର ଏକ ପ୍ରଧାନ ଅନୁଷଙ୍ଗ ହୋଇଉଠିଲା ମାୟା ବାସ୍ତବତା। ଏହି ତତ୍ତ୍ୱକୁ ପ୍ରୟୋଗ କରିଥିବା ଧାରା ପ୍ରବର୍ତ୍ତକ ଲେଖକଙ୍କ ଭିତରେ ମିଗୁଏଲ୍, ଆଞ୍ଜେଲ୍, ଆଷ୍ଟରିଅସ୍, ଜର୍ଜ ଲୁଇ ବର୍ଗସ୍, ଏଲେନା ଗାରୋ, ଜାଁ ରାଲେଫ୍, ଇସାବେଲ୍ ଆଲେନ୍ଦ ଓ ସର୍ବୋପରି ଗ୍ରାବିଏଲ୍ ଗାର୍ସିଆ, ମାର୍କ୍ୟୁଜ ପ୍ରଧାନ। ଇଂରାଜୀ ସାହିତ୍ୟରେ ସଲମାନ୍ ରୁସ୍‌ଦି, ଆଲିସ୍ ହୋଫ୍‌ମ୍ୟାନ୍ ଓ ନିକ୍ ଜାକ୍ୟୁନ୍ ପ୍ରଭୃତିଙ୍କ ନାମୋଲ୍ଲେଖ କରାଯାଇଥାଏ।

**ମାୟା ବାସ୍ତବତାର ସ୍ୱରୂପ :** ମାୟା ବାସ୍ତବତାର ପ୍ରକୃତ ସ୍ୱରୂପ ନିର୍ଦ୍ଧାରଣ କରିବା ଦୁଃସାଧ୍ୟ। କୌଣସି କଥା ଗ୍ରନ୍ଥରେ ଏହି ତତ୍ତ୍ୱ ବା ପଦ୍ଧତିର ପ୍ରୟୋଗ ସର୍ବଦା ଏକପ୍ରକାର ହୋଇ ନ ଥାଏ। ବାସ୍ତବ ଜୀବନ ଓ ଜଗତକୁ ବହୁ ବର୍ଣ୍ଣନା ନ କରି ମାୟା ବାସ୍ତବତାର ଆବରଣରେ ଜୀବନର ଗୂଢ଼ ରହସ୍ୟକୁ ଆପାତତଃ ସତ୍ୟ ଭାବରେ ଏଥିରେ ପ୍ରକାଶ କରାଯାଇଥାଏ। ମାୟା ବାସ୍ତବତାର କେତେକ ଉପକରଣ ସମ୍ପର୍କରେ ସୂଚନା ଦେବା ପ୍ରୟୋଜନ।

ରାମାୟଣ, ମହାଭାରତଠାରୁ ଆରମ୍ଭ କରି ବୃହତ୍ କଥା, ବେତାଳ ପଞ୍ଚବିଂଶତି, କଥା ସରିତ ସାଗର ହେଉ ବା ଆଲିସ୍ ଇନ୍ ଦି ୱାଣ୍ଡରଲ୍ୟାଣ୍ଡ, ଆରବିୟାନ୍ ନାଇଟସ୍‌ରେ ଅତିକଳ୍ପନାର ବହୁଳ ପ୍ରୟୋଗ ହୋଇଥିଲା। ଆଧୁନିକ ସମାଲୋଚନାର ଦୃଷ୍ଟିରେ ବର୍ତ୍ତମାନ ତାହାର ବିଶ୍ଳେଷଣ କଲାବେଳେ ଆଧୁନିକ ସାହିତ୍ୟରେ ପ୍ରଯୁକ୍ତ ମିଥ୍, ଫାଣ୍ଟାସି ଓ ମାୟା ବାସ୍ତବତା ସହିତ ତା'ର ତୁଳନା କରାଯାଇପାରିବ। କଥାସାହିତ୍ୟରେ ମାୟା ବାସ୍ତବତାର ପ୍ରୟୋଗ ବେଳେ ଫିବଲ୍, ଲୋକକାହାଣୀ, ପୁରାଣକଥାରୁ ଉପାଦାନ ଆହରଣ କରି ସାଂପ୍ରତିକ ସାମାଜିକ ପ୍ରାସଙ୍ଗିକତା ରଖି ତାହାର ଅବତାରଣା କରାଯାଇଥାଏ।

> **ବାସ୍ତବ ଜୀବନ ଓ ଜଗତକୁ ବହୁ ବର୍ଣ୍ଣନା ନ କରି ମାୟା ବାସ୍ତବତାର ଆବରଣରେ ଜୀବନର ଗୂଢ଼ ରହସ୍ୟକୁ ସତ୍ୟ ଭାବରେ ଏଥିରେ ପ୍ରକାଶ କରାଯାଇଥାଏ।**

**ବାସ୍ତବ ଜଗତର ଛାୟା :** ବାସ୍ତବ ଜଗତରେ ଅତିକଳ୍ପନାର ଉପାଦାନ ପାଠକମାନଙ୍କ ମନରେ ମାୟା ବାସ୍ତବତାର ଭିତ୍ତି ସ୍ଥାପନ କରେ। ଏଥିପାଇଁ ଲେଖକଙ୍କୁ ନୂଆ ଜଗତ ସୃଷ୍ଟି କରିବାକୁ ପଡ଼ି ନ ଥାଏ। ଆମରି ବାସ୍ତବ ଜଗତରେ ଯାଦୁକରୀ ମାୟାର ଅନୁଧ୍ୟାନ କରିବାକୁ ହୁଏ। ଯେପରି *'ୱାନ୍ ହଣ୍ଡ୍ରେଡ୍ ଇୟରର୍ସ ଅଫ୍ ସଲିଟ୍ୟୁଡ୍'* ଉପନ୍ୟାସରେ କହିଛନ୍ତି ଗାର୍ସିଆ ମାର୍କ୍ୟୁଜ୍। ଦ୍ୱୈତ ଜଗତ ସ୍ଥିତିରେ ମାୟା ବାସ୍ତବତାର ପ୍ରୟୋଗରେ ବାସ୍ତବ ଓ ପରିଚିତ ବସ୍ତୁ ତଥା ଚରିତ୍ରକୁ ସେ ଅତିକାଳ୍ପନିକ ରୂପ ପ୍ରଦାନ କରିଛନ୍ତି।

**ଲେଖକୀୟ ବାକ୍ ସଂଯମ :** ମନକୁ ବିଚଳିତ କଲା ଭଳି କୌଣସି ତଥ୍ୟ ବା ବିଶ୍ଳେଷଣକୁ ସଚେତନ ଭାବେ ଲେଖା ଭିତରେ ସ୍ଥାନ ନ ଦେବା ଫଳରେ କାଳ୍ପନିକ ଜଗତର ଅବତାରଣା ସଂକ୍ଷିପ୍ତ ହୋଇଯାଏ। କାହାଣୀ ଯୁକ୍ତିପୂର୍ଣ୍ଣ ଭାବେ ଗତି କରେ। ମାୟା ବାସ୍ତବତାର ପ୍ରୟୋଗରେ ଅଦ୍ଭୁତ ଘଟଣା

ସବୁ ସାଧାରଣଭାବେ ବର୍ଣ୍ଣିତ ହୋଇଥାଏ। ପାଠକ ଅତିକଳ୍ପନା ଓ ବାସ୍ତବତା ଭିତରେ ପ୍ରଭେଦ ଅକ୍ଳେଶରେ ଜାଣିପାରନ୍ତି।

**ପ୍ରଭୂତ କାହାଣୀର ଧାରା :** ମାୟା ବାସ୍ତବତାର ପ୍ରୟୋଗ ପାଇଁ ଅଧିକ ପଦ୍ଧତି ବା ରୂପରେଖ ସଚେତନ ନ ହୋଇ ବିଷୟବସ୍ତୁର ପ୍ରାଚୁର୍ଯ୍ୟ ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। *ମାର୍ଭଲସ୍* ଏଠି ସୁନ୍ଦର ବା ଆନନ୍ଦଦାୟକ ଅପେକ୍ଷା ଅସାଧାରଣ, ଅଦ୍ଭୁତ ଓ ବିଚକ୍ଷଣ ହେବା ଅଧିକ ପ୍ରଯୁଜ୍ୟ। *'ୱାନ୍ ହଣ୍ଡ୍ରେଡ୍ ଇୟରର୍ସ ଅଫ୍ ସଲିଚ୍ୟୁଡ୍'*ରେ ଏସବୁ ପ୍ରୟୋଗ ପଦ୍ଧତି ଅବତାରଣାର ବିଶ୍ଳେଷଣ ଜରୁରୀ ଓ ପାଶ୍ଚାତ୍ୟ ବିଷୟର ଅପରାପର ବିନିଯୋଗ ହୋଇଥାଏ।

**ମେଟା ଫିକ୍ସନ୍ :** ଏଥିରେ ସାହିତ୍ୟ ପାଠରେ ପାଠକର ଭୂମିକା ଗୁରୁତ୍ୱ ଲାଭ କରିଥାଏ। ବହୁରୂପୀ ବାସ୍ତବତା ସହିତ ପାଠକର ଜଗତକୁ କେନ୍ଦ୍ରକରି ବାସ୍ତବ ଉପରେ କଳ୍ପନାର ପ୍ରଭାବ ଓ କଳ୍ପନା ଉପରେ ବାସ୍ତବତାର ପ୍ରଭାବ ଏ ଦୁଇଟିର ପାରସ୍ପରିକ ସଂପର୍କ ଭିତରେ ପାଠକର ଭୂମିକା କ'ଣ ତାହା ଅନୁଧ୍ୟାନସାପେକ୍ଷ। ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ଏହାର ଉପଯୋଗ କିପରି ସମ୍ଭବ ତାହାର ଆଲୋଚନା ପ୍ରୟୋଜନ। ଅଧିକନ୍ତୁ ମାୟା ବାସ୍ତବତାର ପ୍ରଧାନ ଉପାଦାନ ଯଥା(୧) ପାଠକୀକରଣ : ପଢ଼ିଲାବେଳେ ପାଠକ ଗଳ୍ପ ଭିତରେ ଆଉ ଗୋଟିଏ ଗଳ୍ପ ମିଶାଇ ଦେଇଥାଏ (*ଷ୍ଟୋରୀ ଉଇଦିନ୍ ଏ ଷ୍ଟୋରୀ*)।(୨) ପୁଣି ପାଠକର ଜୀବନ ଓ ଜଗତ ଭିତରେ କାହାଣୀ ପ୍ରବେଶ କରିଯାଇଥାଏ। ଯେକୌଣସି ବୃହତ ଗ୍ରନ୍ଥ ଅଧ୍ୟୟନବେଳେ ଏହା ବହୁଳଭାବେ ହୋଇଥିବା ଦେଖାଯାଏ। ସାରଳା ମହାଭାରତରେ ପ୍ରଭୂତ କଥାଭାଗ ଲୋକୋକ୍ତି ହୋଇ ପ୍ରୟୋଗ ହେଉଛି। ପୁଣି ବହୁ ଲୋକବିଶ୍ୱାସ, ଲୋକବାଣୀ ଓ କିମ୍ବଦନ୍ତୀ ମହାଭାରତର କାହାଣୀରେ ପ୍ରବେଶ କରାଇଛନ୍ତି। ମାୟା ବାସ୍ତବତାର ଗଠନ କୌଶଳ ଏପରି ରଚନା ଦ୍ୱାରା ଗଭୀରଭାବେ ପ୍ରଭାବିତ ହୋଇଥାଏ।

**ରହସ୍ୟ ପ୍ରତି ସଚେତନତା :** ମାୟା ବାସ୍ତବତା ଆଧାରିତ ଗ୍ରନ୍ଥଟିକୁ ଗଭୀର ଅଧ୍ୟୟନ କରିବାକୁ ହୁଏ। *'ୱାନ୍ ହଣ୍ଡ୍ରେଡ୍ ଇୟରର୍ସ ଅଫ୍ ସଲିଚ୍ୟୁଡ୍'* ର ଉଦାହରଣ ଦେଇ ବୁଝାଇ ପାରିବ। ଲେଖକ ନିଜ ଜ୍ଞାନର ଅନ୍ତର୍ନିହିତ ଶକ୍ତିକୁ ଲୁକ୍କାୟିତ କରି ରଖିବା ଉଚିତ୍, ଯାହା ଫଳରେ ପାଠକ ଏହି ଅନ୍ତର୍ନିହିତ ସତ୍ୟକୁ ଜାଣିବା ପାଇଁ ଚେଷ୍ଟା କରିବେ।

**ସାମାଜିକ ଓ ରାଜନୀତିକ ବ୍ୟାଖ୍ୟା :** ମାୟା ବାସ୍ତବତାର ପ୍ରୟୋଗ ହୋଇଥିବା ଗ୍ରନ୍ଥରେ ସମାଜର ବିଶେଷଭାବେ ବୁଦ୍ଧିଜୀବୀଙ୍କର ସମାଲୋଚନା ରହିଥାଏ। ଲାଟିନ୍ ଆମେରିକା ସାହିତ୍ୟରେ ପ୍ରଥମେ ଦେଖାଯାଏ ଏକ ବ୍ୟତିକ୍ରମ, ଯେଉଁଥିରେ ସୁବିଧାବାଦୀ ସାହିତ୍ୟ କେନ୍ଦ୍ରକୁ ଅସ୍ୱୀକାର କରି ନୂତନ ଚେତନାର ଆହ୍ୱାନ କରାଗଲା। ଭୌଗୋଳିକ, ସାମାଜିକ ଓ ଅର୍ଥନୈତିକ ଦିଗରୁ ବଞ୍ଚିତ ନ୍ୟୂନବର୍ଗର ଜୀବନଧାରା ଉପରେ ଏହି ସାହିତ୍ୟ ମୁଖ୍ୟତଃ ପର୍ଯ୍ୟବସିତ। ତେଣୁ ମାୟା ବାସ୍ତବତାର ବିକଳ୍ପ ବିଶ୍ୱ (*ଅଲ୍‌ଟରନେଟିଭ୍ ୱାର୍ଲଡ୍*) ପ୍ରଧାନତଃ ପ୍ରତିଷ୍ଠିତ ଧାରଣାର ବାସ୍ତବତାକୁ ସଂଶୋଧନ କରିବାକୁ ଚେଷ୍ଟା କରେ। ଏଥିରେ ବାସ୍ତବବାଦ, ସ୍ୱଭାବବାଦ ଓ ଆଧୁନିକତା ଆଜି ପ୍ରତିଷ୍ଠିତ ଧାରଣା ଅନ୍ତର୍ଭୁକ୍ତ। ସମାଜରେ ପ୍ରତିଷ୍ଠିତ ଶକ୍ତି ବିରୁଦ୍ଧରେ ବିପ୍ଳବର ଆହ୍ୱାନ ଏଥିରେ ନିହିତ। ସମାଲୋଚକଙ୍କ ଦୃଷ୍ଟିରେ ଏଥିରେ ଗୋଟିଏ ବିକେନ୍ଦ୍ରୀକରଣ ପ୍ରକ୍ରିୟାର ସୂତ୍ରପାତ ହୋଇଥାଏ।




ଏଇ ପ୍ରସଙ୍ଗରେ ଗାବ୍ରିଏଲ୍ ଗାର୍ସିଆ ମାର୍କ୍ୟୁଜ୍‌ଙ୍କ ଉପନ୍ୟାସ 'କ୍ରୋନିକଲ୍ ଅଫ୍ ଡେଥ୍ ଫୋରଟୋଲ୍‌ଡ' ଉପରେ ନିଜର ମତ ଉପସ୍ଥାପନ କରି ପ୍ରଖ୍ୟାତ ଲେଖକ ସଲମାନ ରୁସ୍‌ଦି କହିଛନ୍ତି ଯେ, ମାୟା ବାସ୍ତବତାର ପ୍ରୟୋଗ ଭୂମିରେ ଯେଉଁପରି ଭାବେ ରାଜନୀତିକ ଧାରଣାକୁ ପ୍ରତିପାଦନ କରାଯାଇଥାଏ, ତାହା ଅନ୍ୟ ପ୍ରତିଷ୍ଠିତ ସାହିତ୍ୟ ଆଙ୍ଗିକରେ ସମ୍ଭବ ହୋଇ ନ ଥାଏ।

□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com

ସାକ୍ଷାତକାର

# ବରିଷ୍ଠ କଥାକାର ସତ୍ୟ ମିଶ୍ରଙ୍କ ସହିତ ଅନ୍ତରଙ୍ଗ ଆଳାପ

*କଥାକାର ସତ୍ୟ ମିଶ୍ର ଓଡ଼ିଆ ସାହିତ୍ୟ ଜଗତରେ ଏକ ସୁପରିଚିତ ନାମ। ୧୯୫୯ ମସିହାରେ ଜନ୍ମିତ ଏହି ସାରସ୍ୱତ ପ୍ରତିଭାଧର ନିଜ ଗଳ୍ପ ସମ୍ଭାରର ନିଆରାପଣ ହେତୁ ବିଶେଷ ଭାବରେ ପାଠକାଦୃତ। ତାଙ୍କର କେତେକ ଅନବଦ୍ୟ ସୃଷ୍ଟି କାଳଜୟୀ ହେବାର କ୍ଷମତା ରଖେ। ଜଣେ ଇଂରାଜୀ ଅଧ୍ୟାପକ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରିଥିବା ଶ୍ରୀ ମିଶ୍ର ପରବର୍ତ୍ତୀ କାଳରେ ଇଣ୍ଡିଆନ ଓଭରସିଜ୍ ବ୍ୟାଙ୍କରେ ଜଣେ ଅଧିକାରୀ ଭାବରେ ଯୋଗଦେଇ ବହୁବର୍ଷ କାଳ ସେବା ପ୍ରଦାନ କରିବା ଉପରାନ୍ତେ, ୨୦୧୨ ମସିହାରେ ଜେନେରାଲ ମ୍ୟାନେଜର ପଦରେ ଥାଇ ସେବାନିବୃତ୍ତ ହୋଇଥିଲେ। ଉତ୍ତର ଜୀବନରେ ଏବେ ମଧ୍ୟ ସେ ସକ୍ରିୟ ଭାବରେ ରଚନା ପ୍ରବଣ। ତାଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।*

**ସାହିତ୍ୟ ଚର୍ଚ୍ଚା:** ଏଇମାତ୍ର ଆପଣଙ୍କର ସୁପ୍ରସିଦ୍ଧ ଗଳ୍ପ 'ଯୀଶୁଖ୍ରୀଷ୍ଟ'ଟି ପଢ଼ିବା ପରେ ରକି ନାମକ ମାଙ୍କଡ଼ ଚରିତ୍ରର ଦୁଃଖାନ୍ତକ ଦୁର୍ଦ୍ଦଶାରେ ମ୍ରିୟମାଣ ହୋଇ ମୁଁ ଏଠାକୁ ଆସିଛି। କିନ୍ତୁ ଏ କ'ଣ? ଆପଣ ବାସ୍ତବ ଜୀବନରେ ମଧ୍ୟ ମାଙ୍କଡ଼ଟିଏର ଆକ୍ରମଣରେ ଆହତ ହୋଇ ହାତରେ ପ୍ଲାଷ୍ଟର ବନ୍ଧାଥିବା ଅବସ୍ଥାରେ ବସିଛନ୍ତି ଏଠାରେ !



**ସତ୍ୟ ମିଶ୍ର:** (ସ୍ମିତ ହସି) ଗତକାଲି ଆମ ଘରର ଛାତ ଉପରେ ଫୁଟିଥିବା ଫୁଲମାନଙ୍କୁ ଲୁଣ୍ଠନକାରୀ ମାଙ୍କଡ଼ମାନଙ୍କ କବଳରୁ ରକ୍ଷା କରିବାପାଇଁ ଆଗେଇ ଯାଇଥିଲି। ଉତ୍ପାତିଆ ମାଙ୍କଡକୁ 'ଯୀଶୁଖ୍ରୀଷ୍ଟ'ର ଲେଖକଙ୍କ ବିରୁଦ୍ଧରେ ମାଙ୍କଡ଼ ଜାତିର ଆକ୍ରୋଶକୁ ଖଲାସ କରି ପ୍ରତିଶୋଧ ନେବାକୁ ସୁଯୋଗ ମିଳିଲା। ମୁଁ ପଡ଼ିଗଲି ଏବଂ ହାତ ଫ୍ରାକଚର୍ ହୋଇଗଲା।

**ସାହିତ୍ୟ ଚର୍ଚ୍ଚା:** ଆପଣ କାହିଁକି ମାଙ୍କଡ଼ମାନଙ୍କ ଦ୍ୱାରା ଏତେ ମୋହାବିଷ୍ଟ? ମୁଁ ଆପଣଙ୍କର 'ଯୀଶୁଖ୍ରୀଷ୍ଟ' ଗଳ୍ପର କଥା କହୁଛି, ଯେଉଁଥିରେ ପିଟର୍ ଗଳ୍ପର ନାୟକ ହୋଇଥିଲେ ମଧ୍ୟ ଗଳ୍ପର ଥିମ୍‌କୁ ସାକାର କରିଛି ରକି ନାମକ ମାଙ୍କଡଟିଏ।

**ସତ୍ୟ ମିଶ୍ର:** ମାଙ୍କଡକୁ ଗୋଟିଏ କଉତୁକିଆ ତତ୍ତ୍ୱ ଭାବରେ ମୁଁ ପିଲାଦିନୁ ଧରିନେଇଛି। ସେମାନଙ୍କ ଦ୍ୱାରା ଅପହୃତ ହୋଇଥିବା ଟୋପି ବିଷୟରେ ଗପଟିଏ ସେତେବେଳେ ପଢ଼ିଥିଲି; ଆମେ ସମସ୍ତେ ପଢ଼ିଥିବା, ଆପଣ ମଧ୍ୟ।

**ସାହିତ୍ୟ ଚର୍ଚ୍ଚା:** ହଁ ପିଲାଦିନେ ପଢ଼ିଛି ସେଇଟି।

**ସତ୍ୟ ମିଶ୍ର:** ସେଥିରେ ଆମେ ଦେଖିଛେ ଯେ ମାଙ୍କଡ଼ କେତେ ଅନୁକରଣପ୍ରିୟ। ଆଉ ମଧ୍ୟ ଗପଟିଏ ପଢ଼ିଥିବେ ଯେ ବଣରେ କାଠ କାଟୁଥିବା କିଛି ଲୋକ ଯେତେବେଳେ ଭୋଜନ ବିରତି ପାଇଁ ସେ ସ୍ଥାନ ଛାଡ଼ି ଚାଲିଗଲେ,

ସେତେବେଳେ ସେଠାରେ ଲୁଚି ରହି ତାଙ୍କର କାର୍ଯ୍ୟକଳାପ ଲକ୍ଷ୍ୟ କରୁଥିବା ମାଙ୍କଡ଼ଟିଏ ସେଠି ପଡ଼ିଥିବା କୁରାଢିଟିକୁ ଧରି କାଠ କାଟିବାକୁ ଲାଗିଲା। ଫଳରେ ତା'ର ଲାଞ୍ଜଟି କଟିଯିବା ହିଁ ଯାହା ସାର ହେଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗଳ୍ପରେ ଥିବା ମାଙ୍କଡ଼ ରକି ମଧ୍ୟ ସେହିଭଳି ନିଜର ମାଲିକଙ୍କୁ ଅନୁକରଣ କରି ତାଙ୍କର ପ୍ରେମିକାକୁ ବଳାତ୍କାର କରିଛି।

**ସତ୍ୟ ମିଶ୍ର:** ସେଇଟା ମୋ ଗଳ୍ପର ଅନ୍ୟତମ କଥ୍ୟ।

**ସାହିତ୍ୟ ଚର୍ଚ୍ଚା:** ଆଜି ଆମେ ଭୁବନେଶ୍ୱରର ଏକ କଫି-ସପ୍‌ରେ ବସି ଏହି ଆଲୋଚନା କରୁଛେ। ଇଂରାଜୀ ସାହିତ୍ୟର ଜଣେ ଛାତ୍ର ହିସାବରେ ଆପଣ ଜାଣିଥିବେ ଲେଖକ ଓ କଫିସପ୍ ଭିତରେ ସମ୍ପର୍କର ଇତିହାସ। ଏମିତିକି ଟି.ଏସ୍. ଇଲିଅଟ୍ ଥରେ କହିଥିଲେ ଯେ, '*ଆଇ ହାଭ୍ ମେଜରଡ୍ ଆଉଟ୍ ମାଇ ଲାଇଫ୍ ଉଇଥ୍ କଫି ସ୍ପୁନ୍।*'

**ସତ୍ୟ ମିଶ୍ର:** ହଁ, କଫିହାଉସ୍ ସଂସ୍କୃତିଟା ବହୁକାଳରୁ ଥିଲା। କଲିକତାରେ ମୋର ରହଣି ବେଳେ ଅନେକ କଫିହାଉସକୁ ଯାଇଛି। ସେଇଠି ଏ କଫିହାଉସ୍ କଲଚର୍ ସହିତ ପରିଚିତ ହୋଇପାରିଥିଲି। ସେଠି ବହୁତ୍ ଲେଖକ ଜୁଟନ୍ତି ଯେଉଁମାନେ ସେଠି ବସି ସିଗାରେଟ୍ ଟାଣନ୍ତି, ଯାଡୁସ୍ୟାଡୁ ଗୁଲିଖଟି ଗପ କରନ୍ତି, ସାହିତ୍ୟ ଆଲୋଚନା ବି କରନ୍ତି। ଅବଶ୍ୟ ମୁଁ ସେମାନଙ୍କ ସହିତ କେବେ ଯୋଗଦେଇନି। କିନ୍ତୁ ମୁଁ ଲକ୍ଷ୍ୟ କରେ, ସେମାନେ ସେହି ପରିବେଶକୁ କେମିତି ଉପଭୋଗ କରନ୍ତି।

**ସାହିତ୍ୟ ଚର୍ଚ୍ଚା:** ତେବେ ଆମେ ମଧ୍ୟ ଆଜିର ଏହି ଆଳାପଟିକୁ ଉପଭୋଗ କରିବା। ଆମେ ପାଉ ଯେ, ଆପଣଙ୍କ ଗଳ୍ପ ସଂକଳନଗୁଡ଼ିକର ସଂଖ୍ୟା ହାତଗଣତି। ତଥାପି ଏହି ସୀମିତ ସଂଖ୍ୟକ ଗଳ୍ପ ସମ୍ଭାର ଆପଣଙ୍କୁ ଓଡ଼ିଆ ସାହିତ୍ୟର ଏକ ଉଚ୍ଚ ଆସନରେ ଅଧିଷ୍ଠିତ କରାଇଛି। ଆପଣ ମାପିଚୁପି ଏମିତି ଅଳ୍ପ ଲେଖିବା ପଛର କାରଣ କ'ଣ ?

**ସତ୍ୟ ମିଶ୍ର:** ଅଧିକ ଲେଖିବା ପାଇଁ ମୋ କଲମରେ ବଳ ନାହିଁ, କି ମୁଣ୍ଡରେ ମେଧା ମଧ୍ୟ ନାହିଁ। ତା'ର କାରଣ ଅବଶ୍ୟ ନିର୍ଦ୍ଦିଷ୍ଟ ଭାବରେ କହିହେବ ନାହିଁ। ମୁଁ ଆଗରୁ ବହୁତ ଲେଖୁଥିଲି; କିନ୍ତୁ ଗୋଟିଏ ସମୟ ଆସିଲା, ଲେଖା ପୂରା ଛାଡ଼ିଦେଲି। ସେହି ଟ୍ରାଞ୍ଜିସନଟା କେମିତି ଆସିଲା ସେଇଟା ମୁଖ୍ୟ।

**ସାହିତ୍ୟ ଚର୍ଚ୍ଚା:** ଆପଣ ବ୍ୟାଙ୍କ୍ ସେବାରେ ଜଣେ ଅଧିକାରୀ ଭାବରେ ଯୋଗଦେବା ପରେ ସେହି ବୃତ୍ତିଟିର ନିରସତା ହୁଏତ ଏହାର କାରଣ ହୋଇଥାଇପାରେ।

**ସତ୍ୟ ମିଶ୍ର:** ନା, ବ୍ୟାଙ୍କରେ ପଶିବା ଆଗରୁ ହିଁ ମୋର ଲେଖିବା ଟିକିଏ ଧିମେଇ ଯାଇଥିଲା।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ପ୍ରଥମ ଗଳ୍ପ ସଂକଳନ ପ୍ରକାଶ ପାଇଥିଲା ୧୯୭୩ ମସିହାରେ, ଯେତେବେଳେ କି ଆପଣ ବ୍ୟାଙ୍କରେ ନ ଥିଲେ। ଅଥଚ ପରବର୍ତ୍ତୀ ସଂକଳନ ପ୍ରକାଶିତ ହେଲା ୨୦୧୯ ମସିହାରେ, ଅର୍ଥାତ୍ ୪୬ ବର୍ଷ ପରେ ଯେତେବେଳକୁ ଆପଣ ବ୍ୟାଙ୍କରୁ ଅବସର ନେଇସାରିଥିଲେ। ଅବଶ୍ୟ ଏହା ମଝିରେ କାଁ ଭାଁ କେବେ କେଉଁଠି ପତ୍ରପତ୍ରିକାରେ ଆପଣଙ୍କର କିଛି ରଚନା ପ୍ରକାଶ ପାଇଛି।

**ମୁଁ ଆଗରୁ ବହୁତ ଲେଖୁଥିଲି; କିନ୍ତୁ ଗୋଟିଏ ସମୟ ଆସିଲା, ଲେଖା ପୂରା ଛାଡ଼ିଦେଲି।**

**ସତ୍ୟ ମିଶ୍ର:** କିନ୍ତୁ ମୁଁ କହୁନାହିଁ ଯେ ବ୍ୟାଙ୍କ ଚାକିରିର ପରିବେଶ ଆଉ ସାହିତ୍ୟିକ ସର୍ଜନଶୀଳତା ଭିତରେ ଅହିନକୁଳ ସଂପର୍କ ଅଛି। ସାହିତ୍ୟ ସହିତ ପ୍ରଥମେ ମୋର ସମ୍ପର୍କ ଦୃଢ଼ୀଭୂତ ହେଲା ଯେତେବେଳେ ବ୍ରହ୍ମପୁରରେ ମୋର ସ୍ନାତକ ପଢ଼ା ଶେଷ କରି ମୁଁ ଇଂରାଜୀରେ ଏମ୍.ଏ. କରିବାପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ ଗଲି।

**ସାହିତ୍ୟ ଚର୍ଚ୍ଚା:** ସମ୍ବଲପୁରକୁ କାହିଁକି ?

**ସତ୍ୟ ମିଶ୍ର:** ଆପଣ ଜାଣନ୍ତି ଯେ ଇଂରାଜୀ ସାହିତ୍ୟରେ ପ୍ରଥମ ଶ୍ରେଣୀ ପାଇବା କେତେ କଷ୍ଟକର।

**ସାହିତ୍ୟ ଚର୍ଚ୍ଚା:** ଇଂରାଜୀ ସାହିତ୍ୟର ଅଧ୍ୟାପକମାନେ ପରୀକ୍ଷାରେ ସହଜରେ ନମ୍ବର ଦିଅନ୍ତି ନାହିଁ, ଏହା ସର୍ବଜଣା।

**ସତ୍ୟ ମିଶ୍ର:** କିନ୍ତୁ ମୁଁ ଶୁଣିଥିଲି ଯେ କେବଳ ସମ୍ବଲପୁର ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ଦୁଇଟି ଇଚ୍ଛାଧୀନ ବିଷୟ ଅଛି ଯେଉଁଥିରେ ଗଣିତ ଭଳି ଭଲ ମାର୍କ୍ ସାଉଁଟି ହେବ। ଗୋଟିଏ ଥିଲା, 'ଲିଙ୍ଗୁଇଷ୍ଟିକ୍', ଏବଂ ଅନ୍ୟଟି 'ଟିଚିଂ ଇଂଲିଶ୍ ଆଜ୍ ଏ ସେକେଣ୍ଡ ଲାଙ୍ଗୁଏଜ୍'। ତେଣୁ ଖୋଜି ଖୋଜି ସେଠାକୁ ଗଲି। ମାର୍କ ମିଳିଲା ଓ ଗୋଲ୍ଡ ମେଡାଲ ବି ମିଳିଲା।

ସେଠାରେ ପ୍ରଫୁଲ୍ଲ ତ୍ରିପାଠୀ ଓ ଶୁଭେନ୍ଦୁ ମୁଣ୍ଡ ଆଦିଙ୍କ ସହିତ ମୋ'ର ପରିଚୟ ହେଲା ଏବଂ ମୋର ଲେଖାଲେଖି ବଢ଼ିଚାଲିଲା। 'ଯୀଶୁଖ୍ରୀଷ୍ଟ' ଗଳ୍ପଟି ମୁଁ ସେଇଠି ଥିବାବେଳେ ଲେଖିଥିଲି।

**ସାହିତ୍ୟ ଚର୍ଚ୍ଚା:** ଏହି ଗଳ୍ପଟିକୁ ତ ଆପଣଙ୍କର ଗୋଟିଏ ସିଗନେଚର୍ ଷ୍ଟୋରୀ ବୋଲି ମଧ୍ୟ କୁହାଯାଇପାରେ, ଯେମିତି ଫକୀରମୋହନଙ୍କ 'ରେବତୀ', ସୁରେନ୍ଦ୍ର ମହାନ୍ତିଙ୍କ 'ସାରିପୁତ୍ତ', ମନୋଜ ଦାସଙ୍କ 'ଲକ୍ଷ୍ମୀର ଅଭିସାର' ଅବା ଅଚ୍ୟୁତାନନ୍ଦ ପତିଙ୍କ 'ଅଶୁଭ ପୁତ୍ରର କାହାଣୀ'; ସେହିଭଳି 'ଯୀଶୁଖ୍ରୀଷ୍ଟ' ମଧ୍ୟ ଆପଣଙ୍କର ଗୋଟିଏ ପ୍ରତିନିଧିସ୍ତରୀୟ ଗଳ୍ପ। ତେବେ ଏହି ଗଳ୍ପ ପଛର ଗଳ୍ପ କିଛି ଅଛି କି ?




**ସତ୍ୟ ମିଶ୍ର:** ଗଳ୍ପ ପଛର ଗଳ୍ପ ହେଲା, ସମ୍ବଲପୁରରେ ମୁଁ ପଢୁଥିବା ବେଳେ 'ବୁକ୍ ଅଫ୍ ଜବ୍' ବୋଲି 'ଓଲ୍ଡ ଟେଷ୍ଟାମେଣ୍ଟ'ର ଗୋଟିଏ ଅଂଶ ଆମ ସିଲାବସରେ ଥିଲା। ଏହା ଥିଲା ବାଇବେଲ୍ ସହିତ ମୋ'ର ପ୍ରଥମ ପରିଚୟ। ତା'ପରେ ମଧ୍ୟ ମୁଁ ବାଇବେଲର ବିଷୟରେ ଆହୁରି ବହୁତ କିଛି ପଢ଼ିଲି। ସେଇଠି ଯିଶୁଙ୍କ କ୍ରସ୍ ଗୋଟିଏ ପ୍ରତୀକ ହୋଇ ମୋ ମନରେ ରହିଗଲା। ତା'ପରେ ମାଙ୍କଡ଼ର କଥା। ମୁଁ ଆପଣଙ୍କୁ କହିଛି ଯେ ଜୀବଜନ୍ତୁମାନେ ମୋତେ କେମିତି ଫାସିନେଟ୍ କରନ୍ତି, ବିଶେଷତଃ ମାଙ୍କଡ଼ମାନେ।

**ସାହିତ୍ୟ ଚର୍ଚ୍ଚା:** ତେଣୁ ଆପଣଙ୍କର ଏହି ଗଳ୍ପରେ ମାଙ୍କଡ଼ଟିଏ କ୍ରୁଶବିଦ୍ଧ ହେବାର ଦର୍ଶାଯାଇଛି। ଆପଣଙ୍କ ଲେଖାର ସମୀକ୍ଷକମାନଙ୍କ ମତ ଯେ ଆପଣ ନିଜ ଗଳ୍ପମାନଙ୍କରେ ଅଳ୍ପ ଶବ୍ଦରେ ବହୁତ କଥା କହିଦିଅନ୍ତି। ଏଇଟି ତା'ର ଏକ ଉଦାହରଣ। ସେଇ କଥାରେ କ'ଣ ନ ଥାଏ ! ଜୀବନ-ଦର୍ଶନଠାରୁ ନେଇ ଚରିତ୍ର ଚିତ୍ରଣ ଓ ଗଳ୍ପର କାରିଗରି ପର୍ଯ୍ୟନ୍ତ। କିନ୍ତୁ ମୁଁ ଗୋଟିଏ କଥା ଭାବିପାରୁନାହିଁ ଯେ ଆପଣ ମାଙ୍କଡ଼ଟି ପ୍ରତି ଏତେ ନିର୍ଦ୍ଦୟ କାହିଁକି ହେଲେ ? ଶେଷରେ ଆପଣ ତା'କୁ ମରଣମୁଖକୁ ଠେଲିଦେଇଛନ୍ତି। ଚରିତ୍ରମାନେ ଏମିତି ମରଣାନ୍ତକ ଯନ୍ତ୍ରଣା ପାଇଲେ ଆପଣ ନିଜକୁ କ'ଣ କଷ୍ଟ ହୁଏନି !

**ସତ୍ୟ ମିଶ୍ର:** କେବଳ ରକି ନୁହଁ; ସମାନ୍ତରାଳ ଭାବରେ ଆପଣ ଯିଶୁଖ୍ରୀଷ୍ଟଙ୍କ ଚରିତ୍ରକୁ ମଧ୍ୟ ଦେଖନ୍ତୁ। ତାଙ୍କୁ ମଧ୍ୟ କଷ୍ଟ ଦିଆହୋଇଛି, କିନ୍ତୁ ତଦ୍ଦ୍ୱାରା ସେ ମହିମାବନ୍ତ ହୋଇଛନ୍ତି। ତେଣୁ ମୁଁ କହିବାକୁ ଚେଷ୍ଟା କରିଛି ଯେ, ଯିଏ କଷ୍ଟ ପାଇବ ସେ ତ୍ରାଣକର୍ତ୍ତା ହେବ।

**ସାହିତ୍ୟ ଚର୍ଚ୍ଚା:** ସାହିତ୍ୟ ଜଗତରେ ଆପଣ ଜଣେ ଲାଜକୁରା ଲେଖକ ଭାବରେ ପରିଚିତ; ଏହି ଅର୍ଥରେ ଯେ, ଆପଣଙ୍କର ପ୍ରଚାରପ୍ରିୟତା ନାହିଁ। ଆପଣ କେବଳ ନିରବରେ ସାଧନା କରିଚାଲିଥାଆନ୍ତି, ହେଲେ ତାହାର ସ୍ୱୀକୃତି ପାଇଁ ଆଶାୟୀ ନ'ଥାନ୍ତି। ଏହାର ପରିଣାମ ଏଇଆ ଯେ ଆପଣ ଆଜି ପର୍ଯ୍ୟନ୍ତ ରାଜ୍ୟ କିମ୍ବା କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରର ସୁନଜରରେ ପଡ଼ିନାହାନ୍ତି !

**ସତ୍ୟ ମିଶ୍ର:** ମୁଁ ତାହାର ଉତ୍ତର ଦେଇପାରିବି ନାହିଁ। ଏକଥା ସତ ଯେ ମୁଁ ଲାଜକୁରା। ମୁଁ ଏତେ ଆଉଟସ୍ପୋକନ୍ ବା ଏକ୍ସଟ୍ରୋଭର୍ଟ୍ ନୁହଁ।

**ସାହିତ୍ୟ ଚର୍ଚ୍ଚା:** ତଥାପି ପୁରସ୍କାରମାନଙ୍କଠାରୁ ବଞ୍ଚିତ ହେବା ଆପଣଙ୍କୁ ବ୍ୟଥିତ କରିଛି କି !

**ସତ୍ୟ ମିଶ୍ର:** ମୁଁ ଯେତେବେଳେ ୪୬ ବର୍ଷକାଳ ଲେଖିବାଟା ବନ୍ଦ କରିଦେଲି, ସେତେବେଳେ ମୁଁ କେବେ ଭାବି ନ ଥିଲି ଯେ ମୁଁ ଆଉ ଥରେ କେବେ ଲେଖିବି। ମୁଁ ଭାବିଥିଲି ଯେ ସାହିତ୍ୟିକ ହିସାବରେ ମୋ'ର ମୃତ୍ୟୁ ହୋଇଗଲା। ତା'ପରେ ବି ଆଜି ମୁଁ ଯେ ଲେଖୁଛି ଏବଂ ତା'ପାଇଁ ଯେ ମୋତେ ସ୍ୱୀକୃତି ମଧ୍ୟ ମିଳୁଛି, ଏହାଠାରୁ ବଳି ଅଧିକ ମୋତେ ଆଉ କ'ଣ ଦରକାର ? ଆପଣ ଯେ ଆଜି ମୋର ସାକ୍ଷାତ୍କାର ନେବାକୁ ଆସିଛନ୍ତି, ଏଇଟା କ'ଣ ମୋତେ ସ୍ୱୀକୃତି ମିଳିବାର ଲକ୍ଷଣ ନୁହେଁ !

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କ ଗଳ୍ପ ସଂକଳନଗୁଡ଼ିକର ସଂଖ୍ୟା ସୀମିତ ହେଲେ ବି ଗଳ୍ପମାନଙ୍କର ସଂଖ୍ୟା ସେମିତି କିଛି କମ୍ ନୁହେଁ। ଆପଣ ଏବକୁ ୮୦ରୁ ଅଧିକ ସଂଖ୍ୟକ ଗଳ୍ପ ଲେଖିସାରିବେଣି। ତେବେ ଜଣେ ପାଠକ ଭାବରେ ଆମେ ଲକ୍ଷ୍ୟ କରୁ ଯେ ଏଥିମଧ୍ୟରୁ କୌଣସି ଦୁଇଟି ଗଳ୍ପ ମଧ୍ୟରେ ସାମ୍ୟ ନାହିଁ; ଅର୍ଥାତ୍ ପ୍ରତ୍ୟେକଟି ନିଜର ସ୍ୱାତନ୍ତ୍ର୍ୟରେ

ଗରୀୟାନ୍। ବୋଧହୁଏ ଆପଣ ଅଧିକ ଲେଖିବା ପାଇଁ ସେତେ ବ୍ୟଗ୍ର ନ ହେବା ଏହାର କାରଣ, ଯେତେବେଳ ପର୍ଯ୍ୟନ୍ତ ଗୋଟିଏ ନିଆରାଭାବ ଆପଣଙ୍କୁ ଆକ୍ରାନ୍ତ ନ କରିଛି, ଆପଣ କଲମ ଧରନ୍ତି ନାହିଁ।

**ସତ୍ୟ ମିଶ୍ର:** ଯେତିକି ଗଳ୍ପର ଭାବ ମୋ ମସ୍ତିଷ୍କକୁ ଆସୁଛି, ଅର୍ଥାତ୍ ଯେତିକି ଥିମ୍ ବା ପ୍ଲଟ୍ ସ୍ୱାଭାବିକ ଭାବରେ ମୋତେ ଜୁଟେ ସେତିକି ହିଁ ମୁଁ ଲେଖେ। ଭିଡ଼ି ଓଟାରି ଥିମ୍ ଆଣିବାକୁ ଚେଷ୍ଟା କରେନାହିଁ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ସଦ୍ୟ ପ୍ରକାଶିତ ଗଳ୍ପ ସଂକଳନ 'ଦୁଷ୍ଟ ଯାଦୁକର'ର ତେରୋଟି ଯାକ ଗଳ୍ପରେ ଆମେ ପାଉ ଏକ ଉପସ୍ଥାପନାଗତ ଚମତ୍କାରିତା। ଏହି ଗଳ୍ପଗୁଡ଼ିକ ଗୋଟିଏ ସମୟରେ ଲେଖାହୋଇଛି, ନା ଭିନ୍ନ ଭିନ୍ନ ସମୟରେ?

**ସତ୍ୟ ମିଶ୍ର:** ଏଗୁଡ଼ିକ ଗୋଟିଏ ସମୟରେ ଲେଖା ହୋଇନାହିଁ। ଦୁଇ ବା ତିନୋଟିକୁ ଛାଡ଼ିଦେଲେ ଅନ୍ୟ ସବୁ ଦୁଇବର୍ଷ ପୂର୍ବରୁ ଲେଖା ହୋଇଛି।

**ସାହିତ୍ୟ ଚର୍ଚ୍ଚା:** ଆପଣ ଇଂରାଜୀ ବିଭାଗର ଛାତ୍ର ଥିବା ସହ ଏହି ବିଭାଗରେ ଅଧ୍ୟାପନା ମଧ୍ୟ କରିଛନ୍ତି କିଛି କାଳ। ଏହି କ୍ରମରେ ଇଂରାଜୀ କଥାସାହିତ୍ୟ ସହିତ ଆପଣଙ୍କର ନିବିଡ଼ ପରିଚୟ ଘଟିଥିବ। ପାଶ୍ଚାତ୍ୟ କଥାସାହିତ୍ୟର ସେହି ଶୈଳୀ ବା ରୂପ ଆପଣଙ୍କ ରଚନା ଭିତରକୁ ମଧ୍ୟ କେବେ ପ୍ରଚ୍ଛନ୍ନ ଭାବରେ ଓହ୍ଲାଇ ଆସିଛି କି?

**ସତ୍ୟ ମିଶ୍ର:** ମୋର ଧାରଣା ଯେ ଆସିନାହିଁ। ମୋ'ର ଶୈଳୀ ସାଧାରଣତଃ ଏସବୁଥିରୁ ମୁକ୍ତ ବୋଲି ମୁଁ ଭାବେ।

**ସାହିତ୍ୟ ଚର୍ଚ୍ଚା:** ଆପଣଙ୍କର ଜନ୍ମ କୋରାପୁଟ ଜିଲ୍ଲାରେ; ଆଦ୍ୟ ଜୀବନ ମଧ୍ୟ ବିତିଛି ସେଠି। ତଥାପି କୋରାପୁଟର ସମାଜଚିତ୍ର ବା ସ୍ଥାନୀୟ ଭାଷା ଆପଣଙ୍କର ରଚନାରେ କେଉଁଠି ପ୍ରତିଫଳିତ ହେବାର ଆମେ ଦେଖୁନାହୁଁ। ଏମିତି କାହିଁକି?

**ସତ୍ୟ ମିଶ୍ର:** କୋରାପୁଟର ଦେଶିଆ ଭାଷା ମୁଁ ସ୍ପଷ୍ଟ କହିପାରୁ ନ ଥିଲେ ସୁଦ୍ଧା ପୂରା ବୁଝିପାରେ। ତାହାକୁ ଗଳ୍ପରେ ପ୍ରୟୋଗ କରିବାର ଚେଷ୍ଟା ଅବଶ୍ୟ କେବେ କରିନାହିଁ। ତେବେ ଏହିଭଳି ଗଳ୍ପଟିଏ ଲେଖିବାର ପରିକଳ୍ପନା ଏବେ ମୋ ମନରେ ଅଛି।

**ସାହିତ୍ୟ ଚର୍ଚ୍ଚା:** ୨୦୧୯ ମସିହା ପରଠାରୁ ଆପଣ ଗୋଟିକ ପରେ ଗୋଟିଏ ଗଳ୍ପ ସଂକଳନ ପ୍ରକାଶ କରି ଚାଲିଛନ୍ତି। ୨୦୨୨ରେ ମଧ୍ୟ 'ଶ୍ରେଷ୍ଠ ଗଳ୍ପ' ନାମରେ ଆପଣଙ୍କର ଗୋଟିଏ ସାମଗ୍ରିକ ଗଳ୍ପ ସଂକଳନ ପ୍ରକାଶ ପାଇଛି। ତଥାପି ଅନ୍ୟ ଅଗ୍ରଣୀ କଥାସାହିତ୍ୟିକମାନଙ୍କ ସହିତ ତୁଳନା କଲେ ଆପଣଙ୍କ ସୃଜନ ପ୍ରବଣତାରେ ଏବେ ଟିକିଏ ଭଟ୍ଟା ପଡ଼ିଯାଇଥିବା ଭଳି ମନେହୁଏ।

**ସତ୍ୟ ମିଶ୍ର:** ଭଟ୍ଟା ତ ପଡ଼ିଛି! ସତକଥା ହେଲା ମୋ'ର ସେତିକି ଉତ୍ପାଦନ କ୍ଷମତା ନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏହି ତଥାକଥାତ 'ଉତ୍ପାଦନ କ୍ଷମତା' ସାହିତ୍ୟରେ କୌଣସି ମାନେ ରଖେ କି?

**ସତ୍ୟ ମିଶ୍ର:** ନା, ମୋଟେ ମାନେ ରଖିବା ଉଚିତ ନୁହଁ।

**ସାହିତ୍ୟ ଚର୍ଚ୍ଚା:** ବାରିଷ୍ଟର ଗୋବିନ୍ଦ ଦାସଙ୍କର ଗୋଟିଏ ମାତ୍ର ଉପନ୍ୟାସ 'ଅମାବାସ୍ୟାର ଚନ୍ଦ୍ର' ପାଇଁ ତାଙ୍କୁ ଆଜି ସମସ୍ତେ ମନେ ରଖିଛନ୍ତି, ସେଭଳି ଖ୍ୟାତି ବୋଧହୁଏ ରାଶି ରାଶି ବହି ଲେଖିଥିବା ସାହିତ୍ୟିକମାନଙ୍କର ମଧ୍ୟ ନାହିଁ।

**ମନେହୁଏ, ସତ୍ୟ ମିଶ୍ର କହିଲେ ଲୋକେ 'ଯୀଶୁଖ୍ରୀଷ୍ଟ' ବୋଲି ହିଁ ବୁଝୁଛନ୍ତି।**

**ସତ୍ୟ ମିଶ୍ର:** ମୁଁ ଏତେ ଗଳ୍ପ ଲେଖିଲିଣି, କିନ୍ତୁ ଲୋକେ ମୋତେ ସେହି 'ଯୀଶୁଖ୍ରୀଷ୍ଟ'ର ଗାଳ୍ପିକ ଭାବରେ ହିଁ ମନେ ରଖିଛନ୍ତି। ମନେହୁଏ ସତ୍ୟ ମିଶ୍ର କହିଲେ ଲୋକେ 'ଯୀଶୁଖ୍ରୀଷ୍ଟ' ବୋଲି ହିଁ ବୁଝୁଛନ୍ତି। ମୋତେ ବେଳେବେଳେ ଲାଗେ ଯେ ମୁଁ ଏହାଠାରୁ ଅଧିକ ବଢ଼ିପାରିଲିନି କି!

**ସାହିତ୍ୟ ଚର୍ଚ୍ଚା:** ଆପଣ ନିଜେ କ'ଣ ଭାବନ୍ତି ଯେ ଆପଣ ନିଜର କୌଣସି ଗଳ୍ପରେ 'ଯୀଶୁଖ୍ରୀଷ୍ଟ'କୁ ଆଉଟଗ୍ରୋ କରିଛନ୍ତି?

**ସତ୍ୟ ମିଶ୍ର:** କରିଛି ବୋଲି ମୁଁ ତ ଭାବେ। କିନ୍ତୁ ସେଇଟା ପାଠକଙ୍କ ନଜରକୁ ଆସିନାହିଁ। ଠିକ୍ ଅଛି; 'ଯୀଶୁଖ୍ରୀଷ୍ଟ' ଲେଖିବା ଆଗରୁ ମୋତେ କେହି ଜାଣି ନ ଥିଲେ। ଏହା ମୋତେ ଏକ ପରିଚୟ ଦେଇଛି। ଏଥିପାଇଁ ମୁଁ 'ଝଙ୍କାର'ର ସମ୍ପାଦକ ସରୋଜ ରଂଜନ ମହାନ୍ତିଙ୍କ ପାଖରେ ଚିର କୃତଜ୍ଞ, ଯିଏ ମୋ' ଭଳି ଗୋଟିଏ ଅଜଣା ଲେଖକର ଗଳ୍ପକୁ ୧୯୭୨ ମସିହାରେ ତାଙ୍କ ପତ୍ରିକାର ବିଷୁବ ସଂଖ୍ୟାରେ ପ୍ରକାଶ କଲେ।

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ମନୋଜ୍ଞ ଆଲୋଚନାଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।

□□

ଗଳ୍ପ

# ଅନ୍ତର୍ଦାହ



ଜୟନ୍ତୀ ସାହୁ

ନୂଆବର୍ଷ ଆସୁଛି। ସେଥିପାଇଁ ସହରରୁ ଗାଁଯାଏଁ ପ୍ରସ୍ତୁତି ଚାଲିଛି। ପ୍ରତିବର୍ଷ ନୂଆବର୍ଷକୁ ନୂଆ ରଙ୍ଗରେ ରଙ୍ଗେଇବା ପାଇଁ ମୋ ମନରେ ବି ପ୍ରବଳ ଝୁଙ୍କ୍ ଥାଏ। ସେଥିପାଇଁ ପ୍ରତିବର୍ଷ ଡିସେମ୍ବର ମାସ ଶେଷ ସପ୍ତାହରୁ ପରିବାରର ସବୁ ସଦସ୍ୟଙ୍କ ପାଇଁ କିଛି କିଛି ନୂଆ ଜିନିଷ କିଣି ନୂଆବର୍ଷରେ ଖୁସି ମନେଇବା ପାଇଁ ପ୍ରସ୍ତୁତ ହୋଇଯାଇଥାଏ। ଯେତେ ବାଧାବିଘ୍ନ ଆସିଲେ ବି ନୂଆବର୍ଷଟା ଛୁଟି ନେଇ ମୁଁ ପରିବାର ସହିତ ଖୁବ୍ ଖୁସିରେ ପାଳନ କରେ। ମୋର ଧାରଣା ରହି ଆସିଛି ଯେ ନୂଆବର୍ଷଟା ପରିବାର ସହିତ ଖୁସିରେ ବିତାଇଲେ, ସାରା ବର୍ଷଟା ପାରିବାରିକ ମଧୁର ଆନନ୍ଦ ହିଁ ମନକୁ ମିଳିଥାଏ।



ନୂଆବର୍ଷ ନିମିତ୍ତ କାହା ପାଇଁ କେଉଁ ଜିନିଷ କିଣିବି, ସେଥିପାଇଁ ମନ ମଧ୍ୟରେ ଏକ ଯୋଜନା ପ୍ରସ୍ତୁତ କଲି। ପୁଅ ଈଶାନ୍ ପାଇଁ ଦାମୀ ପ୍ୟାଣ୍ଟ ସାର୍ଟ, ପତ୍ନୀ ରୀଣା ପାଇଁ ଡାଇମଣ୍ଡ ଇୟର ରିଙ୍ଗ୍, ବାପାଙ୍କ ପାଇଁ ସୁନ୍ଦର ଏକ ମଠା ଶାଲ୍ କିଣିବା ପାଇଁ ମନେ ମନେ ସ୍ଥିର ନିଶ୍ଚିତ ହେଲି। ଆଉ ବାକି ରହିଲା ମୋର ଅତିପ୍ରିୟ ବୋଉ। ଚାକିରି କରିବା ଦିନ ଠାରୁ ଆଜିଯାଏଁ ଯେତେ ପଚାରିଲେ ବି ବୋଉ ତୋର କ'ଣ ଦରକାର କହ, ତୋ ପାଇଁ ଆସନ୍ତା ଥରକୁ ଆଣିବି, ଏମିତି ପଚାରି ପଚାରି ମୁଁ ନୟାନ୍ତ ହୋଇ ପଡିଛି ସିନା, ହେଲେ ବୋଉର ସେଇ ସଂକ୍ଷିପ୍ତ ଉତ୍ତର, ତୁ ଖାଲି ଭଲରେ ଥାଆ, ମୋର ଏତିକି ଦରକାର, ତା' ଛଡ଼ା ଆଉ କିଛି ଲୋଡା ନାହିଁ।

ତେବେ ଏ ବର୍ଷ ସେ ତା ବୋଉ ପାଇଁ ଯେମିତି ହେଲେ କିଛି ନା କିଛି ଉପହାର କିଣି ନୂଆବର୍ଷ ଦିନ ବୋଉକୁ ସରପ୍ରାଇଜ୍ ଦେବି। ବହୁଦିନୁ ମନରେ ବସା ବାନ୍ଧିଥିବା କଥାଟା ଏଥର ବେଶି ସ୍ପଷ୍ଟ ହୋଇ ଉଠିଲା। ବେଳକୁ ବେଳ ବୋଉର ଫୁଙ୍ଗୁଳା ବେକ ମତେ ବିଚଳିତ କରି ପକାଇଲା। ମନସ୍ଥ କଲି, ଏଥର ବୋଉର ଫୁଙ୍ଗୁଳା ବେକ ପାଇଁ ସୁନାର ହାରଟିଏ ନେଇ ନୂଆବର୍ଷରେ ନିଜେ ତାକୁ ଜୋର୍ ଜବରଦସ୍ତ ପିନ୍ଧାଇ ଦେବି। ବୋଉ ଏ ହାର ପିନ୍ଧି କେତେ ଖୁସି ନ ହେବ ସତରେ।

ଏତିକି ବେଳେ ମୋର ସ୍ପଷ୍ଟ ମନେ ପଡ଼ିଯାଉଥିଲା ସେଇ ଦାରିଦ୍ର୍ୟ ନିପୀଡିତ ଦୁଃଖଦ ଅତୀତ। ବାପା, ମାଆଙ୍କର ଏକୋଇରବଳା ବିଶିକେଶନ ସେ। ଭାଇ, ଭଉଣୀ ବୋଇଲେ କେହି ନାହାନ୍ତି ତା'ର। ଜମି, ବାଡି ବୋଲି ସେଭଳି ସୁସ୍ଥରେ ଚଳିଯିବା ଭଳି କିଛି ନାହିଁ। ଅନ୍ୟର ଜମିରେ ଭାଗ ବଖରା କରି ବାପା ତା'ର ପାଠପଢ଼ା ଖର୍ଚ୍ଚ ତୁଲାଉଥିଲେ। ଖୁବ୍ ଭଲ ମେଧାବୀ ଛାତ୍ର ଥିବାରୁ ବାଣୀବିହାରରୁ ପଲିଟିକାଲ ସାଇନ୍ସରେ ଏମ୍.ଏ. ପାସ୍ କରୁ କରୁ ଓ.ଏ.ଏସ୍. ପାଇ ସର୍ଭିସ୍‌ରେ ଯୋଗ ଦେଲି ମୁଁ। ମତେ ପାଠ ପଢ଼ାଇ ସମାଜରେ ପ୍ରତିଷ୍ଠିତ କରିବା ପାଇଁ ବାପାଙ୍କର ଯେତିକି ପ୍ରଚେଷ୍ଟା, ତା' ତୁଳନାରେ ବୋଉର ଅବଦାନ ଓ ପରିଶ୍ରମ ବି କିଛି କମ୍ ନ ଥିଲା। ଅନ୍ୟ ଘରେ କାମ ପାଇଟି କରି ମୋର ପଢ଼ାଖର୍ଚ୍ଚର ଅବଶିଷ୍ଟ ଭରଣା କରୁଥିଲା ସେ। ଏମ୍.ଏ. ଫାଇନାଲ୍ ସେମିଷ୍ଟର୍ ପରୀକ୍ଷା ପାଇଁ ଫର୍ମ ପୂରଣ ନିମିତ୍ତ ସେତେବେଳେ ଘରେ ଟଙ୍କା ନ ଥାଏ। ଅଚାନକ ମୁଁ ଯାଇ ଟଙ୍କା ପାଇଁ ବାଣୀବିହାର ହଷ୍ଟେଲ୍‌ରୁ ବସ୍ ଯୋଗେ ଘରେ ପହଞ୍ଚିଗଲି। ସେ ରାତିରେ ବାପା ଗାଁଟା ସାରା ବୁଲି ବୁଲି ଟଙ୍କା ଯୋଗାଡ଼ କରି ନ ପାରି ନିରାଶରେ ଫେରିଲେ। ଗୋଟିଏ ଭାଗବଖରା କରି ଚଳୁଥିବା ଚାଷୀ ଲୋକଟିକୁ ଏତେ ଟଙ୍କା ଉଧାର ଦେବା ପାଇଁ ଗାଁଟା ସାରା

ଲୋକଙ୍କର ସେଦିନ ବିଶ୍ୱାସ ଭରସା ନ ଥିଲା। ହେଲେ ସେଦିନ ମୋ ହତାଶ ବାପାଙ୍କୁ ଗଭୀର ଆଶ୍ୱାସନା ପୂର୍ବକ ମୋ ବୋଉ ତା' ବେକରେ ପିନ୍ଧିଥିବା ଏକମାତ୍ର ସୁନା ଗହଣା ଗଣ୍ଠିମାଳଟା ତତ୍‌କ୍ଷଣାତ୍ କାଢ଼ି ବାପାଙ୍କ ହାତରେ ନିର୍ଦ୍ୱନ୍ଦ୍ୱରେ ଧରେଇ ଦେଇଥିଲା। ମତେ କିଛି ନ ଶୁଭିଲା ପ୍ରାୟ ବାପାଙ୍କ କାନରେ ଫୁସ୍‌ଫୁସ୍ କରି କ'ଣ କହି ଦେଲା ଯେ, ବାପା ହାତରେ ସେ ସୁନା କଣ୍ଠିମାଳଟା ମୁଠାଇ ଧରି ସେହି ବସିବା ଜାଗାରୁ ଉଠି ଗାଁ ସାହୁକାରର ଘର ଆଡ଼େ ଏକ ମୁହାଁ ଚାଲିଲେ। ତା'ପରଦିନ ସକାଳୁ ଫର୍ମ ପୂରଣ ପାଇଁ ଓ ମୋର ହଷ୍ଟେଲ୍ ଖର୍ଚ୍ଚ ପାଇଁ ବାପା ମୋ ହାତରେ ବୋଉର ହାର ବିକ୍ରି ଟଙ୍କାତକ ଧରେଇ ଦେଇ ଆଗାମୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଭଲ ଚାକିରିଟିଏ କରିବାର ଆଶୀର୍ବାଦ ମୋ ମଥାରେ ଅଜାଡି ଦେଲେ। କିନ୍ତୁ ବୋଉ ସେଦିନ ରାତିରେ ସେ କଣ୍ଠିମାଳଟା ବେକରୁ କାଢ଼ି ବାପାଙ୍କ ହାତକୁ ବଢ଼ାଇ ଦେଲା ବେଳେ ମୋ ଛାତି ଥରାଇ ଗୋଟାଏ ଅଜଣା କୋହ ହଠାତ୍ ଉବୁକି ଉଠିଥିଲା। ଉଦ୍‌ଗତ ଦୁଃଖସିକ୍ତ କୋହକୁ ଚାପି ନ ପାରି ମୁଁ ସେଦିନ ସାରା ରାତି ନିଃଶବ୍ଦରେ ଖାଲି ତକିଆରେ ମୁହଁ ଚାପି କାନ୍ଦିଥିଲି। ମୋର ଏଭଳି ଦୁଃଖଦ ଅବସ୍ଥା ବୋଉ ଆଖିରୁ ସେଦିନ୍ ବାଦ୍ ପଡି ନ ଥିଲା। ସେ ମୋ ପାଖକୁ ଯାଇ ତା'ର ପଣତକାନିରେ ମୋ ଆଖିର ଲୁହକୁ ପୋଛି ଦେଇ ମୋ ମୁଣ୍ଡ ସାଉଁଳାଇ ମୋତେ ପ୍ରବୋଧନା ଦେଇଥିଲା, ତୁ' ପରା ମୋର ଗଣ୍ଠିଧନ, କଣ୍ଠିରତ୍ନ ହାର, ତୁ ମଣିଷ ହେଲେ, ବଡ଼ ଚାକିରି କରି ବଡ଼ ହାକିମ ହେଲେ, ମୋ ସକଳ ସମ୍ପତ୍ତି ଆପେ ଭରଣା ହୋଇଯିବ। ମୋ ଧନଟା ପରା, ସୁନାଟା ପରା, ତୁ ଆରାମରେ ନିଶ୍ଚିନ୍ତରେ ଶୋଇପଡ଼।

**ଉଦ୍‌ଗତ ଦୁଃଖସିକ୍ତ କୋହକୁ ଚାପି ନ ପାରି ମୁଁ ସେଦିନ ସାରା ରାତି ନିଃଶବ୍ଦରେ ଖାଲି ତକିଆରେ ମୁହଁ ଚାପି କାନ୍ଦିଥିଲି।**

ସତକୁ ସତ ବୋଉ ସେଦିନର କଥା ଅନୁସାରେ ମୁଁ ରାଜ୍ୟ ସରକାରଙ୍କ ଅଧୀନରେ ଜଣେ ଉଚ୍ଚପଦସ୍ଥ ଅଫିସର୍ ଭାବେ ନିଯୁକ୍ତ ପାଇଲି। ମୋଟା ଅଙ୍କର ଦରମା ପାଇ ଘରଠାରୁ ଅଳ୍ପ ଦୂର ବ୍ଲକ୍‌ରେ ବି.ଡି.ଓ. ଭାବେ ଅବସ୍ଥାପିତ ହେଲି। ଅତ୍ୟାଧୁନିକ ଉଚ୍ଚଶିକ୍ଷିତ ଝିଅ 'ରୀତା'କୁ ଜୀବନସଙ୍ଗିନୀ ଭାବେ ନିଜେ ଚଏସ୍ କରି ବିବାହ କଲି। ଗାଁରେ ଦ୍ୱିତଳ ମହଲା ବିଶିଷ୍ଟ ଅଟ୍ଟାଳିକା, ଅତ୍ୟାଧୁନିକ ଆସବାବପତ୍ର ଇତ୍ୟାଦି ଗଢ଼ି ମୋର ଅଫିସରୀୟ ଷ୍ଟାଟସ୍‌କୁ ଗାଁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରି ମୋ ବାପା, ମା'ଙ୍କୁ ଗାଁରେ ସ୍ୱତନ୍ତ୍ର ମର୍ଯ୍ୟାଦା ଓ ସମ୍ମାନ ପ୍ରଦାନ କରି ଆନନ୍ଦ ଦେଲି। କିନ୍ତୁ ଏଯାବତ୍ ମୋ ବୋଉର ଫୁଙ୍ଗୁଳା ବେକ ପାଇଁ ସୁନାର ହାରଟେ ଦେଇ ପାରୁନି। ଯେତେ ଥର ହାର କିଣିଛି, ରୀତାକୁ ସେ ହାର ପସନ୍ଦ ହୋଇଛି, ପାଞ୍ଚ, ଛଅଟା ନେକ୍‌ଲେସ୍ ଥାଇ ବି ସେ ମୋ ବୋଉ ପାଇଁ କିଣିଥିବା ହାରକୁ ନିଜ ପାଇଁ ରଖିଦେଇଛି। ନ ହେଲେ ଠିକ୍ ଏଭଳି ହାର ତା' ସାନଭଉଣୀର ବହୁତ ପସନ୍ଦ ଏବଂ ଏଇ ଡିଜାଇନ୍‌ର ହାର ପାଇଲେ ତା' ସାନଭଉଣୀ ମିତା ଆମ ଉପରେ ବହୁତ ଖୁସି ହେବ କହି, ତା' ବାହାଘରରେ ବୋଉ ପାଇଁ କିଣିଥିବା ହାରଟା ଜବରଦସ୍ତ ଜିଦ୍ କରି ମୋ ଠାରୁ ନେଇ ସାନଭଉଣୀକୁ ଉପହାର ଦେଇଛି। ବୋଉର ବି ଏଥିରେ ଲେଶ ମାତ୍ର ପ୍ରତିବାଦ ନ ଥାଏ। ବରଂ ରୀତାର ବେକରେ ତା' ପାଇଁ ମୁଁ କିଣିଥିବା ହାର ଶୋଭାବର୍ଦ୍ଧନ କରୁଥିବାରୁ ତା'ର ଶାଶୁମା' ହେବା ଜନିତ ଅଜସ୍ର ଆନନ୍ଦ ତା' ମୁଖ ମୁଦ୍ରାରୁ ବେଶ୍ ବାରି ହୋଇପଡ଼େ। ଅପତ୍ୟଜନିତ ଗଭୀର ଶ୍ରଦ୍ଧାର ମୋହରେ ମୋହଗ୍ରସ୍ତ ମୋ ବୋଉ ସିନା ରୀତାର ଭଳିକି ଭଳି ସୁନାହାର ପିନ୍ଧାକୁ ଖୁସିରେ ସହିଯାଏ, ହେଲେ ମାଇଁ, ମାଉସୀ ଆମ ଘରକୁ କେବେ କେମିତି ବେକରେ ସୁନା ହାର ପିନ୍ଧି ବୁଲି ଆସିଲେ, ବୋଉ ତାଙ୍କ ସୁନାହାର ପିନ୍ଧା ବେକକୁ ଏକଲୟରେ ଚାହିଁ ରହେ। ସେ ଚାହାଣିରୁ ବୋଉର ସୁନାହାର ଅଭାବଜନିତ ମାନସିକ ଦୁର୍ବଳତାକୁ ମୁଁ ବେଶ୍ ସହଜରେ ଠଉରାଇନିଏ। ସେଥିପାଇଁ ମୁଁ ବୋଉର ହାରବିହୀନ ବେକକୁ ଦେଖି ଭିତରେ ଭିତରେ ଏକ ଅବ୍ୟକ୍ତ ଯନ୍ତ୍ରଣାରେ ଜଳିଯାଏ। କିନ୍ତୁ ମୁଁ ଏଯାବତ୍ ଏମିତି ଅସ୍ଥିର ଓ ନିରୁପାୟ। ଏମିତିକି ମୁଁ ଶତ ଚେଷ୍ଟା କଲେ ବି ରୀତାକୁ କେବେ ବୁଝାଇ ପାରେନି, "ନିର୍ମଳ ଆନ୍ତରିକତା ସଂଳାପ ସର୍ବସ୍ୱ ବଞ୍ଚିବାର ଢଙ୍ଗରେ ମିଳେନି, ବରଂ ମିଳେ ସ୍ୱୟଂ ସମର୍ପିତ ତପସ୍ୟାରେ, ସେ ପୁଣି ନାମାବଳୀପକା ତପସ୍ୟା ନୁହେଁ, ଲୁହଲହୁର ଲହୁଣିମଖା ତପସ୍ୟା ଲୋଡ଼ାହୁଏ ସେଥିପାଇଁ।"

ଏମିତି ଭାବୁ ଭାବୁ ମୁଁ ଯାଇ ବହୁତ ନାମକରା ବଡ଼ ଗହଣା ଦୋକାନ ପାଖରେ ପହଞ୍ଚି ସାରିଥିଲି। ଗହଣା ଦୋକାନରୁ ସରୁ ଅଥଚ ସୁନ୍ଦର ହାରଟିଏ ବାଛି ବୋଉ ପାଇଁ ନେଇ ଆସିଲି।

ରୀତା ପାଇଁ ଡାଇମଣ୍ଡ ଇୟରରିଙ୍ଗ୍ ମଧ୍ୟ କିଣିଲି । ଏଥର ମୋର ଯୋଜନା ଅନ୍ୟ ପ୍ରକାରର ଥିଲା । ମୋ ବୋଉର ହାରଟିକୁ ମୁଁ ରୀତାକୁ ନ ଜଣାଇ ମୋ ପର୍ସ ମଧ୍ୟରେ ଗୁପ୍ତରେ ରଖିଦେଲି, ଭାବିଲି ବୋଉ କାଲି ସକାଳୁ ଅର୍ଥାତ୍ ନୂଆବର୍ଷର ପ୍ରତ୍ୟୁଷରୁ ସ୍ନାନ ସାରି ଠାକୁର ପୂଜା ପାଇଁ ଗଲାବେଳକୁ ମୁଁ ସମସ୍ତଙ୍କୁ ଚକିତ କରି ତା' ବେକରେ ଜବରଦସ୍ତ ହାରଟିକୁ ପିନ୍ଧାଇ ଦେବି । ରୀତାର ଯେତେ ପସନ୍ଦ ହେଲେ ବି ଯେମିତି ସେ ମୋ ବୋଉ ବେକରୁ ହାରଟା କାଢ଼ିବା ପାଇଁ ଏଥରକ କୁଣ୍ଠାବୋଧ କରିବ, ସେଥିପାଇଁ ମନେ ମନେ ଟିକେ ଭଗବାନଙ୍କୁ ସ୍ତୁତି କଲି ।

ଏମିତି ଏମିତି ଭାବନାରେ ଡିସେମ୍ବର ୩୧ ତାରିଖ ରାତି ପାହିଗଲା । ବିଗତ ସମ୍ବତ୍ସର ଧରାପୃଷ୍ଠରୁ ବିଦାୟ ନେଇ ନୂତନ ବର୍ଷର ନୂଆ ସୂର୍ଯ୍ୟକିରଣରେ ମାଆ ବସୁନ୍ଧରା ବିମଣ୍ଡିତ ହେଲେ । ଏଣେ ଗତକାଲିର ଲେଟ୍‌ନାଇଟ୍ ନ୍ୟୁଇୟର ଜନିତ ପାର୍ଟିରୁ ଆମେ ସସ୍ତ୍ରୀକ ଫେରିଥିବାରୁ ମତେ ଟିକେ ସକାଳୁ ସକାଳୁ ଗାଢ଼ ନିଦ ହୋଇ ଯାଇଥାଏ । ଏତିକି ବେଳେ ରୀତାର ଉଚ୍ଚ କଣ୍ଠର ଆର୍ତ୍ତଚିତ୍କାର ମୋର ନିଦ ଭାଙ୍ଗିଦେଲା । ଧଡ଼ପଡ଼ ହୋଇ ଉଠିପଡିବାରୁ ରୀତା କାନ୍ଦି କାନ୍ଦି କହିଲେ ଯେ ବୋଉଙ୍କୁ ସକାଳୁ ଯେତେ ଉଠେଇଲେ ବି ସେ ଉଠୁନାହାନ୍ତି । ତାଙ୍କ ଶରୀର ନିସ୍ତେଜ ଲାଗୁଛି । କାଳବିଳମ୍ବ ନ କରି ଅଧୁଆ ମୁହଁକୁ ଧୋଇ ସାରି ଗ୍ୟାରେଜ୍‌ରୁ ଗାଡି ବାହାର କରି ବୋଉକୁ ହସ୍‌ପିଟାଲ୍ ନେଇଗଲି । ସେଠାରେ ଡକ୍ଟର ବହୁପରୀକ୍ଷା ନିରୀକ୍ଷା ପରେ କହିଲେ ଯେ ହାର୍ଟଷ୍ଟ୍ରୋକ୍ ଯୋଗୁ ବୋଉର ମୃତ୍ୟୁ ହୋଇଯାଇଛି । ଭାରସାମ୍ୟ ହରାଇ ମୁଁ ଅଚାନକ ମାତୃବିୟୋଗ ଓ ସ୍ୱପ୍ନ ଭଙ୍ଗର ଯନ୍ତ୍ରଣାରେ ଅତିଶୟ ଜର୍ଜରିତ ହୋଇ କାନ୍ଥକୁ ଆଉଜି ସେଇଠି ବସି ପଡିଲି । ମୋର ଅପଲକ ଅଶ୍ରୁଜର୍ଜରିତ ନୟନରେ ସକରୁଣ ଦୃଷ୍ଟି ନିବଦ୍ଧ ହୋଇ ରହିଥିଲା ମୋତେ ମାତୃ ଛେଉଣ୍ଡ କରି ହଠାତ୍ ଆରପାରିକୁ ଚାଲି ଯାଇଥିବା ମୋ ବୋଉର ନିର୍ଜୀବ ପାର୍ଥିବ ଶରୀର ଉପରେ ।

ନୂତନ ବର୍ଷର ସକାଳରେ ମୋ ବୋଉର ଶବ ଉଠିବା ବେଳକୁ ମୋ ବାପା ତା' ସୀମନ୍ତର ସିନ୍ଦୂରକୁ ବହ୍ନିସ୍ନାତ ଓ ଅକ୍ଷାମର ରଖିବା ପାଇଁ ସୁହାଗର ସିନ୍ଦୂର ଥରଥର ହାତରେ ପିନ୍ଧାଇ ଦେଉଥିବା ବେଳେ, ମୁଁ ମୋର ପର୍ସରେ ସଂଗୋପନେ ଅତି ଯତ୍ନରେ ସାଇତି ରଖିଥିବା ସୁନାହାରଟିକୁ ବୋଉର ଫୁଙ୍ଗୁଳା ବେକରେ ପିନ୍ଧାଇ କହୁଥିଲି, ବୋଉଲୋ ! ବଞ୍ଚିଥିବା ବେଳେ ତୋ' ମନରେ ପରିତୃପ୍ତିର ସୂର୍ଯ୍ୟୋଦୟ ସୃଷ୍ଟି କରିବା ନିମିତ୍ତ ତୋତେ ହାରଟିଏ ଦେବା ପାଇଁ ମନସ୍ଥ କରିଥିବା ସ୍ୱୈଣ ପୁଅ ମୁଁ ଆଜି ତୋ ଅନ୍ତିମ ବିଦାୟ ବେଳାରେ ଗଭୀର ଅନ୍ତର୍ଦାହ ମଧ୍ୟରେ ତୋତେ ଏ ହାର ପିନ୍ଧାଇ ମୋ ନିଜର ଅପାରଗପଣିଆକୁ ପ୍ରବୋଧନା ଦେଉଛି । ତୀକ୍ଷ୍ଣ ବେଦନାବୋଧର ସହସ୍ର ସହସ୍ର ସୂଚୀବିଦ୍ଧ ଯନ୍ତ୍ରଣାରେ ଖାଲି ଯାହା ଆଜି ଛଟପଟ ହେଉଛି । ହେ କ୍ଷମାମୟୀ ବରାଭୟଦାୟିନୀ ଦେବୀ ପ୍ରତିମା ବୋଉ ମୋର, ମୋ ଅକ୍ଷମଣୀୟ ଅପରାଧ ପାଇଁ ସ୍ୱର୍ଗପୁରୀରେ ଥାଇ ଏ ଅଧମକୁ ଟିକେ କ୍ଷମା କରିଦେବୁ ।

**ମୁଁ ଅଚାନକ ମାତୃବିୟୋଗ ଓ ସ୍ୱପ୍ନ ଭଙ୍ଗର ଯନ୍ତ୍ରଣାରେ ଅତିଶୟ ଜର୍ଜରିତ ହୋଇ କାନ୍ଥକୁ ଆଉଜି ସେଇଠି ବସି ପଡିଲି ।**

□□

ଲେଖିକାଙ୍କ ଇ-ମେଲ ଠିକଣା:
jayantisahoo10@gmail.com

**'ସାହିତ୍ୟ ଚର୍ଚ୍ଚା' ୱେବ୍‌ସାଇଟ୍‌ରେ ମଧ୍ୟ ଉପଲବ୍ଧ ଅଛି ।**
**ସମସ୍ତ ଉପାଦାୟ ଲେଖା ତୁରନ୍ତ ପଢ଼ିବା ପାଇଁ ନିମ୍ନଲିଖିତ ଲିଙ୍କକୁ ଯାଆନ୍ତୁ :**




**www.sahityacharcha.com**



# ଅଣ-ଉପନ୍ୟାସ: ଏକ ପରିଦୃଶ୍ୟ

ଡ. ପ୍ରତୀଚୀ ନନ୍ଦ

ଏହି ଯୁଗୀୟ ସାହିତ୍ୟର ଗୋଟିଏ କୌତୂହଳ ଉଦ୍ଦୀପକ ବୈଶିଷ୍ଟ୍ୟ ହେଉଛି ଇତଃସ୍ତତତା ଏବଂ ସମ୍ପୂର୍ଣ୍ଣ ନକାରାତ୍ମକ କାର୍ଯ୍ୟକୁ ରଚନାରେ ରୂପାୟିତ କରିବା। ଅନ୍ୟ ଭାଷାରେ କହିଲେ ଚରିତ୍ର ଚିତ୍ରଣ ବା ଭାବ ବିନ୍ୟାସରେ ଧରାବନ୍ଧା ଓ ସ୍ୱୀକୃତ ଧାରାରୁ ବିଚ୍ୟୁତ ହୋଇ ଉପନ୍ୟାସକୁ ନିଆରା ରୂପ ଦେବାର ଏହାର ଏକ ଉଦ୍ୟମ। ଏହା ଆଣ୍ଟି-ନଭେଲ୍ ବା ଅଣଉପନ୍ୟାସର ଏକ ଲକ୍ଷଣୀୟ ଦିଗ।




ବିଶ୍ୱର ସର୍ବପ୍ରଥମ ଅଣ-ଉପନ୍ୟାସ ଭାବରେ ଆଲୋଚିତ ହେଉଥିବା 'ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନୋନ୍' ୧୯୪୭ ମସିହାରେ ଫରାସୀ ଔପନ୍ୟାସିକା ତଥା ଆଇନଜୀବୀ ନେତାଲି ସୋରେଟ୍‌ଙ୍କ ଦ୍ୱାରା ରଚିତ ହୋଇ '*ପୋର୍ଟରେଟ୍ ଡୁନ୍ ଇନ୍‌କୁନ୍ନୁ*' ନାମରେ ପ୍ରକାଶ ପାଇଥିଲା। ତତ୍କାଳୀନ ସମୟରେ ତାହା ଫରାସୀ ସାହିତ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଫଳରେ ଫରାସୀ ଅନୁବାଦିକା ମାରିଆ ଜୋଲା ଉକ୍ତ ପୁସ୍ତକକୁ ଇଂରାଜୀରେ ଅନୁବାଦ କରିଥିଲେ । ଏହାର ମୁଖବନ୍ଧରେ ଜାଁ ପଲ୍ ସାର୍ତ୍ରେ ପ୍ରଥମଥର ପାଇଁ 'ଅଣ-ଉପନ୍ୟାସ' ଶବ୍ଦର ବିଧିବଦ୍ଧ ପ୍ରୟୋଗ ଓ ଆଲୋଚନା କରିଥିଲେ। ଉକ୍ତ ମୁଖବନ୍ଧ ସହିତ ଅନୂଦିତ ଉପନ୍ୟାସଟି ୧୯୫୮ ମସିହାରେ ନ୍ୟୁୟର୍କରୁ ପ୍ରକାଶ ଲାଭ କଲା। ଯାହା ବିଶ୍ୱ ସାହିତ୍ୟରେ ଉପନ୍ୟାସ ରଚନାର ଏକ ନୂତନ ଆବେଦନକୁ ପ୍ରଶମିତ କରିଥିଲା। ସେହି ଉପନ୍ୟାସ ଦ୍ୱାରା ପ୍ରଭାବିତ ହୋଇ ପରବର୍ତ୍ତୀ ସମୟରେ ରୋବେ ଗ୍ରିଲେଟ, ମାଇକେଲ ବ୍ୟୁଟର, ଗେରାର ବେସେଟ୍, ଜୁଲିଓ କର୍ଟାଜ୍ ପ୍ରଭୃତି ଅଣ-ଉପନ୍ୟାସ ରଚନା ଦିଗରେ ମନୋନିବେଶ କରିଥିଲେ। ସେହିପରି ଇଂରାଜୀ ଭାଷାରେ ରେମଣ୍ଡ ରୋସେଲ, ଜେମ୍ସ ଜଏସ, ଫିନେଗାନ୍ ୱେକ୍, ନେକ୍ ଲଞ୍ଚ ଆଦି ଅଣଉପନ୍ୟାସ ରଚନା ଦିଗରେ ଉତ୍ସାହ ପ୍ରଦର୍ଶନ କରିଥିଲେ।

## ଚିତ୍ରଗ୍ରୀବ

ସମସାମୟିକ କାଳଖଣ୍ଡରେ ଓଡ଼ିଆ ସାହିତ୍ୟ ଆକାଶରେ ଏକ ଦୀପ୍ତିମନ୍ତ ନକ୍ଷତ୍ର ହୋଇ ଉଭା ହୁଅନ୍ତି ପଦ୍ମଶ୍ରୀ ସଚ୍ଚିଦାନନ୍ଦ ରାଉତରାୟ। ନିଜର ତରୁଣ ବୟସରେ ରଚନା କରନ୍ତି ଏକ ସ୍ୱତନ୍ତ୍ର ସ୍ୱାଦର ଉପନ୍ୟାସ। ୧୯୩୫ ମସିହାରେ ରଚିତ ହୋଇ ୧୯୩୬ ମସିହାରେ 'ଚିତ୍ରଗ୍ରୀବ' ନାମରେ ତାହା ପ୍ରକାଶ ଲାଭ କରେ। ଯାହା ଧରାବନ୍ଧା ଉପନ୍ୟାସ ରଚନାର ଶୈଳୀଠାରୁ ପୃଥକ୍। ମାତ୍ର ଅଣଉପନ୍ୟାସ ପରି ଏକ ସ୍ୱତନ୍ତ୍ର ବିଧିବଦ୍ଧ ଲିଖନ ଧାରାର ମର୍ଯ୍ୟାଦା ପାଇ ନ ଥାଏ । ଜାଁ ପଲ୍ ସାର୍ତ୍ରେଙ୍କ ଆଣ୍ଟି ନଭେଲ ସମ୍ପର୍କିତ ଦୀର୍ଘ ମୁଖବନ୍ଧ ପ୍ରକାଶ ପାଇବା ପରେ, ଉକ୍ତ ଉପନ୍ୟାସ ଓଡ଼ିଆ ସାହିତ୍ୟର ପ୍ରଥମ ଅଣ-ଉପନ୍ୟାସର ମର୍ଯ୍ୟାଦା ଲାଭ କରେ। ତେବେ ଗଭୀର ଅନୁଧ୍ୟାନ କଲେ ଜଣାଯାଏ ଯେ ୧୯୩୬ ମସିହାରେ ଆଞ୍ଚଳିକ ଭାଷାରେ ରଚିତ ହୋଇଥିବା ଏହି ଉପନ୍ୟାସ ଉପଯୁକ୍ତ ଅନୁବାଦକ ଓ ପରିଚିତିର ଅଭାବ ହେତୁ ବିଶ୍ୱ ସାହିତ୍ୟର ପରିସର ସ୍ପର୍ଶ କରିପାରିନାହିଁ। ତେଣୁ କେବଳ ଓଡ଼ିଆ

ସାହିତ୍ୟର ପରିସର ଭିତରେ ଏପରି ଏକ ଅନବଦ୍ୟ ରଚନାର ଗୌରବ ସୀମିତ ହୋଇ ରହିଯାଇଛି। ଏହି ଅଣଉପନ୍ୟାସଟି ସମ୍ଭ୍ରାନ୍ତ ଇଂରାଜୀ ଭାଷାରେ ଅନୂଦିତ ହୋଇ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହୁଏତ ବିଶ୍ୱର ପ୍ରଥମ ଓଡ଼ିଆ ଅଣ-ଉପନ୍ୟାସର ମର୍ଯ୍ୟାଦା ଲାଭ କରିବାରେ ସଫଳ ହୋଇଥାନ୍ତା, ଏଥିରେ ଦ୍ୱିରୁକ୍ତି ନାହିଁ।

ଅଣଉପନ୍ୟାସ ରଚନାର ଧାରା ଉପନ୍ୟାସ ରଚନାର ଶୈଳୀଠାରୁ ସମ୍ପୂର୍ଣ୍ଣ ଭିନ୍ନ ନୁହେଁ କିମ୍ବା ବିରୋଧୀ ନୁହେଁ। ମାତ୍ର ଉପନ୍ୟାସକୁ ପୂର୍ଣ୍ଣାଙ୍ଗ କରୁଥିବା ବିଶେଷତ୍ୱଗୁଡ଼ିକର ଅଭାବ କିମ୍ବା ବିଚ୍ୟୁତି ହେତୁ ଏକ ନୂତନ ଧରଣର ଉପନ୍ୟାସ ରଚନାର ଧାରା ଜନ୍ମଲାଭ କରିଛି। ଯାହାକୁ ଆମେ ଅଣଉପନ୍ୟାସ ବା ନୂତନ ଉପନ୍ୟାସ ବୋଲି କହିଥାଉ। ଏଥିରେ ଉପନ୍ୟାସ ରଚନାର ପାରମ୍ପରିକ ଧାରାକୁ ଉପେକ୍ଷା କରାଯାଇ ନୂତନ ପରୀକ୍ଷା, ନିରୀକ୍ଷା ଏବଂ ପ୍ରୟୋଗ କରାଯାଇଥାଏ। ରଚନାର ଆଙ୍ଗିକ ସ୍ୱାତନ୍ତ୍ର୍ୟ ହିଁ ଅଣଉପନ୍ୟାସର ବୈଶିଷ୍ଟ୍ୟ। ଏହା ହେଉଛି କଥାବସ୍ତୁ ଉପସ୍ଥାପନର ଅନନ୍ୟ ଶିଳ୍ପ ବିଚିତ୍ରତା। ଯାହା ଉପନ୍ୟାସର ପାରମ୍ପରିକ ଲିଖନ ଶୈଳୀ ଓ ଅନେକ ଉପାଦାନକୁ କଳେବରରେ ବାନ୍ଧି ରଖିବାକୁ ଅସମର୍ଥ ହୁଏ ବା ଇଚ୍ଛାକୃତ ଭାବରେ ପରିତ୍ୟାଗ କରି କଥା ସାହିତ୍ୟରେ ନୂତନ ସୁରଭି ବିତରଣ କରେ, ସେହି ଧରଣର ରଚନାକୁ ଆମେ ଅଣ ଉପନ୍ୟାସ ପର୍ଯ୍ୟାୟରେ ଆଲୋଚନା କରିଥାଉ। କଥାବସ୍ତୁ ବିହୀନ କଥାନକ, ବାକ୍ୟ ଉପସ୍ଥାପନାରେ ପରୋକ୍ଷ ଉକ୍ତିର ପ୍ରୟୋଗ, ଖଣ୍ଡବିଖଣ୍ଡିତ ଘଟଣାର ଯାଦୃଚ୍ଛିକ ଅବତାରଣା, ଚାରିତ୍ରିକ ବିଶେଷତ୍ୱହୀନ ଚରିତ୍ରର ସଂସ୍ଥାପନା, ପ୍ରତୀକ ଏବଂ ଚିତ୍ରକଳ୍ପର ଅତିଶୟ ପ୍ରୟୋଗ, ନିର୍ଦ୍ଦିଷ୍ଟତା ବିହୀନ ପ୍ରାରମ୍ଭ ଏବଂ ସମାପ୍ତି, ବର୍ଣ୍ଣନା ଏବଂ କଳ୍ପନାର ଅପେକ୍ଷାକୃତ ସ୍ୱଳ୍ପ ବ୍ୟବହାର, ବାସ୍ତବତା ଏବଂ ଅପ୍ରିୟ ସତ୍ୟର ପରିପ୍ରକାଶ, ଅର୍ଥସ୍ତରୀୟ ଉଦବିଗ୍ନତା, ପ୍ରଥମ ପୁରୁଷୀୟ ଶୈଳୀର ପ୍ରୟୋଗ ଆଦି ପରି କେତେକ ମୌଳିକ ସ୍ୱରୂପ ହେତୁ ଅଣ-ଉପନ୍ୟାସ ଉପନ୍ୟାସଠାରୁ ପୃଥକ୍ ବୋଲି ବାଛି ହୋଇପଡ଼େ।

**ଲେଖିକା ପ୍ରାଚୀର ପ୍ରଚ୍ଛଦରେ ଥିବା ବାସ୍ତବତା ସହ ପ୍ରାଚୀର ସମ୍ମୁଖରେ ଦେଖାଯାଉଥିବା ବାସ୍ତବତାକୁ ତୁଳନାତ୍ମକ ଭାବରେ ଭିନ୍ନ ବୋଲି ଦେଖାଇଛନ୍ତି।**

## ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନୋନ୍

'ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନୋନ୍' ଅଣ-ଉପନ୍ୟାସରେ ଏକ କୌତୂହଳପ୍ରଦ, ଉତ୍କଣ୍ଠା ବିଜଡ଼ିତ ରହସ୍ୟ ରୋମାଞ୍ଚଧର୍ମୀ କାହାଣୀର ଅବତାରଣା କରିଛନ୍ତି ନେତାଲି ସୋରେଟ୍। ଏଥିରେ ଲେଖିକା ପ୍ରତି ମୁହୂର୍ତ୍ତରେ ମାନବୀୟ ମନସ୍ତତ୍ତ୍ୱର ଅନୁସନ୍ଧାନ କରିଛନ୍ତି। ଜାଁ ପଲ୍ ସାର୍ତ୍ରେଙ୍କ ବକ୍ତବ୍ୟ ଅନୁସାରେ ଲେଖିକା ପ୍ରାଚୀର ପ୍ରଚ୍ଛଦରେ ଥିବା ବାସ୍ତବତା ସହ ପ୍ରାଚୀର ସମ୍ମୁଖରେ ଦେଖାଯାଉଥିବା ବାସ୍ତବତାକୁ ତୁଳନାତ୍ମକ ଭାବରେ ଭିନ୍ନ ବୋଲି ଦେଖାଇବାକୁ ଚାହିଁଛନ୍ତି। ସେହିପରି ସଚ୍ଚି ରାଉତରାୟଙ୍କ ଚିତ୍ରଗ୍ରୀବ ଉପନ୍ୟାସରେ ଅତ୍ୟନ୍ତ ବାସ୍ତବ ମାତ୍ର ତାତ୍ପର୍ଯ୍ୟରହିତ ଅନେକ ପ୍ରସଙ୍ଗ ଘଟଣା ଭାବରେ ଚରିତ୍ରମାନଙ୍କ ଦ୍ୱାରା ପ୍ରକାଶିତ ହୋଇଛି। ବ୍ୟଙ୍ଗ, ଲଘୁହାସ୍ୟର ପ୍ରୟୋଗ ସହିତ ଚାରିତ୍ରିକ ମନୋସ୍ତତ୍ତ୍ୱର ବ୍ୟାଖ୍ୟାନ ମଧ୍ୟ ସେଥିରେ ସ୍ଥାନଲାଭ କରିଛି।

ଗୋଟିଏ ପିତା ଏବଂ କନ୍ୟାର ଚରିତ୍ର ମାଧ୍ୟମରେ କଥାବସ୍ତୁ ଗତି କରିଛି। ଲେଖିକା ନିଜକୁ ଗୋଟିଏ ଚରିତ୍ର ଭାବରେ କଥାବସ୍ତୁ ମଧ୍ୟରେ ଉପସ୍ଥିତ ରଖି ଆତ୍ମକଥନ ଶୈଳୀରେ କାହାଣୀ କହିଛନ୍ତି। ସମୁଦାୟ ତିନିଗୋଟି ନାମହୀନ ଚରିତ୍ର ମାଧ୍ୟମରେ 'ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନୋନ୍'ର ସମଗ୍ର କଥାବସ୍ତୁ ହୋଇଛି ଗତିଶୀଳ 'ସି', 'ହି', 'ଦେ' ପରି ସର୍ବନାମସୂଚକ ପଦ ସାହାଯ୍ୟରେ ଲେଖିକା କାହାଣୀ ପରିବେଷଣ କରିଛନ୍ତି। ଚିତ୍ରଗ୍ରୀବ ଉପନ୍ୟାସ ମୁଖ୍ୟତଃ ଚାରିଗୋଟି ପୁରୁଷ ଚରିତ୍ର– ଗଣେଶ, ମୃଗାଙ୍କ, ସୌରୀ ଓ ଗଗନ ମାଧ୍ୟମରେ କଥାବସ୍ତୁ ଅଗ୍ରଗତି କରିଛି। ଘଟଣାକ୍ରମେ ବଙ୍ଗୀୟ ଯୁବକ, ରିକ୍ସାବାଲା, ଚା' ବାଲା, ଶ୍ରମିକ ନେତା, ବୈଷ୍ଣବ, ଚାକର ଚତୁର୍ଭୁଜ, ଏବଂ କଳ୍ପିତ ଚରିତ୍ର ମହାମାୟା ପରି ସାତଟି ଗୌଣ ଚରିତ୍ର ଭାବରେ କ୍ଷୀଣ କାଳପାଇଁ ଦେଖାଦେଇଛନ୍ତି। ଏଥିରେ କୌଣସି ନାରୀ, ଜୀବନ୍ତ ଚରିତ୍ର ଭାବରେ ଆସିନାହାନ୍ତି। ଯାହା ଓଡ଼ିଆ ଉପନ୍ୟାସ ଜଗତରେ ସ୍ୱତନ୍ତ୍ରତା ଜାହିର କରେ ଏବଂ ପ୍ରଥମ ନାରୀ ଚରିତ୍ରବିହୀନ ଓଡ଼ିଆ ଉପନ୍ୟାସ ହେବାର ଗୌରବ ମଧ୍ୟ ନିଜ ନାମରେ କରାଏ।

ସ୍ୱାଧୀନତା ପୂର୍ବବର୍ତ୍ତୀ ବା କୁହାଯାଇପାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପୂର୍ବବର୍ତ୍ତୀ ସମୟରେ ସମାଜରେ ଦେଖାଦେଉଥିବା ଅନିଶ୍ଚିତତା, ବିପର୍ଯ୍ୟସ୍ତତା ଭିତରେ କଲିକତାରେ ରହି ପଢୁଥିବା ବେଳର ଲେଖକଙ୍କ ଅନୁଭୂତି ରଚନା ମଧ୍ୟରେ ଛତ୍ରେ ଛତ୍ରେ ପ୍ରଭାବ ବିସ୍ତାର କରିଛି। ସବୁଜ ଯୁଗୀୟ ରୋମାଣ୍ଟିକ ଏବଂ ଆଶାବାଦକୁ ଆତ୍ମସ୍ଥ କରିବା ପରି ଆବେଗପ୍ରବଣ ଚରିତ୍ର ହେଉଛନ୍ତି ଗଣେଶ ବାବୁ। ଠିକ ସେହିପରି ଚିତ୍ରଗ୍ରୀବ ଉପନ୍ୟାସର ଅନ୍ୟ ତିନିଜଣଙ୍କ ଚାରିତ୍ରିକ ଆଭିମୁଖ୍ୟରେ ମାର୍କସବାଦର ଛାପ ସ୍ପଷ୍ଟ ପ୍ରତିଭାତ। ଏଥିରେ ଲେଖକ ସୌରୀ ଚରିତ୍ର ମାଧ୍ୟମରେ ନିଜ ବ୍ୟକ୍ତିଗତ ଉପସ୍ଥିତିର ଆଭାସ ସ୍ଥାନେ ସ୍ଥାନେ ଦେଇଥିବାର ଅନୁଭବ ହୁଏ। ମାତ୍ର ନେତାଲି ସୋରେଟ 'ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନନ୍'ରେ କାହାଣୀର ଏପରି ଉପସ୍ଥାପନା ହୋଇଛି ଯେ ତାହା ପାଠକ ମନରେ ସଂଶୟ ଏବଂ ଆଶଙ୍କା ସୃଷ୍ଟି କରେ। ଯେଉଁ ଆଶଙ୍କା ସମ୍ପୂର୍ଣ୍ଣ ଅମୂଳକ ମନେ ହୁଏ। ଯାହାର ପ୍ରମାଣଗତ ସତ୍ୟତା ଶେଷ ପର୍ଯ୍ୟନ୍ତ ଦର୍ଶାଇପାରି ନାହାନ୍ତି ଲେଖିକା। ଯଦିଓ ତାହା କାହାଣୀର କ୍ରମିକତା ହେତୁ ଯଥାର୍ଥ ମନେ ହୁଏ। ପୁନଶ୍ଚ ଲେଖିକା ସ୍ୱୟଂ ଚରିତ୍ର ଭାବରେ ଥିଲେ ମଧ୍ୟ କାହାଣୀରେ ଘଟଣାଗୁଡ଼ିକର ବର୍ଣ୍ଣନା ସହିତ ତାଙ୍କର କୌଣସି ବ୍ୟକ୍ତିଗତ ସମ୍ପୃକ୍ତି ଥିବା ପରି ମନେ ହୁଏ ନାହିଁ। ମାତ୍ର କାହାଣୀର ନିର୍ଦ୍ଦିଷ୍ଟ କୌଣସି ଉଦ୍ଦେଶ୍ୟ ନ ଥିଲେ ହେଁ ବର୍ଣ୍ଣିତ ଘଟଣାଗୁଡ଼ିକ ଯେ ବାସ୍ତବ ତଥା ସତ୍ୟର ପରିପ୍ରକାଶ ; ତାହା ପାଠକ ଅସ୍ୱୀକାର କରିପାରେ ନାହିଁ। ଝିଅଟି ବାପାଙ୍କୁ ଟଙ୍କା ମାଗିବା ଏବଂ ବାପା ଟଙ୍କା ନ ଦେବାର କାରଣ ଝିଅ ଚରିତ୍ର ସ୍ଥାନରେ ଥାଇ ତର୍ଜମା କଲେ ବାପା ହିଁ ଭୁଲ ବୋଲି ବିବେଚିତ ହୁଏ। ଅଥଚ ଟଙ୍କା ନ ଦେବାର କାରଣ ବାପାଙ୍କ ଚରିତ୍ର ସ୍ଥାନରୁ ବିଚାର କଲେ ବାପା ତାଙ୍କ ସ୍ଥାନରେ ଠିକ୍ ବୋଲି ମନେ ହୁଏ। ଲେଖିକା ପାଠକଙ୍କ ଦୃଷ୍ଟିକୋଣ ଉପରେ କାହାଣୀର ଅର୍ଥବିନ୍ୟାସ ଛାଡ଼ି ଦେଇଛନ୍ତି। ପାଠକ ନିଜ ବିଚାର ଅନୁରୂପ କାହାଣୀର ମୂଲ୍ୟବୋଧ ଆକଳନ କରିଥାଏ। ଚିତ୍ରଗ୍ରୀବ ଉପନ୍ୟାସରେ ମଧ୍ୟ ଅନେକ ଘଟଣାକୁ ଖଣ୍ଡବିଖଣ୍ଡିତ ଭାବରେ ଚିତ୍ରଣ କରିବା ଅନ୍ତରାଳରେ ସାଧାରଣରେ ଆମେ ଦେଖିବାକୁ ପାଉଥିବା ଚରିତ୍ର ଏବଂ ଆଚରଣର ବର୍ଣ୍ଣନା କରିଛନ୍ତି। ଯାହା କାହାଣୀର ପରିଣତିରେ ମଧ୍ୟ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚେ ନାହିଁ। ପାଠକ କାହାଣୀ ପଢ଼ିବା ପରେ ସ୍ୱଅନୁରୂପ ସିଦ୍ଧାନ୍ତରେ ପହଞ୍ଚେ।

**ଉପନ୍ୟାସ ନିଜ ନିଜ ସାହିତ୍ୟିକ କାଳଖଣ୍ଡରେ ପ୍ରଚଳିତ ହୋଇ ଆସିଥିବା ପାରମ୍ପରିକ ଲିଖନ ଧାରାକୁ ଖଣ୍ଡିତ କରି ସ୍ୱତନ୍ତ୍ର ଆଭାସରେ ମହିମାମଣ୍ଡିତ ହୋଇଛନ୍ତି।**

**କୃତ୍ରିମ ଉତ୍କଣ୍ଠା**

ନେତାଲି ସୋରେଟ୍ ସମଗ୍ର କାହାଣୀକୁ ଗତିମୁଖର କରିବା ପାଇଁ କୃତ୍ରିମ ଉତ୍କଣ୍ଠା ସୃଷ୍ଟି କରିଛନ୍ତି; ଯାହା ଉପସ୍ଥାପନା ଶୈଳୀରେ ଚମତ୍କାରିତା ହେତୁ ଚରିତ୍ରର ସ୍ୱଭାବ ସୁଲଭ ସ୍ୱାଭାବିକ ପରି ବୋଧ ହୁଏ। ମାତ୍ର ଚିତ୍ରଗ୍ରୀବରେ ସଚ୍ଚି ରାଉତରାୟ ବ୍ୟଙ୍ଗାତ୍ମକ ସଂଳାପ ଓ ପରୋକ୍ଷ ଉକ୍ତି ମାଧ୍ୟମରେ ପାଠକକୁ ବାନ୍ଧି ରଖିବାକୁ ଚେଷ୍ଟା କରିଛନ୍ତି। 'ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନନ୍' ଉପନ୍ୟାସରେ ଗୋଇନ୍ଦା ଉପନ୍ୟାସ ଲେଖିବା ଆଗାଥା କ୍ରିଷ୍ଟିଙ୍କ ପରି ଅନୁସନ୍ଧାନର ଚିତ୍ରଣ ଦେଖିବାକୁ ମିଳେ ଯେଉଁଥିରେ ପାଠକର ସନ୍ଦେହଘେରା ଭିତରେ ମଧ୍ୟ ରହୁ ନ ଥିବା ଚରିତ୍ରଟି ହଠାତ୍ ରୂପାନ୍ତରିତ ହୋଇଯାଏ ଖଳନାୟକରେ। ମାତ୍ର ଚିତ୍ରଗ୍ରୀବରେ ଅତି ସାଧାରଣ ଚାରିଜଣ ବନ୍ଧୁଙ୍କ ସ୍ୱାଭାବିକ ତଥା ତରୁଣସୁଲଭ ବାର୍ତ୍ତାଳାପ ମଧ୍ୟଦେଇ ତତ୍କାଳୀନ ସାହିତ୍ୟିକ ଯୁଗାଭାସର ସ୍ୱର ଅନୁରଣିତ ହୋଇଅଛି । ବିଶ୍ୱ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟରେ ଥିବା କେତେକ ବିଶେଷ ରଚନାର ଉଲ୍ଲେଖ ଏବଂ ଆଲୋଚନା କଥା ପ୍ରସଙ୍ଗରେ ସ୍ଥାନଲାଭ କରିଅଛି । ଯାହା କଥାବସ୍ତୁର ପ୍ରସଙ୍ଗ ଅନୁରୂପ ନ ହେଲେ ହେଁ ଉପାଦେୟ। ଯେଉଁଥିରୁ ଲେଖକଙ୍କ ବହୁପାଠିତାର ନିଦର୍ଶନ ମିଳେ।

ଉପର ଆଲୋଚିତ ଉଭୟ ଉପନ୍ୟାସ ନିଜ ନିଜ ସାହିତ୍ୟିକ କାଳଖଣ୍ଡରେ ପ୍ରଚଳିତ ହୋଇ ଆସିଥିବା ପାରମ୍ପରିକ ଲିଖନ ଧାରାକୁ ଖଣ୍ଡିତ କରି ସ୍ୱତନ୍ତ୍ର ଆଭାସରେ ମହିମାମଣ୍ଡିତ ହୋଇଛନ୍ତି। ମାତ୍ର ପୁସ୍ତକ ପ୍ରକାଶନର ସମୟକୁ ବିଚାର କଲେ ଚିତ୍ରଗ୍ରୀବର ନାମ ପ୍ରଥମେ ଆସେ। ଯେଉଁ କେତେକ ବୈଶିଷ୍ଟ୍ୟ ବା ବିଲକ୍ଷଣ ହେତୁ ରଚନା ଅଣଉପନ୍ୟାସ ପର୍ଯ୍ୟାୟବାଚୀ ହୁଏ; ସେହି ସେହି ବିନ୍ଦୁଗୁଡିକରୁ ଅଧିକାଂଶର ଯଥାର୍ଥ ଉପସ୍ଥିତି

ଚିତ୍ରଗ୍ରୀବ ଉପନ୍ୟାସରେ ଦେଖିବାକୁ ମିଳେ। ତେଣୁ ଏହା କେବଳ ପ୍ରଥମ ଓଡ଼ିଆ ଅଣଉପନ୍ୟାସ ନୁହେଁ, ବିଶ୍ୱର ପ୍ରଥମ ଅଣଉପନ୍ୟାସ ହେବାର ମାନ୍ୟତା ଲାଭ କରୁ। ଆଲୋଚକ ଜ୍ଞାନ ରଞ୍ଜନ ତ୍ରିପାଠୀଙ୍କ ମତାନୁଯାୟୀ, "ଚିତ୍ରଗ୍ରୀବ ଉପନ୍ୟାସ ସମ୍ପର୍କରେ ଯାହା ଦୃଢ଼ ଓ ମୁକ୍ତ କଣ୍ଠରେ ସ୍ୱୀକାର କରାଯିବ, ତାହା ହେଉଛି ବିଶ୍ୱର ପ୍ରଥମ ଓଡ଼ିଆ ଅଣ-ଉପନ୍ୟାସ । ବିଂଶ ଶତାବ୍ଦୀର ପଞ୍ଚମ ଦଶକରେ ଯେଉଁ ଅଣଉପନ୍ୟାସ ଆନ୍ଦୋଳନ ସମଗ୍ର ବିଶ୍ୱ ଉପନ୍ୟାସ ସାହିତ୍ୟରେ ଏକ ବଳିଷ୍ଠ ପ୍ରଭାବ ସୃଷ୍ଟି କରିଥିଲା; ସେପରି ଉପନ୍ୟାସ ଯେ ଆମ ଭାରତରେ, ବିଶେଷ କରି ଆମ ଓଡ଼ିଆ ଭାଷାରେ ପ୍ରଥମେ ପ୍ରଚଳିତ। ତାହା ସଚ୍ଚିଦାନନ୍ଦଙ୍କ ବହୁଶାସ୍ତ୍ରଦର୍ଶିତା ଓ ମୌଳିକ ଚିନ୍ତା ଚେତନାର ଏକମାତ୍ର ଫଳଶ୍ରୁତି ବୋଲି ବୁଝିବାକୁ ହେବ ।"(୨)




**ଅଣଉପନ୍ୟାସର ଧାରା**

ପରବର୍ତ୍ତୀ ସମୟରେ 'ଚିତ୍ରଗ୍ରୀବ' ଦ୍ୱାରା ଅନୁପ୍ରାଣିତ ହୋଇ ଏହି ଧାରାରେ ଉପନ୍ୟାସ ରଚନା କରିବା ପାଇଁ ଅନେକ ଆଗଭର ହୋଇଛନ୍ତି। ସେମାନଙ୍କ ଭିତରୁ କଥାକାର ଗଣେଶ୍ୱର ମିଶ୍ରଙ୍କ ଦ୍ୱାରା ୧୯୮୭ ମସିହାରେ ଗ୍ରାମ୍ୟ ଜୀବନକୁ ଆଧାର କରି ରଚିତ ହୋଇଛି 'ସକାଳର ମୁହଁ।' ଏଥିରେ କିଶୋର ଦୃଷ୍ଟିକୋଣର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ଦେଖିବାକୁ ମିଳେ। ପ୍ରବନ୍ଧତୁଲ୍ୟ ଏଥିରେ ପରିଚ୍ଛେଦଗୁଡ଼ିକର ନାମତାଲିକା ସହିତ ପୃଷ୍ଠା ସଂଖ୍ୟାର ପ୍ରାରମ୍ଭିକ ସୂଚୀପତ୍ର ରହିଛି। ଯାହା ଉପନ୍ୟାସର ପାରମ୍ପରିକ ରୀତିକୁ ଉପେକ୍ଷା କରେ। ଔପନ୍ୟାସିକ ଜଗନ୍ନାଥ ପ୍ରସାଦ ଦାସଙ୍କ ଦ୍ୱାରା ୧୯୯୨ ମସିହାରେ ପ୍ରକାଶିତ ହୋଇଛି ଉପନ୍ୟାସ 'ଦେଶ- କାଳ-ପାତ୍ର'। ଯେଉଁଥିରେ ଗୋଟିଏ ନିର୍ଦ୍ଦିଷ୍ଟ କାଳଖଣ୍ଡକୁ ନାୟକ ଭୂମିକାରେ ଅବତୀର୍ଣ୍ଣ କରାଯାଇ ଉପନ୍ୟାସର କଥାବସ୍ତୁର ବିନ୍ୟାସ କରାଯାଇଛି। ସେହିପରି କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ 'ଚିତ୍' ଶକ୍ତିର ଆଲୋଡ଼ନକୁ ଉପଜୀବ୍ୟ କରି ୧୯୯୯ ମସିହାରେ ରଚିତ 'ଚିଦାଭାସ' ଉପନ୍ୟାସ । ମନୁଷ୍ୟର ବାହ୍ୟ ଜଗତରେ ଦେଖାଦେଉଥିବା ଅସ୍ଥିରତା ତାହାକୁ ଯେତିକି ପ୍ରଭାବିତ ନ କରେ, ତା'ଠାରୁ ଶତ ଗୁଣରେ ଅଧିକ ବିଚଳିତ କରେ ତା'ର ଅନ୍ତଃଚେତନାର ଅସ୍ଥିରତା । ଏହି ପ୍ରସଙ୍ଗକୁ ଚରିତ୍ର ଗୋଲାମ ଦାସ ମାଧ୍ୟମରେ କବି ପ୍ରତୀକିତ କରିଛନ୍ତି। ଏଥିରେ ଉଭୟ ଗଦ୍ୟ ଏବଂ ପଦ୍ୟର ମିଶ୍ରିତ ଶୈଳୀ ଦେଖିବାକୁ ମିଳେ।

କଥାକାର ଦୀନନାଥ ପାଠୀଙ୍କ ଚିତ୍ରକଳାକୈନ୍ଦ୍ରିକ ଉପନ୍ୟାସ 'ଶ୍ଳୋକଛନ୍ଦ', 'ଗଙ୍ଗାବତରଣ', 'ସାୟୋନାରା', 'ପୁନର୍ନବା' ଆଦି ଅଣ-ଉପନ୍ୟାସ ପର୍ଯ୍ୟାୟଭୁକ୍ତ। ୨୦୦୬ ମସିହାରେ କଥାକାର କଇଳାଶ ପଟ୍ଟନାୟକଙ୍କ ଉଦ୍ଭିଦ ଓ ପଶୁପକ୍ଷୀକୈନ୍ଦ୍ରିକ ମଣିଷ ଚରିତ୍ରବିହୀନ ଉପନ୍ୟାସ 'ସ୍ଥାବର ଜଙ୍ଗମ' ଓଡ଼ିଆ ଅଣ–ଉପନ୍ୟାସ କ୍ଷେତ୍ରରେ ଏକ ନୂତନ ମାଇଲଖୁଣ୍ଟ ନିର୍ମାଣ କରେ। ଏହା କେବଳ ଅଣମାନବୀୟ ଚରିତ୍ରକୁ ଗ୍ରହଣ କରି ରଚିତ ହୋଇଥିବା ପ୍ରଥମ ଓଡ଼ିଆ ଉପନ୍ୟାସ। ଏଥିରେ ସବୁଜ ସାହିତ୍ୟର ପ୍ରାଧାନ୍ୟ ଦେଖିବାକୁ ମିଳେ। ଗାଳ୍ପିକ ସତ୍ୟପ୍ରିୟ ମହାଳିକଙ୍କ ଛଳନାର ମୁଖା ଆଚ୍ଛାଦିତ ଚେହେରା ପଛର ବାସ୍ତବତାକୁ ନେଇ ୨୦୦୮ ମସିହାରେ ରଚିତ 'ଶୂନ୍ୟକାଳ' ଉପନ୍ୟାସ ଏବଂ ଗୋଟିଏ ନାବାଳିକା ଝିଅର ହୋଇଥିବା ଯୌନଶୋଷଣକୁ କାହାଣୀ କରି ରଚିତ 'କଭରଷ୍ଟୋରୀ' ଏକ ଏକ ଅନବଦ୍ୟ ରଚନା। ନଟବର ନାମକ ଜଣେ ନୃତ୍ୟଶିଳ୍ପୀ ଚରିତ୍ର ମାଧ୍ୟମରେ ଲୋକ ସାହିତ୍ୟରେ ପ୍ରଚଳିତ ମୁଖାନାଚ ସମ୍ପର୍କରେ ଶୂନ୍ୟକାଳରେ ଆଲୋକପାତ କରିଥିବା ସ୍ଥଳେ ଚିନିଚମ୍ପା ନାମକ ଝିଅ ସହ ହୋଇଥିବା ଦୁଷ୍କର୍ମର ନ୍ୟାୟରେ କେମିତି ତା'ର ପରିବାରକୁ ବାରମ୍ବାର ଅପମାନ ଓ ହତାଶା ଭୋଗିବାକୁ ପଡ଼େ, ତାହାର ସତ୍ୟ ଚିତ୍ର କଭରଷ୍ଟୋରୀରେ ଦେଖିବାକୁ ମିଳେ।

କଥାକାର ହୃଷୀକେଶ ପଣ୍ଡାଙ୍କ ସମୟାନୁକ୍ରମେ ଓଡ଼ିଶାର କ୍ରମଶଃ ଧ୍ୱଂସମୁଖୀ ନୌବାଣିଜ୍ୟର ସ୍ୱଚ୍ଛଚିତ୍ର ଅଙ୍କିତ କଥାବସ୍ତୁକୁ ନେଇ ୨୦୧୦ ମସିହାରେ ରଚିତ 'ଗର୍ବ କରିବାର କଥା'

ରଚିତ। ମାତ୍ର ଗୋଟିଏ ବାକ୍ୟକୁ କେନ୍ଦ୍ରକରି ୨୦୧୯ ମସିହାରେ ପ୍ରକାଶ କୁମାର ପରିଡ଼ାଙ୍କ ଦ୍ୱାରା ରଚିତ 'ଘୁଡ଼ି' ଉପନ୍ୟାସ ଏକ ସ୍ୱତନ୍ତ୍ର ଧରଣର ଉପନ୍ୟାସ। ୨୦୦୯ ମସିହାରେ ଔପନ୍ୟାସିକ ଭୀମ ପୃଷ୍ଟିଙ୍କ ଦ୍ୱାରା ଭଦ୍ରକର କଷଟି ଓ ଚୁନିଦା ଗାଁ'ରେ ରହୁଥିବା ପାଞ୍ଚଜଣ କବିଙ୍କ ଜୀବନୀକୁ ନେଇ ରଚିତ ହୋଇଛି 'କବିତାର ଉପନ୍ୟାସ'। କବି ସୋମନାଥ ଓଝା, କବି ଶିଶିର ନାୟକ, କବି ବସନ୍ତ ନାୟକ, କବି ଅକ୍ଷୟ ଜେନା ଏବଂ କବି ବିଜୟ ଜେନାଙ୍କ ବାଲ୍ୟ ଜୀବନ, ପ୍ରାଥମିକ ଶିକ୍ଷା, ପ୍ରଥମ କବିତା ଲେଖିବାର ଅନୁଭୂତି ଓ ପୃଷ୍ଠଭୂମି, ପ୍ରେମ ଆଦିକୁ ନେଇ ପ୍ରାଣବନ୍ତ ହୋଇଛି କଥାବସ୍ତୁ। ଏଥିରେ ନିଛକ ଆତ୍ମକଥା ଅବିନ୍ୟସ୍ତ ଉପସ୍ଥାପନ କରିଛନ୍ତି କଥାକାର। ୨୦୨୦ ମସିହାରେ ନିଜ ଅଙ୍ଗେନିଭା କେତୋଟି ସାଧାରଣ ସ୍ୱାଭାବିକ ଘଟଣାକୁ ନେଇ ଔପନ୍ୟାସିକ ଅଜୟ ସ୍ୱାଇଁଙ୍କ ରଚିତ 'ଜୀବନନାମା' ପ୍ରକାଶିତ। ଏହିପରି ଅନେକ ସଫଳ ଅଣ-ଉପନ୍ୟାସ ରଚନା କରି ଆଲୋଚ୍ୟ ଔପନ୍ୟାସିକଗଣ ଓଡ଼ିଆ ସାହିତ୍ୟକୁ ପୁଷ୍ଟ କରିଛନ୍ତି। ମାତ୍ର ଅମଡ଼ା ମାଡ଼ି, ନିଜର କୋମଳ ପାଦକୁ କ୍ଷତାକ୍ତ କରି ଯିଏ ରାସ୍ତା ଦେଖାଇଛନ୍ତି ସେ ଓଡ଼ିଆ ଉପନ୍ୟାସର କାନଭାସରେ ଚିରସଜୀବ ହୋଇ ରହିବେ।

**ଅନେକ ସଫଳ ଅଣ-ଉପନ୍ୟାସ ରଚନା କରି ଔପନ୍ୟାସିକଗଣ ଓଡ଼ିଆ ସାହିତ୍ୟକୁ ପୁଷ୍ଟ କରିଛନ୍ତି।**

**ଗ୍ରନ୍ଥସୂଚୀ:-**

୧- ଜୋଲା, ମାରିଆ – ପୋର୍ଟରେଟ୍ ଅଫ୍ ଏ ମ୍ୟାନ୍ ଅନନନ୍- ନିଉୟର୍କ, ଜର୍ଜ ବ୍ରଜିଲାର ଇଙ୍କ, ୧୯୫୮, ଉପକ୍ରମ, ପୃ -vii

୨- ତ୍ରିପାଠୀ, ଜ୍ଞାନରଞ୍ଜନ, ପ୍ରଥମ ଓଡ଼ିଆ ଅଣ – ଉପନ୍ୟାସ, ସତ୍ୟବାଦୀ ପତ୍ରିକା, ମାର୍ଚ୍ଚ ୨୦୨୧, ପୃ -୨୨

□□

ଲେଖିକାଙ୍କ ଇ-ମେଲ ଠିକଣା:
pratichinanda@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଗବେଷଣାତ୍ମକ ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୪. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୫. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ।

୬. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୭. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୮. ଲେଖକମାନଙ୍କ ପାଇଁ ଆମର ଶ୍ରଦ୍ଧା ଓ ସମ୍ମାନର ନିଦର୍ଶନ ସ୍ୱରୂପ କିଞ୍ଚିତ୍ ପାରିତୋଷିକର ବ୍ୟବସ୍ଥା ଅଛି। କିନ୍ତୁ ଲେଖାଟି ପୂର୍ବରୁ ଅନ୍ୟତ୍ର ପ୍ରକାଶିତ ହୋଇଥିବାର ଜଣାଗଲେ ଏହି ପାରିତୋଷିକ ରାଶି ପ୍ରେରଣ ହୁଏ ନାହିଁ।

୯. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବା ପାଇଁ ନିବେଦନ।

୧୦. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୧. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସଂପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସଂପାଦନା ମଣ୍ଡଳୀର ରହିଛି।

**ଧାରାବାହିକ ବ୍ୟଙ୍ଗ**

# ଗୋବେଷଣା ତତ୍ତ୍ୱ



**ଡ. ଅଜୟ କୁମାର ମିଶ୍ର**

ଧେତ୍ ତେରିକା; ୟା ହାପ୍ ଏଇଟା ଓଡ଼ିଶା ନା ବିହାର। ଏଠି ଥାନ ନାଁ ବିହାର, ପାଠଘର ବି ବିହାର, ଆମେ ଓଡ଼ିଆଏ ବି ବିହାରୀ। ଖଳିଙ୍ଗ ବିହାର, କୀଳାଦ୍ରି ବିହାର, ଭୟଦେବ ବିହାର, ଗଜନ୍ନାଥ ବିହାର - ଏସବୁ ଏଠାକାର ଥାନର ନାଁ। 'ପୁର' ନାମ ବଦଳରେ ଏଠି 'ବିହାର' ବସିଚି। ବଡ଼ ବଡ଼ ପାଠଘରମାନେ ବିଷବିଦ୍ୟାଳୟଗୁଡ଼ିକରେ ବି ବିହାର ଯୋଡାଯାଇଛି। ବେଣୀ ବିହାର, ଭଣ୍ଡ ବିହାର, ଝୋଟିବିହାର, ନ୍ୟାଶବିହାର- ଏଠି ବଡ଼ ବଡ଼ ବିଷବିଦ୍ୟାଳୟ। ଏଇଠି ଭର୍ତ୍ତି ହେବାକୁ ନାନା ଫିକର, ନାନା ଗଳିବାଟ, ଭର୍ତ୍ତି ହେବା ପରେ ବାର ମାସରେ ତେର ଯାତରା ଭଳିଆ ନାନା ଉଛବ, ନାମା ମହୁଛବ, କେତେ କୁହୂ, କେତେ ମହୁ, କେତେ ଉହୁ । ଶରତିଆ ରାହାସ ନୁହେଁ, ବାରମାସିଆ ରାହାସ ଏଠି। ଗୋପୀକେ ଗୋବିନ୍ଦଟିଏ, ସେ ଗୋବିନ୍ଦ ପୁଣି ନାନା କିସମର। ରାସ-ସଙ୍ଗିନୀ ଗୋପୀ, ପଢ଼ିବା ବେଳେ ନୋଟ୍ ତକ ନେଇ କଣ୍ଠସ୍ଥ କଲା, ପଢ଼ା ଶେଷକୁ ମାର୍କ ପାଇଁ ଗୋବିନ୍ଦ ବଦଳେଇ ଏକଜାମିନିଆଁ ସାଆର୍‌ଙ୍କର ଗୋଟାପଣେ ପରାଣସଙ୍ଗିନୀ ହେଇ ଛପି ଛପି ଛଇରେ ମାତିଲା। ଫୋନ୍‌ରେ ଫୋନ୍‌ରେ ମହୁ ମାଖି ମାର୍କ ଓଟାରି ଆଣିଲା, ପ୍ରଥମ ଶ୍ରେଣୀରେ ପ୍ରଥମା ହେଲା। ସାର୍ ଗୋବିନ୍ଦ ତାକୁ ତଲାସିଲା ବେଳେକୁ ସେ କ୍ୟାମ୍ପସ୍- ବୃନ୍ଦାବନ ଛାଡ଼ି ସାରିଲାଣି। ସାର୍ ଗୋବିନ୍ଦଙ୍କର ବି ଶୋଚନା ନାଇଁ, ପ୍ରତିବର୍ଷ ନୂଆ ନୂଆ ଗୋପୀଏ ଆସନ୍ତି; ତାଙ୍କ କଦରିଆ କାରଖାନା ବୃନ୍ଦାବନରେ ରାସ ରଚିବା କେତେ ମାତ୍ର ?




ସାଙ୍ଗଠାରୁ ଅଙ୍ଗ ବିଳାସର ପ୍ରତିଶ୍ରୁତି ଦେଇ ନୋଟ୍ ଓଟାରିଣୀ ଛଇଳା, ସାର୍‌ଙ୍କ ଠାରୁ ମାର୍କ ହାରିଣୀ ନବ ରସିକା-ଏଥର ଉଚ୍ଚଶିକ୍ଷାର ଶିଡ଼ି ଚଢ଼ିବା ପାଇଁ ଆନ ରସିକ ମାଷ୍ଟ୍ରଙ୍କ ତଲାସରେ ରହିଲା। ଦେଖିଲା ତା'ର ଗୋବେଷଣା କରିବା ଦରକାର। ଏଥିପାଇଁ ଗୋବେଷିକିଆ ମାଷ୍ଟ୍ରେ ଅଛନ୍ତି; ମାତ୍ର ନାଲୁଆ ଗୋବେଷିକିଆଙ୍କୁ ପୋଷା ମନେଇଲେ, ଯାଇ ଗୋବେଷଣା କାମଟା ସଳଖ ସଡକରେ ହାଇସ୍ପିଡିଆ ଗାଡି ଭଳିଆ ଦୌଡିବା ଦରକାର। ଏମନ୍ତ ଚିନ୍ତା କରୁ କରୁ ଦିନେ ଜଣେ ଲୀଳାବନ୍ତ ଓ ନାଳବନ୍ତ ପ୍ରୋଫେସରଙ୍କ କାନଫୁଙ୍କା ନମ୍ବର ତଲାସ କରି ଅତି ଲଳିତ କଣ୍ଠରେ ଛନ୍ଦ ସୁର ଦେଇ ଫୁଙ୍କିଲା। ଗୋଟାଏ ଫୋନ୍‌ରେ ନାଳବନ୍ତେ ଗଦ୍‌ଗଦେଇ ଯାଇ ହାରାହାରି ବେହାଲ୍ ହେଲେ। ତାଙ୍କୁ ଦେଖା କରିବା ପାଇଁ ସମୟ ବି ଧାର୍ଯ୍ୟ ହେଇଗଲା।

**ଅଧ୍ୟାପକୀୟ ପାହାଚ**

ଯେ ପାଠ ପଢ଼ାନ୍ତି, ସେ ଅଧ୍ୟାପକ ବାପୁଡ଼ା। ଯେ ପାଠ ନ ପଢ଼େଇ ଏଣୁ ତେଣୁ ଗାଲୁପେଲନ୍ତି- ସେ ହେଲେ ତା' ଉପରର ରଡର୍। ସହଯୋଗୀ ପ୍ରୋଫେସର୍। ଯେ ପାଠ ଶ୍ରେଣୀରେ ଆଦୌ ମୁହଁ ଦେଖା ଦିଅନ୍ତି ନାହିଁ, ଭଲ ବେଶପଟୁକାରେ, ବେକ ପଘା ପେଟକୁ ଝୁଲେଇ ଆଟୋପରେ ଯାଆସ୍ କରନ୍ତି, ଛାଆଞ୍ଚିଆ କାଣ୍ଡମାନ ଭିଆଣ କରନ୍ତି- ସେମାନେ ହେଲେ ପ୍ରୋଫେସର। ପ୍ରକୃତ ଗଣେଶିଆ ଓ ସରସ୍ୱତୀଆ ଯେତେ ଉଚ୍ଚାଙ୍ଗ କାମ କଲେ ବି, ଏମାନେ ତାକୁ ଅଣଦେଖା କରନ୍ତି। ଆପଣାର ବଡ଼ ପଣର ଛାଇ ତଳେ ଯେକୌଣସି ଡିଗ୍ରୀ ଗଣ୍ଡ ଯଦି ଶରଣ ପଶିଲା, ସେମାନେ ଆଦର କରନ୍ତି। ଛଇଳା ଏମନ୍ତମାନଙ୍କ କାଣ୍ଡ ଜାଣେ, ପଢ଼ିବା ବେଳରୁ ସେ ପୂରା ଏମାନଙ୍କ ମେଜରମେଣ୍ଟ ପାଇସାରିଚି। ତେଣୁ ତା'ର ପ୍ରଥମ ପସନ୍ଦ ହେଲା ନାଳବନ୍ତଙ୍କୁ ତୋଷ କରି ବିଦ୍ୟାବିଭୂଷଣ ଡିଗ୍ରୀଟା କଳେ କଉଶଳେ ହାତେଇ ନେଲେ ଗଲା।

ଛପି ଛପି ଛଇଳା ବଡ ଛା'ଣ୍ଟରେ ସହରରେ ଥିବା ବିଉଟି କମାରୁଣୀଙ୍କ କମାରଶାଳରେ ଦିନ ଦି ପହରୁ ପ୍ରବେଶିଲା। ଏମିତି

ଅନେକ ଉପର ପାଠୋଇ ଡିଗ୍ରୀ ଓଟାରିଣୀମାନଙ୍କଠାରୁ ସେ ପ୍ରାରମ୍ଭିକ ଗୋବେଷଣା ତଥ୍ୟ ପାଇଚି। ନାଲୁବନ୍ତଙ୍କୁ ବିଦ୍ୟାଠାରୁ ଚେହେରା ପସନ୍ଦ। ତେଣୁ ସଂଜ ଘଣ୍ଟା ବାଜିବା ବେଳକୁ ବ୍ୟୁଟି କମାରୁଣୀ ତାଙ୍କ ଶାଳରେ ଛଇଳାର ଚେହେରାକୁ ପରସ୍ତ ପରସ୍ତା ପଲସ୍ତରା କରେଇ ଗୋଟାପଣେ ଅପସ୍ୱରା ଛା'ଞ୍ଚ କରି ଛାଡିଦେଲେ। ଟଙ୍କା ତିନି ହଜାର ଦକ୍ଷିଣା ଦେଇ ଶାଳରୁ ବାହାରିଲା ଛଇଳା।

ଛଇଳା ବାହାରିଲା। ଛକ ପାଖ ଚା' ଦୋକାନରୁ ଘଣ୍ଟୁ ତା'ର ପିଛା କଲା। ଘୁ'ମାଛି ପଛେ ପଚା ଶଢ଼ା ଜିନିଷର ବାସନା ନ ପାଉ; ଘଣ୍ଟୁ କିନ୍ତୁ ପାରଳର ଫେରନ୍ତିମାନଙ୍କ ପିଛା କରିବାରେ କାଣିଚାଏ ବି ଊଣା କରେନି। ଧେନୁ ପଛରେ ବଛା । ଟିକିଏ ଦୂରତା ରଖି ଏକାକିନୀ ଛଇଳା ପଛରେ ଘଣ୍ଟୁ। ଛଇଳା ଛନକବତୀ, ଛପି ଛପି ହାଣିଲା ବାଙ୍କ ଚାହାଣି, ଘଣ୍ଟୁ ଛାତିଟାରେ ଭାରି ଯନ୍ତ୍ରଣା। ସତରେ ଇଏ ପଣଙ୍କ ଭିତରେ ଜଣେ ନିଶ୍ଚେ। ପଛେ ପଛେ ଯାଇ, ଛଇଳା ପାଖରେ ଜୋରରେ ବ୍ରେକ୍ ଦେଲା ଘଣ୍ଟୁ।

> **ଛଇଳା ଛନକବତୀ, ଛପି ଛପି ହାଣିଲା ବାଙ୍କ ଚାହାଣି, ଘଣ୍ଟୁ ଛାତିଟାରେ ଭାରି ଯନ୍ତ୍ରଣା।**

ଆପେ ଆପେ ଷ୍ଟାର୍ଟ ବନ୍ଦ କରିଦେଲା। ଛଇଳା ଛନକୀ ପଣରେ ଏମିତି କେତେ ଛଟକିଆଙ୍କୁ ଛାଙ୍କି ଦେଇଚି। ଗାଡ଼ି ଅଟକୁ ନ ଅଟକୁଣୁ ଘଣ୍ଟୁ ଆଡେ ମୁହଁ ବୁଲେଇ ଅନେଇଲା। ଘଣ୍ଟୁ ବି ଚାହାଣି ବିନିମୟ କଲା। ଗୋଟାଏ ମଞ୍ଚରେ ଯେମିତି ଦୁଇ ବିରୋଧୀ ରାଜନୀତିଆଙ୍କ ତରକା ତରକୀ। ଛଇଳା ଆରମ୍ଭିଲା- "ଏକ୍ସକ୍ୟୁଜ୍ ମି, ଗାଡି ଇଂଜିନ୍ କ'ଣ ବନ୍ଦ ହେଲା ? ନାଇଁ ସେମିତି କିଛି ନୁହେଁ ଯେ, ଇଗିନେସନ୍‌ଟା ଥପ୍ ହେଇଗଲା। କିକ୍ ମାରିଲା ଘଣ୍ଟୁ ଷ୍ଟାର୍ଟ ହେଲା ବାଇକ୍। ଆପଣ କୁଆଡ଼େ ବାହାରିଚନ୍ତି କି ? ଏଠି ତ ଟେମ୍ପୋ ମିଳିବନି।" ଛଇଳା ଚମକ ଖେଳେଇ କହିଲା- 'କ'ଣ ଆଉ କରାଯିବ, ଛକ ଯାଏ ଗଲେ ହୁଏତ ମିଳିପାରେ।' ଏମନ୍ତ ସୁଯୋଗକୁ ହାତଛଡ଼ା ନ ଦେଇ ଘଣ୍ଟୁ ବାଇକ ବ୍ୟାକ୍ ମଣ୍ଡନ କରେଇଲା ଛଇଳାକୁ। କୁଆଡେ ଯିବେ ବୋଲି ପଚାରିଲା। ଉତ୍ତର ମିଳିଲା ୟୁନିଭରସିଟି କ୍ୟାମ୍ପସ୍। ଘଣ୍ଟୁ କହିଲା ମୁଁ ବି ସେଇପଟେ ଯିବି, ଆପତ୍ତି ନ ଥିଲେ ସେଇଠି ଡ୍ରପି ଦେବି।

ପ୍ରୋଫେସର ନାଲୁବନ୍ତଙ୍କ କେଳିକୁଞ୍ଜ ସାମନାରେ ଗାଡିରୁ ଓହ୍ଲାରି ଛଇଳା ପ୍ରବେଶ କଲେ, ଘଣ୍ଟୁକୁ ଗୋଟେ ଉସୁକିଆ ଧନ୍ୟବାଦ ଦେଇ। ଏମନ୍ତ ଜିଅନ୍ତୀ ପିଶାଚୁଣୀକୁ ବାହାରେ ଛାଇ ଅନ୍ଧାରରେ ଅପେକ୍ଷା କଲେ ଘଣ୍ଟୁ। ନାଲୁବନ୍ତେ ଛଇଳାର ଛନକୀ ପଣରେ ଶହେ ଶହେରେ ସନ୍ତୋଷ୍ଟ, ପାଦଛୁଇଁଲା ଛଇଳା, ତା' ଚୁଟି ସାଉଁଳେଇ, ସାଓ୍ୱାର ପାଣି ଭଳିଆ ଆଶୀର୍ବାଦ ବର୍ଷାରେ ହାପ୍ ଭିଜେଇଲେ ନାଲୁବନ୍ତେ। ସାମନା ସାମନି ଉଭା ହେଲେ, ବୈଠକୀ ଆରମ୍ଭ ହେଇଗଲା, ବିଦ୍ୟା ଚର୍ଚ୍ଚା ଭିତରେ ଛଇଳାର ଛଇକୁ ଛଟକରେ ବହୁବାର ଡାଆଁସିଆ ଆଖିରେ ଅନଉଥିଲେ ନାଲୁବନ୍ତେ। ଛଇଳାଠାରୁ ତା' ଠା, ଠିକଣା, ପରିବାର ଥଇଥାନ ସମ୍ବନ୍ଧରେ ଅନେକ ତଥ୍ୟ ଆଦାୟ କରିଦେଲେ ନାଲୁବନ୍ତେ। ଛଇଳାର ବୟାନ ତାଙ୍କ ମାପକୁ ପାଇ ବି କିଛି ବହକା ହେଲା। ଚୂଡ଼ାନ୍ତବାଣୀ ପ୍ରକାଶିଲେ- "ଆସିଲ ଭଲ କଲ, ତମର ଇଣ୍ଟରେଷ୍ଟ ଅଛି, ତମେ ପାରିବ, ତୁମ ଆଟିଚ୍ୟୁଡ୍ ଖୁସିକାରକ। ମାତ୍ର ମୋ ଅଣ୍ଡରରେ ତ ସିଟ୍ ନାଇଁ। ତମ ଭଳି ଅନେକ ଆଶାୟିନୀ ମଧ୍ୟ ଲାଇନ୍‌ରେ ଅଛନ୍ତି। ଦେଖାଯାଉ।"

ଛାଙ୍କ ଦେଇ ଛୁଙ୍କ ମାରିବାରେ ଓସ୍ତାଦୀ ଛଇଳା ଛୁରି ମାରିଲା ଆଖିରେ। ଧକ ଧକେଇଲେ ନାଲୁବନ୍ତେ। 'ଠିକ୍ ଅଛି, ମୁଁ ତମ ଭଳି ସଂସ୍କାରିଆଣୀଙ୍କୁ ନେବି। ତମେ ଆର ଉଇକ୍ ଏଣ୍ଡ୍‌ରେ ଆସ । ହଁ ଆଗେ ଫୋନ୍‌ରେ ଟାଇମ୍ ନେଇ ଯାଇ ପରେ ଆସିବ।' ନମ୍ର ଭାବେ ଛଇଳା ପ୍ରୋଫେ ନାଲୁବନ୍ତଙ୍କ ପଦଛୁଆଁ ବେଳକୁ, ତା' ପୃଷ୍ଠ ପୋଷାକରେ ହସ୍ତ ପଖାଳିଲେ ନାଲୁବନ୍ତେ।

**ଘଣ୍ଟୁଆର କାରନାମା**

ଘଣ୍ଟୁଆ ଛକିଥିଲା। ଛଇଳା ସରଣୀ ଚାହିଁ ଚାହିଁ ଛପି ଥିବା ଘଣ୍ଟୁ ପୂର୍ବ ଢଙ୍ଗରେ ଛଇଳାର ପିଛା କଲା, ବାଇକ୍ ବ୍ୟାକ୍‌ରେ ବସାଇ ନେବା ବେଳେ ଛଇଳାର ଟେଲିଫୋନ୍ ନମ୍ବରଟା ବି କୌଶଳରେ ସଂଗ୍ରହ କରିନେଲା। ଖାଲଖମାଣିଆ ରାସ୍ତାରେ ଘଣ୍ଟୁ ବି ଛଇଳାଙ୍ଗ କେତେଥର ଘଣ୍ଟୁର ପୃଷ୍ଠସ୍ପର୍ଶ ପାଇଲା, ଫଳିଲା ଉନ୍ମାଦିଆ ଭାବ। ଛକରେ ଛଇଳା ଓହ୍ଲାରିଲା, ରସୁଆଳ ଧନ୍ୟବାଦଟିଏ ଦେଇ। ଘଣ୍ଟୁ ଏଣିକି ଯାକୁ ନେଇ ଯୋଜନା ଥିର କରୁ କରୁ ପ୍ରୋଫେସର ନାଲୁବନ୍ତଙ୍କୁ ଅଷ୍ଟ ଆଠ ଅଙ୍ଗିଆ ପ୍ରଣାମ କରି କୌଣସି ପ୍ରକାରେ ଏକ କେଜି ମେଷ ମାଂସ

ବିନିମୟରେ ଘଣ୍ଟା ସଂପର୍କରେ ଅବଗତ ହେଇଗଲା।

ଘଣ୍ଟୁ ଯୋଜନା ପାକଲ। ଏଇ ସପ୍ତାହେ ଭିତରେ ଛଇଳାକୁ ସମାନ ଭଉଣୀ କରି ବାରବାର ମେସେଜ୍ ଦେଇ ନିଜର ଭାଇ ପଣର ଚାରାଟାକୁ ଛଇଳାର ମନକିଆରେ ରୋଇ ଦେଇଛି। ଘଣ୍ଟୁର ଆକସ୍ମିକ ଆବିର୍ଭାବରେ ଛଇଳା ବି ଖୁସି। ଯା ଆସିଆ ଖର୍ଚ୍ଚା ବି ରହିଯିବ। ଭାବ କଲେ ଅଭାବ ରହେନି । ତେଣୁ ଭାବ ଷୋଳଣାକରେ ଛଇଳା, ମାତ୍ର ବଟୁଆରେ ହାତମରେଇ ଦିଏନା। ବଡଭାଇ ପ୍ରଣାମ ବୋଲି ସେ ବି ମେସେଜ୍ ଦେଇଛି। ଏମନ୍ତ କନିଷ୍ଠାର କଳକଣ୍ଠୀ ଶବଦ, ଛାଣ୍ଟିଆଣୀ ରୂପ, ଘଣ୍ଟୁକୁ ଆକର୍ଷଣ କରିଚି। ଫ୍ରିଲେନ୍ସିଂ କରୁଥିବା ଭଲ କ୍ୟାମେରାମ୍ୟାନ୍ କାହା ପାଲରେ ବନ୍ଧା ପଡ଼େନା। ସେମିତି ଘଣ୍ଟୁ କେତେ କୁହୁକିନୀଙ୍କ ମୋହନୀମାୟାରୁ ଆପଣାକୁ ମୁକୁଳେଇ ନିଜ ବେପାରରେ ଉନ୍ନତି କରି, ସାଇକେଲ୍‌ରୁ ଫଟ୍‌ଫଟିଆ ଯାଏ ପ୍ରମୋଶନ ପାଇଚି; ଇମୋସନ୍‌ରେ ବନ୍ଧାହେଲେ ମୋସନ୍ ବନ୍ଦ, ପ୍ରମୋସନ୍ କଥା ପଚାରେ କିଏ?



ପ୍ରୋଫେ ନାଲୁବନ୍ତଙ୍କ କୁଞ୍ଜରେ ଛଇଳାର ଦ୍ୱିତୀୟ ବଇଠକୀ। ପ୍ରୋଫେ ଶୁଣାଇଲେ ଛଇଳା ଯେହେତୁ ଜଣେ ଲେଡି, ତାଙ୍କୁ ଲେଡାଙ୍କ ଭଳିଆ ବିଷୟ ଦିଆଯିବ ନାହିଁ। କାରଣ ଖେତଖମାରକୁ ଯାଇ ବିଷୟ ସଂଗ୍ରହ କରିବାରେ ଝାମେଲା ପରେ ଝାମେଲା। ତେଣୁ ସେ ଏଇ କୁଞ୍ଜରେ ହିଁ ତାଙ୍କ କାମ ଜାରି ରଖିବେ। ଏଇଠୁ ତଥ୍ୟ ସାଉଁଟା ସାଉଁଟି କରିବେ, ଏଇଟା ହେବ ଗୋବେଷଣା ପୋଖରୀ, ଏଇଠୁ ଦଣ୍ଡକିରୀ, କେରାଣ୍ଡି, ସେଉଳ, ମାଗୁର, କଉ, ରଡା, ଦରଣ୍ଡା ଦରଣ୍ଡି କରି ଆଣି ଖାଳେଇ ଭରିବେ। ଏଠି ତ ସବୁବେଳେ ବେଳ ମିଳିବନି, ନିରୋଳା ବେଳରେ ଆସି ଏ ଜ୍ଞାନପୋଖରୀ ମନ୍ଥିବେ ଛଇଳା। ଏମିତିରେ ଛଇଳା ବି ଏୟା ଚାହୁଁଥିଲା। ମଲୁ ବଇଦେ- ଉଭୟ ଖୁସି। ପୁଣି ଦିନ ଧାର୍ଯ୍ୟ କରି ଛଇଳା ଫେରିଲା। ଦୃଶ୍ୟ ଶେଷକୁ ଛଇଳାର ପାଦଛୁଆଁ ଓ ନାଲୁବନ୍ତଙ୍କ ପୃଷ୍ଠ ଛୁଆଁ।

ନାଲୁବନ୍ତେ ବହୁ ଛଇଳାଙ୍କୁ ଗୋବେଷଣା କରେଇ ତହସିଲ୍‌ରୁ ପଟା ପାଇବା ଭଳିଆ ଡିଗ୍ରୀ ପଟା ଦେଇଛନ୍ତି। ଇଏ ଏମିତି କେଉଁ ଧେନୁର ଗୋମୟ କି? ଛଇଳା ବି ଭାବ କରି କରି ଏଯାଏ ଉଠି ଉଠି ଆଇଚି, ମାତ୍ର କେଉଁଠି ତା' ବଟୁଆ ମୁକୁଳା କରିନାଇଁ। ବଟୁଆ ଜାକୁଜାକୁ ସମାନ ଏଗାରଥର ବୈଠକୀ ବସିଲାଣି। ସବୁଥର ନୂଆ ନୂଆ ଡାଞ୍ଚା, ତେଣୁ ନାମ ପଞ୍ଜୀକୃତ ହେଇପାରିଲାନି। ଘଣ୍ଟୁ ଭାଇକି ଫଗୁଣମାସିଆ କଅଁଳିଆ ପତର ଭଳିଆ, ଅତି ଲହୁଣିଆ ମେସେଜ୍‌ରେ ନିଜର ଉହୁ ଜଣେଇଲା। ବଇଶାଖିଆ ଚାତକ ଭଳିଆ ଘଣ୍ଟୁ ତ ଏଇ ସୁଯୋଗକୁ ଛକି ବସିଥିଲା। ପରସ୍ପରର ସ୍ୱାର୍ଥ ପାଇଁ ରାଷ୍ଟ୍ର ରାଷ୍ଟ୍ର ଭିତରେ ଚୁକ୍ତି ଦସ୍ତଖତ ହେବା ଭଳିଆ, ଛଇଳି ଓ ଘଣ୍ଟୁ ଭିତରେ ଅଲିଖିତ ଚୁକ୍ତି ରାଜିନାମା ଥୟ ହେଇଗଲା।

**ଗୋବେଷଣା କୁଞ୍ଜ**

ଠିକଣା ଦିନ ସଂଜରେ ଗୋବେଷଣା କୁଞ୍ଜରେ ପ୍ରବେଶିଲା ଛଇଳା। ନାଲୁବନ୍ତେ ବି ଉଚ୍ଛନ୍ନ ହେଇ ଅପେକ୍ଷା କରିଥିଲେ। ଆଜି ହିଁ ଗୋବେଷଣା ପ୍ରସଙ୍ଗ ଥିର ହେବ, ପ୍ରୋଜେକ୍ଟ ତିଆରି ହେବ ବୋଲି ଶୁଣି ଛଇଳା ଚକିତ ହେଲା, ଚଉଠହସିତ ମୁଦ୍ରାରେ ସ୍ୱାଗତିଲା ନାଲୁବନ୍ତଙ୍କୁ। ନାଲୁବନ୍ତେ କୁଞ୍ଜ ବହିରାଗତ ହେଇ ଏକ ଘଣ୍ଟା କାଳ ଛଇଳାକୁ ଏକାକିନୀ କରି ଅନ୍ତର୍ଦ୍ଧାନ ହେଇଗଲେ। ପରେ ପରେ ଦି ଚାରିଫାଳ ଟାଇପ୍ କାଗଜ ଆଣି ଛଇଳାକୁ ଯା ଉପରେ ଆଖି ପକାଇବାକୁ କହିଲେ। ଚାଷୁଣୀ ଆଖିରେ ସୈନ୍ଧବ ଯାହା, ଶବରୁଣୀ ଆଗରେ ଗଜମୁକୁତା ଯାହା, ଛଇଳା ଆଗରେ ଏ କାଗଜ ବି ତାଆ। ଭାବ ଦେଇ ଦେଇ ମାର୍କ ଘୋଷାରି ସେ ଏ ଯାଏ ଆଇଚି, ଏସବୁ ପାଠ ସେ ଜାଣନ୍ତା କେମିତି? ଏବେ ସ୍କଲାରୁଣୀ ତାଲିକାରେ ନାମ ଚଢ଼େଇବା ବେଳକୁ ଏ କାରସାଦିଆ ପ୍ରୋଫେ କ'ଣ ଏମିତି କହିଲାଣି। ସ୍ୱଗତୋକ୍ତି କରୁଥିଲା-

"ରହରେ ବାବୁଲି ! କେତେ କେତେ କେତେଙ୍କୁ ମୁଁ ଥୋପ ଗିଳେଇଚି, ତୁ ମତେ ବନିଶୀ କଣ୍ଟା ଦେଖଉଚୁ? ଥୟଧର ବେଟା, ମୋ ଗଦ ଶୁଙ୍ଘେଇ ତତେ ବଶ କରିଦେବିରେ ବାଇନ।"

ଗୋବେଷଣା କୁଞ୍ଜରେ ଚୌକ୍ୟାସୀନ ହେଇ ନାଲୁବନ୍ତେ ମୌନମୁଦ୍ରାରେ ରହିଲେ। ଗୌତମେ ବି ଏମନ୍ତ ମୁଦ୍ରାରେ ମୁଦ୍ରିତ ନୟନରେ ତପ କରି ନ ଥିବେ। ମୌନଭଙ୍ଗ ଉପରେ ବଜାର ବନ୍ଦ ହେଉଥିବା ଚୋରାବେପାରୀଙ୍କ ଦରଖୋଲା କବାଟ ଭଳିଆ ପ୍ରୋଫେ ନାଲୁବନ୍ତ ଏଥର ଆଦେଶିଲେ "ପ୍ରୋଜେକ୍ଟ ଦେଖିଲ ତ, ଏବେ କାମରେ ଲାଗିପଡ।" ପ୍ରଥମେ ଆମର ଏଇ ଜ୍ଞାନକୁଞ୍ଜରେ ଥିବା ବହି ଓ ପତ୍ରପତ୍ରିକାରୁ ଘଣ୍ଟାଘଣ୍ଟି କରି ତଥ୍ୟ ମଞ୍ଜି ମାନ ପାରା ସୋରିଷ ଖୁଣ୍ଟିଲା ଭଳିଆ ଖୁଣ୍ଟି ପକାଅ। ଏଇଟା ତମ ଗୋବେଷଣାଗାରର। ଦିନ ସାରା ଏଇଟା ଅଫିଟା ରହେ, ସଂଜରେ ଫିଟେ, ସ୍ୱୟଂ ସରସ୍ୱତୀ ଏଠି ସଂଜରୁ ଡେରା ପକାନ୍ତି। ତମେ ଆଗେ ତଥ୍ୟ ଖୁଣ୍ଟି ପକାଅ, ପରେ ସେ ଗୁଡା ସଜଡ଼ା ହେବ। ଛଇଲା ଆନନ୍ଦରେ ସହମତି ଜଣାଇଲେ।

**ଘଣ୍ଟୁ ଏଥର ବିଭିନ୍ନ ବିଷବିଦାଳୟ କ୍ୟାମ୍ପସ୍‌ରେ ଶିକାର ସନ୍ଧାନରେ ପଇଁତରା ମାରୁଥିଲା।**

**ଗଦଗଦିଆ ନାଲୁବନ୍ତେ**

ରାତି ଦଶଟା ହେବ, ଛଇଲା କୁଞ୍ଜ ଛାଡିବା ପୂର୍ବରୁ ପ୍ରୋଫେଙ୍କ ପଦ ଛୁଉଁ ଛୁଉଁ ଅତି ଗଦଗଦିଆ ହେଇ ନାଲୁବନ୍ତେ ସମଗ୍ର ପୃଷ୍ଠ ଦେଶରେ ଝାଡୁମାରିଲା ଭଳିଆ ମୃଦୁ ମୃଦୁ ହସ୍ତ ସଂଚାଳନ କରେ। ଏସବୁକୁ ଦିହକୁ କାଠ କରି ସମ୍ଭାଳି ନେଲେ ଛଇଲା।

ନାଲୁବନ୍ତେ ନୂଆ ଶିକାରକୁ ଖୋଜୁଥାନ୍ତି, ମାତ୍ର ଛଇଲା ଆଉ ଆସିଲେ ନାଇଁ। ମନେ ମନେ ସନ୍ତାପି ହେଲେ ନାଲୁବନ୍ତେ, ନିଜ ତରଫରୁ ଫୋନ୍ କଲେ, ପାଣି ନିଜେ ଶୋଷ ପାଖକୁ ଯିବାକୁ ଉଦ୍ୟତ। ମାତ୍ର ଛଇଲା ନିଜ ଦିହ ସୁଖ ନାଇଁ ବୋଲି ଫୋନ୍‌ରେ ଜଣାଇଲେ। ମନଟା ଖିନିଭିନ୍ନିଆ ହେଇଗଲା। ଏକ ମାସ ପରେ ଘଣ୍ଟୁ ଭାଇଙ୍କ ସହ ପ୍ରବେଶିଲେ ଛଇଲା, ଯା ଭିତରେ ଦୈନିକ ସଂଜରେ ନାଲୁବନ୍ତଙ୍କ ଗୋବେଷଣା କୁଞ୍ଜର ଟିକି ନିଖି ଖବର, ଶାସକ ଦଳର ଗୋପନ ତଥ୍ୟ ବିରୋଧୀ ଦଳିଆ ରଖିବା ଭଳି, ଜାଣି ନେଇଥିଲେ ଘଣ୍ଟୁ। ଛଇଲା ଭାଇର ପରିଚୟ ଦେଇ ଘଣ୍ଟେ ଏଥର ନାଲୁବନ୍ତଙ୍କୁ ଠିଆ ଠିଆ ଜୁହାରିଲେ। ଯା ଆଗରୁ ନାଲୁବନ୍ତଙ୍କ କଳାତ୍ମକ କାରବାରର ଏକ ଦୀର୍ଘ ସୂଚନା ଦେଲେ। ନିରବ ହେଲେ ନାଲୁବନ୍ତେ, ଚକିତ ହେଲେ । କି ସାଂଘାତିକ ଏଇଟା, ମୋ ଅତୀତକୁ ପୂରା ଗୋବେଷଣା କରି ନେଇଚି। କ'ଣ କରିବି, କେମିତି ମୁକୁଳିବି ଏ ଗଣ୍ଡୁଆସିଆ ଫାସରୁ, ଭାବୁଥିଲେ ସେ।

ଘଣ୍ଟୁ ହାଙ୍କିଲେ- "ସାର୍ ଆଜ୍ଞା ! ଏସବୁ ପଦାରେ ପକେଇ ଦିଆଯିବ, ଅନେକ ଡେରି ହେଲାରି ମୋ ଭଉଣୀକୁ ରାତିରେ ଆସିବାକୁ ଆପଣ କହିଛନ୍ତି, ସେ ସବୁ ରେକର୍ଡ ଅଛି, ଆଉ ଆଉ ଯଥେଷ୍ଟ କଥାମାନ ବି ଅଛି। ଛାଡନ୍ତୁ ସେ କଥା- ଏବେ ବିଷବିଦାଳ କୋଳପତି, ରାଜ୍ୟ ସରକାର, ଖବର କାଗେଜିଆଙ୍କୁ ଜଣେଇଦେବି, ସମ୍ଭାଳିବେ ଆପଣ। ଆଖି ପିଛଡାକେ କଳଙ୍କର ଆଲକାତରା ବୋଲି ହେଇଯିବ, ନା ଯାର କିଛି ସମାଧାନ କରିବା ?" ଅଗତ୍ୟା ପ୍ରୋଫେ ନାଲୁଙ୍କ ନିଶା ଖସିଗଲା, ଡ୍ରୟର ଖୋଲି ଟଙ୍କା ଦି' ଲକ୍ଷ ସେ ଘଣ୍ଟୁ ହାତକୁ ବଢ଼େଇ ଦେଇ କାକୁସ୍ଥ ହେଇ ରାଧାଲୀଳାର ଚନ୍ଦ୍ରସେଣା ପାର୍ଟିଅର ଭଳିଆ ଅନେଇ ଥିଲେ।

ଛଇଲାଙ୍କ ସହ ଫେରି ଆସିଲା ଘଣ୍ଟୁ। ଆଗକୁ ଏମିତି ଅନେକ ନାଲୁବନ୍ତଙ୍କ ସନ୍ଧାନ କରି ସେମାନଙ୍କୁ ଫାସି ଖୋଇଲେ, ରୋଜଗାରଟା ମନ୍ଦ ହୁଅନ୍ତାନି। ଗୋବେଷଣା ଛାଡି ମାତିଲେ ଛଇଲା। ରୂପ ଥିଲେ ଗୋବେଷଣା କେତେ ମାତ୍ର ?

ଘଣ୍ଟୁ ଏଥର ବିଭିନ୍ନ ବିଷବିଦାଳୟ କ୍ୟାମ୍ପସ୍‌ରେ ଶିକାର ସନ୍ଧାନରେ ପଇଁତରା ମାରୁଥିଲା। ମଝେ ମଝେ ଛଇଲା ସହ ଯାଇ ନାଲୁବନ୍ତମାନଙ୍କ ଗୋବେଷଣା କୁଞ୍ଜ ପ୍ରବେଶ କରୁଥିଲା।

କିଛିଦିନ ପରେ, ଖବରକାଗଜରେ ଛଇଲାଙ୍କ ସୁଦୃଶ୍ୟ ଫଅଟ୍ ଥାଇ ତଳେ 'ଗୋବେଷିକାଙ୍କ ଡକ୍ଟରେଟ୍ ଲାଭ' ଶିରୋନାମାରେ ଖବର ହୁଏତ କାହା କାହାର ନଜରକୁ ଆସିଥିଲା।

□□

ଲେଖକଙ୍କ ଇ-ମେଲ ଠିକଣା:
mishrasala.ctc@gmail.com

ପ୍ରବନ୍ଧ

# ଭାଷାନ୍ତର ପରିପ୍ରେକ୍ଷୀରେ ନୂତନ ଓଡ଼ିଆ ଶବ୍ଦ ନିର୍ମାଣ ଓ ଆମର ଦାୟିତ୍ୱ



ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଓଡ଼ିଆ ଭାଷାର ବ୍ୟୁତ୍ପତ୍ତି, କ୍ରମବିକାଶ, ଏହାର ବର୍ଣ୍ଣମାଳା, ବ୍ୟାକରଣ ତଥା ବ୍ୟାକରଣଗତ ବୈଶିଷ୍ଟ୍ୟ ସମ୍ପର୍କରେ ବହୁ ଖ୍ୟାତନାମା ଓଡ଼ିଆ ଭାଷାବିଦ୍ ଓ ଭାଷାଗବେଷକ ଅନେକ ତାତ୍ତ୍ୱିକ, ତଥ୍ୟଭିତ୍ତିକ ଆଲୋଚନା କରିଛନ୍ତି। ଅନେକ ଉପାଦେୟ ପ୍ରବନ୍ଧ, ସନ୍ଦର୍ଭ ପ୍ରକାଶ କରିଛନ୍ତି। ଏମାନଙ୍କର ଏହିସବୁ ପାଣ୍ଡିତ୍ୟପୂର୍ଣ୍ଣ ଭାଷାତାତ୍ତ୍ୱିକ ଆଲୋଚନା, ପର୍ଯ୍ୟାଲୋଚନା ଓ ବିଶ୍ଳେଷଣ ଯୋଗୁ ଆଜି ଆମେ ଆମ ଭାଷାର ମୌଳିକ ଭାବ ସଞ୍ଚାରୀ ଗୁଣବତ୍ତା ସମ୍ପର୍କରେ ସମ୍ୟକ୍ ଭାବରେ ସଚେତନ ହୋଇ ପାରିଛେ। ଆମ ଭାଷାର ଶାସ୍ତ୍ରୀୟତା ସାର୍ବଜନୀନ ସ୍ୱୀକୃତି ପାଇବାରେ ସମର୍ଥ ହୋଇଛି। କିନ୍ତୁ ଆମ ମାତୃଭାଷା ଓଡ଼ିଆର ଉତ୍ତରୋତ୍ତର ସମୃଦ୍ଧି, ସ୍ଥିତିସ୍ଥାପକ ଭାବ ସଂଚାରଣଶୀଳତା ନିଶ୍ଚିତ କରିବା ପାଇଁ ଆମକୁ ଏହାର ବ୍ୟୁତ୍ପତ୍ତି, କ୍ରମବିକାଶର ଇତିହାସ, ବ୍ୟାକରଣ କିମ୍ବା ଶାସ୍ତ୍ରୀୟତା ଆଦିର ଆଲୋଚନା ବ୍ୟତୀତ ଅନ୍ୟ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ସମ୍ପର୍କରେ ଚିନ୍ତା ପ୍ରକଟ କରିବାକୁ ହେବ।




ଏହା ସର୍ବସ୍ୱୀକୃତ ଯେ ଗତ ଦୁଇ ତିନି ଶତାବ୍ଦୀ ଧରି ମାନବ ଚିନ୍ତା ଚେତନାର ପରିସର କ୍ରମାଗତ ଭାବରେ ପ୍ରସାରିତ ହୋଇ ଚାଲିଛି। ବିଂଶ ଶତାବ୍ଦୀଟି ତ ଥିଲା ଅଭୂତପୂର୍ବ ଜ୍ଞାନବିସ୍ଫୋରଣର ସମୟ ଓ ବର୍ତ୍ତମାନର ଏଇ ଏକବିଂଶ ଶତାବ୍ଦୀର ଜଗତୀକରଣ ଯୁଗରେ ଆମର ଚିନ୍ତା ଚେତନା, ଜ୍ଞାନଧାରଣା ସବୁ ଅକଳ୍ପନୀୟ ଭାବରେ ବହୁବର୍ଣ୍ଣ ବିଶିଷ୍ଟ, ବହୁ ଆୟାମବିଶିଷ୍ଟ ହେବାରେ ଲାଗିଛି। କେବଳ ଯେ ବିଜ୍ଞାନ ବା ପ୍ରଯୁକ୍ତି ବିଦ୍ୟା ସମ୍ପର୍କିତ ଜ୍ଞାନଧାରଣାର କ୍ରମ ପ୍ରସାରଣ ଘଟି ଚାଲିଛି, ତା' ନୁହେଁ। ମାନବିକୀ ଜ୍ଞାନ ବା ବିଷୟ (ହ୍ୟୁମାନିଟିଜ୍)ଗୁଡ଼ିକର ପରିସର ମଧ୍ୟ ବିଜ୍ଞାନ ତଥା ବୈଜ୍ଞାନିକ ଜ୍ଞାନରାଜି ସହିତ ସମତାଳରେ, ଏପରିକି ସମୟେ ସମୟେ ଅପେକ୍ଷାକୃତ ଅଧିକ ବ୍ୟାପକ ଭାବରେ ପ୍ରସାରିତ ହୋଇ ଚାଲିଛି। କଳା, ସାହିତ୍ୟ, ଇତିହାସ, ମନସ୍ତତ୍ତ୍ୱ, ସମାଜବିଜ୍ଞାନ, ଦର୍ଶନ, ନୃତତ୍ତ୍ୱ ଆଦି ଜ୍ଞାନକ୍ଷେତ୍ରରେ ଘଟିଚାଲିଥିବା ବୌଦ୍ଧିକ ବିଚାର, ବିଶ୍ଳେଷଣ ଓ ଅନୁଶୀଳନ ଯୋଗୁ ଅତି ସୂକ୍ଷ୍ମ, ଅତି ଜଟିଳ ଭାବଭାବନା, ଅଭିନବ ତତ୍ତ୍ୱଦର୍ଶନମାନ ଉପସ୍ଥାପିତ ହୋଇ ଚାଲିଛି। ତେଣୁ, ସ୍ୱାଭାବିକ ଭାବେ ଏଇ କ୍ରମସ୍ଫୀତ, କ୍ରମ ପ୍ରସାରିତ ଜ୍ଞାନରାଜିକୁ ପ୍ରକାଶ କରିବା ପାଇଁ ଆଜି ପୃଥିବୀର ପ୍ରତ୍ୟେକ ପ୍ରତିଷ୍ଠିତ ଭାଷା ଆପଣାର ଭାଷାଭଣ୍ଡାରକୁ ବ୍ୟାପକ ଓ ଶକ୍ତିଶାଳୀ କରି ଚାଲିଛି। ଆମକୁ ହିଁ ତଦନୁରୂପ ଆମ ଭାଷାକୁ ବ୍ୟାପକ ଭାବପ୍ରକାଶକ୍ଷମ, ବ୍ୟାପକ ଭାବ ସଞ୍ଚାରୀ କରିବାକୁ ହେବ, ଯଦ୍ୱାରା ଏହା ଏକ ଜ୍ଞାନ ଭାଷାର ପ୍ରତିଷ୍ଠା ପାଇବାରେ ସକ୍ଷମ ହେବ।

**ଶବ୍ଦର ଭାଷାନ୍ତର**

ସ୍ପଷ୍ଟଭାବରେ ଏହା ଜଣାପଡ଼ିଲାଣି ଯେ ଯେଉଁ ଭାଷା ସହଜରେ, ସ୍ୱଚ୍ଛନ୍ଦରେ ଅନ୍ୟ ସମୃଦ୍ଧ ଭାଷାର ଶବ୍ଦଗୁଡ଼ିକୁ ଭାଷାନ୍ତର କରିଥାଏ ଓ ସେହି ଅଭିନବ ଭାଷାନ୍ତରିତ ଶବ୍ଦଗୁଡ଼ିକୁ ସାଧାରଣ ଲୋକଙ୍କର ସହଜ ଗ୍ରହଣକ୍ଷମ କରିପାରିଥାଏ, ସେହି

ଭାଷା ହିଁ ଶକ୍ତିଶାଳୀ ହୋଇଥାଏ। ଆମେ ଯଦି ଆମ ଓଡ଼ିଆ ଭାଷାକୁ ପ୍ରକୃତ ଅର୍ଥରେ ଆଧୁନିକ ଜ୍ଞାନବିଜ୍ଞାନର, ଆଧୁନିକ ବିଚାର ଧାରାର ମାଧ୍ୟମ ଭାବରେ ସୁପ୍ରତିଷ୍ଠା ଦେବାକୁ ଚାହୁଁଛେ, ତେବେ ଆମକୁ ସମସ୍ତ ପ୍ରକାର ରକ୍ଷଣଶୀଳ ବୈୟାକରଣିକ ମନୋବୃତ୍ତିକୁ ପରିତ୍ୟାଗ କରିବାକୁ ହେବ ଓ ଅନ୍ୟ ଭାଷାରେ ଉପଲବ୍ଧ ଜ୍ଞାନଭଣ୍ଡାରରୁ ମହତ୍ତ୍ୱପୂର୍ଣ୍ଣ ଭାବ ଭାବନାକୁ ଆମ ଭାଷାରେ ପ୍ରକାଶ କରିବା ପାଇଁ ସେହି ସେହି ଭାଷାରେ ପ୍ରଚଳିତ ଥିବା ଜଟିଳ ତଥା ସୂକ୍ଷ୍ମ ଭାବଗୁମ୍ଫିତ ଶବ୍ଦଗୁଡ଼ିକର ଓଡ଼ିଆ ଭାଷାନ୍ତର, ଅନୁବାଦ ଓ ସ୍ଥଳ ବିଶେଷରେ ମର୍ମାନୁବାଦ ବା ଭାବାନୁବାଦ କରିବାକୁ ହେବ। ଖାଲି ସେତିକିରେ ସନ୍ତୁଷ୍ଟ ନ ରହି ଆମକୁ ଯଥାଶୀଘ୍ର ସେହି ସେହି ନୂତନ, ଅଭିନବ ଶବ୍ଦାବଳୀ କିପରି ଆମର ଶିକ୍ଷିତ ବର୍ଗଙ୍କର ସହଜ ବୋଧଗମ୍ୟ ହୋଇ ପାରିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ ଓ ଆମର ଶବ୍ଦକୋଷ, ଅଭିଧାନମାନଙ୍କରେ ସେଗୁଡ଼ିକୁ ସ୍ଥାନିତ କରିବାକୁ ହେବ। ଏଇଠି ଗୋଟିଏ କଥା, ତାହା ଯେତେ ଅପ୍ରିୟ ହେଲେ ମଧ୍ୟ, ସ୍ପଷ୍ଟ ଭାବେ ସ୍ମରଣ ରଖିବାକୁ ହେବ। ଆମେ ଓଡ଼ିଆମାନେ, ଅନ୍ୟସବୁ ଭାରତୀୟଙ୍କ ପରି, ଦୀର୍ଘ ଦୁଇଶହ ବର୍ଷରୁ ଊର୍ଦ୍ଧ୍ୱ ଇଂରାଜୀ ଭାଷା ସହିତ ଆମର ଭାବଗତ ସଖ୍ୟ ସ୍ଥାପନ କରି ସାରିଛେ। ଆମର ଶିକ୍ଷିତ ବର୍ଗଙ୍କ ମଧ୍ୟରୁ ପ୍ରାୟ ଅଶୀ, ନବେ ପ୍ରତିଶତ ଇଂରାଜୀ ଭାଷା ସହ ପରିଚିତ ଓ ବୃହତ୍‌ଭାଗ ଏଇ ବିଦେଶୀ ଭାଷାରେ ପ୍ରକାଶିତ ପୁସ୍ତକମାନ ପଢ଼ିବାରେ ରୁଚି ରଖିଥାନ୍ତି ଏବଂ ଅନେକ ସମୟରେ ସେଇ ଇଂରାଜୀ ଭାଷାରେ ଆପଣା ଆପଣାର ଚିନ୍ତନ ପ୍ରକ୍ରିୟା ସମ୍ପାଦନ କରିଥାନ୍ତି। ଆମର ସୌଭାଗ୍ୟକୁ ଆଜି ଏଇ ଇଂରାଜୀ ଭାଷା ହିଁ ଭାବ ଆଦାନ ପ୍ରଦାନର, ଚିନ୍ତାଧାରଣା ପ୍ରସାରଣର ସର୍ବଶ୍ରେଷ୍ଠ ମାଧ୍ୟମ ଭାବରେ ପ୍ରତିଷ୍ଠିତ ହୋଇ ପାରିଛି। ସେଥିପାଇଁ ଆମକୁ, ବିଶେଷ କରି ଆମ ମଧ୍ୟରେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ପାରଙ୍ଗମତା ଥିବା ଶିକ୍ଷିତ ବ୍ୟକ୍ତିମାନଙ୍କୁ ଉତ୍କୃଷ୍ଟ ଇଂରାଜୀ ପୁସ୍ତକର ଉପାଦେୟ ଭାବ ଭାବନାସବୁକୁ ଓଡ଼ିଆ ଭାଷାରେ ଠିକ୍ ଭାବରେ ପ୍ରକାଶ କରିବା ପାଇଁ ନୂତନ ଶବ୍ଦସବୁ ନିର୍ମାଣ କରିବାକୁ ହେବ।

**ଅଭିନବ ଶବ୍ଦାବଳୀ କିପରି ଆମର ଶିକ୍ଷିତ ବର୍ଗଙ୍କର ସହଜ ବୋଧଗମ୍ୟ ହୋଇ ପାରିବ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ହେବ।**

## ନୂତନ ଶବ୍ଦାବଳୀ ନିର୍ମାଣ

ସୁଖର କଥା, ଗଲା କେଇ ବର୍ଷ ହେଲାଣି ଆମର କିଛି ଲବ୍ଧପ୍ରତିଷ୍ଠ ଲେଖକ, ଲେଖିକା ଇଂରାଜୀ ବା ଅନ୍ୟ କେଉଁ ବିଦେଶୀ ଭାଷାରେ ପ୍ରକାଶିତ ହୋଇଥିବା ଜ୍ଞାନଧାରଣା ସହିତ ଆମମାନଙ୍କୁ ପରିଚିତ କରାଇବା ପାଇଁ ପ୍ରାୟତଃ ନୂତନ ଶବ୍ଦ, ଶବ୍ଦାବଳୀ ଓଡ଼ିଆ ଭାଷାରେ ନିର୍ମାଣ କରିଛନ୍ତି ଓ ସେମାନଙ୍କ ଲେଖାମାନଙ୍କରେ ସେଇ ନୂତନ ନିର୍ମିତ ଶବ୍ଦଗୁଡ଼ିକୁ ବ୍ୟବହାର କରୁଛନ୍ତି। ଆମର ସାହିତ୍ୟ ସମାଲୋଚକମାନେ ପାଶ୍ଚାତ୍ୟ ସାହିତ୍ୟ ତତ୍ତ୍ୱ ସମ୍ପର୍କିତ ବହୁ ପ୍ରସିଦ୍ଧ ଇଂରାଜୀ ପୁସ୍ତକରେ ଉପସ୍ଥାପିତ ନାନାଦି ଗୂଢ଼, ସୂକ୍ଷ୍ମ ଚିନ୍ତାଧାରାର ଓଡ଼ିଆ ଭାଷାନ୍ତର କରୁଛନ୍ତି, ଯାହା ଖୁବ୍ ସ୍ୱାଗତଯୋଗ୍ୟ। ପାଶ୍ଚାତ୍ୟ ସାହିତ୍ୟିକ, ଭାଷାତତ୍ତ୍ୱଜ୍ଞ ଓ ଚିନ୍ତକ- ଦାର୍ଶନିକ ସସୁରେ, କ୍ଲିନଥ୍ ବ୍ରୁକ୍ସ, ଜାକବସନ୍, ଲେଭିଷ୍ଟ୍ରାସ୍, ଫୁଂକୋ ଓ ଡେରିଡାଙ୍କ ଭଳି ଯୁଗାନ୍ତକାରୀ ସାହିତ୍ୟ ତତ୍ତ୍ୱବିଦ୍ ଓ ଲାଇବ୍‌ନିଜ, ସ୍ପିନୋଜା, ହେଗେଲ୍, ଇମାନୁଏଲ କାଣ୍ଟ, ନିଚେ, ଫ୍ରଏଡ୍, ଉଇଟ୍‌ଗେନ୍‌ଷ୍ଟାଇନ୍ ଆଦି ଚିନ୍ତକ- ଦାର୍ଶନିକମାନଙ୍କ ଦ୍ୱାରା ରଚିତ, ପ୍ରସାରିତ ଅତି ଜଟିଳ ତଥା ଗହନ ବିଶ୍ଳେଷଣଧର୍ମୀ ପୁସ୍ତକଗୁଡ଼ିକର ଓଡ଼ିଆ ଭାଷାନ୍ତର ଯଦି ଆମେ କରିବାକୁ ଚାହିଁବା, ତେବେ ସହସ୍ରାଧିକ ନୂତନ ଓଡ଼ିଆ ଶବ୍ଦ, ଶବ୍ଦାବଳୀ ସୃଷ୍ଟି ହେବା ଅବଶ୍ୟମ୍ଭାବୀ। ବିଶେଷ କରି ଆମେ ଯେତେବେଳେ ସେମାନଙ୍କ ପୁସ୍ତକରେ ବ୍ୟବହୃତ ହୋଇଥିବା ପରିଭାଷା (ଜାର୍‌ଗନ୍)ଗୁଡ଼ିକୁ ଆମ ଭାଷାରେ ପ୍ରକାଶ କରୁଛେ, ସେତେବେଳେ ଅତି କ୍ଲିଷ୍ଟ ଓଡ଼ିଆ ଶବ୍ଦଗୁଡ଼ିଏ ହିଁ ସୃଷ୍ଟି ହେବା ନିଶ୍ଚିତ। ଆମକୁ ମୁକ୍ତ ମନରେ ସ୍ୱୀକାର କରିବାକୁ ହେବ ଯେ ଆଧୁନିକ ଜ୍ଞାନବିଜ୍ଞାନର ଉଭୟ ବ୍ୟକ୍ତିନିଷ୍ଠ ଭାବନା, ଅବଧାରଣାଗୁଡ଼ିକୁ ଇଂରାଜୀ ଭାଷା ଯେପରି ବିଶ୍ୱସ୍ତ, ପ୍ରାଞ୍ଜଳ ଭାବରେ ପ୍ରକାଶ କରିଥାଏ, ସେପରି ପୃଥିବୀର ଅନ୍ୟ କୌଣସି ଭାଷା କ୍ୱଚିତ୍ କରିଥାନ୍ତି। ଯଦିବା ଚାଇନିଜ୍, ରୁଷିଆନ, ଫ୍ରେଞ୍ଚ, ସ୍ପାନିଶ ବା ଜାପାନିଜ୍ ଭଳି ଭାଷା ଅନେକ ଦୃଷ୍ଟିରୁ ଇଂରାଜୀ ଭାଷା ଭଳି ଶକ୍ତିଶାଳୀ, ଆମମାନଙ୍କର ଜ୍ଞାନ ଆହରଣ, ଜ୍ଞାନ ଆଦାନପ୍ରଦାନର ସର୍ବୋତ୍କୃଷ୍ଟ ଫଳପ୍ରଦ ମାଧ୍ୟମ ହିଁ ଇଂରାଜୀ ଭାଷା, ଏଥିରେ କେହି ଦ୍ୱିମତ ହେବେ ନାହିଁ। ଐତିହାସିକ

ତଥା ସାଂସ୍କୃତିକ କାରଣରୁ ଇଂରାଜୀ ଭାଷା ଶିକ୍ଷା ଆମମାନଙ୍କ ପାଇଁ ସହଜ ହୋଇଥାଏ ଓ ଆମର ଶିକ୍ଷିତ ବ୍ୟକ୍ତିମାନଙ୍କର ପ୍ରଥମରୁ ଇଂରାଜୀ ଭାଷାର ସାହିତ୍ୟ, ଦର୍ଶନ, ଇତିହାସ, ସମାଜ ବିଜ୍ଞାନ ଆଦି ସମ୍ପର୍କରେ କିଛିଟା ପରିଚିତି ଥିବାରୁ ଏହି ଭାଷାର ପୁସ୍ତକଗୁଡ଼ିକ ଆମମାନଙ୍କ ପାଇଁ ଅପେକ୍ଷାକୃତ ସୁବୋଧ ହୋଇଥାଏ।

**ଭାଷାନ୍ତରଣ ଜନିତ ସଂଶୟ**

ଗତ କେତେ ବର୍ଷ ଧରି ଓଡ଼ିଶାର କେତେ ଜଣ ବିଦ୍ୱାନ ନିୟମିତ ଭାବରେ ଇଂରାଜୀ ଭାଷାର ବହୁ ଶବ୍ଦ, ପରିଭାଷାର ଓଡ଼ିଆ ଭାଷାନ୍ତରିତ ରୂପ ସେମାନଙ୍କ ପୁସ୍ତକ କିମ୍ବା ପ୍ରବନ୍ଧ, ସ୍ତମ୍ଭଲେଖଗୁଡ଼ିକରେ ବ୍ୟବହାର କରି ଚାଲିଛନ୍ତି। ମାତ୍ର ସମସ୍ୟାଟି ହେଉଛି ଅନେକ ସମୟରେ ଆମେ ଗୋଟିଏ ଗୋଟିଏ ଇଂରାଜୀ ଶବ୍ଦର ଭିନ୍ନ ଭିନ୍ନ ଓଡ଼ିଆ ଭାଷାନ୍ତରିତ ରୂପ ଦେଖିବାକୁ ପାଉଛେ ଓ ସେଇଗୁଡ଼ିକ ମଧ୍ୟରୁ କେଉଁଟି ଆମମାନଙ୍କ ପାଇଁ ଗ୍ରହଣୀୟ ହେବ ବା କେଉଁଟି ମୂଳ ଇଂରାଜୀ ଶବ୍ଦଟି ପ୍ରକାଶ କରୁଥିବା ଭାବାର୍ଥକୁ ସଠିକ୍ ଭାବରେ ଧରି ପାରିଛି, ସେଥି ନେଇ ସଂଶୟ ସୃଷ୍ଟି ହୋଇଥାଏ। 'ଷ୍ଟ୍ରକଚରାଲିଜମ, ପୋଷ୍ଟ -ଷ୍ଟ୍ରକଚରାଲିଜମ, ଡିକନଷ୍ଟ୍ରକସନ, କ୍ୱିବିଜିମ, ସରଲିଆଲିଜମ, ଗଥିକ ପରି ଜଟିଳ ଭାବବାହୀ ପରିଭାଷାଗୁଡିକ ଠାରୁ ଆରମ୍ଭ କରି ରୋମାଣ୍ଟିକ, ଇନକ୍ଲୁସିଭ, ଏକ୍ସକ୍ଲୁସିଭ, ଇଣ୍ଟିଗ୍ରେସନ, ଇଉନିଫରମିଟି, ଇକ୍ୱିଟେବୁଲ ପରି ଅତି ପରିଚିତ ଓ ବହୁଳ ବ୍ୟବହୃତ ଇଂରାଜୀ ଶବ୍ଦଗୁଡିକର ଏକାଧିକ ଓଡ଼ିଆ ଭାଷାନ୍ତରିତ ରୂପ ଅନେକ ସମୟରେ ପାଠକ ମାନଙ୍କ ମନରେ ଘୋର ସଂଶୟ ସୃଷ୍ଟି କରିଥାଏ। ଏପରି ସ୍ଥଳେ, ଏକ ନିର୍ଦ୍ଦିଷ୍ଟ ଇଂରାଜୀ ଶବ୍ଦ ବା ପରିଭାଷାର କେଉଁ ନୂତନ ଓଡ଼ିଆ ଭାଷାନ୍ତରଟି ମାନ୍ୟତା ପାଇବା ସଂଗେ ସଂଗେ ଏକ ମାନକ ଓଡ଼ିଆ ଶବ୍ଦ ଭାବରେ ଗ୍ରହଣଯୋଗ୍ୟ ହେବା ଉଚିତ, ସେ ସମ୍ପର୍କରେ ଲେଖକ / ଲେଖିକା ତଥା ଅନୁବାଦକମାନଙ୍କ ମଧ୍ୟରେ ସହମତି ଆସିବା ଆବଶ୍ୟକ ଏବଂ ସେହି ସହମତି ନିଶ୍ଚିତ କରିବା ପାଇଁ ସେମାନଙ୍କ ମଧ୍ୟରେ ନିରନ୍ତର ଭାବ ବିନିମୟ ଯେପରି ସମ୍ଭବ ହୋଇପାରିବ, ସେଥିପାଇଁ ଫଳପ୍ରଦ ମଞ୍ଚ ବା ମାଧ୍ୟମ ପ୍ରତିଷ୍ଠା ହେବା ମଧ୍ୟ ଆବଶ୍ୟକ।




ଏତଦବ୍ୟତୀତ, ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କଥା ଆମକୁ ସ୍ମରଣ ରଖିବାକୁ ହେବ। ଇଂରାଜୀ ଭାଷାର ଅନେକ ଶବ୍ଦର ପ୍ରକୃତ ଅର୍ଥବୋଧ ଗୋଟିଏ ମାତ୍ର ଓଡ଼ିଆ ପ୍ରତିଶବ୍ଦ ଦ୍ୱାରା ସମ୍ଭବ ହୋଇନଥାଏ। ପ୍ରାଇଭେସି, ଆକାଉଣ୍ଟେବିଲିଟି, ଆଣ୍ଟ୍ରରପ୍ରିଉନରସିପ, ସାରକାଜମ, ଆଙ୍ଗଷ୍ଟ ପରି ବହୁ ଇଂରାଜୀ ଶବ୍ଦ ଯେଉଁ ଧାରଣା ବା ଚିନ୍ତାଧାରା ପ୍ରକାଶ କରିଥାନ୍ତି, ସେ ସବୁକୁ ଯଥାଯଥ ସୂଚିତ କରିବା ପାଇଁ ସାମାନ୍ୟ ବର୍ଣ୍ଣନାତ୍ମକ ବାକ୍ୟ ମାନଙ୍କର ସାହାଯ୍ୟ ନେବାକୁ ପଡିପାରେ।

ଆହୁରି ମଧ୍ୟ ଯେହେତୁ ନୂତନ-ନିର୍ମିତ ଓଡ଼ିଆ ଶବ୍ଦଗୁଡ଼ିକରୁ ଅଧିକାଂଶ ଏପର୍ଯ୍ୟନ୍ତ ଆମ ଅଭିଧାନମାନଙ୍କରେ ସ୍ଥାନିତ ହୋଇ ନାହାନ୍ତି, ସେଥିପାଇଁ ଉଭୟ ସାଧାରଣ ଓ ଉଚ୍ଚଶିକ୍ଷିତ ପାଠକ ଏଇସବୁ ଓଡ଼ିଆ ଭାଷାନ୍ତରିତ ଶବ୍ଦର ପ୍ରକୃତ ଅର୍ଥ ଜାଣିବାରେ ଅସମର୍ଥ ହେଉଛନ୍ତି। ଗୋଟିଏ ଇଂରାଜୀ ଶବ୍ଦର ସର୍ବଦା କେବଳ ଗୋଟିଏ ଓଡ଼ିଆ ଭାଷାନ୍ତରିତ ରୂପ ହେବା ଆବଶ୍ୟକ, ଏହା ଅବଶ୍ୟ ନୁହେଁ। ତେବେ, ଇଂରାଜୀ ବା ଅନ୍ୟ କେଉଁ ଭାଷାର ଗୋଟିଏ ଶବ୍ଦ ବା ପରିଭାଷାର ଯେଉଁ ଏକାଧିକ ଶବ୍ଦ ଆମେ ତିଆରି କରୁଛେ, ସେଗୁଡ଼ିକ କିପରି ମାନକ ଓଡ଼ିଆ ଶବ୍ଦ ଭାବେ ସାର୍ବଜନୀନ ସ୍ୱୀକୃତି ପାଇବେ, ସେଥିପାଇଁ ଆବଶ୍ୟକ ପଦକ୍ଷେପ ହେଉଛି ଜରୁରୀ। ଆମକୁ ସମସ୍ତ ନୂତନ ନିର୍ମିତ ଓଡ଼ିଆ ଶବ୍ଦଗୁଡ଼ିକୁ ସେମାନଙ୍କ ମୂଳ ଇଂରାଜୀ ବା ଅନ୍ୟ ଭାଷାର ଶବ୍ଦ ସହ ଆମ ଅଭିଧାନରେ ସ୍ଥାନିତ କରିବାକୁ ହେବ ଓ ଆମର ଏଇ ଅଭିଧାନ 'ନୂତନ ଓଡ଼ିଆ ଶବ୍ଦ (ଏକ ବା ଏକାଧିକ) ମୂଳ ଭାଷାର ଶବ୍ଦ = ଅନ୍ୟ ସମାର୍ଥ ଓଡ଼ିଆ ଶବ୍ଦ କିମ୍ବା 'ମୂଳ ଭାଷାର ଶବ୍ଦ = ନୂତନ ଓଡ଼ିଆ ଶବ୍ଦ = ଅନ୍ୟ ସମାର୍ଥ ଓଡ଼ିଆ ଶବ୍ଦ', ଏଇ କ୍ରମ ଅନୁସରଣ କରି ହେବା ଆବଶ୍ୟକ। ଏବେ ଅବଶ୍ୟ ଉପଲବ୍ଧ ଅଳ୍ପ କେତୋଟି ଅଭିଧାନ ଏଇ କ୍ରମ ଅନୁସରଣ କରି କିଛି ନୂତନ ଓଡ଼ିଆ ଭାଷାନ୍ତରିତ ଶବ୍ଦକୁ ସ୍ଥାନିତ କରିଛନ୍ତି, ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ତା' ପରେ ଯେହେତୁ ଏବେ ବହୁ ନୂତନ ଓଡ଼ିଆ ଶବ୍ଦ କ୍ରମାଗତ ଭାବରେ ନିର୍ମିତ ହୋଇ ଚାଲିଛନ୍ତି, ସେଥିପାଇଁ ଆମକୁ ପ୍ରତିବର୍ଷ ଆମ ଅଭିଧାନଗୁଡ଼ିକର ନୂତନ ସଂସ୍କରଣ କରି ଚାଲିବାକୁ ହେବ, ସେଗୁଡ଼ିକୁ ପରିବର୍ଦ୍ଧିତ କରି ଚାଲିବାକୁ ହେବ।

ଯେପର୍ଯ୍ୟନ୍ତ ଆମେ ଏ ଦିଗରେ ଠିକଣା ପଦକ୍ଷେପ ନ ନେଇଛେ, ସେ ପର୍ଯ୍ୟନ୍ତ ଆମର ପାଠକମାନେ ଗୋଟିଏ ଇଂରାଜୀ ବା ଅନ୍ୟ ଭାଷାର ଭିନ୍ନ ଭିନ୍ନ ଓଡ଼ିଆ ରୂପାନ୍ତର ଯୋଗୁ ଘୋର ଦ୍ୱନ୍ଦ୍ୱ ସଂଶୟରେ ପଡ଼ି ଚାଲିଥିବେ। ଏ ଲେଖକଙ୍କୁ କେହି କେହି ଅନେକ ସମୟରେ ସେମାନେ କେବେ କେଉଁଠି ପଢ଼ିଥିବା, ଦେଖିଥିବା ଶବ୍ଦ- ଯେପରିକି ଧ୍ରୁବୀକରଣ, ପ୍ରତିବେଦନ, ପ୍ରାକାର୍ଯ୍ୟ, ଦ୍ୱି-ଧ୍ରୁବୀୟ, ଆଭାସି, ପ୍ରବରଣ, ଅନ୍ତର୍ଭୁକ୍ତୀକରଣ ଓ ଆହୁରି ଏଇପରି ଅନେକ ଶବ୍ଦର ପ୍ରକୃତ ଅର୍ଥ ଜାଣିବା ପାଇଁ ସେଗୁଡ଼ିକର ମୂଳ ଇଂରାଜୀ ଶବ୍ଦଗୁଡ଼ିକ ସମ୍ପର୍କରେ ପଚାରିଥାନ୍ତି। 'ଆଭାସି' ଶବ୍ଦଟି ଇଂରାଜୀ 'ଭର୍ଚୁଆଲ' ଶବ୍ଦରୁ, 'ଧ୍ରୁବୀକରଣ' ଶବ୍ଦଟି 'ପୋଲାରାଇଜେସନ' ଶବ୍ଦରୁ, 'ଦ୍ୱି-ଧ୍ରୁବୀୟ' ଶବ୍ଦଟି 'ବାଇପୋଲାର୍' ଶବ୍ଦରୁ ଆସିଛି ବୋଲି ଏ ଲେଖକ ସେମାନଙ୍କୁ କହିବା ମାତ୍ରେ ସେମାନଙ୍କ ସଂଶୟ ଦୂରୀଭୂତ ହୋଇଯାଇଥାଏ। କହିବା ନିଷ୍ପ୍ରୟୋଜନ ଯେ ଉଲ୍ଲିଖିତ ଶବ୍ଦମାନଙ୍କ ପରି ଅନେକ ନୂତନ ଓଡ଼ିଆ ଶବ୍ଦ ଏବେ ଆମେ ବିଭିନ୍ନ ପୁସ୍ତକରେ, ପତ୍ରପତ୍ରିକାରେ ଦେଖିବାକୁ ପାଉଛେ। ତେଣୁ ଏ ଶବ୍ଦ ସବୁର ସହଜ ବୋଧଗମ୍ୟତା ନିଶ୍ଚିତ କରିବା ପାଇଁ ସେ ସବୁ ଯେଉଁ ମୂଳ ଶବ୍ଦରୁ ଭାଷାନ୍ତରିତ ହୋଇଛନ୍ତି, ସେଇ ସମ୍ପର୍କରେ ସବିଶେଷ ସୂଚନା ପ୍ରତ୍ୟେକ ପାଠକଙ୍କ ପାଇଁ ସୁଲଭ ହେବା ଆବଶ୍ୟକ। ଯଦି 'ପ୍ରଭୁପାଠ' ଶବ୍ଦଟି 'ମାଷ୍ଟର ଟେକସ୍ଟ' ଓ 'ମହତ୍ତମ ବ୍ୟାଖ୍ୟାନ' ଶବ୍ଦଟି 'ଗ୍ରାଣ୍ଡ ନ୍ୟାରେଟିଭ' ଏଇ ଦୁଇ ଇଂରାଜୀ ଶବ୍ଦରୁ ତିଆରି କରି ନିଜ ଲେଖାରେ ବ୍ୟବହାର କରିଥାନ୍ତି, ତେବେ ସେଇ ଦୁଇଟି ଆପାତତଃ ଅଭିନବ ଓଡ଼ିଆ ଶବ୍ଦ ସହ ଦୁଇଟି ଯାକ ମୂଳ ଇଂରାଜୀ ଶବ୍ଦ ତାଙ୍କ ଲେଖାରେ ଯଥାସ୍ଥାନରେ ରହିଥିବା ସମ୍ପର୍କରେ ସେ ନିଶ୍ଚିତ ହେବା ଆବଶ୍ୟକ। ଉଦାହରଣ ସ୍ୱରୂପ, ଇଂରାଜୀ ଶବ୍ଦ 'ସଷ୍ଟେନେବଲ୍'ର ଭିନ୍ନ ଭିନ୍ନ ଓଡ଼ିଆ ଭାଷାନ୍ତରିତ ରୂପ ଆମେ ଦେଖିବାକୁ ପାଉଛେ। ଏପରି ସ୍ଥଳେ ଶିକ୍ଷିତ ପାଠକ ଜଣକ ଯଦି ଏଇ ସମସ୍ତ ଶବ୍ଦର ମୂଳ ଇଂରାଜୀ ଶବ୍ଦଟି 'ସଷ୍ଟେନ୍‌ବଲ' ବୋଲି ଜାଣିପାରେ, ତେବେ ଠିକ୍ ଅର୍ଥଟି କ'ଣ ସେ ସମ୍ପର୍କରେ ସେ ନିଶ୍ଚିତ ହୋଇଥାଏ। ଏ ଲେଖକର ସ୍ପଷ୍ଟ ମତ ଯେ ଯେ ପର୍ଯ୍ୟନ୍ତ ଆମେ ଇଂରାଜୀ ଶବ୍ଦର ଓଡ଼ିଆ ଭାଷାନ୍ତରିତ ରୂପ ସହିତ ସମ୍ପୂର୍ଣ୍ଣ ପରିଚିତ ନ ହୋଇଛେ, ସେ ପର୍ଯ୍ୟନ୍ତ ଆମକୁ ବାରମ୍ବାର ମୂଳ ଇଂରାଜୀ ଶବ୍ଦ ପାଖକୁ ଫେରିବାକୁ ପଡୁଥିବ, ସେଇ ମୂଳ ଶବ୍ଦକୁ ଆମ ଅଭିଧାନରେ ଖୋଜିବାକୁ ହେଉଥିବ।

**ଶିକ୍ଷିତ ପାଠକ ଜଣକ ଯଦି ଏଇ ସମସ୍ତ ଶବ୍ଦର ମୂଳ ଇଂରାଜୀ ଶବ୍ଦଟି 'ସଷ୍ଟେନ୍‌ବଲ' ବୋଲି ଜାଣିପାରେ, ତେବେ ଠିକ୍ ଅର୍ଥଟି କ'ଣ ସେ ସମ୍ପର୍କରେ ନିଶ୍ଚିତ ହୋଇଥାଏ।**

## ଗଣମାଧ୍ୟମର ଭୂମିକା

ନୂତନ ଓଡ଼ିଆ ଭାଷାନ୍ତରିତ ଶବ୍ଦଗୁଡ଼ିକ ସହିତ ସାଧାରଣ ପାଠକ, ପାଠିକାଙ୍କର ସମ୍ୟକ୍ ପରିଚିତିକୁ ତ୍ୱରାନ୍ୱିତ କରିବା ପାଇଁ ଆମ ଲେଖକ, ଲେଖିକାମାନେ ବର୍ତ୍ତମାନର ସାମାଜିକ ଗଣମାଧ୍ୟମମାନଙ୍କର ସାହାଯ୍ୟ ନେଇପାରିବେ। ସେମାନେ ଇଂରାଜୀ କିମ୍ବା ଅନ୍ୟ କେଉଁ ଭାଷାର ଶବ୍ଦମାନଙ୍କର, ବାକ୍ୟାଂଶ ବା ବାକ୍ୟମାନଙ୍କର ଯେଉଁ ଓଡ଼ିଆ ରୂପାନ୍ତର କରୁଛନ୍ତି, ସେଇଗୁଡ଼ିକୁ ହ୍ୱାଟସ୍‌ଆପ୍, ଫେସବୁକ୍, ଟୁଇଟର (ଏବେ 'ଏକ୍ସ') ଇତ୍ୟାଦି ମାଧ୍ୟମରେ ପାଠକ ପାଠିକାଙ୍କୁ ଜଣାଇବାର ପ୍ରୟନ୍ କରିବା ଉଚିତ- ଏଇ ଯେପରି 'ସୁପ୍ରଭାତ' ବା 'ଶୁଭେଚ୍ଛା' ବା 'ଇମୋଜି' ଗୁଡ଼ିଏ ସବୁବେଳେ ପୋଷ୍ଟ ନ କରି ଆମେ ଯଦି ଗୋଟିଏ ଗୋଟିଏ ନୂତନ- ନିର୍ମିତ ଶବ୍ଦ ପୋଷ୍ଟ କରି ଦେବା, ତାହା ଅଚିରେ ବହୁ ଲୋକଙ୍କ ଦୃଷ୍ଟିରେ ପଡ଼ିବ ଓ ଏଇପରି ବହୁଳ ପ୍ରସାରିତ କାରଣରୁ ସେ ଶବ୍ଦଗୁଡ଼ିକ ଆମ ଚେତନ ଓ ଅବଚେତନ ମନରେ ସବୁଦିନ ପାଇଁ ସ୍ଥାୟୀ ହୋଇ ରହିଯିବ।

ଏ କଥା ସତ୍ୟ ଯେ ଆମ ମାତୃଭାଷା ଓଡ଼ିଆର ବ୍ୟାପକ ଭାବ ସଂଚାରଣ କ୍ଷମତା ପାଇଁ ଆମକୁ ଅନ୍ୟ ଭାଷାରୁ, ବିଶେଷ କରି ଇଂରାଜୀ ଭାଷାରୁ ବହୁ ଶବ୍ଦ, ଶବ୍ଦାବଳୀକୁ ଓଡ଼ିଆ ଭାଷାନ୍ତରିତ କରି ଆମ ଭାଷା ଭଣ୍ଡାରକୁ ସମୃଦ୍ଧ କରିବାକୁ ହେବ। ବର୍ତ୍ତମାନର ବଡ଼ ଦାୟିତ୍ୱ ହେଉଛି ସମସ୍ତ ନୂତନ- ନିର୍ମିତ ଓଡ଼ିଆ ଶବ୍ଦର ମାନକୀକରଣ ଓ ସାର୍ବଜନୀନ ସ୍ୱୀକୃତି, ପରିଚିତି ନିଶ୍ଚିତ କରିବା। ଏଥିପାଇଁ ବିଧିବଦ୍ଧ ଉଦ୍ୟମ ଏବେଠାରୁ ଆରମ୍ଭ ହେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।

□□

ଲେଖକଙ୍କ ଇ-ମେଲ ଠିକଣା:
acharyadurgaprasad123@gmail.com



ଅନୁବାଦ

# ସାଧୁବାବାଙ୍କ ଭୋଗ



ହିନ୍ଦୀ କାହାଣୀ - ମୁନ୍‌ସୀ ପ୍ରେମଚନ୍ଦ    ଅନୁବାଦ - ଆଶିଷ କୁମାର ରାୟ

ରାମଧନର ଦାଣ୍ଡ ଦୁଆରେ ଦିନେ ଜଣେ ସାଧୁ ଆସି ପହଁଚିଲେ ଆଉ କହିଲେ - ପୁତ୍ର, ତୁମ୍ଭର କଲ୍ୟାଣ ହେଉ, ଏ ସାଧୁ ଉପରେ କିଛି ଶ୍ରଦ୍ଧା ରଖ ବାବା।

ରାମଧନ ଯାଇ ସ୍ତ୍ରୀକୁ କହିଲା - ସାଧୁବାବା ଦୁଆରେ ଆସି ଛିଡ଼ା ହୋଇଛନ୍ତି। ତାଙ୍କୁ କିଛି ଦବାକୁ ପଡ଼ିବ। ସ୍ତ୍ରୀ ତା'ର ବାସନ ମାଜୁଥିଲା। ଚୈତ୍ର ମାସ ଶେଷ ହୋଇ ନ ଥିବା ସତ୍ତ୍ୱେ ତା' ଘରୁ ସବୁ ଖାଲି ହୋଇଯାଇଥିଲା। ଦ୍ୱିପ୍ରହର ସମୟଟାରେ ବି ସତେ ଯେମିତି ଅନ୍ଧାର ମାଡ଼ି ଆସିଥିଲା ଦୁଇ ପ୍ରାଣୀଙ୍କପାଇଁ। ବିଲରୁ ଅମଳ ହୋଇଥିବା ଶସ୍ୟ ଖଳାରୁ ହିଁ ଉଠି ଯାଇଥିଲା। ଅଧା ମହାଜନ ନେଇଯାଇଥିବା ବେଳେ ଆଉ ଅଧା ଜମିଦାରଙ୍କ ପିଆଦା ଆସି ନେଇଯାଇଥିଲେ। ନଡ଼ାକୁଟା ବିକି ବଳଦ ବେପାରୀଙ୍କ ବାକି ଶୁଝାଗଲା। ବାସ୍, ଅଳ୍ପ କିଛି ପଡ଼ିଥିଲା ରାମଧନର ଭାଗରେ। ସେଇଆକୁ ହିଁ ବାଡ଼ାବାଡ଼ି କରି ମହଣେ ଖଣ୍ଡେ ମିଳିଲା, ଯାହାକି ଏବେ ସରିବା ସରିବା ଭଳି। ଆଗକୁ କ'ଣ ହେବ କେଜାଣି? ଦି' ପ୍ରାଣୀ କ'ଣ ଖାଇବେ? ବଳଦ ଦିଇଟା କ'ଣ ଖାଇବେ? ଏହା କେବଳ ଭଗବାନଙ୍କୁ ଜଣା! ଆଉ ଏବେ ସାଧୁ ଆସି ଦୁଆରେ। ତାଙ୍କୁ ଖାଲି ଖାଲି ଫେରେଇଦେଲେ ସେ କ'ଣ ଭାବିବେ?



ସ୍ତ୍ରୀ କହିଲା - କ'ଣ ଦବ ବୋଲି କହୁଛ? କିଛି ତ ଘରେ ନାହିଁ।

ରାମଧନ - ଯା ଦେଖି, ହାଣ୍ଡିରେ ଯଦି ଅଟା ଫଟା ଥିବ ନେଇଆସିବୁ।

ସ୍ତ୍ରୀ କହିଲା - ସେଇଆକୁ ତ ଝାଡ଼ିଝୁଡ଼ି କାଲି କରି ଦେଇଥିଲି। ଆଜି ଆଉ କୁଆଡୁ ଆସିବ?

ରାମଧନ - ସାଧୁଙ୍କୁ ଯାଇ ମୁଁ କେମିତି କହିବି, ବାବା ଘରେ କିଛି ନାହିଁ ବୋଲି? ଯା' ଯଦି ପାରିବୁ କାହାଘରୁ ଯାଇ ମାଗିଆଣ।

ସ୍ତ୍ରୀ - ଯାହାଠୁ ତ ନେଇଚେ, ତାଙ୍କୁ ଫେରସ୍ତ ଦେଇପାରୁନେ; ଏବେ ଯାଇ କୋଉ ମୁହଁରେ ମାଗିବି?

ରାମଧନ - ଆଚ୍ଛା, ଠାକୁରଙ୍କ ଭୋଗ ପାଇଁ ଯେଉଁ ଅମୋଣିଆ ରଖାଯାଇଛି, ସେଇଥିରୁ କିଛି ବାହାର କରିଦେ, ଯାଇ ଦେଇଆସେ।

ସ୍ତ୍ରୀ - ଆଉ ଠାକୁରଙ୍କ ଭୋଗ କେମିତି ହବ?

ରାମଧନ - ଆଲୋ, ଠାକୁର ଦେବତା ତ ଆଉ ମାଗିବାକୁ ଆସିବେନି, ଯଦି ଥିବ ଭୋଗ ହେବ, ନ ହେଲେ ନାହିଁ।

ସ୍ତ୍ରୀ - ଅମୋଣିଆ ଆଉ କେତେ ଥିବ, ଗଉଣିଏ ଦି' ଗଉଣୀ ହେବ। ଏହା ପରେ ଯଦି ଆଉ କିଏ ସାଧୁ ମହାତ୍ମା ଆସିଗଲେ, ତାଙ୍କୁ ଆମେ କି ଜବାବ୍ ଦେବା?

ରାମଧନ - ଏ ବିପଦ ଆଗେ ଟଳିଯାଉ, ପଛରେ କ'ଣ ହେବ ଦେଖାଯିବ। ସ୍ତ୍ରୀ ବିରକ୍ତ ହୋଇ ଉଠିଗଲା ଆଉ ଗୋଟିଏ ଛୋଟ ହାଣ୍ଡି ଆଣି ଥୋଇଦେଲା। କିଛି ଗହମର ଅଟା ସେଥିରେ ଯତ୍ନର ସହିତ ରଖାଯାଇଥିଲା। ରାମଧନ ତ କିଛି ସମୟ ଛିଡ଼ାହୋଇ ହାଣ୍ଡି ଆଡ଼କୁ ଚାହିଁଲା। ତା' ପରେ ଅଧସେର ଖଣ୍ଡେ ଅଟା ବାହାରି କରି ଆଣି ସାଧୁଙ୍କ ଝୁଲାମୁଣିରେ ଦେଇଗଲା।

ସାଧୁ ମହାତ୍ମା ଅଟା ନେଇ କହିଲେ - ବେଟା, ଆମ୍ଭେ

ଆଜି ଏହିଠାରେ ହିଁ ବିରାଜମାନ କରିବୁ। ଅଟା ତ ଦେଲୁ, ଡାଲି କିଛି ଆଣି ଦେଇଦେ, ଭୋଗ ଲାଗିଯିବ।

ରାମଧନ ପୁଣି ଆସି ସ୍ତ୍ରୀକୁ କହିଲା। ଯୋଗକୁ ଘରେ ଡାଲି ଥିଲା। ରାମଧନ ତୁରନ୍ତ ଡାଲି, ଲୁଣ, କାଠ, ଘଷି ଯୋଗାଇଦେଲା। ପୁଣି ଯାଇ କୂଅରୁ ପାଣି କାଢ଼ିଆଣିଲା। ସାଧୁବାବା ବିଧି ଅନୁସାରେ ଧୁନି ଜାଳିଲେ। ଚୁଲି ଲଗେଇ ଡାଲି ବସେଇଲେ। ଝୁଲାମୁଣି ମଧ୍ୟରୁ ଆଳୁ ବାହାର କରି ସେଥିରେ ପକେଇଲେ। ରୁଟି ସେକିଲେ। ଖାଦ୍ୟ ପ୍ରସ୍ତୁତ ହୋଇଯିବା ପରେ ରାମଧନକୁ ଡାକି କହିଲେ - ପ୍ରଭୁଙ୍କ ଭୋଗ ପାଇଁ କିଛି ଘିଅ ଦରକାର। ଖାଦ୍ୟ ଯଦି ପବିତ୍ର ନ ହେବ, ତେବେ ଭୋଗ କିପରି ଲାଗିବ?

ରାମଧନ - ଘିଅ ତ ଘରେ ନାହିଁ ବାବା।

ସାଧୁ - ବେଟା, ଭଗବାନ ଅନେକ ଜିନିଷ ତୋ ପାଇଁ ଖଞ୍ଜି ଦେଇଛନ୍ତି। ଏମିତି ମନା କରନ୍ତିନି।

ରାମଧନ - ସାଧୁ ମହାରାଜ, ଗାଈ ମଇଁଷି ଆମ ଘରେ ଆଦୌ ନାହିଁ ଆଜ୍ଞା, ଘିଅ କୁଆଡୁ ଆସିବ?

ସାଧୁ - ପ୍ରଭୁଙ୍କ ଭଣ୍ଡାରରେ ସବୁ କିଛି ରହିଛି, ଯାଅ ଘର ମାଲିକାଣୀଙ୍କୁ କୁହ।

ରାମଧନ ଯାଇ ସ୍ତ୍ରୀଙ୍କୁ କହିଲା- ଏବେ ଘିଅ ମାଗୁଛନ୍ତି। ଏକରେ ତ ଆସି ଦୁଆରେ ଭିକ ମାଗୁଛନ୍ତି, ତା' ଉପରକୁ ଘିଅ ନ ହେଲେ ଗୁଣ୍ଡା ଯିବନି ପାଟିକୁ।

ସ୍ତ୍ରୀ - ତା'ହେଲେ ଗୋଟେ କାମ କର। ଏଇ ଡାଲିରୁ କିଛି ନେଇ ଦୋକାନରେ ଦେଇ ତା' ବଦଳରେ ଘିଅ ଟିକେ ନେଇଆସ। ସବୁ କାମ ଯେତେବେଳେ ସରିଲାଣି, ସେତେବେଳେ ଏଇ ଟିକେ କଥାକୁ ବିଗିଡ଼ିବାରେ କ'ଣ ଅଛି?

**ସବୁ କାମ ଯେତେବେଳେ ସରିଲାଣି, ସେତେବେଳେ ଏଇ ଟିକେ କଥାକୁ ବିଗିଡ଼ିବାରେ କ'ଣ ଅଛି?**

ଘିଅ ଆସିଗଲା। ସାଧୁ ମହାରାଜ ଠାକୁରଙ୍କ ପିଣ୍ଡି ବାହାର କଲେ, ଘଣ୍ଟି ବଜେଇ ଭୋଗ ଲଗେଇଲେ। ଚକାସନରେ ବସି ବଢ଼ିଆ କରି ଗ୍ରାସେ ଚଢ଼େଇଲେ। ତା'ପରେ ପେଟକୁ ଆଉଁସି ଆଉଁସି ଲୁଗାପାରି ଦାଣ୍ଡରେ ଚାରିକାତ ଲମ୍ୱେଇ ପଡ଼ିଗଲେ। ଥାଳି, ଆଟିକା, କରଚୁଲି ଆଦି ରାମଧନକୁ ଦେଲେ ମାଜି ରଖିବାପାଇଁ। ସେଇ ରାତିରେ ରାମଧନର ଘରେ ଚୁଲି ଜଳିଲା ନାହିଁ। ଆଟିକାରେ ବଳିଥିବା ଅଳ୍ପ ଟିକେ ଡାଲିକୁ ପିଇ ଦୁଇ ପ୍ରାଣୀ କଷ୍ଟେମଷ୍ଟେ ଭୋକ ମେଣ୍ଟାଇଦେଲେ।

ରାମଧନ ବିଛଣାରେ ପଡ଼ି ଭାବିବାକୁ ଲାଗିଲା - ଆଃ! କି ସୁନ୍ଦର ଜୀବନ ତାଙ୍କର।

□□

ଅନୁବାଦକଙ୍କ ଇ-ମେଲ ଠିକଣା:
ashisports@gmail.com

**ସାହିତ୍ୟ ଚର୍ଚ୍ଚା ବର୍ତ୍ତମାନ ମୋବାଇଲ ଆପ୍ ରେ**




Search **Sahitya Charcha** on Play Store

ଆପଣଙ୍କ **ଆଣ୍ଡରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'ର ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।

ଅନୁଭୂତି

# ପାଦେ ପାଦେ ପଦ୍ମନାଭ



**ପୀତବାସ ରାଉତରାୟ**

ଶ୍ରୀ ଜଗନ୍ନାଥଙ୍କ ଆକର୍ଷଣ ଅନନ୍ୟ। ଯୁଗଯୁଗରୁ କେତେ ସାଧୁ, ସନ୍ଥ ଓ ସନ୍ନ୍ୟାସୀ ଶ୍ରୀକ୍ଷେତ୍ର ପଦାର୍ପଣ କରି ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ତାଙ୍କ ପ୍ରତି ଆକର୍ଷିତ ହୋଇ ବାନ୍ଧି ହୋଇ ରହିଯାଇଛନ୍ତି, ଯାହାର ପ୍ରମାଣ ହେଉଛି ଶ୍ରୀକ୍ଷେତ୍ରରେ ପ୍ରତିଷ୍ଠା ହୋଇଥିବା ଶତାଧିକ ମଠ। ସର୍ବଧର୍ମର ସମନ୍ୱୟ ଶ୍ରୀଜଗନ୍ନାଥଙ୍କର ମାନବୀୟ ଲୀଳା ଦର୍ଶନ କରିବା ପାଇଁ ଭକ୍ତଜନଙ୍କ ଭିଡ଼ ବର୍ଷ ପରେ ବର୍ଷ ବୃଦ୍ଧି ପାଇଚାଲିଛି। ଶ୍ରୀଜଗନ୍ନାଥ ଯେମିତି ଅନୁପମ ତାଙ୍କ ମହାପ୍ରସାଦର ସ୍ୱାଦ ମଧ୍ୟ ସେମିତି ଅତୁଳନୀୟ।



ଏଭଳି ଠାକୁରଙ୍କର ନିର୍ମାଣ ମଧ୍ୟ ରହସ୍ୟମୟ। ସ୍ୱୟଂ ବିଶ୍ୱକର୍ମାଙ୍କ ହାତଗଢ଼ା ଠାକୁର ହେଉଛନ୍ତି ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରା। ଏଭଳି ବିଚିତ୍ର ଠାକୁରଙ୍କୁ ଓ ତାଙ୍କର ଲୀଳାକୁ ଚିତ୍ରଶିଳ୍ପୀଗଣ ନୂତନ ଆଙ୍ଗିକରେ ଆଙ୍କିବାର ପ୍ରୟାସ ଆରମ୍ଭ କଲେ ୨୦୨୦ ମସିହାରେ ଶ୍ରୀକ୍ଷେତ୍ର ପୁରୀରେ। ବିଶିଷ୍ଟ ଚିତ୍ରଶିଳ୍ପୀ ବିଭୂତି କାନୁନ୍‌ଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ବଳଦେବ ମହାରଥା ଦିଲ୍ଲୀରେ ଅବସ୍ଥାନ କରୁଥିବା ଚିତ୍ରଶିଳ୍ପୀ ପ୍ରଦୋଷ ସ୍ୱାଇଁଙ୍କ ଅନୁରୋଧରେ ଆରମ୍ଭ କଲେ ଶ୍ରୀଜଗନ୍ନାଥଙ୍କୁ ନେଇ ଶ୍ରୀକ୍ଷେତ୍ର ପୁରୀରେ ଏକ ଚିତ୍ରଶିଳ୍ପୀ ଶିବିର। ନିମ୍ବଗଛ ଗଣ୍ଡିକୁ ଗୋଲ ଗୋଲ କରି କାଟି ତା' ଉପରେ ଆଙ୍କିଦେଲେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଚିତ୍ର ପ୍ରାୟ ୧୬ ଜଣ ଶିଳ୍ପୀ। ତା' ପରବର୍ଷ ପୁଣି ବଦଳିଗଲା ସ୍ଥାନ। ଯେଉଁ ନୀଳମାଧବଙ୍କୁ ବିଶ୍ୱାବସୁ ପୂଜା କରୁଥିଲେ ସେହି ମୂଳପୀଠ କଣ୍ଟିଲୋରେ ଆରମ୍ଭ ହେଲା ଚିତ୍ରଶିଳ୍ପୀ ଶିବିର। ଏଥିରେ ମଧ୍ୟ ଯୋଗ ଦେଇଥିଲେ ଷୋହଳ ଜଣ ଶିଳ୍ପୀ। ସବୁ ଚିତ୍ରଶିଳ୍ପୀ ଚିତ୍ର ଆଙ୍କି ମନ୍ଦିର ପାଦଦେଶରେ ପ୍ରଥମେ ପ୍ରଦର୍ଶନ କରି ପରେ ପରେ କଟକରେ ବର୍ଣ୍ଣାଢ଼୍ୟ ସଭାରେ ପ୍ରଦର୍ଶିତ କରିଥିଲେ। ଚିତ୍ରଗୁଡ଼ିକ ପ୍ରଦର୍ଶନୀରେ ହାତ ମିଳାଇଥିଲେ ବିଶିଷ୍ଟ ଚିତ୍ରଶିଳ୍ପୀ ରବିନାରାୟଣ ରଥ।

**ଏକ ଅନନ୍ୟ ସ୍ଥଳ**

ତା'ପରେ ପୁଣି ବଦଳିଗଲା ସ୍ଥାନ ୨୦୨୨ ମସିହାରେ। ଚିଲିକା କୂଳର ପ୍ରସିଦ୍ଧ ଗ୍ରାମ ନଈରୀ ଓ ଅଧକିଲୋମିଟର ଚିଲିକା ପାଣିରେ ଡଙ୍ଗାରେ ଯାଇ ପହଞ୍ଚିଲେ କାଙ୍କଣଶିଖରୀ ପାହାଡ଼ରେ ଯେଉଁଠାରେ ପ୍ରଭୁ ୧୭୩୪ ମସିହାରେ ମୋଗଲ ଆକ୍ରମଣ ସମୟରେ କିଛିକାଳ ଅବସ୍ଥାନ କରିଥିଲେ। ଶିଳ୍ପୀକୁଳଙ୍କୁ ପ୍ରତ୍ୟେକ ଜାଗା ବିଷୟରେ ବୁଝାଇବାର ଦାୟିତ୍ୱ ଥିଲା ବିଶିଷ୍ଟ ଗବେଷକ ଅସିତ ମହାନ୍ତିଙ୍କର। ମୋର ଦାୟିତ୍ୱ ଥିଲା ଅନନ୍ୟ ଶ୍ରୀଜଗନ୍ନାଥ ସଂସ୍ଥାନର ସମ୍ପାଦକ ହିସାବରେ ସବୁ ଚିତ୍ରଶିଳ୍ପୀଗଣଙ୍କୁ ସମ୍ୟକ ତଥ୍ୟ ପ୍ରଦାନ କରି ସେମାନଙ୍କୁ ସହଯୋଗ କରିବା ଓ ଚିତ୍ରଶିଳ୍ପୀଙ୍କ ଚିତ୍ରକୁ ମୋ ଦ୍ୱାରା ସଂକଳିତ ପୁସ୍ତକ ଯାହା ପ୍ରତିବର୍ଷ ରଥଯାତ୍ରାକୁ ପ୍ରକାଶ ପାଇ ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ସମର୍ପିତ ହୁଏ ସେଥିରେ ପ୍ରକାଶ କରି ଶିଳ୍ପୀଗଣଙ୍କ କୀର୍ତ୍ତିକୁ ପାଠକଙ୍କ ପାଖରେ ପହଞ୍ଚାଇବା। କାଙ୍କଣ ଶିଖରୀରେ ଶିଳ୍ପୀଗଣ ଚିତ୍ର କରିବା ପୂର୍ବରୁ ପୂର୍ବାଭାସ ଦେଇ ଗବେଷକ ବନ୍ଧୁ ଡ. ଅସିତ ମହାନ୍ତି କହିଲେ ଏହି ଚିଲିକା ବାଟେ ରକ୍ତବାହୁ ୬୭୦ ଖ୍ରୀଷ୍ଟାବ୍ଦରେ ଆସି ଶ୍ରୀମନ୍ଦିର ଆକ୍ରମଣ କରିବାର ମସୁଧା କରିଥିଲା ଯାହା ଫଳରେ ତତ୍କାଳୀନ ରାଜା ଓ ସେବକଗଣ

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଶ୍ରୀମନ୍ଦିରରୁ ନେଇ ସୋନପୁରର କୋଟସମଲାଇ ପାହାଡ଼ ପାଖରେ ସୁଧାଲିପ୍ତ ମଣ୍ଡପରେ ୪୫ ବର୍ଷ ରଖି ପୂଜା କରିଥିଲେ। ତା'ପରେ ପୁଣି ଆକ୍ରମଣର ଆଶଙ୍କା କରି ଚତୁର୍ଦ୍ଧାମୂର୍ତ୍ତିଙ୍କୁ ତ୍ରିକୁଟ ପାହାଡ଼ର ଗୁମ୍ଫାରେ ଥିବା ବରଗଛ ମୂଳେ ପାତାଳି କରି ଦିଆଯାଇଥିଲା ୯୯ ବର୍ଷ। ଏହିଭଳି ପ୍ରଭୁ ୧୪୪ ବର୍ଷ ଧରି ଶ୍ରୀକ୍ଷେତ୍ରରୁ ଅନ୍ତର୍ଦ୍ଧାନ ହୋଇଥିଲେ। ଏକଥା ଶୁଣିଲେ ଶିଳ୍ପୀଗଣ ୨୦୨୨ ମସିହା ଡିସେମ୍ବର ୩୧ ତାରିଖରେ ଆଉ ମନେ ମନେ ଭାବିଲେ ଆସନ୍ତା ବର୍ଷ ସେହି ସ୍ଥାନକୁ ଯିବା ପାଇଁ।

## ଶିଳ୍ପୀମାନଙ୍କର ସମାଗମ

ଭାରତବର୍ଷର ବିଭିନ୍ନ ସ୍ଥାନରୁ ଶିଳ୍ପୀଗଣ ୨୦୨୩ ମସିହା ଦୀପାବଳି ପୂର୍ବରୁ ଆସି ଭୁବନେଶ୍ୱରରେ ଏକତ୍ର ହେଲେ। ଦିଲ୍ଲୀରୁ ପ୍ରଦୋଷ ସ୍ୱାଇଁ ଓ ନିବେଦିତା ପଟ୍ଟନାୟକ, ହାଇଦ୍ରାବାଦରୁ ଜ୍ୟୋତିର୍ମୟ ପଟ୍ଟନାୟକ ଓ ଓଡ଼ିଶାର ବିଭିନ୍ନ ପ୍ରାନ୍ତରରୁ ଶକୁନ୍ତଳା ଆର୍ଟ ଗ୍ୟାଲେରୀର ମୁଖ୍ୟ ଜନାର୍ଦ୍ଦନ ପରମଗୁରୁ, ପ୍ରଦୀପ କୁମାର ପାଣ୍ଡେ, ରୋଜି ପାଣ୍ଡେ, ସୁବାସ ଚନ୍ଦ୍ର ପୂଜାରୀ, ସନ୍ତୋଷ କୁମାର ମହାରଣା, ନମିତା ସାହୁ, ଅରୁଣ ଜେନା, ବିଭୂତି ଦାଶ, ଲିପିଶ୍ରୀ ନାୟକ, ମମତା ସାମନ୍ତରାୟ, ପ୍ରିୟଦର୍ଶିନୀ ମହାନ୍ତି, ରାଜକିଶୋର ମହାରଣା, ରାଜେଶ ନାୟକ, ସରୋଜ କୁମାର, ଶ୍ୟାମସୁନ୍ଦର ମେହେର, ସ୍ମିତଧି ରଥ, ଅଶୋକ ବେହେରା ଏବଂ ସେମାନଙ୍କ ମୁଖ୍ୟ ବଳଦେବ ମହାରଥା।

**ମୁଁ ଆରାମରେ ଯାଇ ଇ.ସି.ଜି. କରି ଫେରିବା ପରେ ମୋର ରିପୋର୍ଟ ଦେଖି ତାଙ୍କ ମୁଖର ରୂପରେଖ ବଦଳିଗଲା।**

ଦାୟିତ୍ୱ ଥିଲା ମୋର ଓ ଡ. ଅସିତ ମହାନ୍ତିଙ୍କର ଚିତ୍ରଶିଳ୍ପୀଗଣଙ୍କୁ ବୁଝାଇବା ଓ ପାହାଡ଼ ଚଢ଼ାଇ ଗୁମ୍ଫାଭିତର ଦେଖାଇବା ଯାହା ଦେଖିଲେ ତାଙ୍କ ମନରେ ଯେଉଁ ଭାବନା ଉଦ୍ରେକ ହେବ ତାକୁ ରୂପରେଖ ଦେବେ। ବର୍ତ୍ତମାନ ସେଠାରେ ପାହାଡ଼ ପାଦଦେଶରେ ଗୋଟିଏ ଜଗନ୍ନାଥ ମନ୍ଦିର ନିର୍ମାଣ ହୋଇ ଗଜପତି ଶୁଭଦେବା ପରେ ପୂଜାର୍ଚ୍ଚନା ଚାଲିଛି। ଗୁମ୍ଫାଭିତରେ ମଧ୍ୟ ସ୍ମାରକୀ ସ୍ୱରୂପ ଚତୁର୍ଦ୍ଧାମୂର୍ତ୍ତି ପୂଜା ପାଉଛନ୍ତି। କୁହାଯାଏ ଗୁମ୍ଫା ଭିତରେ ସାପର ସୁ ସୁ ଗର୍ଜନ ମଧ୍ୟ ଶୁଭାଯାଏ।

ଏଭଳି ଏକ ସ୍ଥାନକୁ ଆଉ ପାହାଡ଼ ଚଢ଼ିବାର କାର୍ଯ୍ୟକୁ ମୁଁ ପ୍ରଥମରୁ ବାଛିଥିଲି। ଦୀପାବଳି ପରଦିନ ଥିଲା ଯିବାର ପରିକଳ୍ପନା। ସେତେବେଳେ ବର୍ଷକେ ଥରେ ଦୀପାବଳି ବେଳେ ଛୁଟି ମିଳେ ବୋଲି ପୁଅବୋହୂ, ଝିଅଜ୍ୱାଇଁ ଓ ଦୁଇ ନାତୁଣୀ ଆସିଥାନ୍ତି ମାତ୍ର ସପ୍ତାହକ ପାଇଁ। ଏଣେ ଶିଳ୍ପୀଗଣ ଅତି ଉତ୍ସାହରେ ଭାରତର ବିଭିନ୍ନ ସ୍ଥାନରୁ ଆସି ପହଞ୍ଚିବା ଆରମ୍ଭ ହେଲାଣି। ମୁଁ ନ ଗଲେ କାମ ଫିକା ପଡ଼ିଯିବ ବୋଲି ଜନାର୍ଦ୍ଦନ ପରମଗୁରୁ ଓ ପ୍ରଦୀପ କୁମାର ପାଣ୍ଡେ ବାରମ୍ବାର କହୁଥାନ୍ତି। ବଳଦେବ ମହାରଥା ତ ସବୁ ଆୟୋଜନ କରି ଡାକୁଥାଆନ୍ତି।

ଏମିତି ଏକ ପରିସ୍ଥିତିରେ ମୁଁ ପ୍ରଭୁଙ୍କ ପାଖକୁ ଯିବା ପାଇଁ ଡ. ଅସିତ ମହାନ୍ତିଙ୍କ ସହ ନଭେମ୍ବର ୧୦ ତାରିଖ ଦିନ କଥାବାର୍ତ୍ତା ହେଲି ଓ ଯୋଜନା କଲି। ତା' ପରଦିନ ଘରେ ଆସି ପହଞ୍ଚିଥିବା ପିଲାମାନଙ୍କ ପାଇଁ ସଉଦା କରି ଘରର ତୃତୀୟ ମହଲାକୁ ଉଠିବା ବେଳେ ମୋତେ ପ୍ରଥମ ମହଲାରେ ଟିକିଏ ହାଲିଆ ଲାଗିଲା ଓ ଅଣନିଃଶ୍ୱାସୀ ଲାଗିଲା। ବ୍ୟାଗ୍‌କୁ ତଳେ ଥୋଇଦେଇ ଟିକିଏ ସମୟ ଛିଡ଼ା ହୋଇଗଲି। ତା'ପରେ ଆସି ଘରେ ପହଞ୍ଚିଗଲି। ଦିନେ ଛାଡ଼ି ଦୀପାବଳି। ଘର ଉତ୍ସବମୁଖର। ଦୀପାବଳି ପରଦିନ ମୋର ସୋନପୁର ପାହାଡ଼ ଚଢ଼ା ଅଛି। ମୁଁ ପିଲାମାନଙ୍କଠାରୁ ଟିକିଏ ବିରତି ନେଇ ପହଞ୍ଚିଗଲି ଅନୁଜପ୍ରତିମ ଭେଷଜ ବିଶେଷଜ୍ଞ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ହିଲ୍‌ଭିଉ ନର୍ସିଂହୋମ୍ ପାଖରେ। ସେ ମୋତେ ରୋଗୀ ଭାବରେ ନ ଦେଖି ବନ୍ଧୁ ଭାବରେ ଦେଖନ୍ତି। ମୁଁ ତାଙ୍କୁ ମୋର ଆସିବାର ଅଭିବ୍ୟକ୍ତି ଜଣାଇଲି। ଆଗକୁ ପାହାଡ଼ ଚଢ଼ିବାର କଥା ମଧ୍ୟ କହିଲି। ସେ ମୋର ଗୋଟିଏ ଇ.ସି.ଜି. କରିବା ପାଇଁ ତାଙ୍କର ଟେକ୍ନିସିଆନ୍‌ଙ୍କୁ ନିର୍ଦ୍ଦେଶ ଦେଲେ। ମୁଁ ଆରାମରେ ଯାଇ ଇ.ସି.ଜି. କରି ଫେରିବା ପରେ ସେ ମୋର ଇ.ସି.ଜି ଦେଖି ତାଙ୍କ ମୁଖର ରୂପରେଖ ବଦଳିଗଲା। ସେ କହିଲେ, ଆପଣଙ୍କ ସାମାନ୍ୟ ବିପଦ ଦେଖାଉଛି। ସଙ୍ଗେ ସଙ୍ଗେ ସେ ଆଉ ଗୋଟିଏ ପରୀକ୍ଷା (କଲର ଡପ୍‌ଲର) କରିବାକୁ ତୁରନ୍ତ ନିର୍ଦ୍ଦେଶ ଦେଲେ। ମୁଁ ରକ୍ତ ପରୀକ୍ଷା କରି ଆସି ତାଙ୍କ ଚାମ୍ବରରେ ବସିଲି।

## ସିଧା ଡାକ୍ତରଖାନା

ପନ୍ଦର ମିନିଟ୍ ପରେ ସେ ରିପୋର୍ଟ ଦେଖୁ ଦେଖୁ ମୋତେ ଚେୟାର ଛାଡ଼ି ହ୍ୱିଲ୍ ଚେୟାରରେ ବସିବାକୁ ନିଜେ ଆଗେଇ

ଆସିଲେ ଓ କହିଲେ ଏଇ ଅଧଘଣ୍ଟା ତଳେ ଆପଣଙ୍କର ହୃଦ୍‌ଘାତ ହୋଇଛି। ଆପଣ ଏଠାରୁ ଘରକୁ ଯାଇ ପାରିବେ ନାହିଁ ସିଧା ଡାକ୍ତରଖାନା ଯିବାକୁ ପଡ଼ିବ। ମୁଁ ତାଙ୍କ କଥାରେ ସ୍ତମ୍ଭୀଭୂତ ହୋଇଗଲି। ସଙ୍ଗେ ସଙ୍ଗେ ମୋର ଶଳା ଭେଷଜ ବିଶେଷଜ୍ଞ ଅଶୋକକୁ ଫୋନ୍ କଲି। ସେ ପୁରୀରେ ଥାଏ। ସେ ତା'ର ଅନ୍ତରଙ୍ଗ ବନ୍ଧୁ ଡ. ପ୍ରଶାନ୍ତ ସାହୁ ଆପୋଲୋ ହସ୍‌ପିଟାଲର ପ୍ରସିଦ୍ଧ ଡାକ୍ତରଙ୍କୁ ରିପୋର୍ଟକୁ ହ୍ୱାଟ୍‌ସ୍‌ଆପ ମାଧ୍ୟମରେ ଜଣାଇଲା। ଡାକ୍ତର ସାହୁ କାଳବିଳମ୍ବ ନ କରି ମୋତେ ହସ୍‌ପିଟାଲରେ ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦେଲେ। କ୍ଷଣକ ମଧ୍ୟରେ ପରିବେଶ ବଦଳି ଗଲା ଆଉ ମୁଁ ଗାଡ଼ିରେ ଝିଅଜ୍ୱାଇଁଙ୍କ ସହ ପହଞ୍ଚିଲି ଡାକ୍ତରଖାନାରେ। ସେଠାରେ ନିର୍ଦ୍ଦେଶ ଥିଲା ମୋତେ ସାଙ୍ଗେସାଙ୍ଗେ ଡ. ସାହୁଙ୍କ ଚାମ୍ବରକୁ ନେଇଯିବା ପାଇଁ। ମୋତେ ହ୍ୱିଲ୍ ଚେୟାରରେ କାଳବିଳମ୍ବ ନ କରି ମୋ ଜ୍ୱାଇଁ ପ୍ରତ୍ୟୁଷ ନେଇଗଲେ ଡ. ସାହୁଙ୍କ ପାଖକୁ। ମୁଁ ଦ୍ୱାର ଉପରକୁ ଦେଖିଲି ୨୨ ନମ୍ବର ରୁମ୍। ସେହିବର୍ଷ ମୁଁ ଅନୁଭୂତି ଓ ଅନୁଭବର ୨୨ତମ ବହି ପ୍ରକାଶ କରି ସାରିବା ପରେ ସମ୍ପାଦକୀୟରେ ଲେଖିଥିଲି ପ୍ରଭୁ ଆପଣଙ୍କର ୨୨ଟି ପାହାଚ ପାଇଁ ମୁଁ ୨୨ଟି ବହି ରଖିଦେଇଛି। ରଥଯାତ୍ରା ବେଳେ ପହଣ୍ଡିରେ ଆପଣ ୨୨ଟି ବହି ଦେଖିପାରିବେ। ସେଇ ୨୨ର ମ୍ୟାଜିକ୍ ମୋତେ ସୂଚାଇ ଦେଲା ମୁଁ ପ୍ରଭୁଙ୍କ ପାଦପଦ୍ମରେ ସୁରକ୍ଷିତ ହୋଇଗଲି। ଡାକ୍ତର ସଙ୍ଗେ ସଙ୍ଗେ ମୋର ପ୍ରାଥମିକ ପରୀକ୍ଷା ପରେ କହିଲେ, ଝଡ଼ ବହିଯାଇଛି ବର୍ତ୍ତମାନ ହୃଦ୍‌ଯନ୍ତ୍ରକୁ ସ୍ଥିର କରିବାକୁ ପଡ଼ିବ। ଏହା କହି ମୋତେ ଆଇ.ସି.ୟୁ.ରେ ତିନିଦିନ ରଖିଦେଲେ। ତୃତୀୟ ଦିନ ଝାପ୍‌ସା ନିଦ ବେଳେ ମୁଁ ଅନୁଭବ କଲି ମୋ ଉପରେ ଗୋଟିଏ ପତଳା ଧଳା ଆଲୁଅ ପହଁରିଗଲା। କେତେ କେତେ ଲୋକଙ୍କ ଅନୁଭୂତି ପ୍ରକାଶ କରିବା ଲୋକକୁ ପ୍ରଭୁ କେମିତିକା ଅନୁଭବ ନ ବାଣ୍ଟିବେ। ତା'ପର ଦିନ ହେଲା ଆଞ୍ଜିଓଗ୍ରାଫି। ସେଥିରେ ବାହାରିଲା ହାର୍ଟରେ ବ୍ଲକେଜ୍। ଡାକ୍ତର ସଙ୍ଗେ ସଙ୍ଗେ କହିଲେ, ଓପନ୍ ହାର୍ଟ ସର୍ଜରୀ ଦରକାର। ସେ ରାତିରେ ଶୁଣିଲା ପରେ ମୋର ବମ୍ବେର ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍ ବା ଦିଲ୍ଲୀର ଏମ୍‌ସ କଥା ମନେପଡ଼ିଲା।



## ମୁଦ୍ରଣ ସେବକ

ରାତିରେ ପ୍ରଭୁଙ୍କୁ ଡାକିଲି ପ୍ରଭୁ ଆପଣଙ୍କର ଆହୁରି କାମ କରିବାକୁ ମୋତେ ଶକ୍ତି ନ ଦେଇ ଦୁର୍ବଳ କରିବାକୁ ଚାହାନ୍ତି ? ମୁଁ ପରା ଆପଣଙ୍କର ମୁଦ୍ରଣ ସେବକ। ମୋତେ ସୁସ୍ଥ ରଖିଲେ ଆପଣଙ୍କ ଲୀଳା ସିନା ମୁଦ୍ରଣ କରି ଚାଲିବି। ମନେ ପଡ଼ିଗଲା କିଛି ବର୍ଷ ତଳେ ମୁଁ ପୁସ୍ତକ ପ୍ରକାଶନ ସମୟରେ ସମ୍ପାଦକୀୟରେ ଲେଖିଥିଲି, ହେ ପ୍ରଭୁ ! ଆପଣଙ୍କ ସେବା କରିବା ପାଇଁ ୧୨୦ ପ୍ରକାର ସେବକ ଅଛନ୍ତି ମାତ୍ର ମୁଦ୍ରଣ ସେବକ ନାହାନ୍ତି। ମୋତେ ମୁଦ୍ରଣ ସେବକଟିଏ କରିଦିଅନ୍ତୁ। ଏ ଥିଲା ରଥାରୂଢ଼ ଶ୍ରୀଜଗନ୍ନାଥଙ୍କୁ ସମ୍ପାଦକୀୟରେ ବିନତୀ। ସେହି ବର୍ଷ ନୀଳାଦ୍ରିବିଜେ ଦିନ ଠାକୁର ମନ୍ଦିରକୁ ପ୍ରବେଶ କରିବା ଦିନ ନୀଳାଦ୍ରି ପତ୍ରିକା ତରଫରୁ ଗୋଟିଏ ବଡ଼ଧରଣର ସଭା ଯେଉଁଥିରେ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ ଓ ଅନ୍ୟାନ୍ୟ ବିଭିନ୍ନ ବ୍ୟକ୍ତିଙ୍କ ଦ୍ୱାରା ମୋତେ ଶ୍ରୀଜଗନ୍ନାଥଙ୍କ ଲୀଳାକୁ ବିଶ୍ୱବ୍ୟାପୀ ପ୍ରଚାର ଓ ପ୍ରସାର କରୁଥିବାରୁ ଶ୍ରେଷ୍ଠ ସମ୍ପାଦକ ପୁରସ୍କାର ମିଳିଥିଲା। ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି ଯେ ପ୍ରଭୁ ଆପଣ ମୋର ବିନତୀ ଶୁଣି ଏତେ ଶୀଘ୍ର ସମ୍ମାନିତ କଲେ। ମୁଁ ପ୍ରାର୍ଥନା କରି ଶୋଇଛି। ଝିଅ ଲିପି ଓ ପୁଅ ଚିନୁ ରାତିରେ କହିଯାଇଛନ୍ତି ବାପା ଆପଣଙ୍କୁ ଆମେ ସବୁଠାରୁ ଭଲ ହସ୍‌ପିଟାଲରେ ଚିକିତ୍ସା କରିବୁ ବ୍ୟସ୍ତ ହୁଅନ୍ତୁ ନାହିଁ। ମୋର ଖାଲି ଆଖିଥାଏ ଆମର ଦୀପାବଳି ଫାଙ୍କା ପଡ଼ିଗଲା। ପ୍ରଭୁ ଆଉ କଷ୍ଟ ନ ଦିଅନ୍ତୁ ବୋଲି। ପରଦିନ ସକାଳେ ଡାକ୍ତର ସାହୁ ଆସିଲେ ଆଉ କହିଲେ ଆପଣଙ୍କ ପାଇଁ ବହୁତ ଫୋନ୍ ଆସିଲାଣି। ମୁଁ ଚେଷ୍ଟା କରିବି ଆପଣଙ୍କର ଓପନ ହାର୍ଟ ସର୍ଜରୀ ନ କରି ଷ୍ଟେଣ୍ଟ ଲଗାଇ ଦେବି। ମୋ ଆଖି ଛଳ ଛଳ ହୋଇଗଲା। ପ୍ରଭୁ ! ଭକ୍ତର ଭକ୍ତି ପାଇଁ କେତେ ତୁମର ଦରଦ। ସେଦିନ ରାତିରେ ଗୋଟିଏ ପଟେ ଷ୍ଟେଣ୍ଟ ଲାଗିଗଲା। ଦୁଇଦିନ ଭିତରେ ହସ୍‌ପିଟାଲ୍‌ରୁ ଡିସଚାର୍ଜ ହୋଇ ବାହାରି ଆସିଲି। ତା' ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମାସେ ବିଶ୍ରାମ। ଉପର ଘରୁ ତଳକୁ ଯାଇ ପାରିବ ନାହିଁ। ମାସେ ପରେ ମୁଁ କାମ କରିପାରିବି।

ମୁଁ ଆମ କଲୋନୀରେ ଘରେ ଶୋଇଛି। ହଠାତ୍ ପତ୍ନୀ ମୀନାକ୍ଷୀ କହିଲେ, ଜାଣିଛ ତୁମ ବନ୍ଧୁ ବାଳକୃଷ୍ଣ ପଣ୍ଡା ଖବର ପଠାଇଛନ୍ତି ଯେ ତୁମେ ଯେଉଁ ସୋନପୁର କୋଟସମଲାଇ ପାତାଳୀ ଶ୍ରୀକ୍ଷେତ୍ର ଯାଇଥାଆନ୍ତ ସେହିଠାରୁ ଠାକୁରଙ୍କ ବିଜେ ପ୍ରତିମା ପଞ୍ଜୁକ ପାଇଁ ସେଠାରୁ ବାହାରି ଭୁବନେଶ୍ୱର ବାଟେ ପୁରୀ ଯିବେ ! ବାଟରେ ଆମ କଲୋନୀଠାରେ ରହିବେ। ତାଙ୍କ କଥା ଶୁଣି ପୁଣି ମୋ ଆଖିରେ ଲୁହ ଆସିଗଲା। ପ୍ରଭୁ ମୁଁ ଆପଣଙ୍କ ପାଖକୁ ଯାଇପାରିଲି ନାହିଁ, ତେଣୁ ଆପଣ ମୋ କଲୋନୀ ବାଟେ ଯିବେ। କଲୋନୀର ସମସ୍ତ ପରିବାର ପାତାଳୀ ଶ୍ରୀକ୍ଷେତ୍ରର ପ୍ରଭୁଙ୍କୁ ଫୁଲ ଫଳ ଦେଇ ଭୋଗ ଲଗାଇଲେ ଏବଂ ମୋର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କଲେ। ପତ୍ନୀ ମୋତେ ମୋବାଇଲ୍ ଭିଡିଓରେ ଦର୍ଶନ କରାଇଦେଲେ ଓ ପ୍ରଭୁଙ୍କ ତୁଳସୀ ଦେଲେ।

**ମୋ ଆଖିରେ ଲୁହ ଆସିଗଲା। ପ୍ରଭୁ ମୁଁ ଆପଣଙ୍କ ପାଖକୁ ଯାଇପାରିଲି ନାହିଁ, ତେଣୁ ଆପଣ ମୋ କଲୋନୀ ବାଟେ ଯିବେ।**

**ପୁଣି ଏକ ସଂକଳନ**

ଏତିକିରେ କଥା ସରିଲା ନାହିଁ। ଘରେ ବସି ବସି ବିରକ୍ତ ହେବା ଅପେକ୍ଷା ପୁଣି ହାତ ଦେଲି ପ୍ରଭୁଙ୍କ ଲୀଳାର ପୁସ୍ତକ ରଚନା ପାଇଁ। ମାତ୍ର ୨୦ ଦିନରେ ଛପା ଶେଷ ହୋଇଗଲା ଅନନ୍ୟ ପୁସ୍ତକ 'ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ'। ମୁଁ ବହୁ ସମୟରେ ଶ୍ରୀମନ୍ଦିରର ପ୍ରାକ୍ତନ ପ୍ରଶାସକମାନଙ୍କ ଘରକୁ ଯାଇ ସେମାନଙ୍କର ଅନୁଭୂତି ରେକର୍ଡ଼ିଂ କରି ରଖିଥିଲି ଓ କିଛି ପ୍ରଶାସକ ନିଜେ ଲେଖି ଦେଇଥିଲେ। ସେ ସବୁକୁ ଏକାଠି କରି ପୁସ୍ତକ ଆକାରରେ ସଜାଇ ଦେଲି। ତାହା ୭ ଡିସେମ୍ବରରେ ମାର୍ଗଶିର ଗୁରୁବାର ଦିନ ଏକାମ୍ର ପୁସ୍ତକ ମହୋତ୍ସବ ମଞ୍ଚରେ ଦେବାର୍ପିତ କଲେ ସ୍ୱୟଂ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ରଂଜନ କୁମାର ଦାସ। ମାସେ ନ ପୂରୁଣୁ ମୁଁ ମୋର ପ୍ରତିଜ୍ଞା ରକ୍ଷା କରି ମୁଦ୍ରଣ ସେବକର ଭୂମିକା ନିଭାଇଦେଲି।

ମୁଁ ବେଳେବେଳେ ଭାବେ ହଠାତ୍ କାହିଁକି ମୁଁ ଡାକ୍ତର ଇନ୍ଦ୍ରମଣି ଜେନାଙ୍କ ପାଖକୁ ଗଲି ? ଦୁଇଦିନ ପରେ ପାତାଳି ଶ୍ରୀକ୍ଷେତ୍ର ଯାଇଥିଲେ ପାହାଡ଼ ଚଢ଼ିବାକୁ ଚେଷ୍ଟା କରୁଥିବା ସମୟରେ ଏ ଦୁର୍ବଳ ଛାତି ନେଇ ମୁଁ ସମ୍ଭାଳି ପାରିଥାନ୍ତି କି ?

ଯେଉଁ ପ୍ରଭୁ ମୋତେ ଚେତାବନୀ ସ୍ୱରୂପ ଡାକ୍ତରଙ୍କ ପାଖେ ପରୀକ୍ଷା କରାଇ ଯିବାକୁ ବାରଣ କଲେ ଆଉ ନିଜେ ଆସି ଦର୍ଶନ ଦେଇଗଲେ ଆଉ ମୋ ଦ୍ୱାରା ତାଙ୍କ ଲୀଳାର ପୁସ୍ତକ ପ୍ରକାଶ କରାଇଦେଲେ ତାଙ୍କ ଲୀଳା ମୁଁ କେମିତି ବୁଝିପାରିବି ?

ହେ ଲୀଳାମୟ ! ଆପଣଙ୍କ ଲୀଳାର କ'ଣ ଦେବି ପରିଚୟ ?

□□

ଲେଖକଙ୍କ ଇ-ମେଲ ଠିକଣା:
rpitabas@yahoo.co.in

ଏକ ନୂଆ ପ୍ରୟାସ...
ଓଡ଼ିଶାର
ସଂସ୍କୃତି-ଐତିହ୍ୟ-ପରମ୍ପରା
କେବଳ ଆମେସବୁ ପ୍ଲାଟଫର୍ମରେ
AMESABU
WE ALL. FOR ALL.
ଆମେସବୁ
ANDROID APP ON Google Play
@ amesabu

ଗଳ୍ପ

# ଚେର



**ହରେକୃଷ୍ଣ ସାହୁ**

ଆଦି ବଜାର ଆଡ଼କୁ ଚାଲିଥିଲା। ବଜାର ସେଠାରୁ ଆହୁରି ଦୁଇ କିଲୋମିଟର ଦୂରରେ ଥିଲା। ତା'ର ସାଇକେଲ ନ ଥିଲା। ଅଥଚ ତା'ର କିଣିବାର କ୍ଷମତା ନ ଥିଲା। ଏମିତି କି ସେ ପୁରୁଣା, ସେକେଣ୍ଡହ୍ୟାଣ୍ଡ ସାଇକେଲ୍‌ଟିଏ କିଣିପାରୁ ନ ଥିଲା। ତେଣୁ ନିଜର ଯୋଗ୍ୟତାକୁ ଆଦରି ରାସ୍ତା କଡ଼େ କଡ଼େ ଚାଲିଥିଲା। ରାସ୍ତା ମଝିରେ ଗାଡ଼ିମଟରମାନ ଯିବା ଆସିବା କରୁଥିଲେ। ଆଗରୁ ଆସୁଥିବା ଗାଡିମାନେ ପାଖକୁ ଆସି ତା' ପଛପଟେ ଲୁଚି ଯାଉଥିଲେ। ପଛ ପଟରୁ ବାହାରୁଥିବା ଗାଡ଼ିମାନେ ଚାଲି ଯାଉଥିଲେ ଆଗକୁ ଆଗକୁ।



ଆଦି ବେଳେବେଳେ ପଛକୁ ଚାହୁଁଥିଲା। କାଳେ କୌଣସି ଗାଡି ତା' ପାଖରେ ଅଟକିଯିବ ଓ ବଜାର ପର୍ଯ୍ୟନ୍ତ ଯିବା ପାଇଁ ଲିଫ୍ଟ ଦେବ। କିନ୍ତୁ ସେମିତି କେବେ ଘଟୁ ନ ଥିଲା। ଆଗରୁ ବି କେବେ ଘଟି ନ ଥିଲା। କାରଣ ତା'ଭଳି ଗରିବ ମଣିଷକୁ କିଏ ବା କାହିଁକି ଲିଫ୍ଟ ଦେବ, ଭବିଷ୍ୟତରେ କିଛି ଲାଭ ମିଳିବାର ଯେହେତୁ କାଣିଚାଏ ବି ଆଶା ନାହିଁ।

ରାସ୍ତା କଡ଼ରେ ଥିବା ଗୋଟେ କଣ୍ଟା ଗଛର ମୂଳରୁ ବାହାରିଥିବା ଡାଳରେ ଦୁଇ ହଜାର ଟଙ୍କା ନୋଟ୍‌ଟିଏ ଲାଗିଥିଲା। ପବନରେ ଛାଟିପିଟି ହେଉଥିଲା। କଣ୍ଟାରୁ ଖସି ବାହାରି ଯିବାକୁ ବୋଧହୁଏ ବ୍ୟସ୍ତ ହେଉଥିଲା। ଆଦିର ନଜର ପଡିଗଲା ତା' ଉପରେ। ଆଦି ହସିଦେଲା। ଏଇଟା ନିଶ୍ଚୟ ନକଲି ନୋଟଟିଏ। ଛୁଆଙ୍କ ଖେଳନା ଭିତରୁ ବାହାରିଛି। ନ ହେଲେ ହଜାର ହଜାର ଲୋକ ଚାଲୁଥିବା ରାସ୍ତା ଉପରକୁ ଦୁଇ ହଜାରଟା ବୁଲିବା ପାଇଁ ବାହାରି ପଡ଼ି ନ ଥାନ୍ତା। ଅନେକ ଲୋକଙ୍କ ନିଜର ତା' ଉପରେ ପଡ଼ିସାରିଥିବ। କିନ୍ତୁ ତା'ର ଅଯୋଗ୍ୟତା ହେତୁ ସମସ୍ତେ ତାକୁ ଦେଖିବା ମାତ୍ରେ ହସିଦେଇ ନିଜ ବାଟରେ ଚାଲିଯାଇଥିବେ।

ଆଦି ପାଖରେ ଯଥେଷ୍ଟ ସମୟ ଥିଲା। ତେଣୁ ସେ ଦୁଇ ହଜାରଟି ସହିତ ସମୟ ବିତାଇବା ପାଇଁ, ଖେଳିବା ପାଇଁ ମନ ବଳାଇଲା।

ଗଛ ପାଖକୁ ଯାଇ ଯତ୍ନ ସହକାରେ ଟଙ୍କାଟିକୁ ବାହାର କଲା। ଭଲ ଭାବରେ ଦେଖିଲା, ତାକୁ ଲାଗିଲା ଏଇଟା ଅସଲି। ଏଥିରେ ସିକ୍ୟୁରିଟି ଥ୍ରେଡ୍ ଅଛି। ୱାଟର ମାର୍କ ଅଛି। କିନ୍ତୁ ଆଦିର ନିଜ ଉପରେ ବିଶ୍ୱାସ ନ ଥିଲା। ଅସଲି ନକଲି ଚିହ୍ନିବାର ଯୋଗ୍ୟତା ତା'ର ନ ଥିଲା। ସେ କେବେ ଦୁଇ ହଜାର ଟଙ୍କା ହାତରେ ଧରି ନ ଥିଲା। ଦୁଇ ହଜାର ଟଙ୍କାର ମାଲିକ ହୋଇ ନ ଥିଲା।

ଆଦି ସେ ଟଙ୍କାଟିକୁ ଧରିବା ପରେ ପ୍ରଥମ ଥର ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କଲା। ହେ ଈଶ୍ୱର, ଏଇଟି ଅସଲି ହୋଇଥାଉ। ନୋଟ୍‌ଟିକୁ ଭାଙ୍ଗି ପକେଟ୍‌ରେ ରଖିଲା ବେଳକୁ ତା'ର ନଜର ପଡ଼ିଲା କଣ୍ଟାଗଛ ମୂଳ ଆରପଟକୁ ରାସ୍ତାକଡ଼ ଖାଲରେ ଥିବା ଲଟାବୁଦା ଭିତରକୁ। ସେଠି ଦେଖାଗଲା କେଇଟା ଟଙ୍କାର ବଣ୍ଡଲ। ତା' ସେପଟକୁ ପଡ଼ିଛି ଗୋଟେ ବ୍ୟାଗ୍। ବ୍ୟାଗ୍ ମୁହଁ ଖୋଲା ଅଛି ଓ ତା' ଭିତରେ ଅଛି ବହୁତଗୁଡ଼ିଏ ଦୁଇ ହଜାର ଟଙ୍କାର ବଣ୍ଡଲ୍। ସବୁ ମିଶି କେତେ ହେବ କେଜାଣି।

ଆଦି କଣ୍ଟା ବୁଦା ଆଡ଼େଇ ଧୀରେ ଧୀରେ ଭିତରକୁ ଚାଲିଲା। ତାକୁ କେହି ଦେଖୁଛି କି ନାହିଁ ଜାଣିବା ପାଇଁ ଅନୁସନ୍ଧାନ କଲା। ରାସ୍ତା ଉପରେ ଚାଲିଥିବା ଲୋକଙ୍କୁ ନିରୀକ୍ଷଣ କଲା। ଦେଖିଲା ଅନେକଙ୍କ ମଧ୍ୟରୁ ଜଣେ ଜଣେ ତାକୁ ଚାହିଁ ଦେଇ ନିଜ ବାଟରେ ଆଗେଇ ଯାଉଛନ୍ତି। ବୁଦା

ଭିତରକୁ ଯାଉଥିବା ଲୋକଟାକୁ ଦେଖିବ କିଏ ବା ଅଭାବନୀୟ କଥାଟେ କଳ୍ପନା କରିବ ଯେ । ଓଲଟା ସମସ୍ତେ ଭାବୁଥିଲେ, ବୋଧହୁଏ ଲୋକଟା ଶୌଚକ୍ରିୟା ପାଇଁ ଅରମା ବଣ ଭିତରକୁ ପଶୁଛି ।

ଟଙ୍କା ଭର୍ତ୍ତି ଥିବା ବ୍ୟାଗ୍‌ଟା ଖୁବ୍ ପୁରୁଣା ଥିଲା । ଆଦି ତଳେ ପଡ଼ିଥିବା ସବୁ ବଣ୍ଡଲକୁ ବ୍ୟାଗ୍‌ରେ ପୂରାଇଲା । ସାର୍ଟ ଖୋଲି ବ୍ୟାଗ୍ ଉପରେ ଘୋଡ଼ାଇ ବାହାରକୁ ବାହାରିଲା । ଆଉ ବଜାର ଆଡ଼କୁ ନ ଯାଇ ଫେରିଲା ଘର ଆଡକୁ ।

ଏତେଗୁଡ଼ିଏ ଟଙ୍କା କିଏ କ'ଣ ଏମିତି ଫିଙ୍ଗିଦେଇପାରେ ! ଆଦି ଭାବିଲା, ନିଶ୍ଚୟ କେହି ସରକାରୀ ରେଡ୍‌କୁ ଡରି ଫୋପାଡି ଦେଇଛି । ନଚେତ ଟଙ୍କା ଫୋପାଡ଼ିବାର ଆଉ ଦ୍ୱିତୀୟ କାରଣ କିଛି ହିଁ ନାହିଁ ।

ଆଚ୍ଛା ଏତିକି କେତେ ଟଙ୍କା ହେବ । ଦୁଇ କୋଟି ହେଲେ ଭଲ ହୁଅନ୍ତା । ଠିକ୍ ହୁଅନ୍ତା, ସେ ଥରେ କେତେ ଟଙ୍କା ବିଷୟରେ କଳ୍ପନା କରିଥିଲା । ଅବଶ୍ୟ କେବେ କଳ୍ପନା କରିଥିଲା ସେ ସମୟ ମନେ ପଡୁନାହିଁ, କିନ୍ତୁ ତା' ଯୋଜନାର ଚିଠା ଆଜିଯାଏ ମନେ ଅଛି । ସେ ଠିକ୍ ହିସାବ କରୁଥିଲା ତା'ର ଦୁଇକୋଟି ଟଙ୍କା ଦରକାର । ତାକୁ ଏବେ ଷାଠିଏ ବର୍ଷ ହେଲାଣି । ସେ ଆଉ ପଚିଶ ବର୍ଷ ବଞ୍ଚିବ । ତା' ଜାତକରେ ଏହି ଆୟୁଷ ଲେଖା ଯାଇଛି । ସେ ନିଶ୍ଚୟ ପଞ୍ଚାଅଶି ବର୍ଷ ପର୍ଯ୍ୟନ୍ତ ବଞ୍ଚିବ । ପାଞ୍ଚ ଛଅ ଜଣ ଜ୍ୟୋତିଷ ଏ କଥା କହିଛନ୍ତି । ଆଦିର ଭାଗ୍ୟ ପଥର ତଳେ ଚାପି ହୋଇ ରହିଥିବାରୁ ସେ ଜ୍ୟୋତିଷମାନଙ୍କୁ ଜାତକ ଦେଖାଇଛି ଓ ଏକଥା ସେଇଠୁ ଜାଣିଛି । ଦୁଇକୋଟି ଟଙ୍କା ହେଲେ ପଚିଶ ବର୍ଷଟା ଭଲରେ ବିତିଯିବ ।

ଆଦି ଘରେ ପହଞ୍ଚି ଯାଇଥିଲା । ଘରର କବାଟ ଭିତରୁ ବନ୍ଦ କରି ଚଟାଣରେ ସବୁ ଟଙ୍କା ଅଜାଡି ଦେଲା । ବାଃ ବହୁ ଟଙ୍କା । ତାକୁ ଗଣିବ ନା ଖର୍ଚ୍ଚ କରିବା ଆରମ୍ଭ କରିବ । ନା ଆଗ ଗଣିବା ଦରକାର । ଟଙ୍କାର ପରିମାଣ ଅନୁଯାୟୀ ବଜେଟ୍ ତିଆରି କରି ଖର୍ଚ୍ଚ କରିବ । ଟଙ୍କା ଗଣିଲା । ଠିକ୍ ଦୁଇକୋଟି ଟଙ୍କାରୁ ଦୁଇ ହଜାର ଟଙ୍କା କମ୍ ହେଲା । ତା'ର ମନେ ପଡ଼ିଲା କମ୍ ହେଉଥିବା ଦୁଇ ହଜାର ଟଙ୍କା ତା' ପକେଟରେ ଅଛି । ଟଙ୍କା ଅଛି । କିନ୍ତୁ ହଠାତ୍ ଖର୍ଚ୍ଚ ଆରମ୍ଭ କରିଦେବା ସହଜ ନୁହେଁ । ଲୋକ ସନ୍ଦେହ କରିବେ । ପୋଲିସ୍ ପଛରେ ପଡିଯାଇପାରେ । ହଠାତ୍ ଆଦି ପାଖରୁ ଏତେ ଟଙ୍କା ଆସିଲା କେଉଁଠୁ । ତେଣୁ ସ୍ଥାନ ବଦଳାଇ ଦେବା ଦରକାର । ନୂଆ ସହରରେ ଖର୍ଚ୍ଚ କଲେ ଲୋକେ ଭାବିବେ ଆଦି ଜଣେ ଧନବାନ୍ ମଣିଷ ।

ଆଦି ଟଙ୍କା ଧରି ଘର ଛାଡ଼ିଲା । ପ୍ରଥମ ଗୋଟେ କାର୍ ସୋରୁମ୍‌ରେ ପହଞ୍ଚି ଜିପ୍‌ଟିଏ କିଣିଲା । ନୂଆ ସହରେ ପହଞ୍ଚି ହୋଟେଲ୍‌ରେ ରହିଲା ଓ ସେଇଠୁ ନୂଆ ଜୀବନର ଅଭିଯାନ ଆରମ୍ଭ କଲା । ଜମି କିଣିଲା । ଘର ତିଆରି ଆରମ୍ଭ କଲା ।

ପ୍ରାଚୁର୍ଯ୍ୟରେ ଭରପୂର ଥିଲା ଜୀବନ । ଅଭାବ ଥିଲା ଜୀବନ ସାଥୀଟିଏ । ଟଙ୍କା ଅଛି । ବିଧବା ମହିଳାଟିଏ ପତ୍ନୀ ରୂପରେ ମିଳିଯିବା ଆଦୌ ଅସମ୍ଭବ ନ ଥିଲା । କିନ୍ତୁ ତା'ର ପତ୍ନୀ ନୁହେଁ, ପ୍ରେମିକା ଦରକାର ଥିଲା ।

**ବିଧବା ମହିଳାଟିଏ ପତ୍ନୀ ରୂପରେ ମିଳିଯିବା ଆଦୌ ଅସମ୍ଭବ ନ ଥିଲା । କିନ୍ତୁ ତା'ର ପତ୍ନୀ ନୁହେଁ, ପ୍ରେମିକା ଦରକାର ଥିଲା ।**

ପତ୍ନୀସଂଗ ଜୀବନ ସେ ବିତାଇ ସାରିଥିଲା । ଯୌବନରେ ପତ୍ନୀ ଥିଲା ଓ ସମୟ କ୍ରମେ ମରିଯାଇଥିଲା । କିନ୍ତୁ ସେ ତା'ର ଜୀବନରେ ପ୍ରେମ ଟିକିଏ ପାଇ ନ ଥିଲା । କିଶୋରୀ ପ୍ରେମ କି ଯୁବତୀ ପ୍ରେମର ସ୍ୱାଦ ଚାଖି ନ ଥିଲା । ଅନେକଥର ପ୍ରେମ କରିବା ପାଇଁ ଚେଷ୍ଟା କରିଥିଲା, କିନ୍ତୁ ସାଥୀ ହିସାବରେ କାହାକୁ ପାଇ ନ ଥିଲା ।

ଆଃ ଏତିକି ଟଙ୍କା ତା'ର କୈଶୋର କି ଯୌବନରେ ଥା'ନ୍ତା କି । ଜୀବନକୁ ଉପଭୋଗ କରି ହୋଇଥାନ୍ତା ପରିପୂର୍ଣ୍ଣ ରୂପରେ ତା'ର ତିଆରି ସରିଯାଇଥିଲା । କିନ୍ତୁ ଘରଟା ଫାଙ୍କା ଫାଙ୍କା ଲାଗୁଥିଲା । ତେଣୁ ସେ ପ୍ରେମିକାଟିଏ ପାଇବା ପାଇଁ ପ୍ରୟାସ ଆରମ୍ଭ କଲା ।

କିଶୋରୀ ବା ଯୁବତୀଟିଏ ଦେଖିଲେ ଆଦି ତା' ସହିତ ସଂପର୍କ ସ୍ଥାପନ ପାଇଁ ଚେଷ୍ଟା କରିଥିଲା ଏବଂ ପ୍ରେମ କରିବା ପାଇଁ ଅନୁରୋଧ କରୁଥିଲା । କିନ୍ତୁ ସେ ଜାଣୁଥିଲା ସମସ୍ତ କିଶୋରୀ ବା ଯୁବତୀଙ୍କର ପ୍ରେମିକଟିମାନ ଅଛନ୍ତି । ତେଣୁ ସେ ହତାଶ ହୋଇ ଫେରିଆସୁଥିଲା ।

ଅବଶେଷରେ ଆଦି ଗୋଟେ ଝିଅର ସମ୍ପର୍କରେ ଆସିଲା । ଯିଏ କି ଏ ପର୍ଯ୍ୟନ୍ତ ପ୍ରେମରେ ପଡ଼ି ନ ଥିଲା । ଆଦି ପ୍ରେମ

ଭିକ୍ଷା କରିବା ସହିତ କହିଲା, ତୁମେ ଯଦି ମତେ ଭଲ ପାଇବ, ତେବେ ମୋର ଘର, ଗାଡ଼ି ଓ ସମସ୍ତ ଟଙ୍କା ତୁମକୁ ଦେଇଦେବି।

ଝିଅଟି କହିଲା, ତୁମେ ତ ବୁଢ଼ା ହୋଇ ସାରିଛ। ମୁଁ ଏତେ କମ୍ ବୟସର ହୋଇଥିବା ବେଳେ ତୁମ ଭଳି ଜଣେ ବୃଦ୍ଧଙ୍କୁ ପ୍ରେମ କରି ପାରିବି ନାହିଁ। ଟଙ୍କା ପଇସା ପାଇଁ ମଧ୍ୟ ମୋର ଆଗ୍ରହ ନାହିଁ। ମୋତେ କେବଳ ମୋ ପସନ୍ଦର ପ୍ରେମିକଟିଏ ଦରକାର।

ଆଦି ଉପରେ ବଜ୍ର ପଡ଼ିଲା ଭଳି ଲାଗିଲା। ସେ ଯେ ଆଉ ଏ ଜୀବନରେ ଜଣେ କିଶୋରୀର ପ୍ରେମ ପାଇପାରିବ ନାହିଁ ଜାଣି ଭାଙ୍ଗି ପଡ଼ିଲା। ଏ ଜୀବନ ଏ ଧନ ସମ୍ପତ୍ତି ତାକୁ ନିରର୍ଥକ ଲାଗିଲା।



ଏଇ ଆଘାତରେ ତା'ର ନିଦ ଭାଙ୍ଗିଗଲା। ସରିଯାଇଥିବା ରାତିର ସୁଖଦ ସ୍ୱପ୍ନଟା ଉଭେଇ ଯାଇଥିଲା। ଅନୁଭବ ହେଲା ତା' ଆଖିରୁ ଲୁହ ବହୁଛି। ଦୁଇ ହାତର ପାପୁଲିରେ ମୁହଁକୁ ପୋଛିଲା ବେଳେ ପାପୁଲି ଦୁଇଟି ଅସମ୍ପୂର୍ଣ୍ଣ ଲାଗିଲା। ଦେଖିଲା ସେଥିରେ ଆଙ୍ଗୁଳି ନାହିଁ। ଦଶଟି ସାରା ନାହିଁ। ପାଦକୁ ଚାହିଁଲା ସେଥିରେ ବି ଆଙ୍ଗୁଳି ନାହିଁ। ଗତକାଲି ତ ଥିଲା। ସ୍ୱପ୍ନରେ ଟଙ୍କା ଗଣିଲା ବେଳେ ଥିଲା। ହଠାତ୍ ଏ କ'ଣ ହେଲା! ଆଙ୍ଗୁଳି ନ ଥିଲେ ଦୈନନ୍ଦିନ କାମ କରିବାରେ ତ ଅନେକ ଅସୁବିଧା ହେବ। ଅଣ୍ଟା ପାଖରେ କିଛି ଗୋଟାଏ ଅଟକି ରହିଥିବା ପରି ମନେ ହେଲା। ହାତ ଲଗାଇ ଦେଖିଲା ସେଠି ଗୋଟିଏ ଲାଞ୍ଜ ବାହାରି ଆସିଛି।

ଆହୁରି ଦୁଃଖର ପ୍ରହାର ସହିବାକୁ ବାକି ଥିଲା। ଦୁଃଖକୁ ସହିବାକୁ ହେଲେ ସାନ୍ତ୍ୱନା ଟିକିଏ ଦରକାର। ସିମ୍ପାଥି ଟିକିଏ ଦରକାର। ଲୋକେ ତା' ଦୁଃଖରେ ଦୁଃଖୀ ହେଲେ, ଆହା... ଚୁ... ଚୁ... କଲେ ସେ ବଞ୍ଚିଯାଇପାରିବ।

କିନ୍ତୁ ସେମିତି କିଛି ହେଲା ନାହିଁ। ହେଲା ଓଲଟା। ତା'ର ହାତ ପାପୁଲି ଓ ଲାଞ୍ଜକୁ ଦେଖି ଲୋକେ ପରିହାସ କରିବାକୁ ଲାଗିଲେ। ହସିଲେ, ଆମୋଦିତ ହେଲେ। କେଉଁ ଜନ୍ମର କର୍ମଫଳ ଭୋଗୁଛି ବୋଲି କହିଲେ।

ଆଦି ବଞ୍ଚିବ କେମିତି! ଜୀବନ ତା' ପାଇଁ ଅସହ୍ୟ ହୋଇଗଲା। ସେ ଘରୁ ବାହାରି ପାରିଲା ନାହିଁ। ଲୋକଙ୍କଠାରୁ ଲୁଚି ଲୁଚି ଚଳପ୍ରଚଳ କଲା।

ଏବେ ଆଦି ପାଖରେ କିଛି ନିଷ୍ପତ୍ତି ନେବାର ଅବକାଶ ନ ଥିଲା। ଦିନେ ଗାଆଁର ଲୋକମାନେ ତାକୁ ଦେଖିବା ଆଗରୁ ସେ ପଳେଇ ଯିବାକୁ ମନସ୍ଥ କଲା। ଗାଁ ଦୂରକୁ, ଜଙ୍ଗଲକୁ ଯାଇ ଆତ୍ମହତ୍ୟା କରିବ ବୋଲି ଠିକ୍ କରିଦେଲା।

ଜଙ୍ଗଲ ଭିତରେ ପହଞ୍ଚିବା ବେଳକୁ ସୂର୍ଯ୍ୟ ଉଦୟ ହୋଇ ସାରିଥିଲା। ସୂର୍ଯ୍ୟର କୋମଳ କିରଣ ଶିଶିରଭିଜା ପତ୍ର ଉପରେ ପଡ଼ି ଚକ୍‌ଚକ୍ କରୁଥିଲା। ଗଛମାନେ ନୂତନ ଜୀବନ ପାଇ ଅଦୃଶ୍ୟ ପବନରେ ନିଜର ପତ୍ରମାନଙ୍କୁ ହଲାଇ ଖୁସିବ୍ୟକ୍ତ କରୁଥିଲେ। ଚଢ଼େଇମାନଙ୍କ କାକଳୀ ସଙ୍ଗୀତ ସୃଷ୍ଟି କରୁଥିଲା, ଦୁନିଆ ଦିଶୁଥିଲା ଖୁବ୍ ସୁନ୍ଦର। ଆକର୍ଷଣୀୟ ଏତେ ସୁନ୍ଦର ସଂସାରକୁ ଛାଡି ଯିବା ପାଇଁ ଇଚ୍ଛା ହୋଇ ନ ଥିଲା ଏବଂ ଆଦିଠାରୁ ବଞ୍ଚି ରହିବାର ଇଚ୍ଛା ମଧ୍ୟ ଲୋପ ପାଇଯାଇଥିଲା।

ଆଦି ଦେଖିଲା କେଇଟି ଛୋଟ ଛୋଟ ପିଲା ତା' ଆଡକୁ ଆସୁଛନ୍ତି। ସେମାନଙ୍କୁ ଅଟକାଇ ଗୋଟେ ଅନୁରୋଧ କଲା, ପିଲାମାନେ, ତୁମେ ଗୋଟେ ଗାତ ଖୋଳି ମତେ ପୋତି ଦେଇ ପାରିବ?

ପିଲାମାନେ କହିଲେ, ହଁ। ସେମାନେ ଜଙ୍ଗଲରେ ବୁଲି ବୁଲି ଖେଳିବା ପାଇଁ ଆସିଥିଲେ। ଗାତ ଖୋଳିବା ଓ ମଣିଷଟିଏକୁ ପୋତିବା ଗୋଟେ ଖେଳ ବୋଲି ମନେ କରି କାମରେ ଲାଗିଗଲେ। ଗାତ ଖୋଳି ସାରି ଆଦିକୁ ବେକ ପର୍ଯ୍ୟନ୍ତ ପୋତିଦେଲେ। ଆଦି କହିଲା, ସେତିକି ଥାଉ, ମୁଁ ଏଇଭଳି ରହିବି। ଦୁନିଆର ସୌନ୍ଦର୍ଯ୍ୟକୁ ଦେଖି ଦେଖି ମରିବି।

ପିଲାମାନେ ପଚାରିଲେ, ତୁମେ ଖାଇବ କ'ଣ?

ଆଦି କହିଲା, ଅତ୍ୟଧିକ ଦୁଃଖ ବା ସୁଖରେ କ'ଣ ଭୋକ ଲାଗେ?

ପିଲାମାନେ କହିଲେ, ହଁ ତ! ଆମେ ଖେଳୁଥିବାବେଳେ ମାଆ ଖାଇବାକୁ ଡାକିଲେ ଆମର ଖାଇବାକୁ ଇଚ୍ଛା ହୁଏ ନାହିଁ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com



ପ୍ରବନ୍ଧ

# ସାରୋଳଦାସ ମହାଭାରଥ ଓ ତାର ପ୍ରାସଙ୍ଗିକତା

ଡ. ସନ୍ତୋଷ କୁମାର ରଥ

ଉତ୍ସ ପ୍ରତି ବିଶ୍ୱସ୍ତ ରହି ପାଠ୍ୟ ନିର୍ମାଣ, ପ୍ରତିଟି ପାଠ୍ୟ-ସମ୍ପାଦକର ପରମଧର୍ମ। ଯେତେବେଳେ ଏକାଧିକ ପାଠ୍ୟ ଉତ୍ସ ଭାବରେ ଉପଲବ୍ଧ ହୁଏ, ସେତେବେଳେ ହିଁ ଆରମ୍ଭ ହୁଏ ପ୍ରକୃତ ସମସ୍ୟା। କାହା ପ୍ରତି ଅଧିକ ବିଶ୍ୱସ୍ତ ହେବ ଜଣେ ସମ୍ପାଦକ ଓ କାହିଁକି- ଏ ପ୍ରଶ୍ନ ଉଭା ହୁଏ। ବନାନ, ଶବ୍ଦ, ଭାଷା ଓ କଥାନକର ଏକାଧିକ ବିକଳ୍ପ ମଧ୍ୟରୁ କାହାକୁ ନିର୍ବାଚନ କରିବ ଜଣେ ସମ୍ପାଦକ, ଏହା ତା'ର ରୁଚି ଓ ସ୍ୱାଧିକାର ନିର୍ଭର ନୁହେଁ, ଏହା ଏକ ଜାତୀୟ ଦାୟିତ୍ୱ। ଏଥିପାଇଁ ସେ ସମଗ୍ର ଭାଷିକ ଜାତି ନିକଟରେ ସବୁଦିନ ପାଇଁ ଉତ୍ତରଦାୟୀ ରହିବ। ଓଡ଼ିଆ ସାରୋଳଦାସ ମହାଭାରଥର ସମ୍ପାଦନା ପ୍ରସଙ୍ଗରେ ଆମର ସମ୍ପାଦକମାନେ କାହା ପ୍ରତି କେତେ ବିଶ୍ୱସ୍ତ ଓ କେଉଁ ଉଦ୍ଦେଶ୍ୟ ପ୍ରଣୋଦିତ, ଆସନ୍ତୁ ବିଚାର କରିବା।




ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସାରଳା ମହାଭାରତ ସମ୍ପାଦନା ଆଗରୁ ଏହାର ଏକାଧିକ ସଂସ୍କରଣ, ପୁରାଣ ପ୍ରକାଶନ, ରାଧାରମଣ ପୁସ୍ତକାଳୟ, ଧର୍ମଗ୍ରନ୍ଥ ଷ୍ଟୋରଙ୍କ ଦ୍ୱାରା ପ୍ରକାଶିତ ବିପୁଳ ପାଠକୀୟ ଆଦୃତି ପାଇଥିବା ଓଡ଼ିଆ ମହାଭାରତ ଓଡ଼ିଶାର ପୁରପଲ୍ଲୀରେ ଉପଲବ୍ଧ ଥିଲା। ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପାର ବିଭାଗଙ୍କ ନିର୍ଦ୍ଦେଶ ଓ ଆର୍ଥିକ ସହାୟତା ପାଇ ଆର୍ତ୍ତବଲ୍ଲଭ ମହାନ୍ତି ମହାଭାରତର ଏକ ଶୁଦ୍ଧ ସଂସ୍କରଣ ପ୍ରସ୍ତୁତି ଆରମ୍ଭ କଲେ। ତା'ର ପ୍ରକାଶନ ଆଗରୁ ତାଙ୍କର ଦେହାବସାନ ଘଟିଲା। ମହାଭାରତ ପରି ବିଶାଳ ଓ ବିବାଦପୂର୍ଣ୍ଣ ଗ୍ରନ୍ଥର ଶୁଦ୍ଧ ସମ୍ପାଦନ କେବଳ ଶକ୍ତି, ଅର୍ଥ, ସମୟ, ସାମର୍ଥ୍ୟ ଓ ସମଧର୍ମାମାନଙ୍କର ସହଯୋଗର ଅପେକ୍ଷା ରଖେ ନାହିଁ, ତା' ସହ ଲୋଡା ସମ୍ପାଦକଙ୍କ ବିଚାରପଟୁତା, ଶାସ୍ତ୍ରଜ୍ଞାନ, ପ୍ରାଚୀନ ଓଡ଼ିଆ ଭାଷାରେ ବ୍ୟୁତ୍ପତ୍ତି ଓ ସର୍ବୋପରି ଓଡ଼ିଆ ଜାତି ପ୍ରତି ଶ୍ରଦ୍ଧା। ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଏ ସମସ୍ତ ତ ଥିଲା, ତା' ସହ ରହିଥିଲା ପ୍ରାଚୀନ ଓଡ଼ିଆ ଗ୍ରନ୍ଥ ସମ୍ପାଦନାର ବିପୁଳ ଅନୁଭୂତି।

**ଆର୍ତ୍ତବଲ୍ଲଭଙ୍କ ସଂଗ୍ରହ**

ଆର୍ତ୍ତବଲ୍ଲଭ ମହାନ୍ତି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ କୋଡିଏଟିରୁ ଅଧିକ ମହାଭାରତର ପୋଥି ସଂଗ୍ରହ କରିଥିଲେ ଓ ସମଧର୍ମା ପଣ୍ଡିତମାନଙ୍କ ସହଯୋଗରେ ତାହା ସମ୍ପାଦନା କରିଥିଲେ। ଆମର ଦୁର୍ଭାଗ୍ୟ, ତାହା ପ୍ରକାଶିତ ହେଲା ତାଙ୍କ ମୃତ୍ୟୁ ପରେ ଏବଂ ତାଙ୍କ ଲିଖିତ ମୁଖବନ୍ଧର (ଯଦି ସେ ଲେଖିଥିଲେ) ଅଭାବରେ। ତାଙ୍କ ସଂଗୃହୀତ ପୋଥିଗୁଡିକର କାଳ, ସ୍ଥାନ ଓ ଲିପିକାରଙ୍କ ନାମ, ଆମ ସମସ୍ତଙ୍କ ପାଇଁ ସବୁଦିନ ଅଜ୍ଞାତ ରହିଗଲା। ପାଠ୍ୟ ନିର୍ମାଣ ପାଇଁ ସେ ଯେଉଁ ପଦ୍ଧତି ଗ୍ରହଣ କରିଥିଲେ, ତାଙ୍କ ସମ୍ପାଦନାର କୌଶଳ ଓ ସୂତ୍ର ତାହା ବି ଚିରଦିନ ଅନୁକ୍ତ ରହିଲା। ଫଳରେ ମହାଭାରତର ତଥାକଥିତ ନୂତନ ଶୁଦ୍ଧ ସଂସ୍କରଣ ମଧ୍ୟ ପାଦ୍ଧତିକ ସ୍ୱଚ୍ଛତା, ବ୍ୟାଖ୍ୟା ଓ ବିଶ୍ଳେଷଣ ଅଭାବରୁ ଅନ୍ୟ ଏକ ପୋଥି ହିଁ ହୋଇଗଲା। ପୋଥି ହୋଇଗଲା ଏଇଥିପାଇଁ ଯେ, ଲିପିକାର ଯେମିତି କାହିଁକି, କେଉଁଠୁ କେତେ ଉତାରିଲା ଓ ଆପଣା ମନରୁ କେତେ ପଦ ପୂରଣ କଲା, ପରୀକ୍ଷା କରିବାର ଅବସର ଆଉ କାହା ନିକଟରେ ରହିଲା ନାହିଁ। ପାଠକ ପାଇଁ ପାଠ୍ୟର ସମ୍ଭାବନା ପାଦଟୀକାରେ ଉପଲବ୍ଧ ହେଲା ସତ, କିନ୍ତୁ ତାହା କେଉଁ ଲେଖନକାର କେବେ ଲେଖିଛନ୍ତି, ସେମିତି ଏକ ପାଠ

ନିର୍ମାଣର ସମ୍ଭାବ୍ୟ କାରଣ କ'ଣ ହୋଇପାରେ, ଏହା ମାଧ୍ୟମରେ ସେ ଓଡ଼ିଶାରେ ଘଟିଥିବା କେଉଁ ସାଂସ୍କୃତିକ ଘଟଣାର ଇଙ୍ଗିତ ପ୍ରଦାନ କରୁଛନ୍ତି, ଏମିତି ଅନେକ ପ୍ରଶ୍ନ ଚିରଦିନ ପାଇଁ ଅନୁତ୍ତରିତ ରହିଗଲା

ତା' ଆଗରୁ ପ୍ରକାଶିତ ସାରଳା ମହାଭାରତର ବିଭିନ୍ନ ଲୋକପ୍ରିୟ ସଂସ୍କରଣ ଦାଣ୍ଡିବୃତ୍ତକୁ ଚତୁର୍ଦ୍ଦଶାରୀ ବୃତ୍ତରେ ପଦ୍ୟାୟିତ ହୋଇଥିଲା ବିଭିନ୍ନ ପଣ୍ଡିତମାନଙ୍କ ଦ୍ୱାରା। ମୁଦ୍ରାଯନ୍ତ୍ରର ପ୍ରସାଦରୁ ହଜାର ହଜାର ପ୍ରତିଲିପି ପ୍ରକାଶିତ ହୋଇ ଓଡ଼ିଶାର ପୁରପଲ୍ଲୀରେ ସାରଳା ଦାସଙ୍କ ପ୍ରତିଭାକୁ ଓ ମହାଭାରତର ବିଚିତ୍ର ଓ ଅତିକଳ୍ପନାପୂର୍ଣ୍ଣ ଆଖ୍ୟାୟିକାମାନଙ୍କୁ ଜନାଦୃତି ଦେଇଥିଲା। ସାରଳା ଦାସଙ୍କ ଦାଣ୍ଡୀବୃତ୍ତ ମହାଭାରତ ଥିଲା ଶ୍ରବଣକୈନ୍ଦ୍ରିକ ସାଂସ୍କୃତିକ ସମାଜ ପାଇଁ ଅଭିପ୍ରେତ। ଗାୟକ ହିଁ ତା'ର ପାଠକ, ଉପଭୋଗ କରୁଥିବା ଅନ୍ୟ ସମସ୍ତେ କେବଳ ଶ୍ରୋତା। ମୁଦ୍ରାଯନ୍ତ୍ରରୁ ନୂତନ ପଦ୍ୟାୟିତ ସାରଳା ମହାଭାରତ ପାଠକ ଓ ଶ୍ରୋତା ଉଭୟଙ୍କ ପାଇଁ ପ୍ରସ୍ତୁତ। ସରଳ ଛନ୍ଦବଦ୍ଧ ଓ ଅର୍ବାଚୀନ ଭାଷିକ ନିର୍ମାଣରେ ଏହା ନୂତନ ସୃଷ୍ଟ ଓଡ଼ିଆ ପାଠକ ସମାଜ ପ୍ରତି ଥିଲା ମୁଦ୍ରାଯନ୍ତ୍ରର ଉପହାର। ପୁଣି ଏହା ଥିଲା ଏକ ଜନପ୍ରିୟ ବ୍ୟାବସାୟିକ ଉତ୍ପାଦନ। ଶୁଦ୍ଧତାଠାରୁ ସରଳତା, ଉତ୍ସ ପ୍ରତି ବିଶ୍ୱସ୍ତତା ଠାରୁ ବହି ବ୍ୟବସାୟ ପ୍ରତି ଏହା ଥିଲା ଅଧିକ ବିଶ୍ୱସ୍ତ। ସେଦିନର ସେଇ ପଣ୍ଡିତମାନଙ୍କର ଶ୍ରମ, ଶ୍ରଦ୍ଧା ଓ ସାମର୍ଥ୍ୟ ସବୁ ଥିଲା, କିନ୍ତୁ ନ ଥିଲା ନୂଆ ଭାଷାର ପ୍ରାଚୀନତା ସଂରକ୍ଷଣର ଲକ୍ଷ୍ୟ। ଉତ୍ସମାନଙ୍କ ପ୍ରତି ଯେଉଁ ବିଶ୍ୱସ୍ତତା ଜଣେ ଗବେଷକର ରହିବା କଥା, ଏକାଧିକ ଉତ୍ସରେ ପାଠଗତ ଭିନ୍ନତା ଦେଖିଲେ, ପାଠ ନିର୍ବାଚନରେ ଯେଉଁ ବିଚାରପଟୁତା ଓ ନିଷ୍ଠା ପରିଲକ୍ଷିତ ହେବାକଥା, ତାହାର ଅଭାବ ସେମାନଙ୍କଠାରେ ରହିଥିଲା। ଆର୍ତ୍ତବଲ୍ଲଭ ମହାନ୍ତି ଓ ତାଙ୍କ ସମଧର୍ମା ସହକର୍ମୀମାନେ ଅଭିଜ୍ଞତା ଦୃଷ୍ଟିରୁ ଥିଲେ, ସେକାଳ ସେମାନେ ସର୍ବୋତ୍ତମ। କିନ୍ତୁ ପ୍ରକାଶିତ ସାରଳା ମହାଭାରତ ହେଲା ଅନେକ ଦୃଷ୍ଟିରୁ ତ୍ରୁଟିପୂର୍ଣ୍ଣ ଅସଙ୍ଗତ ଓ ବ୍ୟାଖ୍ୟା ବିଶ୍ଲେଷଣହୀନ। ସବୁ ସମୟ ନିଜସ୍ୱ ଉଦ୍ଦେଶ୍ୟ ରଖି ପ୍ରାଚୀନ ପାଠ୍ୟକୁ ପୁନର୍ନିର୍ମାଣ କରେ। ସମକାଳୀନ ଆବଶ୍ୟକତାର ପୂର୍ତ୍ତି ପାଇଁ ବ୍ୟାଖ୍ୟା, ବିଚାର ଓ ବିଶ୍ଲେଷଣ ମାଧ୍ୟମରେ ତା'ର ପ୍ରାସଙ୍ଗିକତା ଖୋଜେ। ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ଡ. ଗୌରାଙ୍ଗ ଚରଣ ଦାଶ, ଡ. ପ୍ରଦୀପ୍ତ କୁମାର ପଣ୍ଡା, ଡ. ଭାଗ୍ୟଲିପି ମଲ୍ଲ ଓ ଡ. ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ ସମ୍ପାଦନାରେ ପ୍ରସ୍ତୁତ ସାରୋଳଦାସ ମହାଭାରଥ ଓଡ଼ିଆ ମହାଭାରତର ପୁନର୍ନିର୍ମାଣ।

**ମୁଦ୍ରାଯନ୍ତ୍ରର ପ୍ରସାଦରୁ ହଜାର ହଜାର ପ୍ରତିଲିପି ପ୍ରକାଶିତ ହୋଇ ଓଡ଼ିଶାର ପୁରପଲ୍ଲୀରେ ସାରଳା ଦାସଙ୍କ ପ୍ରତିଭାକୁ ଜନାଦୃତି ଦେଇଥିଲା।**

### ବିକଳ୍ପ ପାଠ୍ୟ

ଏହାର ପ୍ରମୁଖ ବିଶେଷତା ହେଉଛି ଏଥିରେ ରହିଛି ପାଠକ ପାଇଁ ବିକଳ୍ପ ପାଠ୍ୟ ନିର୍ମାଣର ସୁଅବସର। ଏଥିରେ ବ୍ୟବହୃତ ହୋଇଛି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ସଂଗୃହୀତ ଓ ଜାତୀୟ ଅଭିଲେଖାଗାର, ଭୁବନେଶ୍ୱର, ଓଡ଼ିଆ ମ୍ୟୁଜିୟମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରଭୃତି ସଂଗ୍ରହାଳୟରେ ସଂରକ୍ଷିତ ପୋଥି। ପ୍ରତିଟି ପୋଥିର ପୁଷ୍ପିକାର ବର୍ଣ୍ଣନା ରହିଛି। ମୂଳପାଠର ପାଦଟୀକାରେ ବିଭିନ୍ନ ପୋଥିର ବିକଳ୍ପ ପାଠ୍ୟ ଦିଆଯାଇଛି। ପୋଥିଟିର କାଳ ଓ ଲିପିକାରଙ୍କ ସୂଚନା ରହିଛି। ଏହାକୁ ଭିତ୍ତିକରି କେବେ ଦିନେ ଅନ୍ୟ ଏକ ପାଠକ, ଗବେଷକ ବିଭିନ୍ନ କାଳ ଓ ଅଞ୍ଚଳରେ ଘଟିଥିବା ପ୍ରକ୍ଷେପର କାରଣ ଓ ଲିପିକାର-କବିଙ୍କ ଉଦ୍ଦେଶ୍ୟ ଖୋଜିପାରିବ। ଅବତରଣିକା ଓ ସୂଚନା ମାଧ୍ୟମରେ ସମ୍ପାଦନାମଣ୍ଡଳୀ ନିଜର ସମ୍ପାଦନା ପଦ୍ଧତି ସହ ଶବ୍ଦ, ପଦ-ପଦବିନ୍ୟାସ ଓ ଆଖ୍ୟାନ ନିର୍ବାଚନବେଳେ ଯେଉଁ ବିଷୟମାନଙ୍କ ପ୍ରତି ସେମାନେ ସତର୍କ ରହିଛନ୍ତି, ତା'ର ସୂଚନା ଦେଇଛନ୍ତି।

ଏହି ସମ୍ପାଦନାର ଉଦ୍ଦେଶ୍ୟ ଚାରୋଟି : ପ୍ରଥମତଃ ତାଳପତ୍ରର ପଠନଯୋଗ୍ୟ ଆୟୁଷ୍କାଳ ସୀମିତ। ତାହା ସମ୍ପୂର୍ଣ୍ଣ ଦୁଷ୍ପ୍ରାପ୍ୟ ହେବା ଆଗରୁ ତାକୁ ମୁଦ୍ରିତ ରୂପ ଦେବା। ଦ୍ୱିତୀୟତଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଛପା ବହି ସମେତ ଉପଲବ୍ଧ ସର୍ବାଧିକ ପୋଥିର ବ୍ୟବହାର କରି ମହାଭାରତର ଏକ ନୂତନ ପାଠ୍ୟ ନିର୍ମାଣ କରିବା ଓ ସମସ୍ତ ପାଠ୍ୟର ନିଜସ୍ୱ ସ୍ୱାତନ୍ତ୍ର୍ୟ ରକ୍ଷା କରି ଭବିଷ୍ୟତ ପାଇଁ ସାଇତି ରଖିବା। ତୃତୀୟରେ ଆଜି ମିଳୁଥିବା ପୋଥି ଦୁଇବର୍ଷରୁ ଅଧିକ ପୁରୁଣା ନୁହେଁ। ତା'ର ଭାଷା ଓ

ଆଖ୍ୟାନ, ତା' ପୂର୍ବର ପୋଥିରୁ ବିଶ୍ୱସ୍ତ ଭାବରେ ଅନୁଲିପି ପ୍ରସ୍ତୁତ ହୋଇଛି ମନେକରିବା ଅନୁଚିତ। ହୋଇପାରେ ସାରୋଳାଦାସଙ୍କ ମୂଳ ରଚନାର ପ୍ରାୟ ଦୁଇ ତିନିଶହ ବର୍ଷ ପରେ ଲିଖିତ ଏଇ ପୋଥି, ଅଷ୍ଟମ ବି ଦଶମ ଅନୁଲିପି। ପ୍ରତି ଥର ଉଦ୍ଦେଶ୍ୟ ଓ ଅଜ୍ଞତା ପାଇଁ ପରିବର୍ତ୍ତିତ ହୋଇଥିବ ଏହାର ଆଖ୍ୟାନ ଓ ଭାଷା। ତାକୁ ମୂଳ ସାରୋଳାଦାସଙ୍କ ରଚନାର ଅଧିକ ନିକଟବର୍ତ୍ତୀ କରିବା ପାଇଁ ଏକମାତ୍ର ଅବଶିଷ୍ଟ ବିକଳ୍ପ ହେଲା, ଅଧିକରୁ ଅଧିକ ପୋଥି ଖୋଜି ତା'ର ତୁଳନା କରିବା ଓ ସମ୍ଭାବ୍ୟ ପାଠ୍ୟ ନିର୍ମାଣ କରିବା। ଏହା ନିଶ୍ଚୟ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମହାଭାରତ ପରି ଶୁଦ୍ଧ ସଂସ୍କରଣ ପ୍ରସ୍ତୁତିର ଚେଷ୍ଟା ନୁହେଁ। ଏହା ବହୁ ପାଠ ଆଧାରିତ ଏକ ସଂସ୍କରଣ, ଯେଉଁଠି ପାଠକ ପାଇଁ ନିଜସ୍ୱ ପାଠ୍ୟ ନିର୍ମାଣ ସୁଯୋଗ ରହିଛି। ଚତୁର୍ଥ ଉଦ୍ଦେଶ୍ୟ ହେଲା, ଓଡ଼ିଆ ଭାଷାର ପ୍ରାଚୀନତା ପ୍ରଦର୍ଶନ। ଆଜି ଓଡ଼ିଆ ଏକ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା, ଅଥଚ ସଂସ୍କୃତ ନିର୍ଭର ହୋଇ ଆମର ମୌଳିକତା ଆଜି ଆମେ ହରାଇ ଚାଲିଛୁଁ। ସାରୋଳାଦାସ ସଂସ୍କୃତ ଶବ୍ଦମାନଙ୍କଠାରୁ ତଦଭବ ଶବ୍ଦ ସୃଷ୍ଟି କଲାବେଳେ ଯେଉଁ ଭାଷିକ ନିୟମ ଅବଲମ୍ବନ କରିଛନ୍ତି ଓ ପୁଣି ଆପଣାର ପ୍ରତିଭା ଓ ସର୍ଜନଶୀଳ କଳ୍ପନା ବଳରେ ନୂତନ ଶବ୍ଦ ସୃଷ୍ଟି କରିଛନ୍ତି, ତାହା ହିଁ ଓଡ଼ିଆ ଭାଷାର ମୂଳ ଗୁଣସୂତ୍ର। ତାକୁ ଆବିଷ୍କାର କରିବାର ପ୍ରୟାସ ଏ ଗ୍ରନ୍ଥ ସମ୍ପାଦନାର ଅନ୍ୟ ଏକ ମହତ ଉଦ୍ଦେଶ୍ୟ।

**ଆଜି ଓଡ଼ିଆ ଏକ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା, ଅଥଚ ସଂସ୍କୃତ ନିର୍ଭର ହୋଇ ଆମର ମୌଳିକତା ଆଜି ଆମେ ହରାଇ ଚାଲିଛୁଁ।**

### ସଂସ୍କରଣମାନଙ୍କ ମଧ୍ୟରେ ଅମେଳ

"ଖ୍ରୀଷ୍ଟାବ୍ଦ ୧୯୧୭ରେ ପ୍ରଥମ ପ୍ରକାଶିତ ଶ୍ୟାମସୁନ୍ଦର ରାଜଗୁରୁଙ୍କର ପ୍ରବନ୍ଧାବଳୀରେ ସାରୋଳାଦାସଙ୍କ ମହାଭାରତର ଯାହା ଉଦ୍ଧାର କରାଯାଇଛି, ତାହା ସହିତ ଆଜିର ଶୁଦ୍ଧ ସଂସ୍କରଣ ସହ ମେଳ ଖାଉନାହିଁ। ବରୋଦା ବିଶ୍ୱବିଦ୍ୟାଳୟ ଯେତେବେଳେ ରାମାୟଣର ଶୁଦ୍ଧ ସଂସ୍କରଣର ପ୍ରକାଶ କାର୍ଯ୍ୟ ହାତକୁ ନେଲେ, ସେତେବେଳେ କେବଳ ଭାରତର ସବୁ ପ୍ରଦେଶରୁ ନୁହେଁ, ଇଣ୍ଡୋନେସିଆରୁ ମଧ୍ୟ ସେଠାରେ ପ୍ରଚଳିତ ରାମାୟଣ ସଂଗ୍ରହ କରାଯାଇଥିଲା।" (ମହତାବ: ୧୯୭୭: ୩୩)

ହରେକୃଷ୍ଣ ମହତାବଙ୍କ ସହଯୋଗ, ସଂପୃକ୍ତି ଓ ସାହଚର୍ଯ୍ୟରେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଦ୍ୱାରା ଆରମ୍ଭ ହୋଇଥିଲା ଓଡ଼ିଶା ସାଂସ୍କୃତିକ ବ୍ୟାପାର ବିଭାଗ ଦ୍ୱାରା ପ୍ରକାଶିତ ମହାଭାରତର ସମ୍ପାଦନା କାର୍ଯ୍ୟ। ଏହାର ପ୍ରକାଶନ ପରେ, ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଅବର୍ତ୍ତମାନରେ ଏକ ଶୁଦ୍ଧ ସଂସ୍କରଣ ସମ୍ପର୍କରେ ମହତାବଙ୍କ ଏଇ ଉକ୍ତି ଦୁଇଟି ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ। ପ୍ରଥମ ହେଲା, ମହାଭାରତର ସଂସ୍କରଣରେ ସେ ଅସନ୍ତୁଷ୍ଟ। ଦ୍ୱିତୀୟ ହେଲା, ଦେଶବିଦେଶରେ ବିଶେଷକରି ଅନ୍ୟ ପ୍ରଦେଶମାନଙ୍କରେ ସାରୋଳାଦାସଙ୍କ ମହାଭାରତର ଯେଉଁ ପ୍ରତିଲିପିଗୁଡିକ ଉପଲବ୍ଧ ତାହା ଏଇ ତଥାକଥିତ ଶୁଦ୍ଧ ସଂସ୍କରଣରେ ବ୍ୟବହାର ହୋଇପାରିଲା ନାହିଁ। ଏବେ ଭାରତ ସରକାରଙ୍କ ନ୍ୟାସନାଲ୍ ମିଶନ ଫର୍ ମାନୁସ୍କ୍ରିପ୍ଟସ୍‌ର କଳନା ଅନୁଯାୟୀ ଶତାଧିକ ସାରୋଳାଦାସଙ୍କ ମହାଭାରତର ପ୍ରତିଲିପି ଭିନ୍ନ ଭିନ୍ନ ବ୍ୟକ୍ତି, ଅନୁଷ୍ଠାନ ଓ ଗ୍ରନ୍ଥାଗାରମାନଙ୍କରେ ଉପଲବ୍ଧ। ବିଶେଷକରି ଏସିଏଟିକ୍ ସୋସାଇଟି, କଲିକତା, ମାଡ୍ରାସ ବିଶ୍ୱବିଦ୍ୟାଳୟର ଗ୍ରନ୍ଥାଗାର ଓ ସର୍ବୋପରି ଊନବିଂଶ ଶତାବ୍ଦୀର ଔପନିବେଶିକ ଶାସକ ଯେମିତି କୋଲବ୍ରୁକ, ଲେଡେନ, ହଣ୍ଟରଙ୍କ ଦ୍ୱାରା ସଂଗୃହୀତ ଓ ଏବେ ଇଂଲଣ୍ଡରେ ବ୍ରିଟିଶ ଲାଇବ୍ରେରୀରେ ସଂରକ୍ଷିତ ପୋଥିଗୁଡିକ ଅଧିକ ଗୁରୁତ୍ୱପୂର୍ଣ୍ଣ। ପ୍ରାଚୀନତା ଦୃଷ୍ଟିରୁ ଏଗୁଡିକ ଯେମିତି ମହତ୍ତ୍ୱପୂର୍ଣ୍ଣ, ସଂରକ୍ଷଣ ଦୃଷ୍ଟିରୁ ମଧ୍ୟ ଏହା ଅଧିକ ସୁରକ୍ଷିତ। ଏସବୁ ସଂଗୃହୀତ ହୋଇ ସାରୋଳାଦାସ ମହାଭାରତର ପୁଣି ଏକ ସଂସ୍କରଣ ଭବିଷ୍ୟତରେ କିଏ କରିପାରେ। କୌଣସି ଏକ କ୍ଲାସିକ ଗ୍ରନ୍ଥର ଏକାଧିକ ପାଠ ଓ ସଂସ୍କରଣ ସମ୍ଭବ। ଶିକ୍ଷା ଓ ଅନୁସନ୍ଧାନ, ଭୁବନେଶ୍ୱରଙ୍କ ସହାୟତାରେ ପ୍ରକାଶିତ ଏଇ ଗ୍ରନ୍ଥର ଆବଶ୍ୟକତା ଏଣୁ ଆଜି ବି ରହିଛି ଓ ଆଗାମୀ କାଲି ମଧ୍ୟ ରହିବ।

ସାରୋଳାଦାସଙ୍କ ମହାଭାରଥର ଭାଷା ବିଚାରବେଳେ ଓଡ଼ିଶା ସରକାରଙ୍କ ସାଂସ୍କୃତିକ ବ୍ୟାପର ବିଭାଗ ଦ୍ୱାରା ପ୍ରକାଶିତ ସଂସ୍କରଣ କିପରି ନିର୍ଭରଯୋଗ୍ୟ ମନେ ହୋଇନାହିଁ ଏକଥା ସ୍ୱୀକାର କରନ୍ତି ଧନେଶ୍ୱର ମହାପାତ୍ର। "କୌଣସି ପ୍ରାଚୀନ ଗ୍ରନ୍ଥର ଭାଷାତାତ୍ତ୍ୱିକ ଅନୁଶୀଳନ କରିବାକୁ ହେଲେ, ସେଇ ଗ୍ରନ୍ଥର ଯଥାସମ୍ଭବ ମିଳୁଥିବା ପ୍ରାଚୀନ ପୋଥିଗୁଡିକୁ ଅଧ୍ୟୟନ

କରି ତାହାର ଭାଷା ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ଅର୍ଜନ କରିବା ଦରକାର। (ମହାପାତ୍ର:୧୯୯୪ :୬୭) ଆମେ ସତରେ ସାରଳା ଦାସଙ୍କ ମହାଭାରତର ଦ୍ୱିତୀୟ କିମ୍ବା ତୃତୀୟ ପିଢ଼ିର ପୋଥି ଖୋଜି ପାଇବା କି କିମ୍ବା ଆମେ ଭାଷିକ ପୁନର୍ନିର୍ମାଣ ମାଧ୍ୟମରେ ସାରଳା ଦାସଙ୍କ ସମକାଳରେ ପ୍ରଚଳିତ ଭାଷାରେ ରଚିତ ଏକ ପୋଥି ନିର୍ମାଣ କରିପାରିବା କି ?

### ପୁନର୍ନିର୍ମାଣର ଆବଶ୍ୟକତା

କେହି କେହି ପ୍ରଶ୍ନ କରିପାରନ୍ତି, ଏହାର ଆବଶ୍ୟକତା କ'ଣ ? ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତି ପରେ ଏହାର ଗୁରୁତ୍ୱ ଅଧିକ। କାରଣ ଚର୍ଯ୍ୟାଗୀତିଠାରୁ ଆଜିର ଉପଲବ୍ଧ ମହାଭାରତ ପୋଥିର ପ୍ରଚଳିତ ଭାଷାରେ ଯେଉଁ ପାର୍ଥକ୍ୟ ଓ ପ୍ରବାହମାନତାର ଅଭାବ ଲକ୍ଷ୍ୟ କରିହୁଏ, ତାହା ହିଁ ସୂଚେଇଦିଏ କେଉଁ ଏକ ସମୟଖଣ୍ଡର ଭାଷା ଆଜି ବି ଆମ ପାଇଁ ଅନୁପଲବ୍ଧ ହୋଇରହିଛି। ସମୟର ପ୍ରତିଲୋମରେ ଯାଇ ଆମକୁ ଏଇ ଶୂନ୍ୟସ୍ଥାନ ପୂରଣ କରିବାକୁ ହେବ। ଏଥିପାଇଁ ଆବଶ୍ୟକ ପ୍ରାଚୀନ ପୋଥିମାନଙ୍କର ପୁନଃପୁନଃ ବହୁପାଠଭିତ୍ତିକ ସମ୍ପାଦନ ଓ ଓଡ଼ିଶାରେ ପ୍ରଚଳିତ ବିଭିନ୍ନ ଔପଭାଷିକ ଭାଷାକ୍ଷେତ୍ରର ବୈଜ୍ଞାନିକ ଅଧ୍ୟୟନ। ଥରେ ଯଦି ପୋଥିଟି ସମ୍ପାଦିତ ହେଲା ଓ ପରବର୍ତ୍ତୀ କାଳରେ ତାକୁ ସର୍ବମାନ୍ୟ ଓ ଶେଷକଥା ବୋଲି ଗବେଷକମାନେ ସ୍ୱୀକାର କରିନେଲେ, ତେବେ ଉପଲବ୍ଧ ବହୁବିଧ ପାଠର ମୃତ୍ୟୁ ଘଟିବ। ତା' ସହିତ ବିଲୁପ୍ତ ହୋଇଯିବ ଭାଷିକ ବିବିଧତା।




ପ୍ରାଚୀନ ପୋଥି ସମ୍ପାଦନା ପ୍ରସଙ୍ଗରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରବନ୍ଧ ଲେଖିଛନ୍ତି ପ୍ରଖ୍ୟାତ ଭାଷାବିତ୍ ବିଜୟ ପ୍ରସାଦ ମହାପାତ୍ର। ସେ ତୁଳନା କରିଛନ୍ତି, ଆର୍ତ୍ତବଲ୍ଲଭ ମହାନ୍ତି ସଂପାଦନା କରିଥିବା ରାମବିଭା କାବ୍ୟ ଏବଂ କେଦାରନାଥ ମହାପାତ୍ରଙ୍କ ସଂପାଦିତ କଳ୍ପଲତା କାବ୍ୟ। ପୁଣି ପ୍ରଦର୍ଶନ କରିଛନ୍ତି, ଆର୍ତ୍ତବାବୁଙ୍କ ସଂପାଦିତ ରାମବିଭା ଓ ରାଜ୍ୟ ସଂଗ୍ରହାଳୟରେ ଥିବା ଓ.ଏଲ୍-୧୨ ରାମବିଭାଗ ପୋଥି ମଧ୍ୟରେ ଥିବା ଭାଷିକ ଅସାମଞ୍ଜସ୍ୟ। ସଂପାଦନା ଏକ ମୌଳିକ ସୃଜନକର୍ମ ନୁହେଁ। ଏହା ମାଧ୍ୟମରେ କେବଳ ଜଣେ କବିର କବିତ୍ୱ, ଅଳଙ୍କାର ଚାତୁରି, ବିଷୟ ବୈଚିତ୍ର୍ୟ, କଳ୍ପନା ବିଳାସ ପରି ସାହିତ୍ୟିକ ବିଭବ ଅନ୍ୱେଷଣ ପାଇଁ ଅଭିପ୍ରେତ ନୁହେଁ। କାବ୍ୟ କବିତା ମାଧ୍ୟମରେ ମାନବୀୟ ଭାଷାର ଯେଉଁ ବିକାଶ ଓ ବିବର୍ତ୍ତନ ହୋଇଥାଏ, ପ୍ରାଚୀନ ପୋଥିର ସଂପାଦକ ତାହା ପ୍ରତି ମଧ୍ୟ ଦାୟବଦ୍ଧ ହେବା ଆବଶ୍ୟକ।

ବିଜୟ ପ୍ରସାଦ ମହାପାତ୍ର ଯଥାର୍ଥରେ କହିଛନ୍ତି : 'ଏପର୍ଯ୍ୟନ୍ତ ଓଡ଼ିଆ ଭାଷାର କୌଣସି ଧାରାବାହିକ ଇତିହାସ ଲେଖାଯାଇପାରିନାହିଁ ଏବଂ ଯେଉଁମାନେ ଓଡ଼ିଆ ଭାଷା ଓ ସାହିତ୍ୟ ବୋଲି ପ୍ରକାଶ୍ୟରେ ଚିତ୍କାର କରୁଥିବା ଶୁଣାଯାଏ, ସେହି ଧ୍ୱଜାଧାରୀମାନଙ୍କ ଅଜ୍ଞାନତା ଓ ଅପଚେଷ୍ଟା ଫଳରେ ଓଡ଼ିଆ ଭାଷାର ବହୁ ମୂଲ୍ୟବାନ ଉପାଦାନ କ୍ରମଶଃ ଲୋପପାଇଯାଉଛି। ଶୁଦ୍ଧ ସଂସ୍କରଣ ଛାପିବାର ଚେଷ୍ଟା ଏତେ ତୀବ୍ର ହୋଇପଡ଼ିଛି ଯେ, ପ୍ରାଚୀନ ସାହିତ୍ୟର ଭାଷାର ଇତିବୃତ୍ତକୁ ଉଦ୍ଧାର କରିବା ପ୍ରାୟ ଅସମ୍ଭବ ହୋଇପଡିଛି। ଏହା ଦ୍ୱାରା ଖାଲି ଯେ ଭାଷାର କ୍ଷତି ହେଉଛି ତାହା ନୁହେଁ, ସାହିତ୍ୟର ପ୍ରାଚୀନତା ମଧ୍ୟ ଲୋପପାଇଯାଉଛି।' (ମହାପାତ୍ର : ୧୯୮୩ : ୧୨୨)

### ସରଳୀକରଣର ଗୁରୁତ୍ୱ

ଭାଷାର ସାଧାରଣ ନିୟମ ହେଉଛି, ମୁଖପ୍ରଯନ୍‌କୁ ସରଳରୁ ସରଳତର କରିବା। ସଂସ୍କୃତ ଭାଷାରେ ବର୍ଣ୍ଣଯୋଗର କଠିନ ଓ ବୈଚିତ୍ର୍ୟପୂର୍ଣ୍ଣ ପରମ୍ପରା ରହିଛି। ସେହି ଶବ୍ଦକୁ ସବୁକୁ ଆଦିବାସୀ ଜନବହୁଳ ଓଡ଼ିଶାର ଜନସାଧାରଣ କିପରି ସହଜରେ ଉଚ୍ଚାରଣ କରୁଥିଲେ, ତାହା ଆଜି କଳନା କରିବା ଆମ ପାଇଁ ଏକ କଠିନ କାମ। ପ୍ରାଚୀନ ଅଭିଲେଖମାନଙ୍କରେ ଓ ତାଳପତ୍ର ପୋଥିମାନଙ୍କର ଭାଷାରେ, ବିଶେଷକରି ସାରୋଳଦାସଙ୍କ ରଚନା ଓ ସମକାଳୀନ ରଚନାରେ ଯୁକ୍ତବର୍ଣ୍ଣର ସଂଖ୍ୟା ଖୁବ୍ ଅଳ୍ପ। ଏଇ କ୍ଷତିକୁ ସହିବା ପାଇଁ ସେତେବେଳେ ଭାଷା ପରିବର୍ତ୍ତିତ ହେବା ସ୍ୱାଭାବିକ।

ସ୍ୱରସଙ୍ଗତି ଓ ବ୍ୟଞ୍ଜନ ସଂଗତି, ଅକ୍ଷରମାନଙ୍କର ସ୍ଥାନ ପରିବର୍ତ୍ତନ, ସଙ୍କୋଚନ ଓ ଲୋପ ପୁଣି ବେଳେବେଳେ ଆଗମ ଓ ପ୍ରକ୍ଷେପ ପ୍ରାଚୀନ କାଳର ସାହିତ୍ୟରେ ଏଣୁ ସର୍ବାଧିକ। ଫଳରେ ବ୍ୟବସ୍ଥା-ବେବସ୍ଥା, ପରମବ୍ରହ୍ମ-ପ୍ରମବ୍ରହ୍ମ, କର୍ପୂର-କ୍ରପୂର, ଭର୍ତ୍ତା-ଭ୍ରାଥା, ନୃପତି-ନୃର୍ପତି, ଦର୍ଶନ-ଦ୍ରସନ, ବୟସ-ବଏସ, ଅପୂର୍ବ-ଅପୃବ, ମହେନ୍ଦ୍ର-ମହିନ୍ଦ୍ର, ଶସ୍ତ୍ର-ସସ୍ତ୍ର, ପୁଷ୍ପ-ପୁଷ୍ୟ ପରି ଅନେକ ଆଧୁନିକ କାଳରେ ଅପ୍ରଚଳିତ ଶବ୍ଦ ଏ ସମୟର ସାହିତ୍ୟରେ ପରିଲକ୍ଷିତ ହୁଏ। ଭାଷାର ଇତିହାସ ଦୃଷ୍ଟିରୁ ଏ ସମସ୍ତ ଏକ ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ଏମିତି ଶବ୍ଦ ଗଠନ ଭିନ୍ନ, ବ୍ୟାକରଣରେ ମଧ୍ୟ ଅନେକ ଅସାମଞ୍ଜସ୍ୟ ଏଠାରେ ଦେଖିବାକୁ ମିଳେ। ଯଦି ଏହା ଏକ ଲେଖନକାରର ବ୍ୟକ୍ତିଗତ ପ୍ରବୃତ୍ତି ବା ନିଜଭାଷା ନ ହୋଇ, ସେଇ କାଳର ଉପଲବ୍ଧ ସମସ୍ତ ପୋଥିରେ ସମାନ ଭାଷିକପ୍ରବୃତ୍ତି ରୂପେ ଉପଲବ୍ଧ ହୁଏ, ତେବେ ସ୍ୱୀକାର କରିବାକୁ ହେବ ଯେ, ତାହା ହିଁ ଥିଲା ସେ କାଳର ପ୍ରଚଳିତ ସାହିତ୍ୟିକ ଭାଷା।

ପ୍ରତିଷ୍ଠିତ ଗବେଷକମାନଙ୍କ ଦ୍ୱାରା ଓଡ଼ିଆରେ ହୋଇଥିବା ପ୍ରାଚୀନ ଗ୍ରନ୍ଥ ସଂପାଦନା ଏ ଦୃଷ୍ଟିରୁ ପୁନଃସଂପାଦନାର ଅପେକ୍ଷା ରଖେ। ସାହିତ୍ୟିକ ରଚନାକୁ ସଂପାଦନା କଲାବେଳେ ତାହାର ବନାନ ପଦ୍ଧତି ବୟାକରଣିକ ପ୍ରୟୋଗ, ଶବ୍ଦ ନିର୍ମାଣରେ ସୂତ୍ର ଓ ଶବ୍ଦରେ ବ୍ୟବହୃତ ପ୍ରତ୍ୟୟ, ବାକ୍ୟରେ ଥିବା ଅବ୍ୟୟ ଇତ୍ୟାଦି ପ୍ରତି ସମ୍ପାଦକ ଅଧିକ ଗୁରୁତ୍ୱ ଦେବା କଥା। ଏହି ତଥାକଥିତ ଅଶୁଦ୍ଧିଗୁଡ଼ିକର ସୂତ୍ରଗତ ଶୃଙ୍ଖଳା ଖୋଜିବା କଥା। ତାହା ନ କରି ଏହାକୁ ଅଶୁଦ୍ଧ କହି ପରିତ୍ୟାଗ କଲେ, ଭାଷାର ପ୍ରତ୍ନତାତ୍ତ୍ୱିକ ଉପାଦାନ ଓ ମୂଳଗୁଣ ସୂତ୍ର ଆମେ ହରାଇବା। କୌଣସି ଭାଷାର ଅନ୍ତର୍ନିହିତ ଶୃଙ୍ଖଳା ହେଉଛି ତା'ର ବ୍ୟାକରଣ। ଆମେ ଯେହେତୁ ଓଡ଼ିଆ ଭାଷାର ଏଇ ଶୃଙ୍ଖଳାର ବିବର୍ତ୍ତନ ଓ ତା'ର ଇତିହାସ ଖୋଜି ପାରିନାହୁଁ, ଓଡ଼ିଆ ଭାଷାରେ ଆଜିଯାଏଁ ନିଜସ୍ୱ ଓଡ଼ିଆ ବ୍ୟାକରଣଟିଏ ରଚିତ ହୋଇପାରିନାହିଁ।

**ମହାଭାରଥ କାହିଁକି ?**

କେତେକ ବନ୍ଧୁ କଥାପ୍ରସଙ୍ଗରେ, ମହାଭାରତ କାହିଁକି ମହାଭାରଥ ହେଲା ପ୍ରଶ୍ନ କରନ୍ତି, କେତେବେଳେ ପୁଣି କହନ୍ତି ଏହା ଅଶିକ୍ଷିତ ଲେଖନକାରମାନଙ୍କ ଅଜ୍ଞତାର ଫଳଶ୍ରୁତି। ତାଳପତ୍ର ପୋଥିକୁ ନ ଯାଇ ମଧ୍ୟ, ଯଦି ଆମେ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମହାଭାରତର ପାଠ୍ୟ ଭିତରେ ଖୋଜିବା, ତେବେ ଶତାଧିକ ଥର ମହାଭାରଥ, ଭ୍ରାଥା, ଭରଥ ପରି ଶବ୍ଦ ନିକଟରେ ଝୁଣ୍ଟିପଡିବା। ଆମକୁ ଏବେ ଏହା ଅଡୁଆ ଲାଗିପାରେ, କିନ୍ତୁ ଏକଥା ସତ ଯେ ପ୍ରାଚୀନ କାଳରେ ଓଡ଼ିଶାର ଜନଜୀବନରେ ଏହା ହିଁ ପ୍ରଚଳିତ ଥିଲା। ଅଳ୍ପ ପ୍ରାଣ ଓ ମହାପ୍ରାଣ ଧ୍ୱନି ପରସ୍ପର ନିକଟରେ ଥାଇ ଉଚ୍ଚାରଣବେଳେ ପରସ୍ପର ପ୍ରଭାବିତ ହେବା ଖୁବ ସାଧାରଣ କଥା। ଓଡ଼ିଶା ପରି ଆଦିବାସୀ ଜନବହୁଳ ରାଜ୍ୟରେ, ଯେଉଁମାନଙ୍କ ଭାଷାରେ ମହାପ୍ରାଣ ବର୍ଣ୍ଣ ଅନୁପସ୍ଥିତ, ସେମାନେ ନୂତନ ଶବ୍ଦଟିଏ ଉଚ୍ଚାରଣ ବେଳେ, ମହାପ୍ରାଣ ସ୍ଥାନରେ ଅଳ୍ପପ୍ରାଣ ଓ ଅଳ୍ପପ୍ରାଣ ସ୍ଥାନରେ ବେଳେବେଳେ ମହାପ୍ରାଣ ଉଚ୍ଚାରଣ କରିବା ଖୁବ ସ୍ୱାଭାବିକ। ଏଣୁ ଭାରତ-ଭାରଥ, ଭରତ-ଭରଥ, ହାତ-ହାଥ ହେବା ଅଧିକ ସମ୍ଭାବନାପୂର୍ଣ୍ଣ। କେହି କେହି କହନ୍ତି ଏହା ମହାଭାରତର ଶୀର୍ଷକ ରୂପେ ରହିବା ଯୁକ୍ତିଯୁକ୍ତ ମନେହେଉ ନାହିଁ। ବ୍ୟାସକବିଙ୍କ ମହାଭାରତ ନାମକୁ ଏହା ବିକୃତ କରୁଛି। କିନ୍ତୁ ଏଠାରେ ମନେରଖିବାକୁ ହେବ ଯେ, ଯଦି ପାଠ୍ୟ ଭିତରେ କବି ସାରୋଳାଦାସ ପ୍ରାୟ ସମସ୍ତ ସ୍ଥାନରେ ମହାଭାରଥ ଲେଖିଛନ୍ତି, ଏହା ଶୀର୍ଷକ ହେଲେ ଅସୁବିଧା କ'ଣ ? ଅଧିକନ୍ତୁ, ଏହା ଏଇ ସଂସ୍କରଣର ସ୍ୱତନ୍ତ୍ର ପରିଚିତ ରୂପେ ଚିହ୍ନିତ ହେବ।

> **ଅଳ୍ପ ପ୍ରାଣ ଓ ମହାପ୍ରାଣ ଧ୍ୱନି ପରସ୍ପର ନିକଟରେ ଥାଇ ଉଚ୍ଚାରଣବେଳେ ପରସ୍ପର ପ୍ରଭାବିତ ହେବା ଖୁବ ସାଧାରଣ କଥା।**

ଦିନେ ଜଣେ ବନ୍ଧୁ କଥା ପ୍ରସଙ୍ଗରେ କହିଲେ : 'ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି ପାଠ୍ୟ ମଧ୍ୟରେ ମହାଭାରତ ଲେଖିଥିଲେ ହେଁ ନାମକରଣ ବେଳେ କାହିଁକି ସେ ମହାଭାରତ ଶବ୍ଦଟି ବାଛିଲେ ? 'ମତେ ଲାଗେ, ଏହା ତାଙ୍କ ବ୍ୟକ୍ତିଗତ ରୁଚି ହୋଇପାରେ, ହୋଇପାରେ ଜନାଦୃତ ବଜାର ସଂସ୍କରଣର ପ୍ରଭାବର ପ୍ରତିଫଳ। ପ୍ରଥମେ ଏହାର ଛନ୍ଦକୁ ପରିବର୍ତ୍ତନ କରି, ଯେଉଁ ନିର୍ଭୀକତାର ପରିଚୟ ସେ ଦେଇଛନ୍ତି, ମହାଭାରତର ନାମର ପରିବର୍ତ୍ତନ କରି ଆହୁରି ବିରୋଧର ସମ୍ମୁଖୀନ ହେବା ପାଇଁ ସେ ଚାହିଁ ନାହାନ୍ତି। ଏତଦ୍ ଭିନ୍ନ ଅନ୍ୟ ଏକ ସମ୍ଭାବନା ମଧ୍ୟ ରହିଛି। ତାହା ହେଲା, ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ମୃତ୍ୟୁ ପରେ

ମହାଭାରତ ପ୍ରକାଶନର ଦାୟିତ୍ୱରେ ଥିବା ବ୍ୟକ୍ତିମାନେ ମହାଭାରଥ ପରିବର୍ତ୍ତେ ମହାଭାରତ ଲେଖିବାକୁ ଉଚିତ ମନେକରିଛନ୍ତି। ଯେମିତି, ସେମାନେ ମନେକରିଛନ୍ତି, ଆର୍ତ୍ତବଲ୍ଲଭ ମହାନ୍ତି ଲେଖିଥିବା ଭୂମିକାଟି ଅପ୍ରାସଙ୍ଗିକ ଓ ଅସ୍ପଷ୍ଟ। (ମହାନ୍ତି : ୨୦୧୮: ୨୬)

### ମହାପ୍ରାଣର ବ୍ୟବହାର

ଶେଷରେ ଆଉ ଏକ କଥା ଲେଖି ପ୍ରବନ୍ଧକୁ ସମାପ୍ତ କରାଯାଇପାରେ। ତ୍ରୟୋଦଶ ଶତାବ୍ଦୀରୁ ପଞ୍ଚଦଶ ଶତାବ୍ଦୀ ମଧ୍ୟରେ ପ୍ରଦତ୍ତ ଓ ଲିଖିତ ଅଭିଲେଖମାନଙ୍କର ଭାଷାରେ ଏହି ଅଳ୍ପପ୍ରାଣ ସ୍ଥାନରେ ମହାପ୍ରାଣର ବ୍ୟବହାର କେତେ ଅଧିକ। ପୋଥିର ଭାଷା ସିନା ପରିବର୍ତ୍ତନଶୀଳ, ଶିଳାଲେଖ ଓ ଅଭିଲେଖର ଭାଷା କିନ୍ତୁ ସ୍ଥିର, ଏହାର ପରିବର୍ତ୍ତନ ନାହିଁ। ନରସିଂହଦେବଙ୍କ ଭୁବନେଶ୍ୱର ଦ୍ୱିଭାଷିକ ଶିଳାଲେଖରେ ଏବଂ କପିଳେଶ୍ୱର ଦେବଙ୍କ ପୁରୀ ମନ୍ଦିରସ୍ଥ ଜୟବିଜୟ ଦ୍ୱାରର ଡାହାଣ ପାର୍ଶ୍ୱରେ ଥିବା ଶିଳାଲେଖରେ ହାତ ପରିବର୍ତ୍ତେ ହାଥ ଲେଖା ହୋଇଛି। ଏଠାରେ ତ ଧ୍ୱନିର ମହାପ୍ରାଣୀଭବନ ଘଟିଛି ଓ ଏହା ତା'ର ପୂର୍ବଧ୍ୱନି ହ ର ପ୍ରଭାବ। ( ତ୍ରିପାଠୀ : ୧୯୬୨ :୨୨୭ ଓ ୨୬୫) ଏପରି ଅନେକ ଉଦାହରଣ ଓଡ଼ିଆ ଅଭିଲେଖମାନଙ୍କରୁ ଦିଆଯାଇପାରିବ।

> **ପୋଥିର ଭାଷା ସିନା ପରିବର୍ତ୍ତନଶୀଳ, ଶିଳାଲେଖ ଓ ଅଭିଲେଖର ଭାଷା କିନ୍ତୁ ସ୍ଥିର, ଏହାର ପରିବର୍ତ୍ତନ ନାହିଁ।**

ଓଡ଼ିଆ ଭାଷା ଏବେ ଭାରତର ଏକ ଶାସ୍ତ୍ରୀୟମାନ୍ୟତା ପ୍ରାପ୍ତ ଭାଷା। ପ୍ରାୟ ଦୁଇ ହଜାର ବର୍ଷର ଭାଷିକ ବିବର୍ତ୍ତନର ଅଖଣ୍ଡ ପ୍ରବାହ ଏହାର ମୂଳଆତ୍ମା। ଓଡ଼ିଆ ପୋଥି ସମ୍ପାଦନାବେଳେ ଆମକୁ ଏ କଥା ସବୁବେଳେ ମନେରଖିବାକୁ ହେବ। ଅତୀତରେ ସମକାଳର ପାଠକମାନଙ୍କ ପାଇଁ ପୋଥି ସଂପାଦିତ ହେଉଥିଲା। ତା'ର ବ୍ୟବସାୟିକ ସଫଳତା ପ୍ରତି ପ୍ରକାଶକମାନେ ସତର୍କ ଥିଲେ। ଆଜି ସାରୋଳଦାସଙ୍କ ମହାଭାରଥ ଐତିହାସିକ ଦଲିଲ ରୂପେ ପରିକଳ୍ପିତ। ଭାଷାର ପ୍ରାଚୀନତା ଓ କଥନର ସ୍ପଷ୍ଟତା ପ୍ରତି ଏହା ଅଧିକ ବିଶ୍ୱସ୍ତ। ଏହି ପ୍ରସଙ୍ଗରେ ଆଉ ଏକ କଥା ମଧ୍ୟ ବିଚାରକୁ ଆସେ। ଶ୍ରୋତା-କୈନ୍ଦ୍ରିକ ଶ୍ରବଣପ୍ରଧାନ ପାଠ୍ୟର ଅସଙ୍ଗତି ସହଜରେ ଧରାପଡ଼େ ନାହିଁ, ଶ୍ରୋତା ଶୁଣେ ଓ ଭୁଲିଯାଏ। ଏବେ ପାଠକ-କୈନ୍ଦ୍ରିକ ପଠନପ୍ରଧାନ ପୁଣି ଗବେଷଣା ଓ ନିବିଡ଼ ପଠନ ପାଇଁ, ପାଠନିର୍ମାଣବେଳେ ସଂପାଦନା କର୍ମ ଅଧିକ ଶ୍ରମସାପେକ୍ଷ ହେବା ପାଇଁ ବାଧ୍ୟ। ବନପର୍ବର ବଡ଼ ଦେଉଳ ତୋଳା କାହାଣୀ ଓ ମୂଷଳୀ ପର୍ବର ଦାରୁ ନିର୍ମାଣ କାହାଣୀ ମଧ୍ୟରେ ସଙ୍ଗତି ଖୋଜିଲେ ନ ମିଳିପାରେ। ଏହା ଲେଖନକାର କି କବିଙ୍କ ଭ୍ରାନ୍ତି ସ୍ଥିର କରିବା କଠିନ ବ୍ୟାପାର। ତା'ର ପାଠ ସ୍ଥିର କରିବା ଓ ଜନଶ୍ରୁତିରେ ପ୍ରଚଳିତ କଥା ପରମ୍ପରାର ପ୍ରତିକୂଳରେ ଯାଇ ତା'ର ଠିକ ଉପସ୍ଥାପନ ସଂପାଦକମାନଙ୍କ ପାଇଁ ଦୁରୂହ ଓ ଦୁଃସାହସିକ କର୍ମ। ଏସବୁ ମଧ୍ୟରେ ସାରୋଳଦାସଙ୍କ ମହାଭାରଥର ସୃଷ୍ଟି। ବ୍ୟକ୍ତିଗତ ମତ ଓ ପ୍ରଚଳିତ ପୂର୍ବାଗ୍ରହକୁ ପରିତ୍ୟାଗ କରି, ଆମେ ସାରୋଳଦାସ ମହାଭାରଥର ନିର୍ମାଣରେ ମତାମତ ଦେବାବେଳେ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଗ୍ରହଣ କରିବା ଉଚିତ ହେବ।

### ସହାୟକ ସୂଚୀ

୧. ମହାପାତ୍ର ବିଜୟ ପ୍ରସାଦ (୧୯୮୩) ଓଡ଼ିଆ ଭାଷାତାତ୍ତ୍ୱିକ ପ୍ରବନ୍ଧ, ଗ୍ରନ୍ଥମନ୍ଦିର, କଟକ।

୨. ମହାପାତ୍ର ଧନେଶ୍ୱର (୧୯୯୪ ୨ୟ ସଂ) ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ ଫ୍ରେଣ୍ଡସ, ପବ୍ଲିସର୍ସ, କଟକ-୨।

୩. ମହତାବ ହରେକୃଷ୍ଣ (୧୯୭୭) ସାରୋଳା ସମୀକ୍ଷା, ଝଙ୍କାର, ବିଷୁବ ସଂଖ୍ୟା।

୪. ମହାନ୍ତି ଗୋପୀନାଥ (୨୦୧୮) ଗବେଷକ ଦୃଷ୍ଟିରୁ ସାରୋଳ ମହାଭାରତ, ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର।

୫. ଧଳ ଜି.ବି (୧୯୬୬) ଆସ୍ପିରେସନ ଇନ୍ ଓଡ଼ିଆ, ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

୬. ତ୍ରିପାଠୀ କୁଞ୍ଜ ବିହାରୀ (୧୯୬୨) ଦି ଇଭୋଲ୍ୟୁସନ ଅଫ୍ ଓଡ଼ିଆ ଲାଙ୍ଗୁଏଜ୍ ଆଣ୍ଡ ସ୍କ୍ରିପ୍ଟ, ଉତ୍କଳ ବିଶ୍ୱବିଦ୍ୟାଳୟ।

□□

ଲେଖକଙ୍କ ଇ-ମେଲ ଠିକଣା:
skrathbgr@gmail.com



କବିତା

# ତୁମଘର ତୁମ ଗାଁ : ବାଇଚଢେଇ

ପୀୟୂଷ ପଟ୍ଟନାୟକ



(୧)

ଦିଗବିଦିଗ ଅରୁଣିମା ଅଧୁଷିତ ଲୋହିତ ସମୟ
ତୁମ ଗାଁ ସକାଳ ତ ଏ ଜୀବନେ ଅନନ୍ତ ବିସ୍ମୟ
ଦୂରାଗତ ପକ୍ଷୀଙ୍କର ଅନାବୃତ କୋମଳ କାକଳୀ
ସେ ଗାଁ ସକାଳେ ଭରେ ବିଶ୍ୱାସିତ ମୁଗ୍ଧିତ ମାଧୁରୀ।

ଶ୍ରାବଣ ସକାଳେ ଯେବେ କିଛିକ୍ଷଣ ସୂର୍ଯ୍ୟ ଦେଖାଦିଏ
ଛୋଟ ଏକ ପକ୍ଷୀଟିଏ ମନର ଯେ କ୍ଷତ ଭରିଦିଏ
ସେ ନୁହେଁ ତ କେହି ଆଉ ତୁମ ଛଡ଼ା ହେ ବାଇଚଢ଼େଇ
ଗଢ଼ିବାରେ ଯାହା ଘର, ଚଞ୍ଚୁ କେବେ କ୍ଲାନ୍ତ ହୋଇନାହିଁ।

ବସିଥାଅ ନିର୍ବିକାର ଯେତେ ଝଡ଼ ଆସୁ ଏ ଜୀବନେ
ଦୁଃଖଦ ବର୍ଷାର କ୍ଲିଷ୍ଟ ଅନୁଭବ ଅବା ସେ ପବନେ
ଆଶୀର୍ବାଦ ପ୍ରକୃତିର ତୁମ ପରେ ହେ ବାଇଚଢ଼େଇ
ସ୍ଥିର ସ୍ଥିତପ୍ରଜ୍ଞ ରୁହ ସମୟର ନିର୍ଦ୍ଦୟତା ସହି।

ତୁମେ ସିନା ବାଣ୍ଟ ନାହିଁ ଜୀବନର ଏ ମହାନ ଦୀକ୍ଷା
ବ୍ୟତିକ୍ରମ ଏ ଜନମେ ଏହା, ଏଇତ ଏ ମହତ ଶିକ୍ଷା ।

(୨)

ଜୀବନର କାରାଗାରେ ବନ୍ଧା ସିନା ଏଇ ଦେହ ମନ
ପାରିନୁ ତ ବାନ୍ଧି କିନ୍ତୁ ଆମ ଶଇଶବ ସ୍ମୃତି ଚିହ୍ନ
ଧାଡ଼ି ଧାଡ଼ି ତାଳ ବଣେ ତୁମ ବସା ହେ ବାଇ ଚଢ଼େଇ
ଅଳସ ମଧ୍ୟାହ୍ନେ ଆମ, ତୁମ ସହ ବନ୍ଧୁତ୍ୱର ଦ୍ୱାହି।

ସମୟର କଳସରେ କ୍ଷୀଣ ହୁଏ ଜୀବନର ଜଳ
ନିମଜ୍ଜିତ ଅତୀତରେ ଆଜି ସିନା ଶୈଶବ କୈଶୋର
ମନେ ପଡ଼େ ଉଦାସୀ ରାତିରେ ବନ୍ଧୁତାର ସ୍ମୃତି ସେଇ
ବିଗତ ସେ ସମୟର ପୁରାତନ ବାକ୍ସ ଖୋଲିଦେଇ।

ଭରପୂର ଜୋଛନାରେ ଉଦ୍ଭାସିତ ସାରା ଆକାଶଟା
ମିଞ୍ଜିମିଞ୍ଜି ତାରାଫୁଲେ ନିର୍ବାସିତ ଅନ୍ଧାର ଘନତା
ତୁମେ ସେବେ ମନେ ପଡ଼ ନିବିଡ଼ିତ ହୃଦୟାଭ୍ୟନ୍ତରେ
ସାମୟିକ ଜଡ଼ତାର ସଂଜୀବନୀ ହାତେ ଧରି ବାରେ।

ସେମିତି ତ ଆସୁଥାଅ ଆମ ପାଶେ ହେ ବାଇଚଢ଼େଇ
ଜୀବନର କିୟଦଂଶ ବିତିଯିବ ତୁମ ସଙ୍ଗ ପାଇ।

□□

କବିଙ୍କ ଇ-ମେଲ ଠିକଣା:
piyushapatnaik@gmail.com

ଗଳ୍ପ

# ଦୁଇଟି ମିନିଗଳ୍ପ



ଆରତୀ ସାହୁ

## ଶୀତରାତି

ହୁଶ୍, ଶୀତ କାଇଁ ଯେ ? ନେ ମୋ ଚଦରଟା ବି ଘୋଡ଼ାଇ ହେଇପଡ଼। ଅଇଛାଁ ସକାଳ ହେଇଯିବ। ସୂରୁଜ ମାହାପୁରୁକୁ ଡରି ଶୀତ କୁଆଡ଼େ ବୋଇଲେ କୁଆଡ଼େ ନୁଚିବ। ତୁ ଶୋଇପଡ଼।

ବେଳକେ ଘାରୁଥିବା, ବେଳକେ ଭାଙ୍ଗୁଥିବା ଫୁଟପାଥିଆ ନିଦରେ ବି ମାଆର ଉଷ୍ମିଳ ହାତର ସ୍ପର୍ଶ ବାରୁ ବାରୁ ମାଆ ଚଦରର ଉଷୁମ ଟାଣୁ ଟାଣୁ ସୋନୁ କ୍ଷେପିଯାଏ କେଉଁ ସପନବଣକୁ।

ବୋଉର ହାତଟା ସତେ କି ଆହୁରି ଉଷୁମ ହେଇ ଯାଉଛି।

ଆଖି ଖୋଲିଲା ବେଳକୁ ସୂର୍ଯ୍ୟ ମାହାପୁରୁଙ୍କ ହାତ ତା' ଦେହରେ।

- ଆରେ ହେ ପିଲା, ଉଠୁ ଉଠୁ। ତୋ ମାଆ ଆଉ ନାହିଁରେ ! ଉଠ୍ ମୁର୍ଦାରଟା ଆମେ ନେଇଯାଉ।

ମୁନିସିପାଲିଟି କର୍ମଚାରୀ ତାକୁ ସେଇ ବାଡ଼ିରେ କେଞ୍ଚୁଥିଲା, ଯେଉଁଥିରେ ତା' ମାଆର ଶବଟାକୁ ଓଲଟ ପାଲଟ କରୁଥିଲା।

ସୋନୁ ଉଠିପଡ଼ି ତାରି ଛିଣ୍ଡାକାନିରେ ଘୋଡ଼େଇ ହୋଇଥିବା ତା' ମାଆର ଦାଡ଼ଙ୍ଗି ଯାଇଥିବା ଶବଟାକୁ ଦେଖୁଥିଲା, ଆଉ ଭାବୁଥିଲା ଆଜିକା ରାତିଟା ପୁଣି କେତେ ହେମାଳ ହେବ।



## ବୁମେରାଂ

ଗୁଡୁଲ୍ ଆମ ଦୁହିଁଙ୍କୁ ଟାଣୁଥିଲା ଅତି ଆଗ୍ରହରେ।

- ପାପା, ମାମା, ଆସନା, ମୁଁ କେମିତି ଗୋଟିଏ ହାଉସ୍ ସ୍କେଚ କରିଛି ଦେଖିବ।

- ଆରେ ରହ ବାବା, ମୋର ପରା କେତେ କାମ, ଅଫିସ୍‌ର।

- ପାପା ତୁମେ ହୋମଓ୍ୱର୍କ ଜମା ଭଲସେ କରୁନ। ଦେଖୁନ ମୁଁ ମୋର ଟାସ୍କ କେତେବେଳୁ ସାରିଲିଣି।

- ପାରିହବନି ତୋତେ। ହଉ ଚାଲ ଦେଖିବା।

ସେ ଉତ୍‌ଫୁଲ୍ଲିତ ଓ ଅତି ଉତ୍ତେଜିତ ହୋଇ ଦେଖଉଥାଏ ସତେକି ତାହା ଦୁନିଆର ସର୍ବଶ୍ରେଷ୍ଠ କୃତି।

- ବାବା ଏଇଟା ମୋର ଆଉ ମୋ ଗର୍ଲଫ୍ରେଣ୍ଡ ଶୈଲୀର ବେଡରୁମ। ଏଇଟା ଆମ ଗୁଡୁଲର ବେଡରୁମ। ଏଇଟା ଗେଷ୍ଟରୁମ। ଏଇଟା ଡ୍ରଇଂରୁମ। ଏଇଟା ସ୍ୱିମିଂପୁଲ ଆଉ ତା ଭିତରେ ଫିସ୍। ଆଉ ଏଇଟା ଆମ ଗାର୍ଡେନ। ଏଇଟା ସର୍ଭେଣ୍ଟ ରୁମ। ଆଉ ଏଇଟା ...

ମଝିରୁ କଥା କାଟିଲି,

- ଆଚ୍ଛା ବାବା, ତୋ ମାମା ପାପାର ରୁମ୍ କାହିଁ ?

- ପାପା, ତୁମେ କିଛି ମନେ ରଖୁନ। ଦେଖେଇଲି ପରା ଗେଷ୍ଟରୁମ। ତୁମେ ଗାଁରୁ ଆସିଲେ ଏଇ ଗେଷ୍ଟରୁମରେ ରହିବ ନା। ଯେମିତି ଗ୍ରେନି ଆଉ ଗ୍ରାନପା ରହନ୍ତି।

ଆମେ ପରସ୍ପର ମୁହଁ ଚାହାଁଚାହିଁ ହେଉଥିଲୁ। ଗୁଡୁଲ୍ ତା' ଘରର ସୁନେଲି ସ୍ୱପ୍ନରେ ମସଗୁଲ ଥିଲା।

□□

ଲେଖିକାଙ୍କ ଇ-ମେଲ ଠିକଣା:
sahooarati10@gmail.com



ପ୍ରବନ୍ଧ

# ଆମ ସାରସ୍ୱତ ଐତିହ୍ୟର ସ୍ମାରକୀ 'କଳାହାଣ୍ଡି ପତ୍ରିକା'

ଡ. ଦୋଳଗୋବିନ୍ଦ ବିଶୀ

ଆଧୁନିକ ଓଡ଼ିଆ ସାହିତ୍ୟର ଇତିହାସରେ ଓଡ଼ିଆ ସମ୍ବାଦପତ୍ର ଓ ପତ୍ରିକାର ଅଭ୍ୟୁଦୟ ତଥା ବିକାଶକ୍ରମ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ। ଊନବିଂଶ ଶତାବ୍ଦୀର ପଚାଶ ଦଶକରୁ ବିଂଶ ଶତାବ୍ଦୀର ପଚାଶ ଦଶକ ଯାଏଁ ଦୀର୍ଘ ଏକଶତ ବର୍ଷର ପ୍ରକାଶନଧାରାରେ ତିରିଶ ଓ ଚାଳିଶ ଦଶକରେ ପ୍ରକାଶିତ ହୋଇଥିବା ସମ୍ବାଦପତ୍ର ଓ ପତ୍ରିକାମାନ ଅଭିଲେଖିକ ଦୃଷ୍ଟିକୋଣରୁ ଅତି ମୂଲ୍ୟବାନ। ପ୍ରଦେଶର ସାମାଜିକ, ସାଂସ୍କୃତିକ, ଧାର୍ମିକ, ରାଜନୈତିକ ଏବଂ ସାରସ୍ୱତ ଦୃଶ୍ୟପଟ୍ଟ ତଥା ଜାତୀୟ-ଆନ୍ଦୋଳନର କଥା ସମ୍ପର୍କରେ ଏହି ସମୟଖଣ୍ଡର ପତ୍ରପତ୍ରିକାରୁ ଆମକୁ ସମ୍ପୂର୍ଣ୍ଣ ତଥ୍ୟ ମିଳିଥାଏ। ବିଂଶ ଶତାବ୍ଦୀର ପଚାଶ ଦଶକ ଯାଏଁ ପ୍ରାୟ ପନ୍ଦରଟି ସମ୍ବାଦପତ୍ର ଓ ସତୁରିଟି ପତ୍ରିକା ପ୍ରକାଶିତ ହେଉଥିଲା। ଗର୍ବ ଓ ଗୌରବର ବିଷୟ ଯେ, ପତ୍ରିକା ପ୍ରକାଶନ ପରି ଏକ ଜାତୀୟକର୍ତ୍ତବ୍ୟ ସଂପାଦନରେ କଳାହାଣ୍ଡିମାଟି ଆଦୌ ଅବହେଳା କରି ନ ଥିଲା, ଅଧିକନ୍ତୁ ସେହି ସମୟରେ ଇତିହାସ ଓ ପତ୍ନତାତ୍ତ୍ୱିକ ଗବେଷଣା ଓ ସାହିତ୍ୟ ଚର୍ଚ୍ଚା ଦିଗରେ ତଥା ପ୍ରକାଶନ କ୍ଷେତ୍ରରେ ବେଶ୍ ଆଗୁଆ ରହିଥିଲା। ସେତେବେଳେ ଓଡ଼ିଶାର ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ କଳାହାଣ୍ଡି ଥିଲା ଏକ ପ୍ରମୁଖ ଗଡ଼ଜାତ ରାଜ୍ୟ। ଏହି ରାଜ୍ୟ ଗଡ଼ଜାତ ମିଶ୍ରଣ ପରେ ଜିଲ୍ଲାରେ ପରିଣତ ହେଲା।

**ପତ୍ରିକା ପ୍ରକାଶନ ପରି ଏକ ଜାତୀୟକର୍ତ୍ତବ୍ୟ ସଂପାଦନରେ କଳାହାଣ୍ଡିମାଟି ଆଦୌ ଅବହେଳା କରି ନ ଥିଲା।**

୧୯୪୫ ମସିହାରେ ଦୁଇଟି ଗଡ଼ଜାତ ରାଜ୍ୟରୁ ଦୁଇଟି ଉଲ୍ଲେଖନୀୟ ପତ୍ରିକା ପ୍ରକାଶ ପାଇଥଲା। ତାହା ହେଉଛି ବାମଣ୍ଡା ରାଜ୍ୟରୁ 'ଶଙ୍ଖ' ଓ କଳାହାଣ୍ଡି ରାଜ୍ୟରୁ 'କଳାହାଣ୍ଡି ପତ୍ରିକା'। ଏହି ସମୟରେ ପଡ଼ୋଶୀ ପାଟଣା (ବଲାଙ୍ଗୀର-ପାଟଣା) ରାଜ୍ୟରୁ ପ୍ରକାଶିତ ହେଉଥିଲା- ପାଟଣାଦୀପିକା ଓ ସେହି ପାଟଣା ରାଜ୍ୟରୁ 'କଳାହାଣ୍ଡି ପତ୍ରିକା' ପ୍ରକାଶନର ଗୋଟିଏ ବର୍ଷ ପରେ ୧୯୪୬ରେ ପ୍ରକାଶ ପାଇଲା ସାରସ୍ୱତ ଓ ସାଂସ୍କୃତିକ ଆଲେଖ୍ୟର ବାର୍ତ୍ତାବହ 'ଚତୁରଙ୍ଗ' ପତ୍ରିକା। ଗଡ଼ଜାତ ରାଜ୍ୟମାନଙ୍କ ମଧ୍ୟରେ ପ୍ରକାଶନ କ୍ଷେତ୍ରରେ ମୟୂରଭଞ୍ଜ ସବୁଠାରୁ ଆଗୁଆ ଥିବାର ମନେହୁଏ। କଳାହାଣ୍ଡିର 'କଳାହାଣ୍ଡି ପତ୍ରିକା' ଓ 'ପାଟଣାର ପାଟଣାଦୀପିକା' ଏବଂ 'ଚତୁରଙ୍ଗ' ପ୍ରକାଶନର ବହୁ ପୂର୍ବରୁ ୧୮୭୮ ମସିହାରେ ମୟୂରଭଞ୍ଜ ରାଜ୍ୟରୁ ପ୍ରକାଶ ପାଇଥିଲା 'ମୟୂରଭଞ୍ଜ' ପତ୍ରିକା (ପାକ୍ଷିକ) ଯାହା ପରେ ୧୯୩୪ ମସିହାରେ 'ଭଞ୍ଜପ୍ରଦୀପ' ନାମରେ ନାମିତ ହୋଇ ପ୍ରକାଶିତ ହେଲା। ୧୯୩୧ ମସିହାରେ ସେହି 'ମୟୂରଭଞ୍ଜ' ରାଜ୍ୟରୁ ପ୍ରକାଶିତ ହେଲା ଦୁଇଟି ରାଜକୀୟ ପତ୍ରିକା 'ମୟୂରଭଞ୍ଜ ଗେଜେଟ୍' ଓ 'ମୟୂରଭଞ୍ଜ କ୍ରୋନିକଲ୍'। ପ୍ରକାଶନର ଉଦ୍ଦେଶ୍ୟ ତଥା ଆଙ୍ଗିକ ଓ ଆତ୍ମିକ ବୈଶିଷ୍ଟ୍ୟଦୃଷ୍ଟିରୁ ମୟୂରଭଞ୍ଜ ଗେଜେଟ୍, ମୟୂରଭଞ୍ଜ କ୍ରୋନିକଲ, ପାଟଣାଦୀପିକା ଓ କଳାହାଣ୍ଡି ପତ୍ରିକା ମଧ୍ୟରେ ସମାନତା ପରିଲକ୍ଷିତ ହୁଏ। ପୁନଶ୍ଚ ସମରୂପତା ଦୃଷ୍ଟିରୁ ପାକ୍ଷିକ ଉତ୍କଳପୁତ୍ର (୧୮୭୩), ସାପ୍ତାହିକ ପୁରୁଷୋତ୍ତମ ପତ୍ରିକା (୧୮୮୨), ସାପ୍ତାହିକ ଓଡ଼ିଆ (୧୮୮୭), ସାପ୍ତାହିକ ନବସମ୍ବାଦ (୧୮୮୭), ମାସିକ ସାମ୍ୟବାଦୀ (୧୮୮୮), ସାପ୍ତାହିକ ଷ୍ଟାର ଅଫ୍ ଉତ୍କଳ୍ (୧୯୦୫), ସାପ୍ତାହିକ ପ୍ରଜାତନ୍ତ୍ର (୧୯୨୩), ମାସିକ ଲୋକମତ (୧୯୩୬), ସାପ୍ତାହିକ ହୀରାଖଣ୍ଡ (୧୯୩୮) ଇତ୍ୟାଦିକୁ ବିଚାର କରାଯାଇପାରେ। ଏଠାରେ ସ୍ପଷ୍ଟ କରିଦିଆଯାଇପାରେ ଯେ, ପ୍ରଥମ ପର୍ଯ୍ୟାୟରେ ପ୍ରକାଶିତ ହେଉଥିବା ସାପ୍ତାହିକ, ପାକ୍ଷିକ ବା ମାସିକ ସମ୍ବାଦପତ୍ରମାନେ ହିଁ ପରବର୍ତ୍ତୀ ସମୟରେ ସାହିତ୍ୟ

ପୃଷ୍ଠାକୁ ସ୍ଥାନିତ କରିବା ସହ ପୂର୍ଣ୍ଣାଙ୍ଗ ସାହିତ୍ୟପତ୍ର ବା ପତ୍ରିକାର ବିକାଶପଥକୁ ଆଲୋକିତ କରିଥିଲେ। ଓଡ଼ିଆ ସାହିତ୍ୟର ସୃଷ୍ଟି ଓ ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା 'ପ୍ରଜାତନ୍ତ୍ର' ସମିତିର 'ପ୍ରଜାତନ୍ତ୍ର' ୧୯୨୩ ମସିହାରେ ପ୍ରଥମେ ଏକ ସାପ୍ତାହିକ ସମ୍ବାଦପତ୍ର ଭାବରେ ପ୍ରକାଶିତ ହୋଇଥିଲା ଓ ସେତେବେଳେ ଏଥିରେ କେବଳ ସମ୍ବାଦ ହିଁ ପ୍ରକାଶ ପାଉଥିଲା। ପ୍ରବନ୍ଧ, ଗଳ୍ପ କବିତା ଆଦି ଏଥିରେ ସ୍ଥାନ ପାଉ ନ ଥିଲା। ଏଥିରେ ବିଦେଶୀ, ଦେଶୀ ଓ ଆଞ୍ଚଳିକ ସମ୍ବାଦମାନ ପ୍ରକାଶିତ ହେଉଥିଲା। ପରେ ଆପଣାର କଳେବର ମଧ୍ୟରେ ସାହିତ୍ୟ ପୃଷ୍ଠାକୁ ସମାବେଶ କରି ସମୟାନ୍ତରେ ଏକାଧିକ ସ୍ୱତନ୍ତ୍ର ପତ୍ରପତ୍ରିକାକୁ ଜନ୍ମ ଦେବାରେ ସମର୍ଥ ହୋଇଥିଲା।


THE KALAHANDI PATPIKA

Bhawanipatna, the 14th June 1945 Thursday.

ଇଉରୋପ ସଂବାଦ

ଜର୍ମାନୀ ରାଜ୍ୟର ଶାସନ

**କଳାହାଣ୍ଡି ପତ୍ରିକାର ପ୍ରକାଶନ**

'କଳାହାଣ୍ଡି ପତ୍ରିକା' ୧୯୪୫ ମସିହାରେ କଳାହାଣ୍ଡି ରାଜ୍ୟର ରାଜଧାନୀ ଭବାନୀପାଟଣାରୁ ପ୍ରକାଶିତ ହୋଇଥିଲା। ୧୯୪୫ ମସିହା ଏପ୍ରିଲ ମାସ ୧୪ ତାରିଖ ମେଷ ସଂକ୍ରାନ୍ତି ବା ମହାବିଷୁବ ପଣା ସଂକ୍ରାନ୍ତିରେ ଏହାର ପ୍ରଥମ ସଂଖ୍ୟା ମୁକ୍ତିଲାଭ କରିଥିଲା ଓ ମାସିକ ପତ୍ରିକା ଭାବରେ ପ୍ରତିମାସର ସଂକ୍ରାନ୍ତି ଦିନ ପ୍ରକାଶିତ ହୋଇ ଆସୁଥିଲା। ଏହି ପତ୍ରିକାର ସଂପାଦନା ଦାୟିତ୍ୱରେ ବିଶିଷ୍ଟ ଐତିହାସିକ ଓ ପ୍ରତ୍ନତାତ୍ତ୍ୱିକ ଶ୍ରୀ କେଦାରନାଥ ମହାପାତ୍ର ଓ କୃପାସିନ୍ଧୁ ମିଶ୍ର ରହିଥିଲେ ହେଁ, ମୁଖ୍ୟ ଭାବରେ ଏହି ପତ୍ରିକାକୁ ବିଦ୍ୱାନ ଗବେଷକ କେଦାରନାଥ ମହାପାତ୍ର ହିଁ ସଂପାଦନା କରୁଥିଲେ। ଏଥିରେ କଳାହାଣ୍ଡି ରାଜ୍ୟର ସମସ୍ତ ଖବର ସମେତ ଦେଶ ବିଦେଶର ସମ୍ବାଦ, ବିବିଧ ଜ୍ଞାନବିଜ୍ଞାନ ସମ୍ବାଦ, ଗଡ଼ଜାତ ଖବର ଓ ଯୁଦ୍ଧ ଖବର ଆଦି ପ୍ରକାଶିତ ହେଉଥିଲା। କଳାହାଣ୍ଡି ରାଜ୍ୟର ଜନଜୀବନ ସମସ୍ୟା, ପ୍ରକୃତି, ରାଜୁଡ଼ା-ବ୍ୟବସ୍ଥା ଓ ଅନ୍ୟାନ୍ୟ ଖବର ମଧ୍ୟ ଏଥିରେ ପ୍ରାଞ୍ଜଳ ଭାବରେ ପ୍ରକାଶିତ ହେଉଥିଲା। କଳାହାଣ୍ଡିର ଲୋକଜୀବନ, ଇତିହାସ, ଭୂଗୋଳ, ସଂସ୍କୃତି ଓ ସମସ୍ୟାବଳୀ ସମ୍ପର୍କରେ ସଂପାଦକଙ୍କର ଯଥେଷ୍ଟ ଜ୍ଞାନ ରହିଥିବାରୁ ପତ୍ରିକାରେ ପ୍ରକାଶିତ ତଥ୍ୟମାନ ପ୍ରମାଣିକ ହୋଇପାରୁଥିଲା। ଗବେଷକମାନଙ୍କ ପାଇଁ ଏବେ ମଧ୍ୟ ଏହାର ଗୁରୁତ୍ୱ ରହିଛି।

୫ଙ୍କାର, ପ୍ରଥମବର୍ଷ ଏକାଦଶ ସଂଖ୍ୟାର ସଂପାଦକୀୟ ଲେଖାର ପ୍ରଥମ ଅନୁଚ୍ଛେଦରୁ ଜଣାପଡ଼େ ଯେ, "କଳାହାଣ୍ଡି ଓ ପାଟଣା ମହାରାଜାଙ୍କ ମିଳିତ ପୃଷ୍ଠପୋଷକତାରେ ସେତେବେଳେ 'କଳିଙ୍ଗ ଐତିହାସିକ ଗବେଷଣା ସମିତି' ପ୍ରତିଷ୍ଠିତ ହୋଇଥିଲା। ସଂପାଦକଙ୍କ ଭାଷାରେ- 'କଳିଙ୍ଗ ଐତିହାସିକ ଗବେଷଣା ସମିତି'ର ପ୍ରଥମ ସାଧାରଣ ଅଧିବେଶନ ବିଗତ ଜାନୁଆରୀ ୩୦ ତାରିଖ ଦିନ ପ୍ରସିଦ୍ଧ ପଣ୍ଡିତ ରେଭରାଣ୍ଡ ହୋରାସ୍‌ଙ୍କ ସଭାପତିତ୍ୱରେ ବଲାଙ୍ଗିରଠାରେ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନର ସ୍ଥାନ ବିବେଚନା କରି ଏହା ମୁକ୍ତକଣ୍ଠରେ କୁହାଯାଇପାରିବ ଯେ, ଅଧିବେଶନଟି ବିଭିନ୍ନ ଦିଗରୁ ସନ୍ତୋଷଜନକ ଓ ସଫଳ କାମ ହୋଇଥିଲା। ପାଟଣା ଓ କଳାହାଣ୍ଡିର ମହାରାଜାମାନେ ଏହି ଅନୁଷ୍ଠାନ ପାଇଁ ଯେଉଁ ଉତ୍ସାହ ଓ ବଦାନ୍ୟତା ପ୍ରକାଶ କରିଛନ୍ତି, ତାହା ପ୍ରଶଂସନୀୟ। ଏହି ପ୍ରଥମ ଅଧିବେଶନରେ ନିୟମିତ ଭାବରେ କାର୍ଯ୍ୟନିର୍ବାହିକା ସମିତି ଗଠିତ ହୋଇଥିଲା। କଳାହାଣ୍ଡିର ମହାରାଜା ସଭାପତି, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ଓ ଓଡ଼ିଶାର ଶିକ୍ଷାମନ୍ତ୍ରୀ ପଣ୍ଡିତ ଲିଙ୍ଗରାଜ ମିଶ୍ର ଉପସଭାପତି, ଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ଓ ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ସମ୍ପାଦକ, ପାଟଣାର ମହାରାଜ, ଶ୍ରୀ ସତ୍ୟନାରାୟଣ

ରାଜଗୁରୁ, ଶ୍ରୀ ହରେକୃଷ୍ଣ ମହତାବ୍ ପ୍ରମୁଖ ବ୍ୟକ୍ତିମାନଙ୍କୁ ଘେନି କାର୍ଯ୍ୟ ନିର୍ବାହିକା ସମିତି ଗଠିତ ହୋଇଛି। ସମିତି ପକ୍ଷରୁ ଯେଉଁ ପତ୍ରିକାଟି ବାହାରୁଥିଲା, ତାହା ବାହାରିବାର ସ୍ଥିର ହୋଇଛି ଓ ତା'ର ସମ୍ପାଦକ ହେବେ ଶ୍ରୀ କେଦାରନାଥ ମହାପାତ୍ର ଓ ଶ୍ରୀ ସତ୍ୟନାରାୟଣ ରାଜଗୁରୁ। X X X X"

ସମିତି ପକ୍ଷରୁ ଯେଉଁ ପତ୍ରିକାଟି ପ୍ରକାଶ ପାଉଥିଲା ତାହା ଥିଲା ଏକ ଐତିହାସିକ ଗବେଷଣାଧର୍ମୀ ପତ୍ରିକା ଓ ତା'ର ନାମ ରଖାଯାଇଥିଲା "*ଦି ଜର୍ନାଲ ଅଫ୍ ଦି କଳିଙ୍ଗ ହିଷ୍ଟୋରିକାଲ ରିସର୍ଚ୍ଚ ସୋସାଇଟି*"। କଳାହାଣ୍ଡିର ପ୍ରତ୍ନତାତ୍ତ୍ୱିକ ଅଧିକାରୀ ଭାବରେ ରହି କାର୍ଯ୍ୟ କରୁଥିବା ଐତିହାସିକ ଶ୍ରୀ କେଦାରନାଥ ମହାପାତ୍ର (୧୯୪୫) ଥିଲେ ଏହାର ଅନ୍ୟତମ ସଂପାଦକ। ସମିତି ଓ ପତ୍ରିକାର କାର୍ଯ୍ୟାଳୟ ଉଭୟ ଭବାନୀପାଟଣା ଓ ବଲାଙ୍ଗିରଠାରେ ଅବସ୍ଥାପିତ ଥିଲା। ସମିତିର '*କଣ୍ଟ୍ରୋଲିଂ ଅଥରିଟି*' ଥିଲେ - ଶ୍ରୀ ପ୍ରତାପ କେଶରୀ ଦେଓ, ବି.ଏଲ୍. ମହାରାଜା, କଳାହାଣ୍ଡି ରାଜ୍ୟ, ଶ୍ରୀ ସତ୍ୟନାରାୟଣ ରାଜଗୁରୁଙ୍କ ବଦଳରେ ଶ୍ରୀ ପୂର୍ଣ୍ଣଚନ୍ଦ୍ର ରଥ ଶ୍ରୀ କେଦାରନାଥ ମହାପାତ୍ରଙ୍କ ସହ ସଂପାଦକ ଭାବେ (ଯୁଗ୍ମ) ରହିଥିଲେ। (ଐତିହାସିକ ପୂର୍ଣ୍ଣଚନ୍ଦ୍ର ରଥ, ୧୯୩୮ ମସିହାରେ ପାଟଣା ରାଜ୍ୟରେ ପ୍ରତିଷ୍ଠିତ ପ୍ରତ୍ନତାତ୍ତ୍ୱିକ ବିଭାଗର ଅଧକ୍ଷ ଭାବରେ କାର୍ଯ୍ୟ କରିଆସୁଥିଲେ। ଝଙ୍କାର ପତ୍ରିକାର ସଂପାଦକୀୟ ଉଦ୍ଧୃତି ସହ ଏସବୁ ସୂଚନା ଦେବାର ଅଭିପ୍ରାୟ ହେଉଛି କଳାହାଣ୍ଡି ସହିତ କଳାହାଣ୍ଡି ପତ୍ରିକାର ସଂପାଦକଙ୍କ ସଂପର୍କକୁ ଜଣାଇଦେବା। ତତ୍କାଳୀନ କଳାହାଣ୍ଡି ମହାରାଜା କଳାହାଣ୍ଡିର ରାଜକୀୟ ପତ୍ରିକା (କଳାହାଣ୍ଡି ପତ୍ରିକା) ନିମନ୍ତେ ଯଥାର୍ଥ ଭାବରେ ଯୋଗ୍ୟ ବିବେଚନା କରି ଶ୍ରୀ କେଦାରନାଥ ମହାପାତ୍ରଙ୍କୁ ସଂପାଦକ ଦାୟିତ୍ୱ ଅର୍ପଣ କରିଥିଲେ।

**ତଥ୍ୟଭିତ୍ତିକ ଦସ୍ତାବେଜ**

କଳାହାଣ୍ଡି ପତ୍ରିକାକୁ ତତ୍କାଳୀନ କଳାହାଣ୍ଡି ରାଜ୍ୟର ତଥ୍ୟଭିତ୍ତିକ ଦସ୍ତାବିଜ୍ କହିଲେ ଅତ୍ୟୁକ୍ତି ହେବ ନାହିଁ। ସେହି କାଳର କଳାହାଣ୍ଡି ଜନମାନସର ସ୍ୱରୂପ ଏହି ପତ୍ରିକାର ପୃଷ୍ଠାମାନଙ୍କରୁ ସ୍ପଷ୍ଟ ବାରିହୋଇପଡ଼େ। ବିଶେଷ ଭାବରେ କୃଷି, ବାଣିଜ୍ୟ, ଚିକିତ୍ସା, ଗମନାଗମନ, ସୁଶାସନ ନୂତନଜ୍ଞାନ କୌଶଳ ଓ ଅର୍ଥ-ସାମାଜିକ ବିକାଶ ଦିଗରେ ରାଜଶକ୍ତି ସହ ଜଡ଼ିତ ପ୍ରଶାସନ ବିଭାଗ ଓ ବୌଦ୍ଧିକ ସଭା କଳାହାଣ୍ଡି ରାଜ୍ୟ ନିମନ୍ତେ କିପରି ବିଭିନ୍ନ ଯୋଜନାର ରୂପରେଖ ତିଆରି କରୁଥିଲେ ତଥା ଚେଷ୍ଟିତ ଥିଲେ ସେ ସମ୍ପର୍କିତ ତଥ୍ୟ ପତ୍ରିକାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ ସମ୍ବାଦମାନଙ୍କରୁ ଜଣାପଡ଼ିଥାଏ। ନିମ୍ନରେ କେତୋଟି ଦୃଷ୍ଟାନ୍ତ ଉଲ୍ଲେଖ କରାଯାଇଛି।

(କ) କଳାହାଣ୍ଡିରେ ଜଳସେଚନର ସୁବ୍ୟବସ୍ଥା ନିମନ୍ତେ ସେହି ସମୟରେ ରାଜ ଦରବାର ଅନେକ ଯୋଜନା ପ୍ରସ୍ତୁତ କରୁଥିବାର ଏକ ଉଲ୍ଲେଖନୀୟ ସମ୍ବାଦ ପ୍ରକାଶ ପାଇଥିଲା। ପତ୍ରିକାର ପ୍ରଥମବର୍ଷ ତୃତୀୟ ସଂଖ୍ୟାରେ (ତା.୧୪/୬/୪୫ ଗୁରୁବାର (ରଜ ସଂକ୍ରାନ୍ତି)। ସମ୍ବାଦର ଶୀର୍ଷକ ଥିଲା "କଳାହାଣ୍ଡିର ଜଳସେଚନ ବ୍ୟବସ୍ଥା" (ପୃଷ୍ଠା-୨) ସମ୍ବାଦଟି ଥିଲା ଏହିପରି-କଳାହାଣ୍ଡିରେ ଜଳସେଚନର ବ୍ୟବସ୍ଥା କରି ଅଧିକ ଶସ୍ୟ ଉତ୍ପାଦନ କରିବା ନିମନ୍ତେ ଦରବାର ଅନେକ ଯୋଜନା ପ୍ରସ୍ତୁତ କରୁଅଛନ୍ତି। ଶଗଡ଼ା, ହାତୀ ପ୍ରଭୃତି ନଦୀମାନଙ୍କରୁ ପାଣି ନେଇ ଚାଷଯୋଗ୍ୟ ଜମିମାନଙ୍କରେ ଜଳସେଚନ କରିବା ନିମନ୍ତେ ଯୁଦ୍ଧୋତ୍ତର ଯୋଜନାମାନ ପ୍ରସ୍ତୁତ ହୋଇଛି। ଏହି ବୃହତ୍ ଯୋଜନା ବ୍ୟତିରେକେ ପିପଲନାଳ, ରାବଣ ଦହ, ପଦ୍ମପୁର ପ୍ରଭୃତି ଅନେକ ସ୍ଥାନରେ କ୍ଷୁଦ୍ର କ୍ଷୁଦ୍ର ଜଳସେଚନ ଯୋଜନାମାନ ହେବାର ମଧ୍ୟ ବ୍ୟବସ୍ଥା କରାହେଉଅଛି। ଆମ୍ବପାଣି ଇଲାକାର ସୀନି ଗ୍ରାମରେ ଏକ କ୍ଷୁଦ୍ର ଜନସେଚନ ଯୋଜନା କୃତିତ୍ୱ ଭାବେ ସଂପନ୍ନ କରାହୋଇଅଛି। ତଦ୍ଦ୍ୱାରା ସୀନି ଗ୍ରାମ ଓ ନିକଟବର୍ତ୍ତୀ ୨/୩ଟି କ୍ଷୁଦ୍ର କ୍ଷୁଦ୍ର ଗ୍ରାମ ଶସ୍ୟ ସମୃଦ୍ଧିଶାଳୀ ହୋଇଅଛି।

ଏତଦ୍ ବ୍ୟତିରେକେ ବନ୍ଧକଟା ସାଗରମାନଙ୍କରୁ ପାଣିନେଇ ଜମିରେ ମଡ଼ାଇବା ବ୍ୟବସ୍ଥା କରିବା ନିମନ୍ତେ ଷ୍ଟେଟ ଏ ବର୍ଷ ଟ.୧୦,୦୦୦ଙ୍କା ଓ ଜମିର ଉନ୍ନତି ନିମନ୍ତେ ଟ.୪୦୦୦/- ତକାବି ଋଣ ଦେବାର ସ୍ଥିର କରିଅଛନ୍ତି। ଯେଉଁମାନେ ଋଣ ନେଇ କୌଣସି ବନ୍ଧକଟା ପ୍ରଭୃତି ଖୋଳାଇ ଜଳସେଚନର ବ୍ୟବସ୍ଥା କରିବାକୁ ଇଚ୍ଛା କରନ୍ତି, ସେମାନେ ନିଜ ନିଜ ସ୍ଥାନୀୟ ସବ୍‌ଡିଭିଜନାଲ ଅଫିସରମାନଙ୍କ ଜରିଆରେ ଆବେଦନ

**ଏହି ପତ୍ରିକାକୁ ତତ୍କାଳୀନ କଳାହାଣ୍ଡି ରାଜ୍ୟର ତଥ୍ୟଭିତ୍ତିକ ଦସ୍ତାବିଜ୍ କହିଲେ ଅତ୍ୟୁକ୍ତି ହେବ ନାହିଁ।**

କଲେ ତକାବି ଋଣ ପାଇପାରିବେ।"

**ରାଜଦରବାରର ସହୃଦୟତା**

ଏହି ସମ୍ବାଦ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ସ୍ଥାନ ପାଇଛି, ପ୍ରଫେସର ଭୁବନେଶ୍ୱର ବେହେରାଙ୍କ ସମ୍ପର୍କରେ, ଯିଏ ପରବର୍ତ୍ତୀ ସମୟରେ ହୀରାକୁଦ ଡେମ୍ ପାଇଁ କାମ କରିଥିଲେ, ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପଦ-ଅଳଙ୍କୃତ କରିଥିଲେ ଏବଂ ଓଡ଼ିଆ ସାହିତ୍ୟର ଜଣେ ଶ୍ରେଷ୍ଠ ରମ୍ୟ ରଚନାକାର ଭାବେ ପ୍ରସିଦ୍ଧି ଅର୍ଜନ କରିଯାଇଛନ୍ତି। ସମ୍ବାଦର ତୃତୀୟ ଅନୁଚ୍ଛେଦରେ ଉଲ୍ଲେଖ ରହିଛି- ଷ୍ଟେଟରେ ଏହି ଜଳସେଚନର ବନ୍ଦୋବସ୍ତ କରିବାଲାଗି ଷ୍ଟେଟ ଶ୍ରୀ ଭୁବନେଶ୍ୱର ବେହେରା ନାମକ ଜଣେ ସ୍ଥାନୀୟ ଛାତ୍ରଙ୍କୁ ତାଙ୍କ ଇଞ୍ଜିନିୟରିଙ୍ଗ ପରୀକ୍ଷାରେ କୃତକାର୍ଯ୍ୟ ହେବାପରେ ମହୀଶୂର ଷ୍ଟେଟକୁ ପଠାଇ ସେଠାରୁ ଜଳସେଚନ ବିଭାଗରେ କାର୍ଯ୍ୟଶିକ୍ଷା କରାଇ ଅଣାଇଅଛନ୍ତି। ଷ୍ଟେଟର ଯେକୌଣସି ଚାଷୀ ଜଳସେଚନର ଆୟୋଜନ କରିବାକୁ ଇଚ୍ଛା କଲେ ସେ ବିନା ବ୍ୟୟରେ ଏହି ଇଞ୍ଜିନିୟରଙ୍କ ସାହାଯ୍ୟ ପାଇପାରିବେ।"




ଏହି ସମ୍ବାଦରୁ ରାଜ୍ୟର ପ୍ରଜାକୁଳ ଓ କୃଷିକ୍ଷେତ୍ର ପାଇଁ ରାଜ ଦରବାରର ସହୃଦୟତା ବିଷୟ ଜଣାପଡୁ ନାହିଁ କି ? କଳାହାଣ୍ଡି ପତ୍ରିକାର ଅନେକ ସଂଖ୍ୟାକୁ ଅନୁଧ୍ୟାନ କରି ମୁଁ ଜାଣିପାରିଛି ଯେ, କଳାହାଣ୍ଡିର ଚାଷଜମି, ଚାଷୀ ଓ କୃଷିକର୍ମର ଉନ୍ନତି ସକାଶେ ସେତେବେଳେ ବିଶେଷ ଭାବରେ ଦୃଷ୍ଟି ଦିଆଯାଉଥିଲା। ଭବାନୀପାଟଣା ପାଣିପାଗ, କଳାହାଣ୍ଡି ଧାନଚାଷରେ ବୃଷ୍ଟିର ପ୍ରଭାବ, ଡଙ୍ଗର୍ଲା ଅଞ୍ଚଳରେ ତୁତ ଚାଷର ସୁବିଧା, ଏଣ୍ଡିଚାଷ, ତମାଖୁ ଚାଷ, (ଧୁଙ୍ଗିଆଚାଷ) ଚାଷୀକୁଳର ଉନ୍ନତି ଆଦି ଅନେକ ସମ୍ବାଦରୁ ଏହା ସ୍ପଷ୍ଟ ହୋଇଥାଏ। ପ୍ରଜାମାନଙ୍କୁ ଧାନଚାଷ ବ୍ୟତୀତ ଅନ୍ୟାନ୍ୟ ଲାଭକାରୀ ଫସଲ ଓ ଚାଷପାଇଁ ନୂତନ ଜ୍ଞାନକୌଶଳର ସହାୟତା ନେବା ପାଇଁ ଆଲୋଚନା ଓ ସଭାସମିତି ମାଧ୍ୟମରେ ପ୍ରୋତ୍ସାହିତ କରାଯାଉଥିଲା। 'କଳାହାଣ୍ଡି ଧାନଚାଷରେ ବୃଷ୍ଟିର ପ୍ରଭାବ' ଶୀର୍ଷକଟି ବାସ୍ତବରେ ସର୍ବେକ୍ଷଣ ଓ ଗବେଷଣାଧର୍ମୀ ଦୀର୍ଘ ଲେଖା ବା ଫିଚର। ଏହା କଳାହାଣ୍ଡି ପତ୍ରିକାର ଏକାଧିକ ସଂଖ୍ୟାରେ କ୍ରମଶଃ ପ୍ରକାଶିତ ହୋଇଛି। କଳାହାଣ୍ଡିର ପାଣିପାଗ, ଜମିର କିସମ, ଚାଷ ପ୍ରଣାଳୀ, ବର୍ଷା ଅନୁପାତ, ଧାନ ଓ ବିଭିନ୍ନ ଖାଦ୍ୟଶସ୍ୟର ବିବରଣୀ, ବିଭିନ୍ନ ଫସଲରୁ ହାରାହାରି ଆୟ, ଆଦି ଅନେକ ଉପାଦେୟ ତଥ୍ୟ ଏଥିରେ ସ୍ଥାନ ପାଇଛି।

(ଖ) ସେତେବେଳେ କଳାହାଣ୍ଡି ରାଜ୍ୟରେ ଏକ ମହତ୍ ସାଂଗଠନିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ତାହା ହେଉଛି 'ଗ୍ରାମ ସଂଗଠନ'। ଏହା କୃଷି ବିକାଶ ଓ ଜଳସେଚନ ଯୋଜନାର ପରିପୂରକ ଉଦ୍ୟମ ଥିଲା। କଳାହାଣ୍ଡି ପତ୍ରିକାର ଏକ ସଂପାଦକୀୟ ଲେଖାରୁ ଏ ସଂପର୍କରେ ସବିଶେଷ ତଥ୍ୟ ମିଳିଥାଏ। ସଂପାଦକ ତାଙ୍କ ଲେଖାର ଦ୍ୱିତୀୟ ଅନୁଚ୍ଛେଦରେ କହିଛନ୍ତି:- 'ଆମ୍ଭମାନଙ୍କର ଦେଶ କୃଷିପ୍ରଧାନ ଦେଶ। ଏଥିରେ ହଜାର ପ୍ରକାରର କଳକାରଖାନା ରହି ଦେଶକୁ ଶିଳ୍ପ ପ୍ରଧାନ କଲେ ମଧ୍ୟ କୃଷିର ଉପାଦେୟତାକୁ ଅବହେଳା କରିହେବ ନାହିଁ। କାରଣ କୃଷି ଆମ୍ଭ ଦେଶର ଚିର ସହଚର। ଆମ୍ଭ ଦେଶର ଚାରିଆଡ଼େ ଶସ୍ୟରେ ସୁଶ୍ୟାମଳିତ କ୍ଷେତ୍ରର ହରିତାୟମାନ- ଆଭା-ସମ୍ପଦ ପ୍ରକୃତିଦତ୍ତ। ଏହା ଏତେ ଦିନ ହେଲା ଧରି ଦେଶ ଗୌରବାନ୍ୱିତ ହୋଇଛି। ସେହିପଲ୍ଲୀ-ଚିର ଆନନ୍ଦମୟୀ ପଲ୍ଲୀର ସାନ୍ଧ୍ୟ ସମ୍ମିଳନ ଓ ପଲ୍ଲୀବାସୀଙ୍କର ଭାଗବତ ଟୁଙ୍ଗିର ଇତିବୃତ୍ତ, ପଲ୍ଲୀବାସୀଙ୍କର ସୁଖ ସ୍ୱାଚ୍ଛନ୍ଦ୍ୟର ପରିଚାୟକ ଛଡ଼ା ଆଉ କ'ଣ ହୋଇପାରେ ? ମହତଜନମାନଙ୍କର ସାଧାରଣ କାଳଯାପନ ଓ ଉଚ୍ଚଚିନ୍ତା କେବଳ ପଲ୍ଲୀରେ ହିଁ ସୁପ୍ରାପ୍ୟ। ପଲ୍ଲୀବାସୀଙ୍କର ସୁଖ ହେଲେ ରାଜ୍ୟର ସୁଖ। ସେମାନେ ଦୁଇବେଳା ଦୁଇମୁଠା ଖାଇ ଖଣ୍ଡିଏ ପିନ୍ଧିବାକୁ ପାଇଲେ ରାଜ୍ୟ ଆନନ୍ଦରେ ରହିବ। ପଲ୍ଲୀକୁ ମଇଳା ଆବର୍ଜନା ସବୁରୁ ମୁକ୍ତି କରି ପଲ୍ଲୀବାସୀଙ୍କୁ ସଫା ଓ ନିର୍ମଳ ସ୍ଥାନରେ ରଖିଲେ ତାଙ୍କର ସ୍ୱାସ୍ଥ୍ୟହାନି ହେବ ନାହିଁ।

ସେମାନଙ୍କର ନିରକ୍ଷରତା ଦୂରୀକରଣାର୍ଥେ ପ୍ରାଥମିକ ଶିକ୍ଷାର ବ୍ୟବସ୍ଥା କରିବା ସର୍ବଥା ବିଧେୟ।" ସଂପାଦକ ସାଢ଼େ ଦୁଇ ପୃଷ୍ଠାର ଲେଖାରେ ତେରଟି ଅନୁଚ୍ଛେଦରେ କଳାହାଣ୍ଡିର ଗ୍ରାମ ସଂଗଠନ ଯୋଜନା ସଂପର୍କରେ ସବିଶେଷ ଆଲୋଚନା କରିଛନ୍ତି। ସଂପାଦକ ସ୍ପଷ୍ଟ ଭାବେ ଉଲ୍ଲେଖ କରିଛନ୍ତି ଯେ- 'ପଲ୍ଲୀର ଶ୍ରୀବୃଦ୍ଧି ସାଧିତ ହେଉ' ଏହା ହିଁ କଳାହାଣ୍ଡିର ଉଦୀୟମାନ ନରପତିଙ୍କର ସଦିଚ୍ଛା। ଭାରତୀୟ ଜୀବନରେ ପଲ୍ଲୀ ଶ୍ରୀବୃଦ୍ଧିର ଉପାଦେୟତା ମର୍ମେ ମର୍ମେ ଅନୁଭବ କରି ସେ ଅତି ଅଳ୍ପଦିନ ତଳେ ଗ୍ରାମ ସଂଗଠନ ଯୋଜନା ପ୍ରସ୍ତୁତ କରି ତାହା କେତେଦୂର କାର୍ଯ୍ୟକାରୀ ହେବ ପରୀକ୍ଷା କରିବା ନିମନ୍ତେ ଭବାନୀପାଟଣାର ଅଦୂରସ୍ଥିତ ମେଦିନୀପୁର ଓ ଜଗନ୍ନାଥପୁର ନାମକ ଗ୍ରାମମାନଙ୍କରେ ତାହା ଆରମ୍ଭ କରିଅଛନ୍ତି।"

୧୯୪୪ ମସିହା ଡିସେମ୍ବର ମାସରେ ମାନ୍ୟବର ପୂର୍ବ ଗଡ଼ଜାତ ସମୂହର ରେସିଡେଣ୍ଟ ସାହେବ, ଛତିଶଗଡ଼ ରାଜ୍ୟ ସମୂହର ପଲିଟିକେଲ ଏଜେଣ୍ଟ ମହୋଦୟମାନେ ଗ୍ରାମ ସଂଗଠନ ଯୋଜନାର ଅନ୍ତଃର୍ଭୁକ୍ତ ଗ୍ରାମମାନ ନିଜେ ସନ୍ଦର୍ଶନ କରି ତାର ବିଶେଷ ପ୍ରଶଂସା କରିଥିବାର ସଂପାଦକ ମଧ ଉଲ୍ଲେଖ କରିଛନ୍ତି।

**ଏହାର ଯଶ, ଖ୍ୟାତି ତଥା ଗୌରବ ବୃଦ୍ଧି ନିମନ୍ତେ କଳାହାଣ୍ଡି ପତ୍ରିକାର ବିଦ୍ୱାନ ସଂପାଦକ ଶ୍ରୀ କେଦାରନାଥ ମହାପାତ୍ର ସବୁବେଳେ ଆନ୍ତରିକତାର ସହ ଚାହୁଁଥିଲେ।**

(ଗ) ସାହିତ୍ୟ-ସଂସ୍କୃତି କ୍ଷେତ୍ରରେ କଳାହାଣ୍ଡିର ପ୍ରତିଷ୍ଠା, ଐତିହ୍ୟର ସ୍ୱୀକୃତି ଓ ବାହାରେ ଏହାର ଯଶ, ଖ୍ୟାତି ତଥା ଗୌରବ ବୃଦ୍ଧି ନିମନ୍ତେ କଳାହାଣ୍ଡି ପତ୍ରିକାର ବିଦ୍ୱାନ ଓ ଗୁଣଗ୍ରାହୀ ସଂପାଦକ ଶ୍ରୀ କେଦାରନାଥ ମହାପାତ୍ର ସବୁବେଳେ ଆନ୍ତରିକତାର ସହ ଚାହୁଁଥିଲେ। ଓଡ଼ିଆ ଭାଷାର ପ୍ରସିଦ୍ଧ ବୈଷ୍ଣବ କାବ୍ୟମାନଙ୍କ ମଧରେ ଅଭିମନ୍ୟୁଙ୍କ 'ବିଦଗ୍ଧ ଚିନ୍ତାମଣି' ସହିତ କେବଳ ବନମାଳୀ ଦାସଙ୍କ 'ରାସ' ବା 'ବନମାଳୀ ରାସ' ହିଁ ତୁଳନୀୟ। ଶ୍ରୀ ମହାପାତ୍ର ବନମାଳୀ ଦାସଙ୍କୁ କନ୍ଧାନଦେଶ ବା କଳାହାଣ୍ଡିବାସୀ ବୋଲି ନିର୍ଣ୍ଣୟ କରି କଳାହାଣ୍ଡି ପତ୍ରିକାରେ ନିମ୍ନମତେ ନିବେଦନଟିଏ ପ୍ରକାଶ କରିଥିଲେ।

**-ନିବେଦନ-**

"ବୈଷ୍ଣବ କବି ବନମାଳୀ ଦାସଙ୍କ ଦ୍ୱାରା ରଚିତ ରାସ ପ୍ରାୟ ଚାରିଶହ ବର୍ଷର ପ୍ରାଚୀନ ଗ୍ରନ୍ଥ। ଏହି ଗ୍ରନ୍ଥର ପ୍ରଥମ ଓ ମଧମ ଖଣ୍ଡ ମିଳୁଅଛି। ସେଥିରେ କବି ନିଜକୁ "କନ୍ଧାନଦେଶ" ବା କଳାହାଣ୍ଡିବାସୀ ଗୋପାଳକୁଳ ଜାତ ବୋଲି ପରିଚୟ ଦେଇଅଛନ୍ତି। ପ୍ରାୟ ୪ଶ ବର୍ଷ ପୂର୍ବେ କଳାହାଣ୍ଡିର ଜଣେ କବି ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ଏପରି ମହତ୍‌ଦାନ କରିଥିବାରୁ ପ୍ରତ୍ୟେକ କଳାହାଣ୍ଡିବାସୀ ଗର୍ବ ଓ ଗୌରବ ଅନୁଭବ କରିବାର କଥା। କିନ୍ତୁ ଦୁଃଖର ବିଷୟ ବନମାଳୀ ରାସ ଗ୍ରନ୍ଥର ପୂରାସେଟ (ଆଦ୍ୟ, ମଧ ଓ ଅନ୍ତ୍ୟ ଖଣ୍ଡ) ନ ମିଳିବାରୁ କଳାହାଣ୍ଡିର ଏ କବିଙ୍କର ପରିଚୟ ଓ ସାହିତ୍ୟ ସାଧନା ସମ୍ବନ୍ଧରେ ସମ୍ପୂର୍ଣ୍ଣ ବିବରଣୀ ଦିଆଯାଇ ପାରୁନାହିଁ।

କୌଣସି ପାଠକ ଶ୍ରମସ୍ୱୀକାର ପୂର୍ବକ ଏ ରାସଗ୍ରନ୍ଥ ତିନିଖଣ୍ଡ ଯାକ ଖୋଜି ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ପଠାଇଲେ କଳାହାଣ୍ଡିର ଗୌରବ ବଢ଼ନ୍ତା। ପ୍ରକାଶଥାଉ କି-ଗ୍ରନ୍ଥ ପ୍ରେରକ ଇଚ୍ଛାକଲେ ପୋଥି ଗୁଡ଼ିକ ନକଲ ହେବା ପରେ ଫେରାଇ ଦିଆଯିବ।

ନିବେଦକ
ଶ୍ରୀ କେଦାରନାଥ ମହାପାତ୍ର
ଆର୍‌କିଲୁଜିଷ୍ଟ
ପୋ:ଅ; ଭବାନୀପାଟଣା
କଳାହାଣ୍ଡି ଷ୍ଟେଟ୍

(ଘ) କଳାହାଣ୍ଡି ପତ୍ରିକାର ଏକ ସଂଖ୍ୟାରେ ପ୍ରସିଦ୍ଧ ଓଡ଼ିଆ ଭାଷାକୋଷର ପ୍ରଣେତା ଗୋପାଳଚନ୍ଦ୍ର ପ୍ରହରାଜଙ୍କ ବିୟୋଗବାର୍ତ୍ତା ତଥ୍ୟଭିତ୍ତିକ ଭାବେ ପ୍ରକାଶ ପାଇଥିଲା। ଏଥିରୁ ଜଣାପଡ଼େ ଯେ, "ରାତିରେ ବିଷ ପ୍ରୟୋଗ ଦ୍ୱାରା ରାଏବାହାଦୁର ଗୋପାଳଚନ୍ଦ୍ର ପ୍ରହରାଜ ସାହିତ୍ୟ ବିଶାରଦ କାଇଜର-ଇ-ହିନ୍ଦ୍‌ଙ୍କର ଦାରୁଣ ବିୟୋଗ ଘଟିଥିଲା"। ତାଙ୍କ ବିୟୋଗରେ କଳାହାଣ୍ଡିର ମହାରାଜା ସାହେବ, ଦେୱାନ ସାହେବ ଏବଂ ଅନ୍ୟାନ୍ୟ ବିଶିଷ୍ଟ କର୍ମଚାରୀ ଓ ଶିକ୍ଷିତ ସମ୍ପ୍ରଦାୟ ଦୁଃଖିତହୋଇ ଶୋକପ୍ରକାଶ କରିଥିଲେ। ଏହି ସମ୍ବାଦରେ ପ୍ରହରାଜଙ୍କ ଦ୍ୱାରା ସଙ୍କଳିତ ପୂର୍ଣ୍ଣଚନ୍ଦ୍ର ଭାଷାକୋଷକୁ ଅଦ୍ୱିତୀୟ ଓ 'ବିରାଟ ଅନ୍ତର୍ଜାତୀୟ ଦାନ'

ରୂପେ ବର୍ଣ୍ଣନା କରାଯାଇଛି।

(ଙ)କଳାହାଣ୍ଡିର ଗୌରବ ଭାବରେ ଶ୍ରୀମାନ ସରୋଜକାନ୍ତ ଯେନା ଓ ସନ୍ତୋଷ କୁମାର ଯେନାଙ୍କୁ ସେହି ସମୟରେ 'ପତ୍ରିକା'ରେ ବର୍ଣ୍ଣନା କରାଯାଇଥିଲା। ଛତିଶଗଡ଼ ଷ୍ଟେଟ ସମୂହର ମାନ୍ୟବର ପଲିଟିକାଲ ଏଜେଣ୍ଟ ସାହେବ ତାଙ୍କ ୯.୨.୪୫ ତାରିଖର ପତ୍ରରେ କଳାହାଣ୍ଡିବାସୀ ଶ୍ରୀମାନ ସରୋଜକାନ୍ତ ଯେନା ରାଜକୀୟ ବିମାନ ବାହିନୀରେ ଯୋଗଦେଇଥିବାର ଦରବାରକୁ ଜଣାଇଥିଲେ। ସେ ଭୂପାଳର ନବାବ ସମ୍ମାନର ଚିହ୍ନ ସ୍ୱରୂପ ଏକ ତରବାରି ଲାଭ କରିଥିଲେ। ଛତିଶଗଡ଼ ଷ୍ଟେଟ ସମୂହର ସେ ଏକମାତ୍ର ବ୍ୟକ୍ତି ହୋଇଥିବାରୁ ମାନ୍ୟବର ପଲିଟିକାଲ ଏଜେଣ୍ଟ ସାହେବ ଦରବାରକୁ ଧନ୍ୟବାଦ ଜଣାଇଥିଲେ। କଳାହାଣ୍ଡିର ଅନ୍ୟତମ ଅଧିବାସୀ ଶ୍ରୀମାନ ସନ୍ତୋଷ କୁମାର ଯେନା କିଙ୍ଗ୍ସ କମିଶନ୍ ପାଇ ଦ୍ୱିତୀୟ ଲେଫଟ୍‌ନେଣ୍ଟ ପଦକୁ ଉନ୍ନୀତ ହୋଇଥିଲେ ଓ କଳାହାଣ୍ଡିର ଗୌରବ ବଢାଇ ଦରବାର ଦ୍ୱାରା ଧନ୍ୟବାଦାର୍ହ ହୋଇଥିଲେ।

(ଚ) ଓଡ଼ିଆ ନାଟକର ବିକାଶ କ୍ଷେତ୍ରରେ କଳାହାଣ୍ଡିର ଅବଦାନ ଅତୁଳନୀୟ। କଳାହାଣ୍ଡିକୁ ସୁଆଙ୍ଗ ଓ ନାଟ୍ୟକଳାର ଭୂମି କହିଲେ ଅତ୍ୟୁକ୍ତି ହେବନାହିଁ। ଖଡ଼ିଆଳର ବୀରବିକ୍ରମ ରଙ୍ଗମଞ୍ଚ ତଥା ଖଡ଼ିଆଳ ରାଜାମାନଙ୍କ ନାଟ୍ୟକୃତି ସମ୍ପର୍କରେ ଆଲୋଚକମାନେ ଚର୍ଚ୍ଚା କରିସାରିଛନ୍ତି। ସେତେବେଳେ କଳାହାଣ୍ଡିର ବିଭିନ୍ନ ଜମିଦାରୀରେ ମଧ୍ୟ ନାଟ୍ୟମଞ୍ଚ ମାନ ପ୍ରତିଷ୍ଠିତ ହୋଇ ବାର୍ଷିକ ନାଟ୍ୟୋତ୍ସବ ଅନୁଷ୍ଠିତ ହେଉଥିଲା। ରାଜଧାନୀ ଭବାନୀପାଟଣାସ୍ଥିତ ଦରବାର ଏଥିପାଇଁ ସମଗ୍ର ଓଡ଼ିଶାର ନାଟ୍ୟକାରମାନଙ୍କୁ ଅନୁପ୍ରେରିତ ଓ ଉତ୍ସାହିତ କରୁଥିଲେ। କଳାହାଣ୍ଡି ପତ୍ରିକାରେ ପ୍ରଦତ୍ତ ତଥ୍ୟ ଅନୁସାରେ କଳାହାଣ୍ଡିର ହୃଦୟବାନ୍ ମହାରାଜା ସାହେବ ଓଡ଼ିଆରେ ଲିଖିତ ସର୍ବୋତ୍କୃଷ୍ଟ ଅପ୍ରକାଶିତ ନୂତନ ନାଟକ ପାଇଁ ୧୦୦୦ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେହି ସମୟରେ ପ୍ରାକୃତିକ ଓଡ଼ିଶାର ନାନା ଅଞ୍ଚଳରୁ ଲେଖକମାନେ ନିଜ ନିଜର ନାଟକମାନ ପଠାଉଥିଲେ। ଗୋଟିଏ ବର୍ଷ ବିଭିନ୍ନ ସ୍ଥାନରୁ ୩୨ ଜଣ ନାଟ୍ୟକାର ୩୫ ଖଣ୍ଡ ନାଟକ ପଠାଇଥିଲେ। କଳାହାଣ୍ଡି ମହାରାଜା ସାହେବଙ୍କ ଉତ୍ସାହ ଓ ବଦାନ୍ୟତା ଫଳରେ ଓଡ଼ିଆ ସାହିତ୍ୟରେ ବର୍ଷକ ମଧ୍ୟରେ ଅନ୍ତତଃ ୩୫ଖଣ୍ଡ ନାଟକ ଲିଖିତ ହୋଇଥିବାରୁ ପୁରସ୍କାର ଘୋଷଣାର ମହତ୍ ଉଦ୍ଦେଶ୍ୟ ସାର୍ଥକ ହୋଇଛି ବୋଲି କଳାହାଣ୍ଡି ପତ୍ରିକାର ସଂପାଦକ ସନ୍ତୋଷ ସହ ମନ୍ତବ୍ୟ ପ୍ରକାଶ କରିଥିଲେ। ଓଡ଼ିଆ ନାଟ୍ୟ ସାହିତ୍ୟର ଆଦିଯୁଗରେ ରଚିତ ଯେଉଁ ସବୁ ନାଟ୍ୟକୃତିକୁ ଆମେ ଏକ ଏକ ମାଇଲଖୁଣ୍ଟ ବୋଲି କହିଥାଉ, ପ୍ରାୟ ସେ ସମସ୍ତ ନାଟକର ରଚନା ପାଇଁ ଯେ କଳାହାଣ୍ଡି ଦରବାର ପ୍ରେରଣା ଯୋଗାଇଥିଲା-ଏହା ଖୁବ କମ୍ ଲୋକ ଜାଣନ୍ତି। କେବଳ ନାଟ୍ୟ ସାହିତ୍ୟ କ୍ଷେତ୍ରରେ ନୁହେଁ, ଓଡ଼ିଆ କାବ୍ୟ କବିତା ପାଇଁ ମଧ୍ୟ କଳାହାଣ୍ଡି ମହାରାଜା ସାହେବଙ୍କ ପ୍ରୀତି ଅସୀମ ଥିଲା। ସେ ଚାଳିଶ ଦଶକରେ ଓଡ଼ିଆରେ ଲିଖିତ ଉତ୍କୃଷ୍ଟ ନୂତନ ମୌଳିକ କାବ୍ୟ ପାଇଁ ମଧ୍ୟ ଏକ ହଜାର ଟଙ୍କା ପୁରସ୍କାର ଘୋଷଣା କରିଥିଲେ। ସେତେବେଳେ ନିଜେ ମହାରାଜା ସାହେବ କଳାହାଣ୍ଡିର ବ୍ରଜମୋହନ ସାହିତ୍ୟ ସମିତିର ସଭାପତି ଥିଲେ। ଏହା ଦ୍ୱାରା ଅନୁପ୍ରାଣିତ ହୋଇ ଓଡ଼ିଶାର ସୁଯୋଗ୍ୟ ଲେଖକ ଲେଖିକାମାନେ ବହୁସଂଖ୍ୟାରେ ଉଚ୍ଚମାନର କାବ୍ୟମାନ ରଚନା କରିବାକୁ ଲାଗିଲେ। 'କଳାହାଣ୍ଡି ପତ୍ରିକା' ମତରେ "ଏହା ଦ୍ୱାରା କଳାହାଣ୍ଡି ମହାରାଜା ସାହେବଙ୍କ ଦାନର ମହତ୍ତ୍ୱ ବୃଦ୍ଧି ପାଇଥିଲା ଓ ଓଡ଼ିଆ ସାହିତ୍ୟ ନୂତନ କାବ୍ୟରତ୍ନମାନଙ୍କରେ ବିଭୂଷିତ ହୋଇଥିଲା"।

ଅତୀତର କଳାହାଣ୍ଡି ପତ୍ରିକା ଆମକୁ ଏସବୁ ମୂଲ୍ୟବାନ ତଥ୍ୟ ଓ ବିବରଣ ଯୋଗାଇ ଦେଇଥାଏ।

*(ଲେଖକଙ୍କ ଦ୍ୱାରା ରଚିତ ଦୀର୍ଘ ପ୍ରବନ୍ଧର ଏହା ସଂପାଦିତ ଅଂଶ।)*

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

**ସେ ସମୟରେ ନାଟକର ରଚନା ପାଇଁ ଯେ କଳାହାଣ୍ଡି ଦରବାର ପ୍ରେରଣା ଯୋଗାଇଥିଲା-ଏହା ଖୁବ କମ୍ ଲୋକ ଜାଣନ୍ତି।**



ଶିଶୁ ଗଳ୍ପ

# ସବୁ ସତ ମାନିଗଲା

ପ୍ରେମାନନ୍ଦ ନାୟକ

ଖରାଦିନ ହେଇନି, ଏବେଠୁ ଏତେ ଟାଣ ଖରା। ଖରାଦିନ ଆସିଲେ ତ ସବୁ ଜଳି ପୋଡ଼ି ପାଉଁଶ ହେଇଯିବ। ଏକଥା ଭାବୁ ଭାବୁ ଲୋକଟି ନଈକୂଳରେ ପହଞ୍ଚିଲା। ଦି' ଚାରି ଆଞ୍ଜୁଳା ପାଣି ପିଇଲା। ଗାମୁଛା ଓଦା କରି ମୁଣ୍ଡରେ ପକେଇଲା। ଓ.... ହେଇ ଆଗରେ ଗୋଟାଏ ଗଛ ଅଛି। ତାକୁ ଇ ଆଜି ହାଣି ନେବି। ଲୋକଟି ଗଛ ପାଖରେ ପହଞ୍ଚିଲା। କଛା ଭିଡ଼ି ଗଛକୁ ହାଣିବାକୁ ଲାଗିଲା। ଅଧା ହଣା କରିଚି, ଶୁଣିଲା ମହାବଳ ପାଖରେ କୋଉଠି ହେଣ୍ଟାଳୁଛି, ଏଣିକି ତେଣିକି ଅନେଇଲା ସେ। ହେଇ ବାଘ ତା'ରି ଆଡକୁ ଦୌଡି ଦୌଡି ଆସୁଚି। କ'ଣ କରିବି! ଆଉ କିଛି ନ ଭାବି ସେ ଚଟାପଟ୍ ଗଛକୁ ଚଢ଼ିଗଲା। ଓହୋ... ମଣିଷ ବଞ୍ଚିଗଲା। ମହାବଳ ଗଛମୂଳେ ପହଞ୍ଚିଲା। ଲୋକଟିକୁ ଅନେଇ ଗଛମୂଳେ ଜଗି ବସିଲା।



ଗଛ ଡାଳରେ ବସି ଲୋକଟି ଚିନ୍ତା କଲା କେମିତି ମହାବଳ ହାବୁଡରୁ ଖସିବ। ଏହି ସମୟରେ ତା' ପଛପଟୁ ଫଁ ଫଁ ଶବ୍ଦ ଶୁଭିଲା। ଗଛକୁ ଅନେଇଲା ଲୋକଟି। କାଳିଆ ନାଗଟାଏ ଫଣା ଟେକି ଜିଭ ଲହ ଲହ କରୁଚି। ଏତେ ପାଖରେ କାଳିଆ ନାଗକୁ ଦେଖି ତା' ପିଳେହି ପାଣି ହେଇଗଲା। ଗଛ ମୂଳରେ ମହାବଳ ଜଗି ବସିଛି, ଗଛ ଉପରେ କାଳିଆ ନାଗ। ଆଜି ମୁଁ ମଲି। କ'ଣ କରିବି। କ'ଣ କରିବି। ଯାଉଚି ପାଣିକୁ ଡେଇଁ ପଡିବି। ପାଣିକୁ ଅନେଇଲା ଲୋକଟି। ଏଁ, ପାଣିରେ କୁମ୍ଭୀରଟାଏ ପାଟି ଆଁ କରି ଗଛକୁ ଅନେଇଛି।

ଲୋକଟିର ଦେହରୁ ସବୁ ରକ୍ତ ଶୁଖିଗଲା। ସେ ଭାବିଲା ଆଜି ବଞ୍ଚିବନି। କୋଉ ବାଟେ, କେମିତି ଖସିବି। ଗଛ ମୂଳେ ମହାବଳ ଥାଇ ପଚାରିଲା- ତୁ ଏବେ କୁଆଡ଼େ ଯିବୁ? ତୁ ଆଉ ତୋ'ର କାଠ ଚୋର ସାଙ୍ଗମାନେ ଗଛ କାଟି କାଟି ଜଙ୍ଗଲକୁ ସଫା କରିଦେଲ। ଗଛ ନ ଥିବାରୁ ପଶୁପକ୍ଷୀମାନେ କୁଆଡ଼େ ଚାଲିଗଲେ। ରହିବା ପାଇଁ ମୋତେ ଜାଗା ମିଳୁନି। କୋଉଠୁ କ'ଣ ଖାଇବି। ଗାଁ ଗଣ୍ଡା ଆଡ଼କୁ ଖାଇବା ଲୋଭରେ ଗଲେ, ଲୋକେ ତେଣ୍ଟା, ଠେଙ୍ଗା ଧରି, ନିଆଁ ଜାଳି ମୋତେ ଗୋଡ଼ଉଛନ୍ତି। ତୁ କହ ଏବେ ମୁଁ ରହିବି କୋଉଠି? ଖାଇବି କ'ଣ? ଜବାବ ଦେ। ନ ହେଲେ ତୋତେ ମୁଁ ଆଜି ଖାଇବି। ମହାବଳ କଥା ଶୁଣି ଲୋକଟିର ପାଟି ଖନି ବାଜିଗଲା। କାଳିଆ ନାଗ କହିଲା- ଜଙ୍ଗଲରେ, ଥଣ୍ଡା ଜାଗା ଗଛମୂଳ ହୁଙ୍କା ଭିତରେ ଆମେ ରହୁ। ଜଙ୍ଗଲ ତ ସଫା କରିଦେଲ। ଏବେ ହୁଙ୍କା ଭିତରେ ଜୋର ଗରମ ହଉଚି। ଥଣ୍ଡା ଜାଗାଟିକେ ଖୋଜିବା ପାଇଁ ବାହାରକୁ ବାହାରିଲେ ସାପୁଆ କେଳା ଗୋଡ଼ଉଚନ୍ତି। ଆମ ସାପକୁଳ ପାଇଁ ଏତେ ଦୁଃଖ ତୁ ଆଉ ତୋର କାଠଚୋର ସାଙ୍ଗମାନଙ୍କ ପାଇଁ ହେଇଚି। ତୋତେ ମୁଁ ଆଜି ଛାଡିବିନି।

ପାଣି ଭିତରେ ଥାଇ କୁମ୍ଭୀର କହିଲା- ମହାବଳ କଥା, ନାଗ କଥା ଶୁଣିଲୁ। ଏବେ ମୋ' କଥା କାନ ଦେଇ ଶୁଣ। ଯେତେବେଳେ ଏ ନଈ କୂଳରେ ଘଞ୍ଚ ଜଙ୍ଗଲ ଥିଲା, କେତେ କ'ଣ ପଶୁପକ୍ଷୀ ରହୁଥିଲେ। ସେମାନେ ନିଇତି ପାଣି ପିଇବାକୁ ଆସୁଥିଲେ। ସେମାନଙ୍କ ଭିତରୁ କାହାକୁ ଗୋଟାଏ ଟାଣି ନେଇ ଖାଉଥିଲି। ତମେମାନେ ସବୁ ଗଛ କାଟିନେଲ। ପଶୁପକ୍ଷୀମାନଙ୍କ କୁଆଡ଼େ ଚାଲିଗଲେ। ଏବେ ମୁଁ ଖାଇବାକୁ ପାଉନି। ନ ଖାଇ କେତେଦିନ ମୁଁ ବଞ୍ଚିବି? ତୋତେ ମୁଁ ଆଜି

ଖାଇବି ?

ଲୋକଟା ହାତ ଯୋଡି କହିଲା- ସତ, ସତ ମୁଁ ମାନୁଚି। ମୁଁ ଆଉ ମୋ' ସାଙ୍ଗମାନେ ଗଛ କାଟି କାଟି ଜଙ୍ଗଲକୁ ସଫା କରି ଦେଇଛୁ। ସତ କଥା ମାନିଗଲେ ପରା କ୍ଷମା ମିଳେ। ଦୟାକରି ମୋତେ ଛାଡିଦିଅ। ଜୀବନରେ ଏମିତି ଭୁଲ ମୁଁ ଆଉ କେବେ କରିବିନି। ଦୟାକର... ଦୟାକର...। ମୋତେ ଛାଡିଦିଅ।

ଲୋକଟିର କୁନିପୁଅ ବସି ଗୀତ ଗାଉଥିଲା।

ଜଙ୍ଗଲ ନ ଥିଲେ ବରଷା ନାହିଁ। ଟାଇଁ-ଟାଇଁ ଖରା
ମାଡ଼ି ଆସଇ, ବାହାରକୁ ଯିବା ମନା।
ପଡିଆ ଜମିରେ ଚାରା ଗଛ ପୋତ,
ତା' ମୂଳରେ ଦିଅ ପାଣି ଆଉ ଖତ।
ଖୁସିରେ ବଞ୍ଚିବ ସିନା।

ଲୋକଟି ପୁଣି ବିଳିବିଳେଇ କହିଲା- ହଁ-ହଁ ମୁଁ ଚାରା ଗଛ ପୋତିବି। ପୁଣି ଗୋଟେ ନୂଆ ଜଙ୍ଗଲ ହବ। ତମେମାନେ ସବୁ ରହିବ। ଏଥର ମୋତେ ଦୟାକର। କୁନି ପୁଅ ଲୋକଟି ପାଖକୁ ଯାଇ ପଚାରିଲା- ବାପା... ବାପା... ତମେ କାହା ସାଙ୍ଗରେ କଥା ହଉଚ ? ତମେ କ'ଣ ଝାଳରେ ଗାଧୋଇ ପଡ଼ିଲଣି ? ବାପା... ଉଠ....।



ଉଠି ପଡ଼ିଲା ଲୋକଟି। ଆଖି ମଳି ମଳି କହିଲା - ଖରା ଟାଣ ହେଲାଣି, ଅଥଚ ମୁଁ ଶୋଇଚି। ସାଙ୍ଗେ ସାଙ୍ଗେ ଦୌଡିଗଲା ବାଡ଼ି ଆଡକୁ। ମାଟିତଳେ ପୋତିଥିବା କାଠ ଗଣ୍ଡିକୁ ବାହାର କଲା। ସାଙ୍ଗେ ସାଙ୍ଗେ କାଠ ବେପାରୀକୁ ଡକେଇ କାଠଗଣ୍ଡିକୁ ବିକିରି କଲା। ସେହି ପଇସାରେ ନର୍ସରିରୁ ଚାରା ଗଛ କିଣି ଆଣିଲା। ଯୋଉଠି ଜଙ୍ଗଲ ଥିଲା, ସେଇଠି ଧାଡି ଧାଡି କରି କେତେ ଚାରା ଗଛ ପୋତିଲା। ଚାରା ଗଛ ମୂଳେ ଖତ ଦେଲା, ପାଣି ଦେଲା। ବରଷକ ପରେ ଚାରାଗଛଗୁଡିକ ବଡ଼ ବଡ଼ ହେଇଗଲେ। ସୁଲୁସୁଲିଆ ପବନରେ ମୁଣ୍ଡ ହଲେଇ ନାଚିଲେ। କୁନି ପୁଅ ପଚାରିଲା- ବାପା, ପବନ କ'ଣ ଜଙ୍ଗଲର ସାଙ୍ଗ ? ଜଙ୍ଗଲ ନ ଥିଲେ କ'ଣ ପବନ କୁଆଡ଼େ ପଳେଇ ଯାଏ ? ଆଃ.... କି ଥଣ୍ଡା ପବନ ! ସୁଲୁସୁଲିଆ ଥଣ୍ଡା ପବନ। ଛାଡିଯିବାକୁ ନ ହୁଏ ମନ।

□□

ଲେଖକଙ୍କ ଇ-ମେଲ ଠିକଣା:
prema.nayak1959@gmail.com

**ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ଅତି ସୁଲଭ ମୂଲ୍ୟରେ।**

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.11.80 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୧୧.୮୦
(ଏଗାର ଟଙ୍କା ଏବଂ ଅଶୀ ପଇସା ମାତ୍ର)

Google Play Books




**ପୁସ୍ତକ ସମୀକ୍ଷା**

# ଶ୍ରୀମନ୍ଦିର ପ୍ରଶାସକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ

**ସଂକଳକ : ପୀତବାସ ରାଉତରାୟ**

**ପ୍ରକାଶକ: ଜଗନ୍ନାଥ ରଥ, କଟକ**

**ପୃଷ୍ଠା: ୨୦୮, ମୂଲ୍ୟ: ଟ. ୨୦୦**

ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଅନୁଭୂତି କ୍ରମରେ ଗତ କିଛି ବର୍ଷ ହେଲା ଅନେକ ପୁସ୍ତକ ଧାରାବାହିକ ଭାବରେ ସଂକଳିତ କରି ବିଶିଷ୍ଟ ଜଗନ୍ନାଥ ଗବେଷକ ପୀତବାସ ରାଉତରାୟ ସମସ୍ତଙ୍କର ଶ୍ରଦ୍ଧାର ପାତ୍ର ହୋଇଛନ୍ତି । ଏହି କ୍ରମର ସଦ୍ୟତମ ପୁସ୍ତକ ହେଲା 'ଶ୍ରୀମନ୍ଦିର ପ୍ରକାଶକଙ୍କ ଅନୁଭୂତିରେ ଶ୍ରୀଜଗନ୍ନାଥ' ।

ବିଭିନ୍ନ ସମୟରେ ଶ୍ରୀମନ୍ଦିର ପ୍ରଶାସନ ଓ ପରିଚାଳନା ଦାୟିତ୍ୱରେ ଥିବା ଉଚ୍ଚ ଅଧିକାରୀମାନଙ୍କର ପ୍ରତ୍ୟକ୍ଷ ଅନୁଭୂତିର ଅନୁପମ ଉପସ୍ଥାପନ ଏହି ବହିକୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଏଥିରେ ପ୍ରକାଶିତ ନିଜର ସମ୍ପାଦକୀୟ ଅଗ୍ରଲେଖରେ ସଂକଳକ ପୀତବାସ ରାଉତରାୟ ନିଜର ଆଭିମୁଖ୍ୟ ନିମ୍ନମତେ ବର୍ଣ୍ଣନା କରିଛନ୍ତି:

"ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ବିଭିନ୍ନ ବର୍ଗର ବ୍ୟକ୍ତିଙ୍କଠାରୁ ଅନୁଭୂତି ସଂଗ୍ରହ ସମୟରେ ଶ୍ରୀମନ୍ଦିରରେ କାର୍ଯ୍ୟ କରିଥିବା ପ୍ରଶାସକ, ଉପପ୍ରଶାସକ ଓ ମୁଖ୍ୟ ପ୍ରଶାସକଙ୍କ ସଂସ୍ପର୍ଶରେ ଆସିବା ପରେ ମୋ ମନରେ ଆସିଲା ଏକ ଉତ୍ସାହ । ଯେଉଁ ପ୍ରଶାସକଙ୍କ ପ୍ରଭୁଙ୍କ କୃପା ରେ ତାଙ୍କ ସେବାପାଇଁ ସୁଯୋଗ ପାଇଛନ୍ତି ସେମାନେ ନିଜକୁ ଏତେ କୃତାର୍ଥ ମନେ କରୁଥିଲେ ଓ ସେମାନଙ୍କ କାର୍ଯ୍ୟକାଳ ସମୟରେ ବହୁ ସୁନ୍ଦର ସୁନ୍ଦର ଅଭିଜ୍ଞତା ବର୍ଣ୍ଣନା କରୁଥିଲେ । ସେମାନଙ୍କର ଅନୁଭୂତି ପ୍ରକାଶ କରିବା ପାଇଁ ମନ ଭିତରେ ଅଦମ୍ୟ ଆଗ୍ରହ ସୃଷ୍ଟି ହୋଇଥିଲା ।"

ସଂକଳିତ ରଚନାଗୁଡ଼ିକ ମଧ୍ୟରେ ସର୍ବାଗ୍ରେ ଅଛି ଶ୍ରୀମନ୍ଦିରର ଏବର ପ୍ରଶାସକ ରଂଜନ କୁମାର ଦାସଙ୍କ ସ୍ୱ-ଅନୁଭୂତିର ଏକ ମାର୍ମିକ ଉପସ୍ଥାପନ । ୨୦୧୭ ମସିହାରେ ତାଙ୍କ ଚାକିରି ଜୀବନରେ ଶ୍ରୀଜଗନ୍ନାଥଙ୍କୁ ନେଇ ଘଟିଥିବା ଏକ ଦିବ୍ୟ ଘଟଣା ବର୍ଣ୍ଣନା କରି ସେ ଶେଷକୁ ଲେଖିଛନ୍ତି, 'ହେ ମାୟାବୀ ଠାକୁର ! ତୁମ ମାୟା ବୁଝିବା ମୋ ସାଧ ବାହାରେ ।'

ଏହିଭଳି ଅନ୍ୟ ଯେଉଁମାନଙ୍କ ରଚନାରେ ପୁସ୍ତକଟି ସମୃଦ୍ଧ ହୋଇଛି ସେମାନଙ୍କ ମଧ୍ୟରେ ଅଛନ୍ତି, ଶୈଳେନ୍ଦ୍ର ନାରାୟଣ ଷଡ଼ଙ୍ଗୀ, ମହୀମୋହନ ତ୍ରିପାଠୀ, ପ୍ରଦୀପ ଦାଶ, ପଦ୍ମନାଭ ପଣ୍ଡା, ରବୀନ୍ଦ୍ର ନାରାୟଣ ମିଶ୍ର, ଅରବିନ୍ଦ କୁମାର ପାଢ଼ୀ ଓ ଏହିଭଳି ଶ୍ରୀମନ୍ଦିରର ପ୍ରଶାସନ ସହିତ ଜଡ଼ିତ ଆହୁରି କେତେଜଣ ବିଶିଷ୍ଟ ବ୍ୟକ୍ତିତ୍ୱ ।

ସବୁଠାରୁ ବଡ଼କଥା ହେଲା ଯେ ହୃଦରୋଗରେ ପୀଡ଼ିତ ଥାଇ ଶଯ୍ୟାଶାୟୀ ଥିବା ସତ୍ତ୍ୱେ ପୀତବାସ ରାଉତରାୟ ଯଥା ସମୟରେ ପୁସ୍ତକଟିର ସଂକଳନ ଓ ପ୍ରକାଶନ କରି ଗତ ଡିସେମ୍ବର ମାସରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିବା 'ଅକ୍ଷର' ପୁସ୍ତକ ମେଳାରେ ଏହାକୁ ଲୋକାର୍ପିତ କରିବାକୁ ସକ୍ଷମ ହୋଇଛନ୍ତି । ଏହି ପୁସ୍ତକ ସଂକଳନ ଜନିତ ତାଙ୍କର ନିଜସ୍ୱ ଅନୁଭୂତି ପାଠକମାନେ ପଢ଼ିବାକୁ ପାଇଛନ୍ତି 'ସାହିତ୍ୟ ଚର୍ଚ୍ଚା'ର ଚଳିତ ସଂଖ୍ୟା, ଅର୍ଥାତ୍ ଜାନୁଆରୀ, ୨୦୨୪ରେ ପ୍ରକାଶିତ ତାଙ୍କର 'ପାଦେ ପାଦେ ପଦ୍ମନାଭ' ଶୀର୍ଷକ ଲେଖାରେ । ସେଥିରେ ଆମେ ଦେଖିବାକୁ ପାଉ ତାଙ୍କର ଏକ ମାର୍ମିକ ସ୍ୱୀକାରୋକ୍ତି ଯେ ସେ ହେଉଛନ୍ତି ଶ୍ରୀଜଗନ୍ନାଥଙ୍କର ଜଣେ 'ମୁଦ୍ରଣ ସେବକ' ମାତ୍ର ।

ଏହି ନବ ପ୍ରକାଶିତ ପୁସ୍ତକଟିରେ ଆମେ ଆଇ.ଏସ.ବି.ଏନ୍ ନମ୍ବର ଦେଖିବାକୁ ପାଇଲୁ ନାହିଁ । ପ୍ରକାଶକ ଏଥିପ୍ରତି ଯତ୍ନବାନ ହେବେ ବୋଲି ଆଶା । ଏହି କ୍ରମର ଅନ୍ୟାନ୍ୟ ପୁସ୍ତକମାନଙ୍କ ଭଳି ଏହା ମଧ୍ୟ ପାଠକମାନଙ୍କ ଦ୍ୱାରା ଯଥାଯଥ ଆଦୃତ ହେବ ବୋଲି ଆଶା କରାଯାଏ ।

*– ନିହାର ଶତପଥୀ*

# ସାହିତ୍ୟ ସମାଚାର

## କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇବେ ଆଶୁତୋଷ ପରିଡ଼ା



କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଡିସେମ୍ବର ୨୦ ତାରିଖ ଦିନ ୨୪ଟି ବିଭିନ୍ନ ଭାରତୀୟ ଭାଷାର ପୁସ୍ତକ ପାଇଁ ୨୦୨୩ ମସିହାର ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷଣା କରାଯାଇଛି।

ବିଶିଷ୍ଟ ଓଡ଼ିଆ କବି ଆଶୁତୋଷ ପରିଡ଼ା ତାଙ୍କର କବିତା ସଂକଳନ 'ଅପ୍ରସ୍ତୁତ ମୃତ୍ୟୁ' ପାଇଁ ଏହି ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶ୍ରୀ ପରିଡ଼ାଙ୍କ ବୟସ ୭୮ ବର୍ଷ ଏବଂ ସେ ସି.ଏସ୍.ଆଇ.ଆରର ଜଣେ ବୈଜ୍ଞାନିକ ପଦରେ ଥାଇ ୨୦୦୫ ମସିହାରେ ଅବସର ଗ୍ରହଣ କରିଥିଲେ। ଏଯାବତ୍ ତାଙ୍କର ଏଗାର ଗୋଟି କବିତା ସଂକଳନ ପ୍ରକାଶ ପାଇଛି। ପୁରସ୍କାରଟି ସଂପର୍କରେ ସୂଚନା ପାଇବାପରେ 'ସାହିତ୍ୟ ଚର୍ଚ୍ଚା'କୁ ନିଜର ପ୍ରତିକ୍ରିୟା ଦେଇ ଶ୍ରୀ ପରିଡ଼ା କହିଛନ୍ତି, "ଜଣେ କବି ହିସାବରେ ଏକ ସମ୍ମାନଜନକ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବାରୁ ମୁଁ ଖୁସି ହେବା ସ୍ୱାଭାବିକ। ମୁଁ ଏହି ପୁରସ୍କାର ପାଇବି ବୋଲି କେବେ ଆଶା କରିନଥିଲି। ଚାକିରି ସହ କବିତା ପ୍ରତି ଏକ ଆକର୍ଷଣ ରହି ଆସିଥିଲା। ତା'ର ଫଳ ମିଳିଛି।"

ଏ ବର୍ଷ ଓଡ଼ିଆ ବିଭାଗର ଏହି ପୁରସ୍କାର ନିର୍ଣ୍ଣୟ କରିବାପାଇଁ ସାହିତ୍ୟ ଏକାଡେମୀ ଦ୍ୱାରା ଗଠନ କରାଯାଇଥିବା ତିନି-ଜଣିଆ ବିଚାରକ ମଣ୍ଡଳୀରେ ଥିଲେ ଶ୍ରୀ ହରପ୍ରସାଦ ଦାସ, ପ୍ରଫେସର କାଳୀଦାସ ମିଶ୍ର ଓ ଶ୍ରୀ ରାଜେନ୍ଦ୍ର କିଶୋର ପଣ୍ଡା।

## ସର୍ବ ଭାରତୀୟ ସାହିତ୍ୟ ସମାରୋହରେ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧନା



ଡିସେମ୍ବର ୧୯ ତାରିଖ ଦିନ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ତିନି ଦିନିଆ ସର୍ବ ଭାରତୀୟ ସାହିତ୍ୟିକ ସମ୍ମାନ ସମାରୋହର ଦ୍ୱିତୀୟ ଦିବସ, ଅର୍ଥାତ୍ ଡିସେମ୍ବର ୨୦ ତାରିଖରେ ବିଭିନ୍ନ ରାଜ୍ୟର ୧୮ ଜଣ ବିଶିଷ୍ଟ ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଆର୍.ଏସ୍.ଏସ୍ ର ସରସଂଘଚାଳକ ଡ. ମୋହନ ରାଓ ଭାଗବତ। ଏହି ସମ୍ବର୍ଦ୍ଧିତ ସାରସ୍ୱତ ପ୍ରତିଭାଧରମାନଙ୍କ ମଧ୍ୟରେ ଓଡ଼ିଶାରୁ ଥିଲେ ବିଶିଷ୍ଟ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି। ଭୁବନେଶ୍ୱରର ସୋଆ ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଆୟୋଜିତ ଏହି ସମାବେଶରେ ଦେଶର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୩୦୦ ଜଣ ସାହିତ୍ୟିକ ଉପସ୍ଥିତ ଥିଲେ।

ଏହି ଅବସରରେ ନିଜର ବକ୍ତବ୍ୟ ରଖି ମୁଖ୍ୟ ଅତିଥି ଆର୍.ଏସ୍.ଏସ୍ ର ମୁଖ୍ୟ ଡ.ମୋହନ ରାଓ ଭାଗବତ କହିଲେ ଯେ ଭାଷା ହେଉଛି ସମାଜକୁ ଏକ କରିବାର ମୁଖ୍ୟ ମାଧ୍ୟମ। ସେ ମଧ୍ୟ କହିଲେ ଯେ ସାହିତ୍ୟର ସୃଷ୍ଟି କେବଳ ମୁକ୍ତ ପ୍ରବାହ ନୁହେଁ ବରଂ ବହୁମୁଖୀ ହେବା ଉଚିତ। ଦେଶରେ ପ୍ରଚଳିତ ବିଭିନ୍ନ ଭାଷାମାନଙ୍କ ବିଷୟରେ ଚର୍ଚ୍ଚା କରି ସେ କହିଲେ ଯେ ସମସ୍ତେ ନିଜର ମାତୃଭାଷା ପ୍ରୟୋଗ କରିବା ଉଚିତ; ଯେ ପର୍ଯ୍ୟନ୍ତ ଆମେ ନିଜ ଭାଷାରେ ସମ୍ବାଦ କରିବା ନାହିଁ ସେ ପର୍ଯ୍ୟନ୍ତ ଆମ ଭାଷାର ଉନ୍ନତି ହେବ ନାହିଁ।

## ଶେଷ ପୃଷ୍ଠା



# ଅଭିନବାଭିନବ *

‘ଭାବସମୁଦ୍ର’ ପଢ଼ିସାରିବା ପରେ ଶାରଦୀୟ ଋତୁରେ ପଢ଼ିବାକୁ ଆରମ୍ଭ କରିଥିଲି ‘ବୈଷ୍ଣବ ଲୀଳାମୃତ’। ତଥ୍ୟ ଓ ତତ୍ତ୍ୱପୂର୍ଣ୍ଣ ଅନେକ ବ୍ୟାଖ୍ୟାନ ସହ ପଢ଼ିଲି;

“କୃଷ୍ଣ ଶକ୍ତି ଅଟଇ ତିନି; ସନ୍ଧିନୀ ସମ୍ବନ୍ଧିନୀ ଲାଦିନୀ।”

ବୁଝିବାକୁ ପାଇଲି ଯେ କୃଷ୍ଣଙ୍କର ତ୍ରିବିଧ ଶକ୍ତି ମଧ୍ୟରୁ ହ୍ଲାଦିନୀ କୃଷ୍ଣଙ୍କର ସ୍ୱରୂପ ଶକ୍ତି, ଆନନ୍ଦମୟୀ ଓ ଏହାର ନାମାନ୍ତର ହିଁ ଶ୍ରୀରାଧା। ଏଣୁ ସେ ମହାଭାବମୟୀ। ଏହି ସବୁ ଭାବ ବୁଝିବା ପାଇଁ ପହଁରିଗଲି ବିଦଗ୍ଧ ଚିନ୍ତାମଣି ଜଳଧିରେ। ସେଠାରେ ମଧ୍ୟ ପାଇଲି ସେଇ ଭାବବୋଧ।

“ସନ୍ଧିନୀ ସମ୍ବନ୍ଧିନୀ ଆହ୍ଲାଦିନୀ; ବିକାର ତତ୍ତ୍ୱ ଅଛି ଘେନି”

ସ୍ନେହ ଉଦ୍ଦୀପନାର ବିକାର ବିଶେଷକୁ ଅତି ତାତ୍ତ୍ୱିକ ରୀତିରେ ବର୍ଣ୍ଣନା କରିଛନ୍ତି ଅଭିମନ୍ୟୁ ସାମନ୍ତ ସିଂହାର। ଏମିତି ପଢ଼ିଗଲେ ବଢ଼ିବାକୁ ହୁଏ ଆଗକୁ, ଗହୀରକୁ। ସେତେବେଳେ ହିଁ ଏଇ ପାଠକ ହୃଦୟକୁ ତୃପ୍ତି ମିଳେ। ଆହ୍ଲାଦିତ ହୁଏ ମନ, ପ୍ରାଣ ଓ ଆତ୍ମା। ଆଖି ଆଗେଇ ଯାଏ ଭାଗବତ, ଭାବସମୁଦ୍ରରୁ ବ୍ରହ୍ମସଂହିତା, କୃଷ୍ଣକର୍ଣ୍ଣାମୃତ, ଗୀତଗୋବିନ୍ଦ, ପ୍ରଭୃତି ପରିଯନ୍ତେ। ଅପାରପାର ଏହି ପୋଥିପୁରାଣର ସମୁଦ୍ର ଆମ ଓଡ଼ିଆ ସଂସାରରେ। ପଞ୍ଚସଖାଙ୍କ ଠାରୁ ପଞ୍ଚସଖା ସଭିଏଁ କଣ ସବୁ ନ ଲେଖି ଯାଇଛନ୍ତି ଏଇ ଓଡ଼ିଆ ଜାତି ପାଇଁ! ଏହି ସବୁ ଅମୂଲ୍ୟ ନିଧିକୁ ଯଦି ବାଲୁତକାଳରୁ ହିଁ ସଭିଏଁ ପଢ଼ି ଆଦରି ନିଅନ୍ତେ ତେବେ କେବଳ ଓଡ଼ିଆ ସାହିତ୍ୟକୁ ପାଠକଟିଏ ନୁହଁ ବରଂଚ ସମାଜକୁ ଭଲ ମଣିଷଟିଏ ମିଳନ୍ତା।

ଏକ ଆଦର୍ଶ ପାଠକ ହିଁ ନିଜର ଶ୍ରଦ୍ଧା ଓ ସାଧନାରେ ଶବ୍ଦବ୍ରହ୍ମକୁ ଆଦରି ନିଏ ଓ ସେଇ ଆଗ୍ରହରେ ସର୍ଜନାରେ ନିମଗ୍ନ ହୋଇ ସୃଷ୍ଟି କରେ ଅନନ୍ୟ ସାହିତ୍ୟ କୃତି ସବୁ। ପୂଜାବିଧିରେ ଯେପରି କିଏ ବୈଦିକ ବିଧି ଆପଣାଏ ତ କିଏ ତନ୍ତ୍ର ବିଧି, ସେହିପରି ସାହିତ୍ୟ ସାଧନା କ୍ଷେତ୍ରରେ ଏବେ ଆମ୍ଭେ ଦେଖି ଆସୁଛୁ। ତନ୍ତ୍ର ନାମରେ ଯେପରି ଅନେକ ଅଲୌକିକ କ୍ରିୟା ପ୍ରଚଳିତ ସେହିପରି ସାହିତ୍ୟ କ୍ଷେତ୍ରରେ ମାରଣ, ଉଚ୍ଚାଟନ, ବଶୀକରଣ ଆଦି ନାନାପ୍ରକାର କ୍ରିୟା ସର୍ବଜନବିଦିତ। ତନ୍ତ୍ରସାଧନାର ଚକ୍ରପୂଜାରେ ଯେପରି ପଞ୍ଚ ‘ମ’କାରର ବ୍ୟବହାର ହୁଏ ଏବେ ସେହି ମତ୍ସ୍ୟ, ମାଂସ, ମୈଥୁନ, ମଦ୍ୟ ଓ ମୁଦ୍ରାର ପ୍ରାଦୁର୍ଭାବରେ ଅଧିକାଂଶ ସାହିତ୍ୟ ସାଧକ ଉନ୍ମତ୍ତ। ଏପରିକି ପ୍ରାୟାଧିକ ସାହିତ୍ୟ ଅନୁଷ୍ଠାନର ଅଧିକାଂଶ ସାଧାରଣ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଧିକାରୀମାନେ ମଧ୍ୟ ମଦମତ୍ତ ଏହି ‘ମ’କାରରେ।

ଅଭିନବାଭିନବ ଏକ ଯୁଗର ପୁନଃପ୍ରତିଷ୍ଠା କରିବାକୁ ହେଲେ ସାହିତ୍ୟ ସାଧନାରେ ଶ୍ରଦ୍ଧା ଓ ଇଚ୍ଛା ରଖୁଥିବା ପ୍ରାଣକୁ ଇଚ୍ଛାରି ସାହିତ୍ୟ ସେବାରେ ବ୍ରତୀ ହେବାକୁ ନୀରାଜିତ କରିବାକୁ ହେବ। ଆମର ସଂସ୍କାର ଓ ସଂସ୍କୃତିକୁ ପାଥେୟ କରି ପ୍ରଥମେ ଆମ ସାହିତ୍ୟରେ ରୁଚି ନେବା ଓ ତା ପରେ ବିଶ୍ୱସାହିତ୍ୟରେ ଆଗ୍ରହୀ ହେବା। ଆମ ସାହିତ୍ୟକୁ ଅନୁବାଦ ଓ ଅନୁସୃଜନ ମାଧ୍ୟମରେ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ଆମର କର୍ତ୍ତବ୍ୟ ହେବ। କେବଳ ଓଡ଼ିଶାର ସାହିତ୍ୟ ମଞ୍ଚରେ ବସି କେତେଟା ହାତବଳା ଲେଖାରେ ଜଣେ ଆଉ ଜଣକୁ ରାଷ୍ଟ୍ରସ୍ତରୀୟ ଅଥବା ବିଶ୍ୱସ୍ତରୀୟ କହିବାରେ ଫର୍ଫର ନହୋଇ ନିଜ ନିଜ ସାହିତ୍ୟର ପ୍ରଥମ ପାଠକ ହୋଇ ତାକୁ ଦଶ-ଶହ-ହଜାର ଥର ପଢ଼ି ପାଠକଙ୍କ ପାଇଁ ପରଶିବାକୁ ହେବ। ପ୍ରତ୍ୟେକ ସାହିତ୍ୟ ଆତ୍ମଜ୍ଞ ହେବାକୁ ହେବ ନିଜ ସମର୍ଥତ୍ୱକୁ ନେଇ। ଏଣୁ ପାଠକୀୟତା ହିଁ ପ୍ରଥମ ଅଭିଳାଷ ହେଉ।

-ପ୍ରଭୂ

* **ଅଭିନବାଭିନବ** – ଅତ୍ୟନ୍ତ ନୂତନ, ଅତ୍ୟାଶ୍ଚର୍ଯ୍ୟ

□□

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

# ତୁମେ ମନେପଡ଼...



# କଥାସମ୍ରାଟ ସୁରେନ୍ଦ୍ର ମହାନ୍ତି

## (୨୧.୬.୧୯୨୨ - ୨୧.୧୨.୧୯୯୦)

"କେବଳ କାଗଜ କଲମରେ କୌଣସି ଲେଖକ ଲେଖେ ନାହିଁ, ମୋ ମତରେ ଲେଖକ ଲେଖେ ତା' ଅନ୍ତରର ଅନୁଭୂତି, ଉପଲବ୍ଧି ଯାହା ପ୍ରକାଶ କରିପାରୁନାହିଁ; କିପରି ପ୍ରକାଶ ପାଇବ ସେ ଜାଣିପାରୁନି। କିନ୍ତୁ ଚେଷ୍ଟା କରୁଛି ଗୋଟିଏ ବୁଡ଼ିଗଲା ଲୋକ ପାଣି ଭିତରେ ଯେମିତି ଅଣନିଃଶ୍ୱାସୀ ହୋଇଯାଏ ସେମିତି ଅଣନିଃଶ୍ୱାସୀ ଅନୁଭବ କରୁଛି। ଯେମିତି ନିଜକୁ ପ୍ରକାଶ କରିଦେଲେ ସେ ସ୍ୱସ୍ତି ପାଇବ।"

**୨୧ତମ ପୂଣ୍ୟତିଥି ଉପଲକ୍ଷେ**

**କଥା ସମ୍ରାଟ ସୁରେନ୍ଦ୍ର ମହାନ୍ତି ମେମୋରିଆଲ୍ ଟ୍ରଷ୍ଟ**





Jugaad Corner deals with supplies of raw bases for art and craft purposes for artists and Crafters PAN India.

www.jugaadcorner.com
www.facebook.com/jugaadcorner
www.instagram.com/jugaadcorner







We design, customize and manufacture all kinds of MDF and pinewood products that are further used by artists and crafters all over India for their creative projects.

Our designs are exclusively curated for home décor, utility and gifting purposes.

J.C. CREATIONS
Shop No. 2, Plot No. 137,
Mahavir Vihar,
Near Patia Railway Station,
Kalarahanga, Patia,
Bhubaneswar - 751024, Odisha
Contact - 9439034505,

Blessed Fingers deals with art and craft finished products and orders even accepted on çustomizations.

www.blessedfingers.com
www.facebook.com/theblessedfingers
www.instagram.com/theblessedfingers







SAHITYA CHARCHA ● January 2024 ● Rs.40 RNI Regd. No. : ODIODI/2022/81590




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy